# ଉତ୍କଳ ପ୍ରସଙ୍ଗ

ସୂଚନା (ଲୋକସମ୍ପର୍କ) ବିଭାଗ
ଓଡ଼ିଶା ସରକାର
ଭୁବନେଶ୍ୱର

# ଉତ୍କଳ ପ୍ରସଙ୍ଗ

ଚତୁର୍ଦ୍ଦଶ ଭାଗ—ଦ୍ୱାଦଶ ସଂଖ୍ୟା

[ ଶିଳ୍ପ ବିଶେଷାଙ୍କ ]

୧୫ ଜୁଲାଇ
୧୯୫୮

ଆଷାଢ଼ ୨୪
୧୮୮୦ ଶକାବ୍ଦ

ସମ୍ପାଦକ

ଶ୍ରୀ ସୁଧୀରଚନ୍ଦ୍ର ଘୋଷ

ସହଯୋଗୀ ସମ୍ପାଦକ

ଶ୍ରୀ ବଚ୍ଛନ୍ଦଚରଣ ପଟ୍ଟନାୟକ, ବି. ଏଲ୍

ଟେଲିଗ୍ରାମ—ପବ୍ଲିସିଟି
ଟେଲିଫୋନ—୧୯ ଓ ୪୦ ଭୁବନେଶ୍ୱର

ବାର୍ଷିକ ମୂଲ୍ୟ—ଦୁଇ ଟଙ୍କା
ପ୍ରତି ସଂଖ୍ୟାର ମୂଲ୍ୟ—୮ ନୂଆ ପଇସା

ପ୍ରଚାର ( ଲୋକସମ୍ପର୍କ ) ବିଭାଗ
ଓଡ଼ିଶା
ନୂଆ ରାଜଧାନୀ ଭୁବନେଶ୍ୱର

# ସୂଚୀପତ୍ର


୧ । ସହଯୋଗ ସମିତି ସାହାଯ୍ୟରେ ଗ୍ରାମ୍ୟ ଶିଳ୍ପର ବିକାଶ ... ୧

୨ । ଓଡ଼ିଶାରେ ଚର୍ମଶିଳ୍ପର ବିକାଶ ... ... ୪

୩ । ଓଡ଼ିଶାରେ ରେଶମ ଶିଳ୍ପ ... ... ୮

୪ । ଓଡ଼ିଶାରେ ଅମ୍ବର ଚରଖା ପ୍ରସାର ପାଇଁ ଯୋଜନା ... ୧୦

୫ । ତାଳ ଓ ଖଜୁରି ଗୁଡ଼ ... ... ୧୪

୬ । ଘଣାତେଲ ଉଦ୍ୟୋଗର ପ୍ରସାର ... ... ୧୯

୭ । ଗାଁଗହଳରେ ଚମଡ଼ା ଶିଳ୍ପର ପ୍ରସାର ... ... ୨୪

୮ । ଗୁଡ଼ ଓ ଖଣ୍ଡସାରି ଶିଳ୍ପ ... ... ୩୩

୯ । ଓଡ଼ିଶାରେ ଏଣ୍ଡି ଶିଳ୍ପର ପରିଚୟ ... ... ୪୩

୧୦ । ଓଡ଼ିଶାରେ ସମବାୟ ସୂତ୍ରରେ ହସ୍ତଶିଳ୍ପର ପ୍ରସାର ୪୮

୧୧ । ମହୁଚାଷ ... ... ... ୫୨

୧୨ । ଢିଙ୍କିକୁଟା ଗୁଣ୍ଡୁଳ ଶିଳ୍ପ ... ... ୫୯

୧୩ । ଅଖାଦ୍ୟ ତୈଳବୀଜରୁ ସାବୁନ ତିଆରି ... ... ୬୩

୧୪ । ହାତତିଆରି କାଗଜ ... ... ... ୬୬

୧୫ । ଭୂମିହୀନ ଶ୍ରେଣୀର ଜୀବିକା ନିର୍ବାହ ବ୍ୟବସ୍ଥାମାନ ... ୬୮

୧୬ । ଭାରତରେ ମତ୍ସ୍ୟଚାଷ ଉନ୍ନୟନ ... ... ୬୯

୧୭ । ଗାଁଗହଳରେ ବିଦ୍ୟୁତ୍‌ଶକ୍ତି ... ... ୭୦



ମୁଦ୍ରାକର

ପଣ୍ଡିତ ଅନସୂୟା ପ୍ରସାଦ ପାଠକ

ରାଷ୍ଟ୍ରଭାଷା ସମବାୟ ପ୍ରେସ,

କଟକ-୧



# ଜାତୀୟ ସଙ୍ଗୀତ

ଜନ ଗଣ ମନ ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା!
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ, ତବ ଶୁଭ
ଆଶିଷ ମାଗେ
ଗାହେ ତବ ଜୟ ଗାଥା।
ଜନ ଗଣ ମଙ୍ଗଳ ଦାୟକ ଜୟ ହେ!
ଭାରତ-ଭାଗ୍ୟ-ବିଧାତା!
ଜୟ ହେ, ଜୟ ହେ, ଜୟ ହେ, ଜୟ ଜୟ ଜୟ ଜୟ ହେ!



# ସଞ୍ଚୟ ଯୋଜନା ସିକ୍ୟୁରିଟିରେ ଅର୍ଥ ସଞ୍ଚୟ

# ଓ

# ଜନଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ଯୋଜନା ସଞ୍ଚୟ ସାର୍ଟିଫିକେଟ ବାର୍ଷିକ ସୁଧ ଶତକଡ଼ା ୭.୫୧ ( ମାଚ୍ୟୁରିଟିରେ )।

୨। ଦଶବର୍ଷିଆ ଟ୍ରେଜେରି ସେଭିଂସ୍ ଡିପୋଜିଟ୍ ବର୍ଷକୁ ସୁଧ ଶତକଡ଼ା ୪ ( ବର୍ଷକୁ ବର୍ଷ ଦିଆଯିବ )।

୩। ପନ୍ଦରବର୍ଷିଆ ଆନ୍ୟୁଇଟି—ନିୟମିତ ମାସକୁ ମାସ ୧୫ ବର୍ଷଯାଏ ଟଙ୍କା ପାଉଥିବେ। ବାର୍ଷିକ ଶତକଡ଼ା ୩୪ ଚକ୍ରବୃଦ୍ଧି ହାରରେ ସୁଧ।

୪। ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍ ବାର୍ଷିକ ସୁଧ ଶତକଡ଼ା ୨୪ । ୨୫ ଟଙ୍କାଠାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ତଦୂର୍ଦ୍ଧ୍ୱ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଶତକଡ଼ା ୨ ଟଙ୍କା; କୌଣସି କ୍ଷେତ୍ରରେ ସୁଧ ଉପରେ ଆୟକର ଦେବାକୁ ପଡ଼ିବ ନାହିଁ।

ସ୍ମରଣ ରଖନ୍ତୁ :

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ନିଜପାଇଁ ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ଆପଣାର ସଞ୍ଚୟକୁ ଜାତିଗଠନ କାର୍ଯ୍ୟରେ ଜନଯୋଗ କରନ୍ତୁ।

ବିଶେଷ ବିବରଣ ପାଇଁ—

ଦି ରିଜିଓନାଲ ନ୍ୟାସନାଲ ସେଭିଂସ୍ ଅଫିସର, ଓଡ଼ିଶା ସେକ୍ରେଟେରିଏଟ୍, କଟକ କିମ୍ବା ନିଜ ନିଜ ଜିଲାର ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜରଙ୍କ ନିକଟକୁ ଲେଖନ୍ତୁ।

# ସେମାନେ ବର୍ଷ ବର୍ଷ ଧରି ପଡ଼ୋଶୀ—କିନ୍ତୁ ସେମାନଙ୍କ ମଧ୍ୟରେ ତଫାତ୍ ଖୁବ୍ ବେଶୀ ।

ଏହି ଭାରତର ପଡ଼ୋଶିଙ୍କର ଦେଖାଯାଏନ୍ତୁ—ସେପରିକ ମଧ୍ୟ ଏହାପରେ । ତଥାପି ସ୍ୱତନ୍ତ୍ରର ସ୍ୱାଧୀନତା ଅଛି । ବେଳେବେଳେ ପଡ଼ୋଶୀମାନଙ୍କର ଧାରଣା ଓ ଦୃଷ୍ଟିଭଙ୍ଗୀରେ ତଫାତ୍ ଖୁବ୍ ବେଶୀ ଥାଏ ।


ଲୋକଙ୍କ ମଧ୍ୟରେ ସାମଞ୍ଜସ୍ୟ ଓ ପାର୍ଥକ୍ୟ ଅନୁଶୀଳନ କରିବା ବୋଧହୁଏ ଆନନ୍ଦ-ଦାୟକ କାମ । ହିନ୍ଦୁସ୍ଥାନ ଲିଭରରେ ଆମେ ଆଧୁନିକ ମାର୍କେଟ ରିସର୍ଚ୍ଚ ଜରିଆରେ ଭାରତର ବୃହତ୍ତର ଲୋକଙ୍କର ଓ ଭାରତ ପଡ଼ୋଶୀମାନଙ୍କର ଦରକାର-ଆକାଂକ୍ଷା-ରୁଚି, ଅନିଚ୍ଛା ଅନୁଶୀଳନ କରିଥାଉ । ଏହାଦ୍ୱାରା ଆମେ ଆପଣଙ୍କ ଦରଦୁଆରେ ଥିବା କଥା ଜାଣୁ-ଏବଂ ଆପଣ ଦରକାର କରୁଥିବା ପଦାର୍ଥ ସେଇ ଦରଦାମରେ ଯାହା ଆପଣ ଦେଇପାରିବେ, ଏହି ପାଇଁ ଓ ଯାହାକି ଆପଣଙ୍କ ପାଇଁ ଉପଯୁକ୍ତ ।

ଆପଣ ମାର୍କେଟ ରିସର୍ଚ୍ଚ ଦ୍ୱାରା ଆମେ ବୁଝୁଁ ଯେ ଆପଣଙ୍କ କଥା କହନ୍ତୁ । ସେଥିପାଇଁ ଆମେ ଆପଣଙ୍କ ପାଇଁହିଁ ଜିନିଷ ଉତ୍ପାଦନ କରୁଛୁ ।

ହିନ୍ଦୁସ୍ଥାନ ଲିଭର ଗୃହର ସେବାରେ




LL. 14-332 RY



# ମାଟିର ମଣିଷ

ଭାରତର ଅନ୍ନ—ଯୁଗ ଯୁଗଂ ଧରି କାମ—ଗାଁଗହଳର ଲୋକଙ୍କର "ଦରିଦ୍ର ଓ ଦୁର୍ଦଶା ସମ୍ପତ୍ତି ଅତି ଦିନ। ବୃତ୍ତିଗତ ଜୀବନ ନୁହେଁ। ଶେତ୍ରୁଆଳମାନଙ୍କର ଜମିକ ଓ 'ଅର୍ଥକୁ ଅନୁସନ୍ଧାନ ପ୍ରକୃତ ସୁରକ୍ଷା ଦେଖି ଅଟେ ଅନୁଭବ ହେଉଛି। ସେମାନଙ୍କ ଜୀବନ ଉନ୍ନତିର ଅନେକ ଚିହ୍ନ ଦେଖା ଓ ଯାଉ। ଏବଂ ଭାରତୀୟମାନେ ବୃଦ୍ଧି-ମାନଙ୍କର ଜାତୀୟ ଓ ଅର୍ଥନୀତି ସମ୍ବନ୍ଧରେ ଆଗୁଁ ହୁଏ ହେବା। ଏହି ଲୋକମାନଙ୍କୁ 'ଶ୍ରମ' ବୋଲି ଲୋକମାନଙ୍କ ଜନ୍ମ ଦିଅନ୍ତି। ଏମାନେ ଦେଶର ଭିତରେ ସବୁ ଠାରେ ଅନେକ ଲୋକମାନଙ୍କର ଜନ୍ମ ଓ ପ୍ରତ୍ୟାଶୀଳ ହୁଅନ୍ତି। କେବଳ ତାହାଙ୍କୁ ଦେଖ ଓ ଭଲ ଖାଦ୍ୟ ପାଆନ୍ତୁ ସ୍ୱାସ୍ଥ୍ୟରକ୍ଷା ଜାଣନ୍ତି ନାହିଁ। କାରଣ ଅଧିକାଂଶ ସମୟରେ ମୈଳା ସ୍ଥାନରେ କାମ କରନ୍ତି। ଧୂଳି ଓ ମଇଳାରେ ଲୁଚିଥିବା ରୋଗବୀଜାଣୁ-ମାନେ ଆପଣଙ୍କ ଅଜାଣତରେ ଶରୀରରେ ପ୍ରବେଶ କରି ସ୍ୱାସ୍ଥ୍ୟ ନଷ୍ଟ କରି। ସେମାନଙ୍କଠାରୁ ରକ୍ଷା ପାଇବା ପାଇଁ ସାବୁନ ଘଷି ଭଲରେ ଧୋଇ ପକାନ୍ତୁ ଓ ପରିବାରର ସ୍ୱାସ୍ଥ୍ୟ ରକ୍ଷା କରନ୍ତୁ। ଏ ସାବୁନ ହେଉଛି ଲାଇଫବୟ ସାବୁନ—ମଇଳା ଧୋଇବାରେ ଯେଉଁ ସାବୁନ ଦେହକୁ ସଫା ଏବଂ ଲାଇଫବୟ ସାବୁନ ବ୍ୟବହାର କରନ୍ତୁ ଉଚିତ। ଲାଇଫବୟ ସାବୁନ ଆପଣଙ୍କ ସ୍ୱାସ୍ଥ୍ୟ ରକ୍ଷା କରେ।




## ଲାଇଫବୟ ସାବୁନ

L. 281-X52 BT



ଭାରତର ଉପରାଷ୍ଟ୍ରପତି ଡାଃ ରାଧାକୃଷ୍ଣନ୍ ଖଲ୍‌କୋଟ କଲେଜର ପ୍ରତିଷ୍ଠାତା
ସ୍ୱର୍ଗୀୟ ହରିହର ମର୍ଦ୍ଦରାଜ ଦେଓଙ୍କ ମୂର୍ତ୍ତି ଉନ୍ମୋଚନ କରୁଛନ୍ତି :
ଗତ ୧୪ । ୬ । ୫୮ ତାରିଖରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା



ଭାରତର ଉପରାଷ୍ଟ୍ରପତି ଡାଃ ରାଧାକୃଷ୍ଣନ୍ ରାଜ୍ୟପାଳ ଏବଂ କଲେଜର ଅଧ୍ୟକ୍ଷଙ୍କ ସହ
ଖଲ୍ଲିକୋଟ ଆର୍ଟ କଲେଜ ପରିଦର୍ଶନ କରୁଛନ୍ତି




ଚତୁର୍ଦ୍ଦଶ ଭାଗ—ଦ୍ୱାଦଶ ସଂଖ୍ୟା    ଜୁଲାଇ—୧୫, ୧୯୫୮

# ସହଯୋଗ ସମିତି ସାହାଯ୍ୟରେ ଗ୍ରାମ୍ୟ ଶିଳ୍ପର ବିକାଶ

ଏଥର 'ଉତ୍କଳ ପ୍ରସଙ୍ଗ'ରେ ଓଡ଼ିଶାର ବିଭିନ୍ନ ଗ୍ରାମ୍ୟ ଶିଳ୍ପ ସମ୍ବନ୍ଧରେ ପ୍ରବନ୍ଧମାନ ପ୍ରକାଶ ପାଇଛି । ଏହି ସବୁ ପ୍ରବନ୍ଧରେ ବିଭିନ୍ନ ଗ୍ରାମ୍ୟ ଶିଳ୍ପର ଆବଶ୍ୟକତା ଏବଂ ଏହା କିପରି ଭାବରେ ଓଡ଼ିଶାର ଗାଁଗହଳରେ ପ୍ରସାର କରିବା ନିମନ୍ତେ ସରକାରୀ ସାହାଯ୍ୟ ଦିଆଯାଉଛି, ତାହା ବର୍ଣ୍ଣନା କରାଯାଇଛି । ପ୍ରତ୍ୟେକ ଶିଳ୍ପର ପ୍ରସାର ପାଇଁ ସରକାର ଯେଉଁ ସବୁ ସାହାଯ୍ୟ ଦେଉଛନ୍ତି, ତାହା ଲୋକଙ୍କୁ ଜଣାଇବା ଏବଂ ଲୋକେ କେଉଁ କେଉଁ ବିଷୟରେ କାହାଠାରୁ ସାହାଯ୍ୟ ପାଇପାରିବେ, ସେ ବିଷୟରେ ସେମାନଙ୍କୁ ବିଶଦ ବିବରଣୀ ଦେବାପାଇଁ ଉଦ୍ୟମ କରାଯାଇଛି । ବିଭିନ୍ନ ଗ୍ରାମ୍ୟ ଶିଳ୍ପ ସମ୍ବନ୍ଧରେ ସମସ୍ତ ପ୍ରକାର ସାହାଯ୍ୟ ଦେବା ପାଇଁ ଓଡ଼ିଶା ସରକାର ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ଗଠନ କରିଛନ୍ତି ଏବଂ ଏହି ଅନୁଷ୍ଠାନ ସମସ୍ତ ଗ୍ରାମ୍ୟ ଶିଳ୍ପ ପାଇଁ ଆବଶ୍ୟକୀୟ ସାହାଯ୍ୟ ଦେଉଛନ୍ତି । ଭିନ୍ନ ଭିନ୍ନ ଗ୍ରାମ୍ୟ ଶିଳ୍ପର ପ୍ରସାର ନିମନ୍ତେ ଉପଯୁକ୍ତ ତାଲିମପ୍ରାପ୍ତ କାରିଗର, ପର୍ଯ୍ୟବେକ୍ଷକ ଏବଂ ପରାମର୍ଶଦାତା ଏବଂ ଅର୍ଥ ଏହି ବୋର୍ଡ଼ ଅଧୀନରେ ରହିଛି । ଏହି ବୋର୍ଡ଼ଙ୍କଠାରୁ ସାହାଯ୍ୟ ପାଇବାକୁ ହେଲେ ବିଭିନ୍ନ ଗ୍ରାମ୍ୟ ଶିଳ୍ପର ପ୍ରସାର ପାଇଁ ଆଗ୍ରହୀ ଥିବା ବ୍ୟକ୍ତିମାନେ ପ୍ରଥମେ ଗୋଟିଏ ସହଯୋଗ ସମିତି ଗଠନ କରିବା ଦରକାର । କାରଣ ସରକାର ସ୍ଥିର କରିଛନ୍ତି ଯେ କେବଳ ସୂତାକଟା, ମହୁମାଛି ଭିନ୍ନ ଅନ୍ୟାନ୍ୟ ସମସ୍ତ ଗ୍ରାମ୍ୟ ଶିଳ୍ପର ପ୍ରସାର ପାଇଁ କେବଳ ସମବାୟ ସମିତି ଜରିଆରେ ସରକାରୀ ସାହାଯ୍ୟ ଦିଆଯିବ । ସମବାୟ ସମିତି ଗଠନ କରି ସାରିଲା ପରେ ବିଭାଗୀୟ କର୍ମଚାରୀଙ୍କୁ ଲେଖିଲେ ଉପଯୁକ୍ତ ଅନୁସନ୍ଧାନ ହେବ ଏବଂ ପରେ ସମସ୍ତ ସାହାଯ୍ୟ ଦିଆଯିବ । ଯେ କୌଣସି ଶିଳ୍ପ ପାଇଁ ସମବାୟ ସମିତି ଗଢ଼ିଲା ପରେ ଜିଲାର ସମବାୟ ସହକାରୀ ରେଜିଷ୍ଟ୍ରାରଙ୍କୁ

ଲେଖିବାକୁ ହେବ ଏବଂ ତା ପରେ ସେ ଅନୁସନ୍ଧାନର ବ୍ୟବସ୍ଥା କରି ଆବଶ୍ୟକୀୟ ସାହାଯ୍ୟ ଦେବେ । ତେଣୁ ପ୍ରତ୍ୟେକ ଶିଳ୍ପ ସମ୍ବନ୍ଧୀୟ ପ୍ରବନ୍ଧରେ କପରି ସମବାୟ ସମିତିମାନ ଗଢ଼ିହେବ, କାହା ପାଖକୁ ଲେଖାଯିବ, କେଉଁଠୁ ସାହାଯ୍ୟ ମିଳିବ, ତାହା ନ ଲେଖି ଗୋଟିଏ ପ୍ରବନ୍ଧରେ ସେ ସମସ୍ତ ବିଷୟ ଲେଖି ଦିଆଯାଉଛି । ଏହି ବିଷୟଗୁଡ଼ିକୁ ଭଲ କରି ପଢ଼ି ମନେ ରଖିଲେ ସମସ୍ତ ଜ୍ଞାତବ୍ୟ ବିବରଣୀ ମିଳିଯିବ ।

ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ଏହା କେଉଁ କେଉଁ ଗ୍ରାମ୍ୟ ଶିଳ୍ପଗୁଡ଼ିକୁ ସାହାଯ୍ୟ କରିପାରିବେ ଏବଂ ସହଯୋଗ ସମିତି କପରି ଗଢ଼ିବାକୁ ହେବ, ତାହା ତଳେ ଦିଆଗଲା:—

## "ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼"ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୧ । ଓଡ଼ିଶା ରାଜ୍ୟ ମଧ୍ୟରେ ଖଦି ଓ ଗ୍ରାମ୍ୟ ଶିଳ୍ପକୁ ଆରମ୍ଭ, ଉତ୍ସାହିତ, ସାହାଯ୍ୟ ଓ କାର୍ଯ୍ୟକାରୀ କରାଇବା ସଙ୍ଗେ ସଙ୍ଗେ ଏହି ଶିଳ୍ପ ସମ୍ବନ୍ଧୀୟ ବାଣିଜ୍ୟ ବ୍ୟବସାୟ କରିବା ।

୨ । ଲୋକମାନଙ୍କୁ ଆର୍ଥିକ ସାହାଯ୍ୟ ଦେଇ ସେମାନଙ୍କ ଗୃହ ନିକଟରେ ସେମାନଙ୍କୁ କାର୍ଯ୍ୟ ଯୋଗାଇ ଦେବା ।

୩ । ଗ୍ରାମ୍ୟ ଶିଳ୍ପର ଉନ୍ନତି ନିମନ୍ତେ ସମବାୟ ସମିତି ଓ ଗ୍ରାମ୍ୟ ଉତ୍ପାଦନ କମିଟିମାନ ଗଠନ କରାଇବା ।

୪ । ତାଲିମ କେନ୍ଦ୍ରମାନ ସ୍ଥାପନ କରିବା । ସେଠାରେ କିମ୍ବା ରାଜ୍ୟ ବାହାରେ ଅନ୍ୟ କୌଣସି କେନ୍ଦ୍ର-ମାନଙ୍କରେ ଖଦି ଓ କୁଟୀର ଶିଳ୍ପ ବିଷୟରେ ଲୋକମାନଙ୍କୁ ତାଲିମ କରାଇବା ।

୫ । କଞ୍ଚା ମାଲ, ସରଞ୍ଜାମ ଓ ଯନ୍ତ୍ରପାତି ଯୋଗାଇ ଦେବା ଏବଂ ଉତ୍ପନ୍ନ ଦ୍ରବ୍ୟର ବିକ୍ରୟ ନିମନ୍ତେ ବ୍ୟବସ୍ଥା କରିବା ।

୬ । ଭଣ୍ଡାର, ଦୋକାନ ଓ ପ୍ରଦର୍ଶନୀମାନ ଖୋଲି ଏ ଶିଳ୍ପଜାତ ଦ୍ରବ୍ୟମାନଙ୍କୁ ଲୋକପ୍ରିୟ କରିବା ନିମନ୍ତେ ଉପଯୁକ୍ତ ପ୍ରଚାରର କରିବାର ବନ୍ଦୋବସ୍ତ କରିବା ଏବଂ ଏହି ଉଦ୍ଦେଶ୍ୟରେ ଅନ୍ୟାନ୍ୟ ଉପଯୁକ୍ତ ବ୍ୟବସ୍ଥାମାନ ଗ୍ରହଣ କରିବା ।

୭ । ଗ୍ରାମ୍ୟ ଶିଳ୍ପଜାତ ଦ୍ରବ୍ୟ ବ୍ୟବହାର ପକ୍ଷରେ ଲୋକମତ ସୃଷ୍ଟି କରିବା ନିମନ୍ତେ ପ୍ରଚାର କାର୍ଯ୍ୟ କରିବା ଏବଂ ଏହି ଦ୍ରବ୍ୟ ବ୍ୟବହାର କରିବାର ଉପାଦେୟତା ସର୍ବସାଧାରଣଙ୍କୁ ବୁଝାଇ ଦେବା ।

୮ । ପ୍ରତ୍ୟେକ ବିଷୟରେ ବିଶେଷଜ୍ଞମାନଙ୍କଠାରୁ ପରାମର୍ଶ ଓ ନିର୍ଦ୍ଦେଶ ଆଣିବା ।

୯ । ଏହି ସବୁ ଶିଳ୍ପମାନଙ୍କ ବିଷୟରେ ଗବେଷଣା କରିବା ଓ ଗବେଷଣା କରିବାକୁ ଉତ୍ସାହିତ କରାଇବା । ଯେତେ ପ୍ରକାରର ଗ୍ରାମ୍ୟ ଶିଳ୍ପ ଓଡ଼ିଶାରେ ସମ୍ଭବପର ହୋଇପାରେ, ତାହା ମଧ୍ୟରୁ ନିମ୍ନଲିଖିତ ଶିଳ୍ପଗୁଡ଼ିକ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ କାର୍ଯ୍ୟକାରୀ କରାଇବା ପାଇଁ ବର୍ତ୍ତମାନ ସ୍ଥିର ହୋଇଅଛି । ସେଗୁଡ଼ିକ ହେଉଛି :—

୧ । ଢିଙ୍କି କୁଟା ଚାଉଳ
୨ । ଅଟା ଚକି
୩ । ମହୁ ଚାଷ
୪ । ତେଲ ଶିଳ୍ପ
୫ । ଅଖାଦ୍ୟ ତେଲରୁ ସାବୁନ ପ୍ରସ୍ତୁତ
୬ । ହାତତିଆରି କାଗଜ
୭ । ଦିଆସିଲି (କୁଟୀର ପ୍ରସ୍ତୁତ)
୮ । ମୃତ୍ତିକା ଶିଳ୍ପ
୯ । ଖଦି
୧୦ । ଚର୍ମଶିଳ୍ପ

୧୧ । ତାଳ ଓ ଖଜୁରି ଗୁଡ଼
୧୨ । ଚମଡ଼ା ଶିଳ୍ପ
୧୩ । ଗୁଡ଼ ଓ ଖଣ୍ଡସାରି
୧୪ । ଗ୍ରାମ୍ୟ ଲୌହ ଓ କାଷ୍ଠ ଶିଳ୍ପ
୧୫ । ବାଉଁଶ ଓ ବେତ ଶିଳ୍ପ
୧୬ । ତାରକସି, ପଥର କୋଦେଇ, ଶିଙ୍ଘ ଓ ହାତୀଦାନ୍ତ ପ୍ରଭୃତି କୁଟୀର ଶିଳ୍ପ ।

ଉପରୋକ୍ତ ଶିଳ୍ପମାନଙ୍କ ମଧ୍ୟରୁ ଶେଷ ଛଅଗୋଟି ଶିଳ୍ପର କାର୍ଯ୍ୟ ବୋର୍ଡ଼ ବର୍ତ୍ତମାନ ଆରମ୍ଭ କରିନାହିଁ । ଏ ବିଷୟମାନଙ୍କ ସମ୍ବନ୍ଧରେ ଯୋଜନାମାନ ପ୍ରସ୍ତୁତ ହୋଇ ମଞ୍ଜୁର ହୋଇ ସାରିଲେ କାର୍ଯ୍ୟ ଆରମ୍ଭ ହେବ । କିନ୍ତୁ ଏହା ଭିନ୍ନ ଉପରୋକ୍ତ ଅନ୍ୟାନ୍ୟ ସମସ୍ତ ଶିଳ୍ପଗୁଡ଼ିକର କାର୍ଯ୍ୟ ଓଡ଼ିଶାର ପ୍ରାୟ ଅଧିକାଂଶ ପଲ୍ଲୀ ଅଞ୍ଚଳରେ ଆରମ୍ଭ ହୋଇଗଲାଣି ।

କେବଳ ସୂତାକଟା ଓ ମହୁମାଛି ଭିନ୍ନ ଅନ୍ୟାନ୍ୟ ଗ୍ରାମ୍ୟ ଶିଳ୍ପ ନିମନ୍ତେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ସହଯୋଗ ସମିତି ଜରିଆରେ ସାହାଯ୍ୟ କରେ । ଅବଶ୍ୟ କୌଣସି ପ୍ରତିଷ୍ଠିତ କିମ୍ବା ମଞ୍ଜୁରପ୍ରାପ୍ତ ଅନୁଷ୍ଠାନକୁ ସାହାଯ୍ୟ ଦେଲାବେଳେ ସହଯୋଗ ସମିତିର ଆବଶ୍ୟକତା ଉପଲବ୍ଧି କରାଯାଏ ନାହିଁ; କିନ୍ତୁ ଅନ୍ୟ ଯେଉଁମାନେ କୌଣସି ଶିଳ୍ପ ସ୍ଥାପନ ନିମନ୍ତେ ସାହାଯ୍ୟ ଦରକାର କରିବେ, ସେମାନେ ପ୍ରଥମେ ଗୋଟିଏ ସମବାୟ ସମିତି ଗଠନ କରିବା ଏକାନ୍ତ ଦରକାର ।

## ସମବାୟ ସମିତି କିପରି ଗଢ଼ିବ

କୌଣସି ଗ୍ରାମରେ କୌଣସି ପ୍ରକାର ସମବାୟ ସମିତି ସ୍ଥାପନ କରିବାକୁ ହେଲେ ସେହି ଗ୍ରାମର ଅନ୍ତତଃ ଅଠର ବର୍ଷରୁ ଊର୍ଦ୍ଧ୍ୱ ଦଶ ଜଣ ବ୍ୟକ୍ତି ସେମାନଙ୍କର ଉଦ୍ଦେଶ୍ୟ ଇତ୍ୟାଦି ଦର୍ଶାଇ ଜିଲ୍ଲା ସମବାୟ ସହକାରୀ ରେଜିଷ୍ଟ୍ରାରଙ୍କ ନିକଟକୁ ଗୋଟିଏ ଆବେଦନ ପତ୍ର ପଠାଇବେ । ଏହା ଫଳରେ ସେହି ମହାଶୟ ଜଣେ ସମବାୟ ଇନ୍‌ସପେକ୍ଟରଙ୍କୁ ଉକ୍ତ ଆବେଦନ ପତ୍ରର ସତ୍ୟତା ଓ ସଫଳତା ସମ୍ବନ୍ଧରେ ତଦନ୍ତ କରିବା ପାଇଁ ସେହି ଗ୍ରାମକୁ ପଠାଇବେ । ଇନ୍‌ସପେକ୍ଟର ମହାଶୟ ଉକ୍ତ ଗ୍ରାମକୁ ଯାଇ ଆବେଦନକାରୀ ଓ ଗ୍ରାମବାସୀଙ୍କ ମତାମତ ଓ ଆବେଦନର ସତ୍ୟତା ସମ୍ବନ୍ଧେ ଭଲ ରୂପରେ ବୁଝିବେ ଏବଂ ଲୋକମାନଙ୍କୁ ସମବାୟ ନୀତି ଓ ତାର ଉପକାରିତା ବିଷୟରେ ବୁଝାଇବେ । ଏହା ପରେ ସେ ସମସ୍ତ ବିଷୟ ନେଇ ତାଙ୍କ ନିଜର ମତାମତ ସହ ଗୋଟିଏ ରିପୋର୍ଟ ଜିଲ୍ଲା ସହକାରୀ ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଇବେ । ସହଯୋଗ ସମିତି ଗଠନ କଲେ ଉକ୍ତ ଗ୍ରାମବାସୀମାନଙ୍କର ଉପକାର ହୋଇ ପାରିବ ବୋଲି ଯଦି ସହକାରୀ ରେଜିଷ୍ଟ୍ରାରଙ୍କର ହୃଦ୍‌ବୋଧ ହୁଏ, ତେବେ ସେ ପୁନଶ୍ଚ ଉକ୍ତ ଇନ୍‌ସପେକ୍ଟରଙ୍କୁ ସମବାୟ ସମିତିର ଉପବିଧି ଓ ଫର୍ମସହ ସେହି ଗ୍ରାମକୁ ପଠାଇବେ । ଇନ୍‌ସପେକ୍ଟର ଗ୍ରାମର ଗୋଟିଏ ସାଧାରଣ ସଭାରେ ଉପବିଧିଗୁଡ଼ିକ ବୁଝାଇ ଦେବେ ଓ ଲୋକମାନେ ସେଥିରେ ରାଜି ହେଲେ ନିୟମାନୁସାରେ ଫର୍ମ ପୂରଣ କରି ଓ ଗୋଟିଏ ଅସ୍ଥାୟୀ ପରିଚାଳନା ବୋର୍ଡ଼ ଗଢ଼ି ଫେରି ଆସିବେ । ଅବଶ୍ୟ ପରିଚାଳନା ବୋର୍ଡ଼ ଲୋକମାନେ ଗଢ଼ିବେ ଓ ଇନ୍‌ସପେକ୍ଟର ମହୋଦୟ ସାହାଯ୍ୟ କରିବେ ମାତ୍ର । ଏହାପରେ ସହକାରୀ ରେଜିଷ୍ଟ୍ରାର ଉକ୍ତ ଦରଖାସ୍ତ ଫର୍ମକୁ ରେଜିଷ୍ଟ୍ରି କରିବା ନିମନ୍ତେ ଡେପୁଟି ରେଜିଷ୍ଟ୍ରାର ମହୋଦୟଙ୍କ ନିକଟକୁ ପଠାଇବେ । ରେଜିଷ୍ଟ୍ରି ହୋଇ ସାରିଲେ, ଇନ୍‌ସପେକ୍ଟର ପୁଣି ଥରେ ଏହି ରେଜିଷ୍ଟ୍ରି ଫର୍ମ ନେଇ ଉକ୍ତ ଗ୍ରାମରେ ନିୟମାନୁସାରେ କାମ ଆରମ୍ଭ କରାଇବେ ।

## ଟଙ୍କା କିପରି ମିଳିବ

ଏହି ସମିତି କାର୍ଯ୍ୟାରମ୍ଭ କରିବା ପରେ ଯେଉଁ ଶିଳ୍ପ କାର୍ଯ୍ୟଭାର କରିବାକୁ ଚାହାନ୍ତି, ତାହା ଦର୍ଶାଇ ସାହାଯ୍ୟ ନିମନ୍ତେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ସେକ୍ରେଟେରୀ ମହୋଦୟଙ୍କ ନିକଟକୁ ଜିଲ୍ଲାର ସହକାରୀ ରେଜିଷ୍ଟ୍ରାରଙ୍କ ଜରିଆରେ ଆବେଦନ କରିବେ । ଏହି ବୋର୍ଡ଼ର ଅଫିସ୍ ପୁରୀ ଜିଲ୍ଲାର ଭୁବନେଶ୍ୱରଠାରେ ଅବସ୍ଥିତ । ଦରଖାସ୍ତ ମିଳିବା ପରେ ଜଣେ ବିଶେଷଜ୍ଞ ଯାଇ ତଦନ୍ତ କରିବେ । ଉକ୍ତ ସ୍ଥାନରେ ଶିଳ୍ପର ଉନ୍ନତି ହେବ ବୋଲି ତାଙ୍କର ବିଶ୍ୱାସ ହେଲେ, ସେ .ତାଙ୍କ ରିପୋର୍ଟରେ ଉକ୍ତ ବିଷୟ ଲେଖନ୍ତି ଏବଂ ବ୍ୟାଙ୍କ ଜରିଆରେ ଉକ୍ତ ସମିତିକୁ ଟଙ୍କା ପଠାଇ ଦିଆଯାଏ ।

ଏହିପରି ଭାବରେ ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ଗ୍ରାମ୍ୟ ଶିଳ୍ପର ଉନ୍ନତି ନିମନ୍ତେ ଲୋକମାନଙ୍କୁ ସାହାଯ୍ୟ ଓ ଋଣ ଆକାରରେ ଦିଆଯାଉଛି । ଦେଶବାସୀ ଏହାର ପୂର୍ଣ୍ଣ ସୁଯୋଗ ନେବା ବାଞ୍ଛନୀୟ । ପ୍ରତ୍ୟେକ ଯୋଜନା ବିଷୟରେ ପୁସ୍ତିକାସବୁ ଲେଖା ହୋଇଅଛି ।

ଅହିନ୍ଦୀଭାଷୀ ଛାତ୍ରମାନଙ୍କ ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ଼ଦ୍ୱାରା ସ୍ୱୀକୃତପ୍ରାପ୍ତ

**ହିନ୍ଦୀ ପାଠ୍ୟ ପୁସ୍ତକ**

राष्ट्र भारती भाग-१ (षष्ठ श्रेणी के लिये) मूल्य ६० नये पैसे
राष्ट्र भारती भाग-२ (सप्तम श्रेणीके लिये) मूल्य ७५ नये पैसे
राष्ट्र भारती भाग-३ (अष्टम श्रेणीके लिये) मूल्य १ रुपया
हिन्दी ओड़िआ
व्याकरण भाग-१ (षष्ठ और सप्तम श्रेणीके लिये) मूल्य ५० नये पैसे
हिन्दी ओड़िआ
व्याकरण भाग-२ (अष्टम श्रेणीके लिये) मूल्य ५० नये पैसे
साहित्य मञ्जरी (मैट्रिक परीक्षाके लिये) मूल्य २ रुपये
सरल हिन्दी व्याकरण (मैट्रिक परीक्षाके लिये) मूल्य २ रुपये

ରାଷ୍ଟ୍ରଭାଷା 'ପ୍ରାଥମିକ' ପରୀକ୍ଷା ପାଇଁ ହିନ୍ଦୀ ପୁସ୍ତକ

बालबोध भाग-१ (चतुर्थ श्रेणीके लिये) मूल्य ३० नये पैसे
बालबोध भाग-२ (पञ्चम श्रेणीके लिये) मूल्य ३० नये पैसे
पहली किताब - ( " ) मूल्य ५० नये पैसे

ପ୍ରାପ୍ତି ସ୍ଥାନ—ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର
ବାଙ୍କାବଜାର, କଟକ-୨

# ଓଡ଼ିଶାରେ ତନ୍ତଶିଳ୍ପର ବିକାଶ

**ଶ୍ରୀ ଗୋପେନ୍ଦ୍ରକୃଷ୍ଣ ମିଶ୍ର**, ବି. ଏ. (ଅନର୍ସ)
ଶିକ୍ଷା ଓ ପ୍ରଚାର ଅଫିସର, ସମବାୟ ବିଭାଗ

ରାଜନୈତିକ ସ୍ୱାଧୀନତା ଅର୍ଥହୀନ, ଯେତେ ଦିନ ଆମ୍ଭମାନଙ୍କର ଅର୍ଥନୈତିକ ସ୍ୱାଧୀନତା ନ ଆସିଛି । ଯେତେ ଦିନ ଆମ୍ଭେମାନେ ଆମର ପ୍ରଧାନ ଆବଶ୍ୟକୀୟ ଜିନିଷ ଅନ୍ନ ଓ ବସ୍ତ୍ର ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବୁ, ସେ ପର୍ଯ୍ୟନ୍ତ ବିଶ୍ୱ-ଦରବାରରେ ଆମେ ଉପଯୁକ୍ତ ସ୍ଥାନ ପାଇ ପାରିବା ନାହିଁ । ବିଦେଶୀ ଶାସନକାଳରେ ତାଙ୍କ ଦେଶର କଳତିଆରି ଜିନିଷ ବଳାତ୍କାରରୂପେ ଆମ ଦେଶରେ ବ୍ୟବହାର କରୁଥିବାରୁ ଆମ ଦେଶର କୁଟୀର ଶିଳ୍ପକୁ ଜାଣିଶୁଣି ଅବହେଳା କରିଥିଲେ । ତେଣୁ ଜାତିର ଜନକ ମହାତ୍ମା ଗାନ୍ଧୀ ବିଦେଶୀ ବସ୍ତ୍ରର ବର୍ଜନ ଓ ଖଦି ପ୍ରଚାର ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ । ପୂର୍ବରୁ ଦେଶର ଅଗଣିତ ତନ୍ତୁବାୟ କୁଳବୃତ୍ତି କରି ନିଜର ଜୀବିକା ଅର୍ଜନ କରିବାକୁ ବାଧ୍ୟ ହେଉଥିଲେ । ଅନେକ ମଧ୍ୟ ନିଜର କୌଳିକ ବୃତ୍ତି ଛାଡ଼ି ରେଙ୍ଗୁନ ଇତ୍ୟାଦି ଦୂର ଦେଶକୁ ଯାଇ ଅସହାୟଭାବେ ଜୀବନଯାପନ କରୁଥିଲେ ।

ସ୍ୱାଧୀନତାପ୍ରାପ୍ତି ପରେ ତନ୍ତ ଶିଳ୍ପର ବିକାଶ ପାଇଁ ଚେଷ୍ଟା ଆରମ୍ଭ ହେଲା । ଦ୍ୱିତୀୟ ମହାଯୁଦ୍ଧ ସମୟରେ ଲୁଗାକଳ ସବୁ ଯୁଦ୍ଧ ପାଇଁ ବସ୍ତ୍ର ପ୍ରସ୍ତୁତରେ ନିଯୋଜିତ ଥିବାରୁ କେବଳ ସୂତା ତନ୍ତୀମାନଙ୍କୁ ବଣ୍ଟାଯାଇ ତନ୍ତଶିଳ୍ପ ଦ୍ୱାରା ଦେଶର ଚାହିଦା ପୂରଣ ହେଉଥିଲା । ତେଣୁ ତନ୍ତୀମାନଙ୍କର ଆର୍ଥିକ ଅବସ୍ଥା କେତେକ ପରିମାଣରେ ଉନ୍ନତ ହୋଇ ପାରିଥିଲା; କିନ୍ତୁ ମହାଯୁଦ୍ଧ ପରେ ଯେତେବେଳେ ପୁଣି କଳ-ତିଆରି ଲୁଗା ବହୁପରିମାଣରେ ବଜାରକୁ ଆସିଲା, ତନ୍ତୀମାନେ ପୁଣି ଅଭାବ ଅସୁବିଧାର ସମ୍ମୁଖୀନ ହେଲେ । ମାତ୍ର ଦୁଃଖ ସବୁ ଦିନେ ରହେ ନାହିଁ । ସରକାର କଳଲୁଗା ଉପରେ ଗୋଟିଏ ଅଧିକ କର ବସାଇ ସେହି ଟଙ୍କା ତନ୍ତୀମାନଙ୍କୁ ଋଣ ଓ ସାହାଯ୍ୟ ଆକାରରେ ଦେବାର ବ୍ୟବସ୍ଥା କଲେ । ଏହା ୧୯୫୩-୫୪ର କଥା । ତା ପରେ ଦ୍ୱିତୀୟ ଯୋଜନା କାର୍ଯ୍ୟକାରୀ ହେବାକୁ ଲାଗିଲା ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ଆମ ଓଡ଼ିଶାରେ ୧୦୮.୯ କୋଟି ଟଙ୍କା ବ୍ୟୟ ହେବାର ସ୍ଥିର ହୋଇଅଛି । ଏହା ଦ୍ୱାରା ତନ୍ତୀମାନେ ନିମ୍ନଲିଖିତମତେ ସୁବିଧା ପାଇ ପାରିବେ ।

୧ । ପ୍ରତ୍ୟେକ ତନ୍ତ ପାଇଁ ତନ୍ତୀ ଟ ୧୦୦୍ ଋଣ ଆକାରରେ ପାଇ ପାରିବ । ଏହି ଟଙ୍କା ତାର ହେବ କାର୍ଯ୍ୟକାରୀ ମୂଳଧନ । ଏହା ଦ୍ୱାରା ସେ ସୂତା କିଣି ଲୁଗା ବୁଣି ସମିତିରେ ବିକ୍ରୟ କରି, ତାର ମଜୁରି କାଟି ରଖି ପୁଣି ମୂଳ ଟଙ୍କାରେ ସୂତା କିଣି କାରବାର କରି ପାରିବ । ଏହି ମୂଳଧନ ପାଇଁ ସାଧାରଣତଃ ତନ୍ତୀକୁ ମହାଜନର ଦ୍ୱାରସ୍ଥ ହେବାକୁ ହେଉଥିଲା ଓ ବଜାର ଦରଠାରୁ ଶସ୍ତା ଦରରେ ଲୁଗା ବିକ୍ରୀ କରିବାକୁ ସେ ବାଧ୍ୟ ହେଉଥିଲା; କିନ୍ତୁ ଏ ଅସୁବିଧା ଆଜି ଦୂର ହୋଇ ଯାଇଛି ।

୨ । ପୁନଶ୍ଚ ବ୍ୟବସ୍ଥା କରାଯାଉଛି ଯେ ତନ୍ତୀ ଆଧୁନିକ ଧରଣର ଯନ୍ତ୍ରପାତି, ଠକଠକ ତନ୍ତ ବା ମଗା ସମିତିରୁ ନେଇ ପାରିବ ଓ ଏଥିପାଇଁ ତାକୁ ଅଧା ଦାମ ଦେବାକୁ ପଡ଼ିବ ।

୩। ସମିତିରେ ସଭ୍ୟ ହେବାକୁ ହେଲେ ଅଂଶ କିଣିବାକୁ ପଡ଼ିଥାଏ। ସଭ୍ୟ ଯେତେ ଅଂଶ କିଣେ, ତାହାର ୫ ଗୁଣ ପର୍ଯ୍ୟନ୍ତ ଋଣ ପାଇଥାଏ। ଯେଉଁମାନେ ଅଂଶ କିଣିବାକୁ ଅକ୍ଷମ, ସେମାନେ ଟ ୨୫ ଦେଲେ ସରକାର ଟ ୧୭୫ ଋଣ ସ୍ୱରୂପ ବିନା ସୁଧରେ ଦେବେ।

୪। ଆଗେ ରଙ୍ଗିନ ସୂତା ମହାଜନଠାରୁ ବହୁତ ଚଡ଼ା ଦରରେ କିଣିବାକୁ ହେଉଥିଲା। ବର୍ତ୍ତମାନ ତାହା କରିବାକୁ ହେବ ନାହିଁ। ଏଥିପାଇଁ ପ୍ରଦେଶରେ ୮ ଗୋଟି ସ୍ଥାନରେ ସୂତା ରଙ୍ଗ କରିବାର ବ୍ୟବସ୍ଥା କରାଯାଇଅଛି। ଏଠାରେ ଅନାୟାସରେ ସୂତା ରଙ୍ଗ କରାଇ ନେଇ ହେବ।

୫। ଆଗେ ତନ୍ତୀ ଲୁଗା ବିକ୍ରୀ କରିବା ପାଇଁ ଗାଁ ଗାଁ ବୁଲୁଥିଲେ; ହାଟ ଓ ବଜାରକୁ ଯାଇ ବହୁ ସମୟ ମଧ୍ୟ ନଷ୍ଟ କରୁଥିଲେ। ବର୍ତ୍ତମାନ ତାକୁ ଆଉ ଏହା କରିବାକୁ ହେବ ନାହିଁ। ଲୁଗା ବୁଣି ସମିତିରେ ଜମା କରି ଦେଲେ ସମିତି ତାର ବିକ୍ରୀର ବ୍ୟବସ୍ଥା କରିବ। ଏହି ସମିତିମାନଙ୍କର ଉତ୍ପାଦିତ ଲୁଗା ବିକ୍ରୀ କରିବାକୁ କଟକରେ ରାଜ୍ୟ ତନ୍ତୁବାୟ ସହଯୋଗ ସମିତି ଗଠିତ ହୋଇଅଛି। ଏହା ଛଡ଼ା ସରକାରଙ୍କ ଦ୍ୱାରା ପରିଚାଳିତ ବାଣିଜ୍ୟ ସମିତି ବସ୍ତ୍ର ବିକ୍ରୟ ପାଇଁ ଏକ ବଡ଼ ଅନୁଷ୍ଠାନ ଅନେକ ଦିନରୁ ଅଛି। ଏହାବାଦ ରାଜ୍ୟର ୫୮ଟି ବଡ଼ ବଡ଼ ସ୍ଥାନରେ ବିକ୍ରୀ ଭଣ୍ଡାର ସବୁ ଖୋଲାଯାଇଅଛି। ଏହି ବିକ୍ରୀ ଭଣ୍ଡାର ଓ ସମିତିମାନେ ୧୯୫୭-୫୮ ସୁଦ୍ଧା ୪୫ ଲକ୍ଷ ଟଙ୍କାର ଲୁଗା ବିକ୍ରୀ କରି ଅଛନ୍ତି। ଆମ ଦେଶରେ ସମୁଦାୟ ୧,୨୯,୦୦୦ ତନ୍ତ କାର୍ଯ୍ୟ କରୁଅଛି। ମାତ୍ର ୪୧୭ଟି ସମିତିରେ ମୋଟ ୭,୪୧,୬୭୪ ଜଣ ତନ୍ତୀ ଯୋଗ ଦେଇ ଅଛନ୍ତି। ଏହି ସମିତିଗୁଡ଼ିକ ସଭ୍ୟମାନଙ୍କ ପାଇଁ ୧୯୫୭-୫୮ ସୁଦ୍ଧା ଟ ୩୨୧୨୧୯୮୧ କାର୍ଯ୍ୟକାରୀ ମୂଳ ଓ ଅଂଶ ଧନ ପାଇଁ ନେଇ ଅଛନ୍ତି। ଆମର ସମୁଦାୟ ତନ୍ତ ମଧ୍ୟରୁ ଯେତେ ତନ୍ତ ସମବାୟ ସଂସ୍ଥାରୁ ସାହାଯ୍ୟ ପାଉଅଛି, ତାହା ସମୁଦାୟ ତନ୍ତର ପ୍ରାୟ ଏକ-ଚତୁର୍ଥାଂଶ ହେବ। ମାତ୍ର ଆମର ଦ୍ୱିତୀୟ ଯୋଜନାକାଳରେ ଶତକଡ଼ା ୫୦ ଭାଗ ତନ୍ତ ସମବାୟ ସଂଗଠନରେ ରହିବା ଉଚିତ। ଏଣୁ ଯେଉଁ ତନ୍ତୀ ଭାଇମାନେ ଏହି ସୁବିଧା ପାଇ ନାହାନ୍ତି, ସେମାନେ ଯଦି ତାଙ୍କ ଗ୍ରାମ କୌଣସି ସଂପ୍ରସାରଣ ଯୋଜନାର ସୀମା ଭିତରେ ହୋଇଥାଏ, ତେବେ ଯୋଜନା ଅଫିସରଙ୍କ ପାଖରେ ଆବେଦନ କରନ୍ତୁ। କପରି ଏହି ସୁବିଧା ମିଳିବ ଓ ତାହା ପାଇଁ କପରି ତାଙ୍କ ଗ୍ରାମରେ ଗୋଟିଏ ସହଯୋଗ ସମିତି ଗଠିତ ହୋଇ ପାରିବ, ତାର ବ୍ୟବସ୍ଥା ସେ କରି ପାରିବେ। ନଚେତ୍ ଜିଲ୍ଲା ସହକାରୀ ସମବାୟ ସମୀକ୍ଷକଙ୍କଠାରେ ଆବେଦନ କରନ୍ତୁ। ସେ ମଧ୍ୟ ବ୍ୟବସ୍ଥା କରି ପାରିବେ।

ଆମର ଯୋଜନା କପରି କାର୍ଯ୍ୟକାରୀ ହୋଇଅଛି, ତାହାହିଁ ବର୍ତ୍ତମାନ ଆଲୋଚନା କରାଯାଉ।

୧। ତନ୍ତୀମାନଙ୍କର ମୂଳଧନ ପାଇଁ ଦିଆଯାଇଅଛି ... ଟ ୨୫୫୪୨୧୯୮୧

୨। ଅଂଶଧନ : ସେସ ଫଣ୍ଡରୁ ... ଟ ୨୫୪୨୧୯୮୧
ଓ ରିଜର୍ଭ ବ୍ୟାଙ୍କରୁ ଟ ୨୪୫୦୦୦୧

୩। ରାଜ୍ୟ ଭିତରେ ୫୮ଟି ବିକ୍ରୀ କେନ୍ଦ୍ର ଓ ବାହାରେ ୩ଟି ବିକ୍ରୀ କେନ୍ଦ୍ର ଖୋଲିବାକୁ ରାଜ୍ୟ ତନ୍ତୁବାୟ ସହଯୋଗ ସମିତିକୁ ଦିଆଯାଇଅଛି।

୪। ରାଜ୍ୟ ତନ୍ତୁବାୟ ସହଯୋଗ ସମିତିରେ ଅଂଶଧନ କିଣା ପାଇଁ ... ଟ ୪୨୭୭୮୧

୫। କାର୍ଯ୍ୟକାରୀ ମୂଳଧନ ପାଇଁ ରିଜର୍ଭ ବ୍ୟାଙ୍କରୁ ଋଣ ... ଟ ୨୫୦୦୦୧

୬। କର୍ମଚାରୀମାନଙ୍କ ପାଇଁ ସାହାଯ୍ୟ ଟ ୧୫୦୦୦୧

୭। ତନ୍ତ ଲୁଗାର ମୂଲ୍ୟ ସହିତ ମିଲ ଲୁଗାର ଦାମରେ ସମତା ଆଣିବା ପାଇଁ ସମୁଦାୟ ରିଆତି ଦିଆଯାଇଅଛି ଟ ୧୪୯୧୭୭୩

୮। ଉନ୍ନତ ଧରଣର ସରଞ୍ଜାମ ପାଇଁ ଅଧା ଋଣ ଓ ଅଧା ସାହାଯ୍ୟ ଦେବାରେ ଟ ୧୮୭୪୮୦୲

୯। ୨୦ଟି 'ଆଦିବାସୀ ତନ୍ତୀ ସମିତି' ଗଠନ କରାଯାଇଅଛି ଓ ପ୍ରତ୍ୟେକଟି ପାଇଁ ସାହାଯ୍ୟ ଦିଆଯାଇଅଛି ... ଟ ୭୦୦୲

୧୦। ତନ୍ତୀମାନଙ୍କ ପାଇଁ ୯୦ଟି ଘର ତିଆରି କରାଯାଇଅଛି ଓ ପ୍ରତ୍ୟେକ ଘରପାଇଁ ଟ ୩୧୭୦୲ ଦିଆଯାଇଛି । ବରଗଡ଼, ସାନପଦର ଓ ବାଜପୁରଠାରେ ଏହା କାର୍ଯ୍ୟକାରୀ ହୋଇଅଛି । ଘରତୋଳା ପାଇଁ ଦିଆଯାଇଥିବା ଟଙ୍କା ୨/୩ ଋଣ ଆକାରରେ ଓ ୧/୩ ସାହାଯ୍ୟ ଆକାରରେ ମିଳୁଛି । ଋଣ ଟଙ୍କାକୁ ୨୫ ବର୍ଷ ମଧ୍ୟରେ ପରିଶୋଧ କରିବାକୁ ପଡ଼ିବ ।

ଏହା ଛଡ଼ା କଳତନ୍ତ ବସାଇବାର ମଧ୍ୟ ବ୍ୟବସ୍ଥା ହେଉଅଛି । ଏଥିପାଇଁ ବର୍ତ୍ତମାନ ଦୁଇଟି ସ୍ଥାନ ବଛା ହୋଇଗଲାଣି । ଗୋଟିଏ କଟକର ଶିଳ୍ପ ଇଲାକା ଓ ଅନ୍ୟଟି ଛତିଆରେ । ଏଥିପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ଆସି ଗଲାଣି ।

ଓଡ଼ିଶାର ଯେଉଁ ତନ୍ତବୁଣା ଲୁଗା ଦିନେ ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଥିଲା ଏବଂ ରାଜନୈତିକ କାରଣଯୋଗୁ ଯାହାର ଅବନତି ଘଟିଥିଲା, ତାହାର ପୁନରୁଦ୍ଧାର ପାଇଁ ସରକାର ସବୁମତେ ଉଦ୍ୟମ କରୁଛନ୍ତି । ଯେଉଁ ତନ୍ତୀକୁଳ ବହୁ ଦୁଃଖ ନିର୍ଯ୍ୟାତନା ଭିତରେ ନିଜର ବୃତ୍ତି ଛାଡ଼ି ନ ଥିଲେ, ସେମାନେ ଏ ଜାତିର ଚିର ନମସ୍ୟ । ଆଜି ସେହିମାନଙ୍କ ଯୋଗୁ ଓଡ଼ିଶାର ଏହି ବସ୍ତ୍ର ଶିଳ୍ପକଳା ବଞ୍ଚି ରହି ପାରିଛି । ତନ୍ତୀମାନଙ୍କୁ ସରକାରଙ୍କ ପକ୍ଷରୁ ଯେଉଁ ସାହାଯ୍ୟ ଦିଆଯାଉଛି, ତାହା ସମବାୟ ସମିତି ଜରିଆରେ ଦିଆଯାଉଛି । ଆଜି ମଧ୍ୟ ଯେଉଁ ତନ୍ତୀମାନେ ସମବାୟ ଭିତରକୁ ଆସି ନାହାନ୍ତି, ସେମାନେ ଦେଶର ସ୍ୱାର୍ଥ ତଥା ନିଜର ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ସମବାୟ ଅନୁଷ୍ଠାନ ଭିତରକୁ ଆସିଯିବା ଉଚିତ । ସମବାୟ ସମିତି କିପରି ଗଠନ କରିବାକୁ ହେବ, ତାହା ଅନ୍ୟତ୍ର ଦିଆଯାଇଛି ।

# ଓଡ଼ିଶାରେ ରେଶମ ଶିଳ୍ପ

ଆମ ଦେଶରେ ରେଶମ ବସ୍ତ୍ରର ବ୍ୟବହାର ବହୁ ପୂର୍ବକାଳରୁ ଚଳି ଆସିଅଛି । ଅଧୁନା ଏହି ଶିଳ୍ପ ଆମ ଦେଶରେ ଦ୍ୱିତୀୟ ବୃହତ୍ତମ କୁଟୀର ଶିଳ୍ପରୂପେ ପରିଗଣିତ । ଏହା ଜରିଆରେ ପ୍ରାୟ ୨୫ ହଜାର ଲୋକ କାମ ପାଉଥାନ୍ତି । ଏକ ଥିଲା, ଯେତେବେଳେ କି ଏହି ଶିଳ୍ପ ଆମ ପ୍ରାଚୀନ ବାଣିଜ୍ୟର ମୁଖ୍ୟ ପଣ୍ୟ ହୋଇ ରହିଥିଲା । ଆଜି ମଧ୍ୟ ରେଶମନିର୍ମିତ ବସ୍ତ୍ର ଦେବପୂଜା ଓ ପରବ ବାସରର ଏକ ପ୍ରୟୋଜନୀୟ ପବିତ୍ର ସାମଗ୍ରୀରୂପେ ବ୍ୟବହୃତ । ତେଣୁ ଏହି ଶିଳ୍ପର ଗୁରୁତ୍ୱ ଦୃଷ୍ଟିରୁ ଭାରତ ସରକାର ଏହାର ଆଶୁ ବିକାଶ ପାଇଁ 'ରେଶମ ବୋର୍ଡ଼' ନାମକ ଏକ ସଂସ୍ଥା ଗଢ଼ିଅଛନ୍ତି । ଏହି ସଂସ୍ଥାର ଆନୁକୂଲ୍ୟରେ ଦେଶର ବିଭିନ୍ନ ରାଜ୍ୟରେ ନାନାବିଧ ବିକାଶମୁଖୀ ଯୋଜନା କାର୍ଯ୍ୟକାରୀ କରାଯାଉଅଛି । ଦେଶର ବିଭିନ୍ନ ରାଜ୍ୟକୁ ରେଶମର ପ୍ରକାରଭେଦରେ ଦୁଇ ଭାଗରେ ବିଭକ୍ତ କରାଯାଇଅଛି; ଯଥା:—ମାଲବେରି ଜାତୀୟ ରେଶମ ଓ ମାଲବେରି ଛଡ଼ା ଅନ୍ୟ ଜାତୀୟ ରେଶମ । ଓଡ଼ିଶାରେ ଏହି ଶିଳ୍ପର ବିକାଶ ପାଇଁ ପୂର୍ବରୁ କୌଣସି ବିଧିବଦ୍ଧ ଯୋଜନା ହୋଇନାହିଁ । ଆମ ଟସର ଶିଳ୍ପ ପୂର୍ବତନ ଗଡ଼ଜାତ ରାଜା ମହାରାଜାମାନଙ୍କର ପୃଷ୍ଠପୋଷକତାରେ ଗଢ଼ି ଉଠିଅଛି; କିନ୍ତୁ ସଙ୍ଘବଦ୍ଧ ଉଦ୍ୟମର ଅଭାବ ଯୋଗୁଁ ଏହି ଶିଳ୍ପର ଗତି ମନ୍ଥର ହୋଇଯାଇଛି । ଏଣ୍ଡି ଜାତୀୟ ରେଶମ ଆମ ପ୍ରଦେଶରେ ହେଉଛି ଗୋଟିଏ ଆଧୁନିକ ପ୍ରଚେଷ୍ଟା । ଏହି ପ୍ରଚେଷ୍ଟାର ମୂଳରେ ଡକ୍ଟର ଶ୍ରୀ ବିକାଶ ଚରଣ ପଟ୍ଟନାୟକଙ୍କର ଉଦ୍ୟମ ପ୍ରଶଂସାର୍ହ । ପ୍ରକୃତଃ କେନ୍ଦ୍ରୀୟ ରେଶମ ବୋର୍ଡ଼ର ଆନୁକୂଲ୍ୟ ଓ ଆର୍ଥିକ ସାହାଯ୍ୟ ଅଧୁନା ଏହି ଶିଳ୍ପର ଶୁଭ ସୂଚନା ଦେଇଅଛି ।

## ଟସର

ଆମ ରାଜ୍ୟର ରେଶମ ଶିଳ୍ପ ମଧ୍ୟରେ ଟସର ଶିଳ୍ପ ପ୍ରଧାନ ସ୍ଥାନ ଅଧିକାର କରିଅଛି । ଦରବାର ଶାସନ ଅମଳରେ ଏକଚାଟିଆ କାରବାର ଓ ବାହାର ରପ୍ତାନି ଉପରେ କଟକଣା ଯୋଗୁଁ ଏହି ଶିଳ୍ପର ସମ୍ୟକ୍ ଅଭିବୃଦ୍ଧି ଘଟିଥିଲା । ଯେତେବେଳେ ଆମ ରାଜ୍ୟରେ ସମୁଦାୟ ୨୦ ହଜାର ଟସର-ପାଳକ ଥିଲେ ଏବଂ ସୂତାକଟାଳିଙ୍କ ସଂଖ୍ୟା ଥିଲା ପ୍ରାୟ ୧୨୦୦୦ । ଟସର ସୂତା ଉପରେ ହାତତନ୍ତ ସଂଖ୍ୟା ଥିଲା ପ୍ରାୟ ୮୦୦୦ । ମାତ୍ର ବୈଜ୍ଞାନିକ ଦୃଷ୍ଟିକୋଣର ଅଭାବ ଏହି ଶିଳ୍ପର ଥିଲା ପ୍ରଧାନ ପ୍ରତିବନ୍ଧକ । ଅଧୁନା ତାହା ଦୂର ହୋଇ ଯାଉଛି । ସୁସ୍ଥ ବୀହନ ଯୋଗାଣ, କଟାଳିଙ୍କୁ ଚରଖା ଯୋଗାଣ, ବଣ୍ଟନ ଓ ବିକ୍ରୟ ଇତ୍ୟାଦିର ସୁବନ୍ଦୋବସ୍ତ ମଧ୍ୟ କରାଯାଉଅଛି । ଏ ପର୍ଯ୍ୟନ୍ତ ଏହି ଶିଳ୍ପ ସମ୍ବନ୍ଧୀୟ ୯ଟି ସହଯୋଗ ସମିତି ଗଠିତ ହୋଇଅଛି । ଏମାନଙ୍କ ଭିତରୁ ୭ଟି ୧୯୫୬-୫୭ ଓ ୨ଟି ୧୯୫୭-୫୮ ରେ ଗଠିତ ହୋଇଅଛି । ଏହି ସମିତି ମାନଙ୍କର ସୂକ୍ଷ୍ମ ପରିଚୟ ନିମ୍ନରେ ଦିଆଗଲା ।

### ମୟୂରଭଞ୍ଜ

| (ସମିତିର ନାମ) | | (ସଭ୍ୟସଂଖ୍ୟା) |
|---|---|---|
| ୧୯୫୬-୫୭ :— | | |
| କପ୍ତିପଦା | ... | ୧୫୭ |
| ଗୁଡ଼ୁଆ | ... | ୫୦୪ |
| ଖୁଆଁ ସୁନ୍ଦରପୁର | ... | ୪୯୯ |
| ବୁଆସୁଣୀ | ... | ୩୭ |
| ପୋଖରିଆ | ... | ୩୭୨ |
| ୧୯୫୭-୫୮ :— | | |
| କୁଳିଅଣା | ... | — |
| ଠାକୁରମୁଣ୍ଡା | ... | — |

## କେନ୍ଦୁଝର

ଆନନ୍ଦପୁର ... ୨ଟି
ତେଲକୋଇ ... ୨ଟି

ପ୍ରତ୍ୟେକ ସମିତିକୁ କାର୍ଯ୍ୟକ୍ଷମ ମୂଳଧନ ଓ ଋଣ ଆକାରରେ ଅଂଶଧନ ଯଥାକ୍ରମେ ଟ ୨୪୦୦୦ ଓ ୨୩୦୦୦ ଯୋଗାଇ ଦିଆଯାଇଅଛି । ଋଣ ବ୍ୟତୀତ ସମିତିକୁ ଦାନ ଓ କର୍ମଚାରୀମାନଙ୍କର ବାସଗୃହ ନିର୍ମାଣ ପାଇଁ ସାହାଯ୍ୟ ମଧ୍ୟ ଦିଆଯାଇଅଛି ।

ଏତଦ୍‌ଭିନ୍ନ ଋଣଦାନ, ଅଗ୍ରୀମ, ସମିତି ଗୃହ-ନିର୍ମାଣ, ଲାଭ ଇତ୍ୟାଦି ପ୍ରତି ଲକ୍ଷ୍ୟ ଦୃଷ୍ଟି ମଧ୍ୟ ଦିଆଯାଉଅଛି ।

ତସର ଶିଳ୍ପ ସାଧାରଣତଃ ଆଦିବାସୀ ଭୂମିହୀନ ଲୋକଙ୍କର ହେଉଛି ମୁଖ୍ୟ ଜୀବିକା । ତେଣୁ ଏହି ନିରୀହ ଆଦିବାସୀଙ୍କୁ ଲାଭଖୋର ମଧ୍ୟସ୍ଥଙ୍କ କବଳରୁ ଯେକୌଣସିମତେ ରକ୍ଷା କରିବାକୁ ପଡ଼ିବ । ଅତଏବ ସହଯୋଗ ସମିତି ଗଠନ ସର୍ବାଦୌ ଦରକାର । ଏଥି ନିମିତ୍ତ ଯଥେଷ୍ଟ ଆର୍ଥିକ ବ୍ୟବସ୍ଥା ମଧ୍ୟ କରାଯାଉଅଛି । ୧୯୫୪-୫୫ ମସିହାରେ ରେଶମ ବୋର୍ଡ଼ ପ୍ରାଥମିକ ଅର୍ଥର ବ୍ୟବସ୍ଥା କରିଥିଲେ । ବାଙ୍ଗିପୋଷିଠାରେ ୫୦ ଏକର ଜମି ନିଆଯାଇ ଆଦର୍ଶ ତସର ଉତ୍ପାଦନ କେନ୍ଦ୍ର ଖୋଲାଯାଇଅଛି ।

ଆମ ରାଜ୍ୟରେ ମୋଟ ଉପରେ ଯେତେ ତସର କୋଷା ଉତ୍ପାଦିତ ହୁଏ, ସେଥିରୁ ମୋଟେ ସ୍ୱଳ୍ପ ଶତକରୁ ସ୍ଥଳେ କୋଷାରୁ ସୂତା କଟା ହୋଇଥାଏ । ବାକିତକ ବଙ୍ଗ, ବିହାର ଓ ମଧ୍ୟପ୍ରଦେଶ ଇତ୍ୟାଦି ପଡ଼ୋଶୀ ରାଜ୍ୟମାନଙ୍କୁ ରପ୍ତାନି ହୁଏ । ଏହାର ପ୍ରଧାନ କାରଣ ହେଉଛି ଆମ ରାଜ୍ୟରେ କଟାଳୀଙ୍କ ସଂଖ୍ୟା କମ ଓ ଅଧିକ ଉତ୍ପାଦନକ୍ଷମ ଯନ୍ତ୍ରପାତିର ଅଭାବ । ତେଣୁ ଏହି ଶିଳ୍ପର ପ୍ରସ୍ଥର ଏବଂ ପ୍ରସାର ପାଇଁ ଉନ୍ନତ ଯନ୍ତ୍ରପାତି ଯୋଗାଇବା ସଙ୍ଗେ ସଙ୍ଗେ କେତୋଟି ଭ୍ରାମ୍ୟମାଣ ଶିକ୍ଷକ ଦଳର ମଧ୍ୟ ବ୍ୟବସ୍ଥା ହୋଇଅଛି । ପାଳକମାନଙ୍କୁ ସୂତାକଟା ମଧ୍ୟ ଶିକ୍ଷା ଦିଆଯାଉଅଛି । ପ୍ରସ୍ତୁତ ସୂତାରୁ ଉତ୍କୃଷ୍ଟ କିସମର ଲୁଗା ବୁଣିବା ପାଇଁ ବୁଣାଳିମାନଙ୍କୁ ସମବାୟ ସୂତ୍ରରେ ସଂଗଠିତ କରି ସାହାଯ୍ୟ ଦେବାଲାଗି ଆର୍ଥିକ ବ୍ୟବସ୍ଥା ଓ କଟକଠାରେ ନକ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି । ତସର ବସ୍ତ୍ର ରଙ୍ଗୀ ନିମିତ୍ତ ବାରିପଦାରେ ମଧ୍ୟ ଗୋଟିଏ ରଙ୍ଗୀ କେନ୍ଦ୍ର ଖୋଲାଯାଇଅଛି ।

### ଏଣ୍ଡି ଶିଳ୍ପ

ଆମ ରାଜ୍ୟରେ ଏଣ୍ଡି ପାଳକଙ୍କ ସଂଖ୍ୟା ହାରାହାରି ସାତ ହଜାର । ବର୍ତ୍ତମାନ ଆମର ପ୍ରାୟ ୨୦୦ ଏଣ୍ଡି ସୂତାକଟାଳୀ ଓ ୫୦ଟି ଏଣ୍ଡି ତନ୍ତ ଅଛି । ଏହି ଶିଳ୍ପର ଆଶୁ ଉନ୍ନତି ପାଇଁ ବୈଜ୍ଞାନିକ ଗବେଷଣା ମଧ୍ୟ କରାଯାଉଅଛି ଓ ଖୋର୍ଦ୍ଧାଠାରେ ଗୋଟିଏ ବର୍ଦ୍ଧନ କେନ୍ଦ୍ରର ପ୍ରତିଷ୍ଠା କରାଯାଉଅଛି । ଶିକ୍ଷାକେନ୍ଦ୍ର ଓ ତାଲିମ ଦଳର ମଧ୍ୟ ବ୍ୟବସ୍ଥା ଅଛି ।

ଶେଷତଃ, ରାଜ୍ୟରେ ଏହି ରେଶମ ଶିଳ୍ପ ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ କୃଷକ ମେଳା ଜରିଆରେ ପ୍ରଚୁର କାମ ମଧ୍ୟ ହେଉଅଛି ।

ତସର ଓ ଏଣ୍ଡି ଶିଳ୍ପର ପ୍ରସାର ପାଇଁ ଯେଉଁମାନଙ୍କର ଆଗ୍ରହ ରହିଛି, ସେମାନେ ସମବାୟ ସମିତି ଗଠନ କରି ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ଏହି ଶିଳ୍ପର ପ୍ରସାର ନିମନ୍ତେ ଯେଉଁ ସବୁ ସୁବିଧା ଦିଆଯାଉଅଛି, ତାହା ସେମାନେ ପାଇ ପାରିବେ ।

# ଓଡ଼ିଶାରେ
# ଅମ୍ବର ଚରଖା ପ୍ରସାର ପାଇଁ ଯୋଜନା

## ଅମ୍ବର ଚରଖାର ଉଦ୍ଭାବନ

ଆମ ଦେଶର ବେକାର ସମସ୍ୟା ସମାଧାନ ତଥା ସାଧାରଣ ଲୋକଙ୍କ ଆୟ କ୍ଷୁଦ୍ର ପରିମାଣରେ ହେଲେ ମଧ୍ୟ ତାହା ବଢ଼ାଇବାପାଇଁ ଗାନ୍ଧୀଜୀ ଚିନ୍ତିତ ଥିଲେ ଏବଂ ସେଥିପାଇଁ ସେ ଚରଖା ସାହାଯ୍ୟରେ ସୂତା କାଟିବା ଉପରେ ଜୋର ଦେଇ ଆସିଥିଲେ । କାରଣ ଗାନ୍ଧୀଜୀ ଉପଲବ୍ଧି କରିଥିଲେ ଯେ ସାଧାରଣ ଲୋକଙ୍କର ଆୟ ନ ବଢ଼ିବା ପର୍ଯ୍ୟନ୍ତ ସାମ୍ୟବାଦ ସମାଜ ପ୍ରତିଷ୍ଠା କଳ୍ପନା ନିରର୍ଥକ ହୋଇ ପଡ଼ିବ । ମାତ୍ର ସେ ମଧ୍ୟ ଜାଣିଥିଲେ, ସାଧାରଣ ପ୍ରଚଳିତ ଚରଖାରେ ଦୈନିକ ଯେତେ ପରିମାଣର ସୂତା କଟାଯାଇ ପାରିବ, ସେଥିରେ ଆୟର ପରିମାଣ ଖୁବ୍ କମ ହେବ । ତେଣୁ ଉନ୍ନତ ଧରଣର ଚରଖା ଉଦ୍ଭାବନ ପାଇଁ ସେ ବାରମ୍ବାର ଶିଳ୍ପୀ ଓ କାରିଗରମାନଙ୍କୁ ଆହ୍ୱାନ କରିଥିଲେ ଏବଂ ଏଥିପାଇଁ ପୁରସ୍କାର ମଧ୍ୟ ଘୋଷଣା କରିଥିଲେ । ୧୯୨୯ ମସିହାରେ ଗାନ୍ଧୀଜୀଙ୍କ ପରାମର୍ଶକ୍ରମେ ନିଖିଳ ଭାରତ ଚରଖା ସଂଘ ଉନ୍ନତ ଧରଣର ଚରଖା ପ୍ରସ୍ତୁତ କରିବା ନିମନ୍ତେ ଏକ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ । ଦେଶବିଦେଶର ବହୁଲୋକ ନାନାପ୍ରକାର ନମୁନା ପଠାଇଥିଲେ ମଧ୍ୟ କୌଣସିଟିରେ ଗାନ୍ଧୀଜୀଙ୍କର ମନ ମାନି ନ ଥିଲା । ତାଙ୍କ ମହାପ୍ରୟାଣ ପରେ ମାନ୍ଦ୍ରାଜ ରାଜ୍ୟର ଏକାମ୍ବର ନାଥନ୍ ତାଙ୍କ ପରିକଳ୍ପିତ ଚରଖା ପ୍ରସ୍ତୁତ କରିବାରେ ସଫଳ ହୋଇଥିଲେ । ସେଇଥି ପାଇଁ ଏହାର ନାମ 'ଅମ୍ବର ଚରଖା' ରଖାଯାଇଛି । ଏଥିରେ ୧୩୦ ନମ୍ବର ସୂତା କଟା ଯାଇ ପାରିବ । ମଜବୁତ ଓ ସମାନତା ଦୃଷ୍ଟିରୁ ଏହି ସୂତା କଳସୂତା ସହିତ ସମକକ୍ଷ ହୋଇପାରିବ । ଜଣେ ଲୋକ କଷ୍ଟ କଲେ ଘଣ୍ଟାକେ ୩୦୦୦ ଗଜ ସୂତା କାଟିପାରିବ ।

## ଦ୍ୱିତୀୟ ଯୋଜନାରେ ଅମ୍ବର ଚରଖା

ପ୍ରାୟ ପଞ୍ଚବାର୍ଷିକ ଯୋଜନାର ପରିକଳ୍ପନାରେ ଭାରତରେ ମୋଟ ବାର୍ଷିକ ୮୧୦ କୋଟି ଗଜ ଲୁଗା ଦରକାର ହେବ ବୋଲି ଧରାଯାଇଛି । ତନ୍ମଧ୍ୟରୁ ବର୍ତ୍ତମାନ କଳ ୫୦୦ କୋଟି ଗଜ ଓ ହସ୍ତତନ୍ତ ତନ୍ତଦ୍ୱାରା ୧୬୦ କୋଟି ଗଜ ଉତ୍ପନ୍ନ କରାଯାଉଅଛି । ଅବଶିଷ୍ଟ ୧୫୦ କୋଟି ଗଜ ଲୁଗା ଅମ୍ବର ଚରଖାଦ୍ୱାରା ପ୍ରସ୍ତୁତ କରାଯାଇ ପାରିବ ବୋଲି ବର୍ତ୍ତମାନ ପ୍ରବଳ ଚେଷ୍ଟା ଚାଲିଛି । ଏହା ଲୋକମାନଙ୍କର ସହଯୋଗରେହିଁ ସମ୍ଭବପର ହୋଇ ପାରିବ ।

ହିସାବ କରି ଦେଖା ଯାଉଅଛି ଯେ ପଚିଶ ଲକ୍ଷ ଅମ୍ବର ଚରଖା ଚାଲୁ କରାଯାଇ ପାରିଲେ ଏହି ଲକ୍ଷ୍ୟରେ ପହଞ୍ଚିବା ସମ୍ଭବପର ହୋଇ ପାରିବ । ଭାରତବର୍ଷରେ ବର୍ତ୍ତମାନ ୪୭୩ଟି ଲୁଗାକଳ ଅଛି । ତହିଁରେ ୭୪ ଲକ୍ଷ ଲୋକ କାମ କରି ବର୍ଷକୁ ୫୦୦ କୋଟି ଗଜ ଲୁଗା ଉତ୍ପନ୍ନ କରନ୍ତି । ଅବଶିଷ୍ଟ ଦରକାର ପଡ଼ୁଥିବା ୧୫୦ କୋଟି ଗଜ ଲୁଗା ନିମନ୍ତେ ୯୦ଟି ନୂତନ ଲୁଗାକଳ ବସାଇବା ଦରକାର ହେବ ଓ ଏଥିରେ ପ୍ରାୟ ଦେଢ଼ ଲକ୍ଷ ଲୋକ କାମ କରି ପାରିବେ । କିନ୍ତୁ ୨୫ ଲକ୍ଷ ଅମ୍ବର ଚରଖା ଚଳାଇ ପାରିଲେ ୮୦ ଲକ୍ଷ ଲୋକଙ୍କର ଜୀବିକା ନିର୍ବାହ ହୋଇ ପାରିବ ଏବଂ ଜଣପିଛା ବାର୍ଷିକ ଆୟ ହାରାହାରି ଟ୨୯୭୯ ପଡ଼ିବ ।

## ଅମ୍ବର ଚରଖାରେ ବେକାରି ସମସ୍ୟାର ସମାଧାନ

ଅବଶ୍ୟ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ୨୫ ଲକ୍ଷ ଅମ୍ବର ଚରଖା ଦେଶରେ ଚାଲୁ କରାଇବା ନିମନ୍ତେ ମିଲ୍ ବସାଇବା ଅପେକ୍ଷା ଆମକୁ ଅଧିକ ମୂଳଧନ ଖଟାଇବାକୁ ପଡ଼ିବ । କିନ୍ତୁ ଭାରତବର୍ଷ ବର୍ତ୍ତମାନ ଯେଉଁ ବିରାଟ ବେକାର ସମସ୍ୟାର ସମ୍ମୁଖୀନ ହୋଇଛି, ଏହା ଦ୍ୱାରା ତାର କିଞ୍ଚିତ ସମାଧାନ ହୋଇ ପାରିବ ବୋଲି ଆଶା କରାଯାଏ । ଏହା ଭିନ୍ନ ଶିଳ୍ପ ସଂରକ୍ଷଣ ନିମନ୍ତେ ସରକାର ଅଜସ୍ର ଟଙ୍କା ଖର୍ଚ୍ଚ କରିଥିବା ବିରଳ ନୁହେଁ । ତେଣୁ ଶିଳ୍ପ ଅନୁଷ୍ଠାନକୁ ବଞ୍ଚାଇ ରଖିବାକୁ ହେଲେ ଏଥି ନିମନ୍ତେ ଯେ ଅଧିକ ଟଙ୍କା ବ୍ୟୟ କରିବାକୁ ପଡ଼ିବ, ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ । କିନ୍ତୁ ଏହା 'ଯେ କେବଳ ବିଦେଶୀ ବଣିକମାନଙ୍କ ସହିତ ପ୍ରତିଯୋଗିତା କରିବା ପାଇଁ ଶିଳ୍ପ ସଂରକ୍ଷଣ କରିବା ନିମନ୍ତେ କରାଯିବ ତାହା ନୁହେଁ, ଭାରତର ଜନସାଧାରଣଙ୍କ ସ୍ୱାର୍ଥଦୃଷ୍ଟିରୁ ଏପରି କରିବାକୁହିଁ ହେବ ।

ଏହି ଉଦ୍ଦେଶ୍ୟରେ ଭାରତ ସରକାର 'ଖଦି ଓ ଗ୍ରାମୋଦ୍ୟୋଗ କମିଶନ' ଗଠନ କରି ଅଛନ୍ତି । ଏମାନେ ଯୋଜନା ପ୍ରସ୍ତୁତ କରି ପ୍ରତ୍ୟେକ ରାଜ୍ୟରେ ଅନ୍ୟାନ୍ୟ କୁଟୀର ଶିଳ୍ପ ସହିତ ଅମ୍ବର ଚରଖା ଚାଲୁ କରାଇବାର ଭାର ଗ୍ରହଣ କରିଛନ୍ତି । ଓଡ଼ିଶା ରାଜ୍ୟରେ ରାଜ୍ୟ ସରକାରଙ୍କଦ୍ୱାରା ଗଠିତ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ରାଜ୍ୟ ମଧ୍ୟରେ ଗ୍ରାମ୍ୟଶିଳ୍ପ, ଅମ୍ବର ଚରଖା ଓ ଖଦି ଉତ୍ପାଦନ ଚାଲୁ କରାଇବାର ଭାର ଗ୍ରହଣ କରିଛନ୍ତି ।

## ଓଡ଼ିଶାରେ ଅମ୍ବର ଚରଖା ଚଳାଇବା ସମ୍ବନ୍ଧରେ ତାଲିମ ବ୍ୟବସ୍ଥା

ଏହି ଯୋଜନା ଅନୁସାରେ ରାଜ୍ୟ ମଧ୍ୟରେ ଦୁଇଟି ଅମ୍ବର ବିଦ୍ୟାଳୟ ସ୍ଥାପନ କରାଯାଇଅଛି । ଭୁବନେଶ୍ୱରଠାରେ ମହିଳାମାନେ ଓ ପୋଲସରା-ଠାରେ ପୁରୁଷମାନେ ଅମ୍ବର ଚରଖା ବିଷୟରେ ତାଲିମ ପାଇବା ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ବିଦ୍ୟାଳୟରେ ଏକକାଳୀନ ୫୦ ଜଣଙ୍କୁ ଶିକ୍ଷା ଦେବାର ବନ୍ଦୋବସ୍ତ ଅଛି । ଶିକ୍ଷାକାଳ ୬ ମାସ ଓ ପ୍ରତି ମାସରେ ଶିକ୍ଷାର୍ଥୀମାନେ ଟ ୪୦୲ କରି ବୃତ୍ତି ପାଆନ୍ତି । ଏମାନେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେବା ପରେ ଏମାନଙ୍କୁ ଗାଁଗହଳକୁ ପଠାଇ ଦିଆଯାଏ । ସେଠାରେ ସେମାନେ ପରିଶ୍ରମାଳୟ ଖୋଲି ଅମ୍ବର ବିଷୟରେ ଲୋକମାନଙ୍କୁ ଶିକ୍ଷା ଦିଅନ୍ତି । ପରିଶ୍ରମାଳୟ ଅମ୍ବର ଚରଖାରେ ସୂତା କାଟିବା ପାଇଁ ଗୋଟିଏ ତାଲିମ କେନ୍ଦ୍ର । ଶିକ୍ଷା ପାଇବାର ସମୟ ୩ ମାସ ଓ ସାଧାରଣତଃ ୧୦୦ ଜଣ ଶିକ୍ଷାର୍ଥୀଙ୍କୁ ଏକକାଳୀନ ନିଆଯାଇପାରେ । ଏକ ସ୍ଥାନରୁ ଅଧିକ ଶିକ୍ଷାର୍ଥୀ ନ ମିଳିଲେ ୫ ମାଇଲ ମଧ୍ୟରେ ଉପ-ପରିଶ୍ରମାଳୟ ମଧ୍ୟ ଖୋଲାଯାଇପାରେ । ଦଶ ଜଣ ଶିକ୍ଷାର୍ଥୀଙ୍କ ନିମନ୍ତେ ଜଣେ ଶିକ୍ଷକ ନିଯୁକ୍ତ ହୁଅନ୍ତି । ଏହି ୩ ମାସ ଶିକ୍ଷା ସମୟ ମଧ୍ୟରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଟ ୨୦୲ କରି ବୃତ୍ତି ଦିଆଯାଏ ଓ ଏମାନେ କାଟିଥିବା ସୂତା ସେମାନଙ୍କଠାରୁ ଉପଯୁକ୍ତ ଦରରେ ଖରିଦ କରି ନିଆଯାଏ । ଏହା ଭିନ୍ନ ପ୍ରତ୍ୟେକ ଶିକ୍ଷାର୍ଥୀ ନିମନ୍ତେ ପରିଶ୍ରମାଳୟକୁ ଟ ୩୫୲ କରି ଦିଆଯାଏ । ଶିକ୍ଷକମାନଙ୍କର ଦରମା, ଘରଭଡ଼ା ଓ ଅନ୍ୟାନ୍ୟ ବାଜେ ଖର୍ଚ୍ଚ ଏଥିରୁ କରିବାକୁ ପଡ଼େ । ସାଧାରଣତଃ ବର୍ଷ ମଧ୍ୟରେ ପ୍ରତ୍ୟେକ ପରିଶ୍ରମାଳୟରେ ୪ ଥର ଗ୍ରୁପ ଗ୍ରହଣ କରାଯାଏ । ଗୋଟିଏ ନୂତନ ପରିଶ୍ରମାଳୟ ନିମନ୍ତେ ସାଧାରଣତଃ ଅମ୍ବର ଚରଖା ଖର୍ଚ୍ଚ, ଯନ୍ତ୍ରପାତି, ଆସବାବ ନିମନ୍ତେ ଟ ୬୨୦୦୲ ମିଳେ । ୨ ଜଣ ଶିକ୍ଷାର୍ଥୀ ଏକକାଳୀନ ଗୋଟିଏ ଅମ୍ବର ଚରଖା ସେଟ୍‌ରେ ଶିକ୍ଷା ପାଇ ପାରନ୍ତି ।

## ଅମ୍ବର ଚରଖା ଚଳାଇବାକୁ ଚାହିଁଲେ କେଉଁଠିକି ଲେଖିବାକୁ ହେବ

ଯେକୌଣସି ଅଞ୍ଚଳରେ ଅମ୍ବର ଚରଖାରେ ସୂତା କାଟିବା ଶିକ୍ଷା ଦିଆଯାଇପାରେ । ଏଥିନିମନ୍ତେ

ଗ୍ରାମର ୫୨ ଜଣ ବ୍ୟକ୍ତି ଜଣେ ତାଲିମପ୍ରାପ୍ତ ଅମ୍ବର ଶିକ୍ଷକ ପଠାଇବା ପାଇଁ ଖଦି ଅର୍ଗାନାଇଜର, ଶେଖବଜାର, କଟକଙ୍କୁ ଦରଖାସ୍ତ କଲେ, ଅନୁସନ୍ଧାନ ପରେ ଏ ବିଷୟ କାର୍ଯ୍ୟକାରୀ କରାଯାଏ ।

## ଅମ୍ବର ଚରଖା କିପରି ଓ କେଉଁଠୁ ମିଳିବ

ଶିକ୍ଷାସଂପନ୍ନ ହେବାପରେ ପରିଶ୍ରମାଳୟ ଉତ୍ପାଦନ କେନ୍ଦ୍ରରେ ପରିଣତ ହୋଇଯାଏ । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଏଠାରୁ ଗୋଟିଏ ଲେଖାଏଁ ଅମ୍ବର ଚରଖା ସେଟ୍ ମିଳେ । ଏହାର ଦାମ ଟ ୧୨୭୭୫ ନୂଆ ପଇସା କଟାଳୀକୁ ପାଞ୍ଚବର୍ଷରେ ପରିଶୋଧ କରିବାକୁ ହେବ । ଯଦି କୌଣସି ତାଲିମପ୍ରାପ୍ତ କଟାଳୀ ୧୫୦୦ ଗୁଣ୍ଡି ସୂତା କାଟି କେନ୍ଦ୍ରକୁ ଭର୍ତ୍ତି କରି ପାରିବ, ତାହାହେଲେ ବୋର୍ଡ଼ର ଅନୁମତି ନେଇ ଚରଖା ଦାମର ଅଧା ତାକୁ ଛାଡ଼ ଦିଆଯିବ । କଟାଳୀ କେନ୍ଦ୍ରରୁ ତୁଳା ଖଣ୍ଡି କରି ନେବ ଓ ସୂତା କାଟି କେନ୍ଦ୍ରକୁ ଭର୍ତ୍ତି କରିବ । ପ୍ରତ୍ୟେକ ଉତ୍ପାଦନ କେନ୍ଦ୍ରରେ ସାଧାରଣତଃ ଜଣେ ମ୍ୟାନେଜର, ଜଣେ ତାଲିମପ୍ରାପ୍ତ କାରିଗର ଏବଂ ଜଣେ କିମ୍ବା ଦୁଇଜଣ ସାହାଯ୍ୟକାରୀ ଥାଆନ୍ତି ।

କାରିଗର ସୂତାକଟାଳୀମାନଙ୍କ ପାଖକୁ ଯାଇ ସେମାନଙ୍କର ଚରଖା ମରାମତି କରି ଦେଇ ଆସେ । ଅମ୍ବର ସୂତାରେ ଲୁଗା ବୁଣିବା ନିମନ୍ତେ ତନ୍ତୀମାନଙ୍କୁ ତାଲିମ ଦେବାର ବନ୍ଦୋବସ୍ତ କରାଯାଇଅଛି । ଏଥି ନିମନ୍ତେ ପ୍ରତ୍ୟେକ ବୁଣାଳି ଶିକ୍ଷାର୍ଥୀ ୩ ମାସ ପର୍ଯ୍ୟନ୍ତ ମାସିକ ଟ୩୦୲ କରି ବୃତ୍ତି ପାଇବ ।

## ଅମ୍ବର ମିସ୍ତ୍ରୀ

ଅମ୍ବର ମିସ୍ତ୍ରୀ ଶିକ୍ଷା ପାଇବା ନିମନ୍ତେ ଓଡ଼ିଶାରେ କୌଣସି ଅନୁଷ୍ଠାନ ନ ଥିବା ହେତୁ ବର୍ତ୍ତମାନ ପାଇଁ ସେମାନଙ୍କୁ ଓ୍ୱାର୍ଦ୍ଧା ଓ ନାସିକକୁ ପଠାଯାଉଅଛି । ଏମାନେ ସେଠାରେ ୩ ମାସ ଶିକ୍ଷା ପାଆନ୍ତି । ନାସିକ ଯିବା ଆସିବା ବାଟଖର୍ଚ୍ଚ ବ୍ୟତୀତ ଟ୭୫୲ ବୃତ୍ତି ପାଆନ୍ତି ।

## ଓଡ଼ିଶାର କେଉଁ କେଉଁ ସ୍ଥାନରେ ଅମ୍ବର ପରିଶ୍ରମାଳୟ ଖୋଲାଯାଇଛି

ନିମ୍ନଲିଖିତ ସ୍ଥାନମାନଙ୍କରେ ଅମ୍ବର ପରିଶ୍ରମାଳୟ ଖୋଲାଯାଇଅଛି :—

| (ସ୍ଥାନ) | (ଜିଲ୍ଲା) |
|---|---|
| ୧ । କୁମ୍ଭାରିଆ | ବାଲେଶ୍ୱର |
| ୨ । ପାସ୍ୱ | ଢେଙ୍କାନାଳ |
| ୩ । କାଇପଦର | ପୁରୀ |
| ୪ । ବାହାଡ଼ାଝୋଲ | ପୁରୀ |
| ୫ । ଦୋଲଗଡ଼ | ପୁରୀ |
| ୬ । ବଡ଼ ପଣ୍ଡୁପର | ପୁରୀ |
| ୭ । ସ୍ୱରାଜ ଆଶ୍ରମ | କଟକ |
| ୮ । ଧାରପୁର | କଟକ |
| ୯ । କେନ୍ଦ୍ରପାଟଣା | କଟକ |
| ୧୦ । କଲ୍ୟାଣପୁର | କଟକ |
| ୧୧ । କେଶନଗର | କଟକ |
| ୧୨ । ବଣ୍ଟ | କଟକ |
| ୧୩ । ନଗପଞ୍ଚୁର | କଟକ |
| ୧୪ । ଡାଲପଟିଆ | ସମ୍ବଲପୁର |
| ୧୫ । ସରଣ୍ଡା ପଲ୍ଲୀ | ସମ୍ବଲପୁର |
| ୧୬ । ଚନ୍ଦନାଭପୁର | ଗଞ୍ଜାମ |
| ୧୭ । ପଟଲମପୁର | ଗଞ୍ଜାମ |
| ୧୮ । ଗୋବରା | ଗଞ୍ଜାମ |
| ୧୯ । କୋଟପାଡ଼ | କୋରାପୁଟ |
| ୨୦ । କଣ୍ଡିଆଡ଼ା | କେନ୍ଦୁଝର |
| ୨୧ । ଖଲିଁସା | ବଲାଙ୍ଗୀର |
| ୨୨ । ମେର୍ଦା | ମୟୂରଭଞ୍ଜ |

ଉତ୍ପାଦନ କେନ୍ଦ୍ର :—

| (ସ୍ଥାନ) | (ଜିଲ୍ଲା) |
|---|---|
| ୧ । କୁମ୍ଭାରିଆ | ବାଲେଶ୍ୱର |
| ୨ । ଗୋଳଆ | ବାଲେଶ୍ୱର |
| ୩ । କେଶନଗର | କଟକ |



କଂଗ୍ରେସ ସଭାପତି ଧେବରଜୀ ଭୁବନେଶ୍ୱରଠାରେ ଅବସ୍ଥିତ ଅମ୍ବର ବିଦ୍ୟାଳୟର ଛାତ୍ରୀମାନଙ୍କ ଆଗରେ ଭାଷଣ ଦେଉଛନ୍ତି



ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ ଛାତ୍ରୀମାନଙ୍କର ଏକ ସଭାରେ ଭାଷଣ ଦେଉଛନ୍ତି

| | |
|---|---|
| ୪ । କଲ୍ୟାଣପୁର | କଟକ |
| ୫ । କେନ୍ଦ୍ରାପାଟଣା | କଟକ |
| ୬ । ଠାକୁରପାଟଣା | କଟକ |
| ୭ । ଧାଉପୁର | କଟକ |
| ୮ । ଘସିର | ପୁରୀ |
| ୯ । ବୋଲଗଡ଼ | ପୁରୀ |
| ୧୦ । ନୟାଗଡ଼ | ପୁରୀ |
| ୧୧ । ବେଗୁନିଆପଡ଼ା | ଗଞ୍ଜାମ |
| ୧୨ । ଗୋପ୍ତା | ଗଞ୍ଜାମ |
| ୧୩ । ଛଟଲମପୁର | ଗଞ୍ଜାମ |
| ୧୪ । ପଦ୍ମନାଭପୁର | ଗଞ୍ଜାମ |
| ୧୫ । କୋଟପାଡ଼ | କୋରାପୁଟ |
| ୧୬ । ଡାଲପଟିଆ | ସମ୍ବଲପୁର |
| ୧୭ । କାଇପଦର | ପୁରୀ |
| ୧୮ । ବାହାଡ଼ାଡୋଳା | ପୁରୀ |
| ୧୯ । ବଡ଼ ପଣ୍ଡୁସର | ପୁରୀ |

## ଆଜି ପର୍ଯ୍ୟନ୍ତ କେତେ ଲୋକ ତାଲିମ ପାଇଛନ୍ତି ଓ କେତେ ଉତ୍ପାଦନ ହୋଇଛି

ଏହି ଯୋଜନାରେ ଆମ ରାଜ୍ୟ ନିମ୍ନଲିଖିତରୂପେ ଅଗ୍ରଗତି କରିଅଛି :—

| | | |
|---|---|---|
| ୧ । ତାଲିମପ୍ରାପ୍ତ ଶିକ୍ଷକ | ... ୯୯ | |
| ୨ । ତାଲିମ ପାଉଥିବା ଶିକ୍ଷକ | ୧୦୦ | |
| ୩ । ଚରଖା ବଣ୍ଟାଯାଇଛି | ...୬୯୯୪ | |
| ୪ । ତାଲିମପ୍ରାପ୍ତ କଟାଳୀ (ଅମ୍ବର) | ୩୮୫୮ | |
| ୫ । ତାଲିମ ପାଉଥିବା କଟାଳୀ | ୧୬୫୧ | |
| ୬ । ଅମ୍ବର ସୂତା ଉତ୍ପାଦନ ହୋଇଛି | ... ୨୩,୩୩୩ | ପାଉଣ୍ଡ |
| ୭ । ଅମ୍ବର ଖଦୀ ଉତ୍ପାଦନ ହୋଇଛି | ... ୪୨,୬୩୯ | ବ. ଗ. |
| ୮ । ଅମ୍ବର ଓ ଚରଖା ସୂତା ଦ୍ୱାରା ଖଦୀ ଉତ୍ପନ୍ନ | ୨୯,୮୨୭ | ବ. ଗ. |
| ୯ । ଅମ୍ବର ଚରଖା ବଣ୍ଟାଯାଇଛି | ୩୧୫୯ | |
| ୧୦ । କାମ ଯୋଗାଇ ଦିଆଯାଇଛି | ୨୬୩ | ଜଣ |

## ଅମ୍ବର ଚରଖା ଚାଲିଲେ ମଧ୍ୟ ପ୍ରଚଳିତ ଚରଖା ରହିବ

ଅମ୍ବର ଚରଖା ଚାଲୁ କରାଯାଉଥିଲେ ସୁଦ୍ଧା ପ୍ରଚଳିତ ଚରଖା ବନ୍ଦ କରିବାର ପରିକଳ୍ପନା କରା ଯାଇନାହିଁ । ଅମ୍ବର ଚରଖା ସହିତ ଏହା ମଧ୍ୟ ଜଣେ ଖଦୀ ଅର୍ଗାନାଇଜରଙ୍କ ତତ୍ତ୍ୱାବଧାନରେ ପରିଚାଳିତ କରାଯାଉଅଛି । ଆଜି ପର୍ଯ୍ୟନ୍ତ ଆମ ରାଜ୍ୟରେ ଖଦୀ ଲୁଗା ବିକ୍ରୀ କରିବା ନିମନ୍ତେ କେତେକ ସ୍ଥାନରେ ଖଦୀ ଭଣ୍ଡାରମାନ ଖୋଲାଯାଇଥିଲା; କିନ୍ତୁ ଖଦୀ ଓ ଗ୍ରାମୋଦ୍ୟୋଗ ଉତ୍ପନ୍ନ ଦ୍ରବ୍ୟ ଏକତ୍ର ବିକ୍ରୀ କରିବାର ସୁବନ୍ଦୋବସ୍ତ କରିବା ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲା-ମାନଙ୍କରେ ଉତ୍କୃଷ୍ଟ ଧରଣର ବିକ୍ରୟ କେନ୍ଦ୍ରମାନ ସ୍ଥାପନ କରିବାର ବ୍ୟବସ୍ଥା କରାଯାଉଅଛି । ତନ୍ମଧ୍ୟରୁ କଟକ, ବ୍ରହ୍ମପୁର ଓ ବାଲେଶ୍ୱରରେ କାର୍ଯ୍ୟ ଆରମ୍ଭ ହୋଇସାରିଲାଣି । ଅନ୍ୟାନ୍ୟଗୁଡ଼ିକ ଖୁବ୍ ଶୀଘ୍ର ଖୋଲା ଯାଉଅଛି ।

ପ୍ରଚଳିତ ଚରଖାରେ ସୂତା ଉତ୍ପାଦନ କରି ଖଦୀ ପ୍ରସ୍ତୁତ କରିବା ନିମନ୍ତେ ରାଜ୍ୟ ମଧ୍ୟରେ ୨୨ଟି କେନ୍ଦ୍ର ଅଛି । ଅମ୍ବର ଚରଖା ଚାଲୁ ହେଲେ ମଧ୍ୟ ଏ କେନ୍ଦ୍ର-ଗୁଡ଼ିକର ଅଗ୍ରଗତିରେ କୌଣସି ବାଧା ଆସୁନାହିଁ; ଅଧିକନ୍ତୁ ଉତ୍ପାଦନ ବଢ଼ିବାରେ ଲାଗିଛି । ଲୋକ-ମାନଙ୍କର ସୁବିଧା ଦେଖାଇବା ନିମନ୍ତେ ରାଜ୍ୟ ଖଦୀ ବୋର୍ଡ଼ ଖୁବ୍ ଶୀଘ୍ର ବିଭିନ୍ନ ସ୍ଥାନରେ ଆଉ ୧୦ଟି କେନ୍ଦ୍ର ଖୋଲିବାର ବ୍ୟବସ୍ଥା କରୁଅଛନ୍ତି । ପ୍ରଚଳିତ ଚରଖାରେ ୧୯୫୭ ମସିହା ଶେଷ ସୁଦ୍ଧା କାର୍ଯ୍ୟ ନିମ୍ନଲିଖିତରୂପେ ଅଗ୍ରଗତି କରିଅଛି :—

| | | |
|---|---|---|
| ସୂତା ଉତ୍ପାଦନ | ... ୯୭,୨୫୮ | ପାଉଣ୍ଡ |
| ଖଦୀ ଉତ୍ପାଦନ | .. ୫,୨୫,୬୫୧ | ବ: ଗ: |
| କଟାଳୀଙ୍କ ସଂଖ୍ୟା | ... ୧୦,୬୭୦ | ଜଣ |
| ବୁଣାଳୀ ସଂଖ୍ୟା | ... ୮୦ | ଜଣ |

# ତାଳ ଓ ଖଜୁରୀ ଗୁଡ଼

ଆମ୍ଭ ଦେଶରେ ପ୍ରଧାନତଃ ଚାରୋଟି ମାତ୍ର ଗଛର ରସରୁ ଗୁଡ଼ ଉତ୍ପାଦନ କରାଯାଇପାରେ, ଯଥା:— (୧) ତାଳ, (୨) ଖଜୁରୀ, (୩) ସଲପ, ଓ (୪) ନଡ଼ିଆ ।

ତାଳ, ନଡ଼ିଆ ଓ ସଲପ ଗଛମାନଙ୍କର ଚଅଁର ଦେହରୁ ରସ ବାହାର କରାଯାଏ । ରସ ଆସିବା ଭଳି ଉପଯୁକ୍ତ ହେବାର ଜଣାଗଲେ ଚଅଁରର ଅଗଭାଗ ଆବଶ୍ୟକମତେ ଧନକୁ ଦୁଇ ଟେକରେ ଚଞ୍ଚାଯାଏ । ଅଗ୍ରଭାଗଟି ପେନ୍‌ସିଲ୍ କାଟିଲା ଭଳି କ୍ରମଶଃ ସୂକ୍ଷ୍ମ କରି ଚତୁଃପାର୍ଶ୍ୱରୁ କାଟିଲେ ରସ ବାହାରିବା ସହଜ ଓ ସ୍ୱଚ୍ଛନ୍ଦ ହୁଏ ।

ଖଜୁରୀ ଗଛରୁ ରସ ବାହାର କରିବା ପ୍ରଣାଳୀ ଭିନ୍ନ ପ୍ରକାରର । ଏ ଗଛରେ ଚଅଁର ଆସୁଥିଲେ ମଧ୍ୟ ଏହାର ଚଅଁର କାଟି ରସ ବାହାର କରାଯାଏ ନାହିଁ । ଗଛର ବେକପାଖରେ ଗୋଟିଏ ଅଂଶର ବାହୁଙ୍ଗା ସଫା କରି ସେହି ଅଂଶକୁ ଶାମ୍ଭ ଛୁରୀରେ ନିୟମିତ ଦୈନିକ ଥରେ ଲେଖାଏଁ ସନ୍ଧ୍ୟାପୂର୍ବରୁ ଚଞ୍ଚାଗଲେ ସେଥିରୁ ନିର୍ମଳ ସୁସ୍ୱାଦୁ 'ରସ' ବାହାରେ । ରସ ଧରିବା ପାଇଁ ବାଉଁଶ ନଳ ଓ ଖଜୁରୀର ପତ୍ର ମଧ୍ୟ ଦିଆଯାଏ । ଖଜୁରୀ ଗଛର ଯେଉଁ ପଟେ ଖରାଅଧିକ ରହିବାର ସମ୍ଭାବନା (ପୂର୍ବ ଓ ପଶ୍ଚିମ ପଟେ), ତାହା ଚଞ୍ଚାଯାଏ । ନଚେତ୍ ସୂର୍ଯ୍ୟକିରଣ ଅଭାବରୁ ଚଞ୍ଚା ଯାଇଥିବା ଜାଗା ନ ଶୁଖି ଗଛ ଓ ରସ ଉଭୟକୁ କ୍ଷତ କରିବାର ଆଶଙ୍କା ବହୁତର ଥାଏ ।

## ନୀରା

ରସ ନିର୍ମଳ, ବର୍ଣ୍ଣହୀନ ଓ ସୁସ୍ୱାଦୁ ଏବଂ ସେଥିରେ ଅଧିକ ଉତ୍ତାପ ଲାଗିଲେ ଅବା ବାସୀ ରଖାଗଲେ ଅଥବା ଖଟା ଜମା ସେହି ଜାତୀୟ କୌଣସି ଜୀବାଣୁର ସଂସ୍ପର୍ଶରେ ଆସିଲେ, ତାହା ଶୀଘ୍ର ଖଟା ହୋଇଯାଏ । ଏବଂ ସେଥିରେ ମାଦକତା ସୃଷ୍ଟି ହୋଇ ତାହା "ତାଡ଼ି"ରେ ପରିଣତ ହୋଇଥାଏ । ତେଣୁ ତାଳଗୁଡ଼ ଉତ୍ପାଦନକାରୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାବଧାନ କରା ଯାଇଥାଏ, ଯେପରି ବିଶୁଦ୍ଧ ରସକୁ ଖଟା ହୋଇ ଯିବାର ସୁବିଧା ଦିଆ ନ ଯାଏ । ମିଠା ଓ ବିଶୁଦ୍ଧ ରସରୁ ଉତ୍କୃଷ୍ଟ ଓ ଦୀର୍ଘଦିନସ୍ଥାୟୀ ଗୁଡ଼ ଉତ୍ପାଦନ କରାଯାଇଥାଏ ।

## କିପରି ନୀରା ସଂଗ୍ରହ କରାଯାଏ

ରସ ସଂଗ୍ରହ କରିବାପାଇଁ ମାଟିପାତ୍ର ବ୍ୟବହାର କରାଯାଏ । ଉକ୍ତ ପାତ୍ରଗୁଡ଼ିକ ସଚ୍ଛିଦ୍ର । ଏହି ଛୁଦ୍ର ଛିଦ୍ର ମଧ୍ୟରେ ରସର ଅଣୁମାନେ ରହିଯାନ୍ତି ଓ ବିଶୁଦ୍ଧ ରସକୁ ଖଟା କରି ଦିଅନ୍ତି । ଏଥିରୁ ରକ୍ଷା ପାଇବାପାଇଁ ନିମ୍ନଲିଖିତ ଉପାୟ ଅବଲମ୍ବନ କରାଯାଏ :—

୧ । ଛିଦ୍ରଗୁଡ଼ିକ ସିପ ଚୂନଦ୍ୱାରା ପୂର୍ଣ୍ଣ କରି ଦେବା ।

୨ । ଗଛରେ ଏହି ଚୂନଦିଆ ପାତ୍ର ଟାଙ୍ଗିବା ପୂର୍ବରୁ ତା ମଧ୍ୟରେ କିଛି ଚୂନପାଣି ଦେବା ।

୩ । ପ୍ରତିଦିନ ପାତ୍ରକୁ ଭଲଭାବେ ମାଜି ଧୋଇ ଶୁଖାଇବା ।

୪ । ଶୁଖିଲା ପାତ୍ରକୁ ନିଆଁର ଉତ୍ତାପ ମଧ୍ୟରେ କିଛି ସମୟ ରଖିବା ।

ଗୁଡ଼ ରାନ୍ଧିବା ପାଇଁ ନାନାସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଚୁଲି ବ୍ୟବହାର କରାଯାଇଥାଏ । ଆଜିକାଲି ତାଳଗୁଡ଼ ରାନ୍ଧିବା ପାଇଁ ନାନାପ୍ରକାର ବୈଜ୍ଞାନିକ ପ୍ରଣାଳୀର ସୃଷ୍ଟି (ଚୁଲି) ଉଦ୍ଭାବନ କରାଯାଉଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଜାଳେଣି ଖର୍ଚ୍ଚ କମାଇବା, ଗୁଡ଼ରନ୍ଧା ସ୍ଥାନକୁ ...

ହାଣ୍ଡିକୁ ରକ୍ଷା କରିବା । ଏହି ହାଣ୍ଡିକୁ ସଲ୍ଫର୍ ଧୂଆଁରେ, କଫାସ୍ଥିର୍ ଓ ମୁଫିଦ୍ ଇତ୍ୟାଦି ଲୁହାଯାଏ । ତାଳଗୁଡ଼ ଉତ୍ପାଦନକାରୀମାନେ ସାଧାରଣତଃ ସଲ୍ଫର୍ ଓ କଫାସ୍ଥିତ ହାଣ୍ଡିକୁ ପସନ୍ଦ କରନ୍ତି ।

ରସ ସଂଗ୍ରହ ପରେ ତାହା ମଧ୍ୟରେ ଥିବା କଚଡ଼ା, ମିମ୍ଲୁ ଓ ମାଛି ପ୍ରଭୃତିକୁ ସୂକ୍ଷ୍ମ ଛାଞ୍ଚଣି ସାହାଯ୍ୟରେ ଛାଣି ଦେବାକୁ ହୁଏ । ତା ପରେ କରେଇରେ ଦେଇ ଗରମ କରିବାକୁ ହୁଏ । ଉପଯୁକ୍ତ ପରିମାଣରେ ଗରମ ହୋଇଗଲେ ( ୬୦° ସେଣ୍ଟିଗ୍ରେଡ୍ ), ତାହା ଦେହରେ ମିଶିଥିବା ଚୂନକୁ ନଷ୍ଟ କରି ଦେବାପାଇଁ ରାସାୟନିକ ଦ୍ରବ୍ୟ,ଯଥା:– ଟ୍ରିପଲ୍,ସୁପରଫସ୍‌ଫେଟ ଓ ଫସ୍‌ଫେଟ୍ ଏବଂ ଫସ୍‌ଫରିକ ଏସିଡ୍ ଆବଶ୍ୟକୀୟ ପରିମାଣରେ ଦିଆଯାଇ ମିଶ୍ରକୁ ଘାଣ୍ଟି ଦିଆଯାଇଥାଏ । ଅଳ୍ପ ସମୟ ପରେ ମଇଳା ସବୁ ଉପରକୁ ଭାସିଉଠେ । ସେ ସବୁ ବାହାର କରି ଦିଆଗଲେ, ତାହା ଉତ୍ତମ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଏ । ଉକ୍ତ ଗରମ ମିଶ୍ରକୁ ଥଣ୍ଡା କରିଦେଲେ ତଳକୁ ଚୂନ ଓ ଅନ୍ୟାନ୍ୟ ମଇଳା ବସିଯାଏ । ନିର୍ମଳ ମିଶ୍ରକୁ ବାହାର କରି ନେଇ ପୁଣି ଗୁଡ଼ ରନ୍ଧାଯାଏ । ଉକ୍ତ ନିର୍ମଳ ମିଶ୍ରରେ ସିରପ୍, ଦାନାଗୁଡ଼, ରାବ, ପଟାଳି, ଶକ୍ତ ଇଟାଗୁଡ଼ ଓ ମିଶ୍ରପ୍ରାସ୍ ଇତ୍ୟାଦି ତିଆରି କରାଯାଇଥାଏ ।

ତାଳଗୁଡ଼ ଆମେ ମିଠା ପାଇଁ ଖାଉଁ । ଏହା ବ୍ୟତୀତ ସେଥିରେ ଆମର ଶରୀର ପାଇଁ ଉପକାରୀ ଅନ୍ୟ କେତେକ ଜିନିଷ ଅଛି; ଯଥା—ପ୍ରୋଟିନ୍, ଫ୍ୟାଟ୍, କାର୍ବୋହାଇଡ୍ରେଟ୍, ଗ୍ଲୁକୋଜ୍, କାଲସିଅମ୍, ଓ ଫସ୍‌ଫରସ ଇତ୍ୟାଦି ।

## ତାଳଗୁଡ଼ ବ୍ୟବହାର ଦ୍ୱାରା କି କି ଲକ୍ଷ୍ୟ ସାଧିତ ହେବ

ଏତଦ୍‌ଭିନ୍ନ ତାଳଗୁଡ଼ ବ୍ୟବହାର ଦ୍ୱାରା ନିମ୍ନଲିଖିତ ଲକ୍ଷ୍ୟ ସାଧନ ହୋଇ ପାରୁଛି :—

୧ । ତାଳଗୁଡ଼ ଶିଳ୍ପ ଜରିଆରେ ଲକ୍ଷ ଲକ୍ଷ ଶ୍ରମିକମାନଙ୍କର କର୍ମସଂସ୍ଥାନ କରାଯାଇ ପାରୁଛି । ଶ୍ରମର ମୂଲ୍ୟ ସାଧାରଣ ମଜୁରିର ପ୍ରାୟ ୨ ଗୁଣରୁ କମ୍ ହେଉନାହିଁ ।

୨ । ତାଳଗୁଡ଼ ଉତ୍ପାଦନ ପାଇଁ ଆବଶ୍ୟକ ସରଞ୍ଜାମ ଓ ପୁଞ୍ଜି ଖୁବ୍ କମ୍ ଦରକାର । ଜଣପିଛା ପ୍ରାୟ ୫୫୦୲ ଦରକାର ହୁଏ, ଯାହାକି ଆମର ଯୋଜନା ମାଧ୍ୟମରେ ସାହାଯ୍ୟ ଆକାରରେ ଦିଆଯାଇଥାଏ । ଗ୍ରାମର କମାର ଓ କୁମ୍ଭାରମାନେ ସାମୟିକ ଜୀବିକା ପାଇ ପାରୁଛନ୍ତି ।

୩ । ନିଶା ନିବାରଣ ଯୋଜନାରେ ଲକ୍ଷ ଲକ୍ଷ ବେକାର ଲୋକଙ୍କୁ କାମ ଯୋଗାଇ ଦିଆଯାଇ ପାରୁଛି ।

୪ । ତାଳ, ଖଜୁରି ଓ ସଲପ ଗଛ ରୁଆ ପାଇଁ ଭଲ ଜମି, ପାଣି କିମ୍ବା ଖତର ପ୍ରୟୋଜନ ନାହିଁ । ଶ୍ରମର ବିଶେଷ ଆବଶ୍ୟକତା ମଧ୍ୟ ନାହିଁ; ଅଥଚ ଏଥିରୁ ଦେଶର ଚିନି, ଗୁଡ଼ ସମସ୍ୟା ଆଂଶିକ ଭାବରେ ସମାଧାନ ହୋଇପାରୁଛି ।

## ତାଳଗୁଡ଼ ଯୋଜନା ଆମ ରାଜ୍ୟରେ କିପରି ପ୍ରସାର ହେଉଛି

ଏହି ଯୋଜନାଟି ଆମ ରାଜ୍ୟରେ ଏକ ତାଳଗୁଡ଼ ସମିତି ଜରିଆରେ କାର୍ଯ୍ୟକାରୀ କରାଯାଉଛି । ନିମ୍ନଲିଖିତରୂପେ ତିନି ପ୍ରକାରରେ ସାଧାରଣତଃ ସାହାଯ୍ୟ ଦିଆଯାଇଥାଏ :—

୧ । ସାଧାରଣ ତାଳଗୁଡ଼ ଯୋଜନା,
୨ । ଉନ୍ନତ ତାଳଗୁଡ଼ କେନ୍ଦ୍ର, ଏବଂ
୩ । ଆଦିବାସୀ ବହୁଳ ଅଞ୍ଚଳ ତାଳଗୁଡ଼-ଯୋଜନା ।

ସାଧାରଣ ତାଳଗୁଡ଼ ଯୋଜନାର ଏକକାଳୀନ ଖର୍ଚ୍ଚ ଓ ଦୈନନ୍ଦିନ ଖର୍ଚ୍ଚର ଏକ-ତୃତୀୟାଂଶ 'ଖଦୀ ବୋର୍ଡ଼' ରାଜ୍ୟ ସରକାରଙ୍କଠାରୁ ପାଉଥିବା ସାହାଯ୍ୟ

ମଧ୍ୟରୁ ବହନ କରନ୍ତି ଓ ସାଧାରଣ ଖର୍ଚ୍ଚର ଦୁଇ-ତୃତୀୟାଂଶ 'ଖଦି କମିଶନ' ବହନ କରିଥାନ୍ତି । ସମିତିର ପରିଚାଳନା ଖର୍ଚ୍ଚ, ଉନ୍ନତ ଧରଣର ଗୁଡ଼ ସିଝିବା ଓ ଗଛ କାଟିବା ପାଇଁ ଉତ୍ପାଦକମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା, ଅଧା ଖର୍ଚ୍ଚରେ ଗୁଡ଼ରନ୍ଧା ଉପକରଣ ଓ ରାସାୟନିକ ଦ୍ରବ୍ୟ ଇତ୍ୟାଦି ଯୋଗାଇଦେବା ଏବଂ ସହଯୋଗ ସମିତିମାନଙ୍କର ପରିଚାଳନା ଖର୍ଚ୍ଚର ବ୍ୟବସ୍ଥା କରିବା ଏହି ଯୋଜନାର ଅନ୍ତର୍ଭୁକ୍ତ ।

## କି କି ସାହାଯ୍ୟ ଦିଆଯାଉଛି

ଏ ପର୍ଯ୍ୟନ୍ତ ଏହି ଯୋଜନାନୁଯାୟୀ ବିଭିନ୍ନ ସ୍ଥାନମାନଙ୍କରେ ଶିକ୍ଷା ଶିବିରମାନ ଖୋଲାଯାଇ ଉତ୍ପାଦକମାନଙ୍କୁ ଶିକ୍ଷା ଦିଆଯାଉଥିଲା । ଶିକ୍ଷା ସମୟ ଶେଷ ପରେ ଶିକ୍ଷାର୍ଥୀମାନଙ୍କୁ ଗୁଡ଼ରନ୍ଧା ଉପକରଣ ଏକ ସେଟ୍ ମାଗଣା ଦିଆଯାଉଥିଲା । କିନ୍ତୁ ଚଳିତ ବର୍ଷ ଗୋଟିଏ ରାଜ୍ୟ ତାଳଗୁଡ଼ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି । ବିଭିନ୍ନ ସ୍ଥାନରୁ ଉତ୍ପାଦକମାନେ ଆସି ଏଠାରେ ଦୁଇ ମାସ ଶିକ୍ଷା ପାଇବେ । ଏହି ଶିବିରରେ ଶିକ୍ଷାଲାଭ କରିବା ନିମନ୍ତେ ପ୍ରାର୍ଥୀଙ୍କର ପ୍ରାଥମିକ ଜ୍ଞାନ; ଯଥା—ଗଛ ଚଢ଼ିବା ଓ କାଟିବା ଜ୍ଞାନ ଥିବା ଆବଶ୍ୟକ । ଶିକ୍ଷାଲାଭ ନିମନ୍ତେ ପ୍ରାର୍ଥୀମାନେ 'ଉତ୍କଳ ତାଳଗୁଡ଼ ସମିତି'ର ସଂଗଠକଙ୍କ ସଙ୍ଗରେ ପତ୍ର ଆଦାନ ପ୍ରଦାନ କଲେ ବିଶଦ ବିବରଣୀ ପାଇପାରିବେ ।

ଉନ୍ନତ ତାଳଗୁଡ଼ କେନ୍ଦ୍ର ଯୋଜନାନୁଯାୟୀ 'ଖଦି ଓ ଗ୍ରାମୋଦ୍ୟୋଗ କମିଶନ' ବିଭିନ୍ନ ଇଉନିଟ୍ ଜରିଆରେ ଯଥେଷ୍ଟ ଅର୍ଥ ଦେଇଅଛନ୍ତି । ଏହିଗୁଡ଼ିକ ନିମ୍ନରେ ଦିଆଗଲା ।

ଶିକ୍ଷା କେନ୍ଦ୍ର :—ପୂର୍ବରୁ କୁହାଯାଇଥିବା ଅନୁଯାୟୀ ଉତ୍ପାଦକମାନଙ୍କୁ ଦୁଇ ମାସ ଶିକ୍ଷା ଦିଆଯାଏ । ଶିକ୍ଷା ସମୟରେ ସେମାନଙ୍କୁ ବୃତ୍ତି ଦିଆଯାଇଥାଏ । ଶିକ୍ଷା ପରେ ଶିକ୍ଷାର୍ଥୀମାନଙ୍କୁ ଗୁଡ଼ରନ୍ଧା ଉପକରଣ ଯୋଗାଇ ଦିଆଯାଏ ।

ପ୍ରଚାର କେନ୍ଦ୍ର :—ଏପରି କେନ୍ଦ୍ର ପୁରୀ ସହରରେ ଗୋଟିଏ ସ୍ଥାପିତ ହୋଇଛି । ଏହି କେନ୍ଦ୍ର ଦ୍ୱାରା ନିକଟସ୍ଥ ତାଳଗୁଡ଼ କେନ୍ଦ୍ରମାନଙ୍କର ଉତ୍ପନ୍ନ ସବୁ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଠାରେ କିଣିବାକୁ ପାଇବେ :—

୧ । ତାଳ, ଖଜୁରି ଓ ସଲପ ଗୁଡ଼, ଚିନି, ମିଶ୍ରି ଓ ସିରପ୍ ।

୨ । ନୀରା ଓ ନୀରାପ୍ରାସ ।

୩ । ତାଳପତ୍ରର ନାନାପ୍ରକାର ହାତତିଆରି ଜିନିଷ ।

୪ । ଅନ୍ୟାନ୍ୟ ତାଳ ଜାତୀୟ ପଦାର୍ଥ, ଯଥା :— ବାଡ଼ି, ଚପଲ ଇତ୍ୟାଦି ।

ଏହାଛଡ଼ା ଉକ୍ତ କେନ୍ଦ୍ରରେ ସାଧାରଣଙ୍କ ଦେଖିବା ଲାଗି ତାଳଗୁଡ଼, ଚିନି ଓ ଅନ୍ୟାନ୍ୟ ଜିନିଷର ତିଆରି ପ୍ରଣାଳୀ ଓ ଅନ୍ୟାନ୍ୟ ଉପକରଣମାନ ବ୍ୟବସ୍ଥା ହୋଇଅଛି ।

'କ' ଶ୍ରେଣୀ ଉତ୍ପାଦନ କେନ୍ଦ୍ର :—ଉକ୍ତ କେନ୍ଦ୍ରରେ ଅନ୍ତତଃ ୫୦ ଜଣ ଉତ୍ପାଦକ ରହିବା ଦରକାର । ସେମାନଙ୍କୁ ଗୁଡ଼ ସିଝିବା ଓ ଚିନି ପ୍ରସ୍ତୁତ କରିବାର ଯାବତୀୟ ଉପକରଣ ଋଣ ଓ ସାହାଯ୍ୟ ସୂତ୍ରରେ ଯୋଗାଇ ଦିଆଯାଏ । ସେମାନଙ୍କର କାର୍ଯ୍ୟ ତଦାରଖ କରିବା ଓ ଅନ୍ୟାନ୍ୟ ସୁବିଧା କରିଦେବା ନିମିତ୍ତ ଅଭିଜ୍ଞ କର୍ମଚାରୀମାନଙ୍କୁ ରଖାଯାଇ ସେମାନଙ୍କର ପରିଚାଳନା ଖର୍ଚ୍ଚ ଦିଆଯାଏ ।

'ଖ' ଶ୍ରେଣୀ ଉତ୍ପାଦନ କେନ୍ଦ୍ର :—ଏ ପ୍ରକାର କେନ୍ଦ୍ର ଉଲ୍ଲିଖିତ କେନ୍ଦ୍ର ପରି ସବୁ ସୁବିଧା ପାଆନ୍ତି । କିନ୍ତୁ ତଫାତ୍ ହେଉଛି, ଏଥିରେ ୨୦ ଜଣ ଉତ୍ପାଦକ ରହିଲେ କେନ୍ଦ୍ର ଖୋଲାଯାଇ ପାରିବ ।

ସ୍ୱତନ୍ତ୍ର ଉତ୍ପାଦନ କେନ୍ଦ୍ର :—ଏ ପ୍ରକାର କେନ୍ଦ୍ରରେ ଅନ୍ୟୂନ ୫୦ ଜଣ ଉତ୍ପାଦକ ରହିବା

ଦରକାର । 'ଖ' ଶ୍ରେଣୀ କେନ୍ଦ୍ରମାନଙ୍କ ପରି ଏହି କେନ୍ଦ୍ରକୁ ଆବଶ୍ୟକ ପରିମାଣ ଉପକରଣ, ଋଣ ଓ ସାହାଯ୍ୟ ଯୋଗାଇଦେବା ଓ ପରିଚାଳନା ଖର୍ଚ୍ଚ ଦେବାର ବ୍ୟବସ୍ଥା ଅଛି । ଏହା ବ୍ୟତୀତ ଏହି କେନ୍ଦ୍ରମାନଙ୍କୁ କେତେକ ବିଶେଷ ସୁବିଧା ଦିଆଯାଇଥାଏ । ତାହା ହେଉଛି ଗୋଦାମଘର ନିର୍ମାଣ ଓ କେନ୍ଦ୍ରର ସମସ୍ତ ଦ୍ରବ୍ୟ କିଣାବିକା ପାଇଁ ଖଣ୍ଡିଏ ଟ୍ରକ ନିମିତ୍ତ ସାହାଯ୍ୟ ଦେବା । ଉକ୍ତ ସାହାଯ୍ୟ ଅଧା ଋଣ ଓ ଅଧା ସାହାଯ୍ୟ ସୂତ୍ରରେ ଦିଆଯାଏ । ଏହି କେନ୍ଦ୍ର ନିଜର ଜିନିଷ କିଣାବିକା କରିବା ସଙ୍ଗେ ସଙ୍ଗେ ନିକଟସ୍ଥ କେନ୍ଦ୍ରମାନଙ୍କର ଉତ୍ପନ୍ନ ବିକ୍ରୟ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ତେଣୁ ଏହି କେନ୍ଦ୍ର ତାଳଗୁଡ଼ ସମିତି ଓ କେନ୍ଦ୍ର ବହୁଳ ଅଞ୍ଚଳର କେନ୍ଦ୍ର ସ୍ଥାନରେ ହୋଇଥାଏ ।

'ଗ' ଶ୍ରେଣୀ ସମବାୟ ସମିତି :—ତାଳଗୁଡ଼ ସମିତିମାନଙ୍କୁ ଅଧା ଋଣ ଓ ଅଧା ସାହାଯ୍ୟ ସୂତ୍ରରେ ଉନ୍ନତ ଧରଣର କଡ଼େଇ ଓ ଅନ୍ୟାନ୍ୟ ଉପକରଣ ଗୁଡ଼ ରାନ୍ଧିବା ସକାଶେ ଦିଆଯାଇଥାଏ ।

'ଘ' ଶ୍ରେଣୀ ସମବାୟ ସମିତି :—ତାଳଗୁଡ଼ ସମିତିମାନଙ୍କୁ ଉନ୍ନତ ଧରଣର ଦାନା ପ୍ରସ୍ତୁତକାରୀ ଯନ୍ତ୍ର ଓ ଚିନି ତିଆରି କରିବା ଯନ୍ତ୍ର ଅଧା ଋଣ ଓ ଅଧା ସାହାଯ୍ୟ ସୂତ୍ରରେ ଯୋଗାଇ ଦିଆଯାଇଥାଏ ।

ତାଳଗୁଡ଼ ଓ ଅନ୍ୟାନ୍ୟ ତାଳଜାତ ବିକ୍ରୟ କେନ୍ଦ୍ର :—ରାଜ୍ୟର ବିଭିନ୍ନ ସ୍ଥାନମାନଙ୍କରେ ତାଳଗୁଡ଼ ଓ ଅନ୍ୟାନ୍ୟ ତାଳଜାତ ଦ୍ରବ୍ୟର ପ୍ରସାର ଓ ବିକ୍ରୟ ନିମିତ୍ତ ବିକ୍ରି କେନ୍ଦ୍ର ସ୍ଥାପନ କରାଯାଏ । ଏହି କେନ୍ଦ୍ର ଚଳାଇବା ପାଇଁ କେବଳ ପରିଚାଳନା ଖର୍ଚ୍ଚ ଦିଆଯାଏ ।

ରୋପଣ କେନ୍ଦ୍ର :—ତାଳ, ଖଜୁରି ଗଛ ପ୍ରଚୁର ପରିମାଣରେ ଲଗାଇ ଉତ୍ପାଦକମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପ୍ରତି କେନ୍ଦ୍ରକୁ ୧୦୦୦ ଗଛ ଲଗାଇବା ନିମିତ୍ତ ଟଙ୍କା ସାହାଯ୍ୟ ଦିଆଯାଇଥାଏ ।

ବସ୍ତି ନିର୍ମାଣ କେନ୍ଦ୍ର :—ଆମ୍ଭ ରାଜ୍ୟରେ ତାଳଗୁଡ଼ ଉତ୍ପାଦକମାନେ ସାଧାରଣତଃ ଗରିବ । ସେମାନେ ବିକ୍ଷିପ୍ତ ଭାବରେ ବାସ କରୁଥାନ୍ତି । ସେମାନଙ୍କୁ ଉପଯୁକ୍ତ ବାସଗୃହ ଯୋଗାଇ ଗୋଟିଏ ସ୍ଥାନରେ ଅନ୍ୟୂନ ୨୦ ଜଣଙ୍କୁ ନେଇ ଗୋଟାଏ ଗୋଟାଏ ବସ୍ତି ନିର୍ମାଣ କରାଯିବାର ବ୍ୟବସ୍ଥା ହୋଇଛି । ପ୍ରତି ବସ୍ତି ପାଇଁ ପ୍ରାୟ ୧୦ ହଜାର ଟଙ୍କା ସାହାଯ୍ୟ ସୂତ୍ରରେ ଦେବାର ବ୍ୟବସ୍ଥା କରାଯାଇଛି ।

ଆଧୁନିକ ନୀରା ସରବତ କେନ୍ଦ୍ର :—ପୂର୍ବରୁ କୁହାଯାଇଛି ଯେ ତାଳ, ଖଜୁରି, ନଡ଼ିଆ ଓ ସଲପ ଗଛର ରସକୁ ନୀରା କୁହାଯାଏ । ଏହା ପାଣି ପରି ନିର୍ମଳ, ପଣାପରି ମିଠା, ସରବତ ପରି ରୁଚିକର, ଘୃ ପରି ତାଜାକାରୀ, ପାୟସ ପରି କ୍ଷୁଧା-ନିବାରକ, ଦୁଧପରି ପୁଷ୍ଟିକର ଏବଂ ସର୍ବୋପରି ସୁଗନ୍ଧଯୁକ୍ତ ଓ ମନୋମୁଗ୍ଧକର । ସୁସ୍ୱାଦୁ ପାନୀୟ ଭାବରେ ଏହା ସବୁଠାରୁ ଶସ୍ତା । ଆମ୍ଭ ଦେଶର ଲୋକମାନେ ନୀରାକୁ ତାଡ଼ି ବୋଲି କହିଥାନ୍ତି ଓ ଏହାର ଖାଦ୍ୟ-ସମ୍ପଦ ପ୍ରତି ଅବହିତ ନ ରହି ସ୍ୱାସ୍ଥ୍ୟ-ହାନିକର ଜିନିଷ ପ୍ରତି ସଜାଗ ଥାଆନ୍ତି । ଏହି ଭ୍ରାନ୍ତ ଧାରଣା କ୍ରମଶଃ ଦୂର ହେବାର ଦେଖାଯାଉଛି । ପରୀକ୍ଷା ସ୍ୱରୂପ କେତେକ ସ୍ଥାନରେ ନୀରା କେନ୍ଦ୍ର ସ୍ଥାପନ କରାଯାଇ ଦେଖାଯାଉଛି ଯେ ନୀରାପାନ ପ୍ରତି ସାଧାରଣଙ୍କର ଆଗ୍ରହ ଦିନକୁ ଦିନ ବଢୁଛି । ତେଣୁ ଖୁବ୍ ଉନ୍ନତ ଧରଣର ଗୋଟିଏ ନୀରା କେନ୍ଦ୍ର ସ୍ଥାପନ କରିବାପାଇଁ ବ୍ୟବସ୍ଥା କରାଯାଉଛି । ନୀରା ଯେପରି ବେଶି ସମୟ ଖଟା ନ ହୋଇ ରହିପାରିବ, ସେଥିପାଇଁ ଖୁବ୍ ଉନ୍ନତ ଧରଣର ପାତ୍ର ମଧ୍ୟରେ ରଖି ବିକ୍ରି କରିବାର ବନ୍ଦୋବସ୍ତ କରାଯାଉଛି । ଏହି କେନ୍ଦ୍ର ପାଇଁ ପ୍ରାୟ ଟ ୨୯,୩୫୦୯ ଖାଦି କମିଶନ ମଞ୍ଜୁର କରିଛନ୍ତି ।

ଆଦିବାସୀବହୁଳ ଅଞ୍ଚଳମାନଙ୍କରେ ଏହି ତାଳଗୁଡ଼ ଯୋଜନା କାର୍ଯ୍ୟକାରୀ କରିବା ନିମିତ୍ତ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଥାନ୍ତି । ସାଧାରଣ ତାଳଗୁଡ଼ ଯୋଜନା ଅନୁଯାୟୀ ଏଥିରେ ମଧ୍ୟ ଉତ୍ପାଦକମାନଙ୍କୁ ଶିକ୍ଷା ଓ ମାଗଣାରେ ଯନ୍ତ୍ରପାତି ଯୋଗାଇବାର ବ୍ୟବସ୍ଥା ଥାଏ । ଉତ୍ପାଦକମାନଙ୍କର ଉତ୍ପାଦିତ ଜିନିଷପତ୍ରମାନ କ୍ରୟ ବିକ୍ରୟ କରିବା ନିମିତ୍ତ ଋଣ ଦିଆଯିବାର ମଧ୍ୟ ବ୍ୟବସ୍ଥା ଅଛି ।

## ଓଡ଼ିଶାରେ ତାଳଗୁଡ଼ ଉତ୍ପାଦନ

୧୯୫୦ ମସିହାରେ ତାଳଗୁଡ଼ ଯୋଜନା ପ୍ରଥମେ ଢେଙ୍କାନାଳ ଜିଲ୍ଲାରେ ମାତ୍ର ଗୋଟିଏ କେନ୍ଦ୍ରରେ ଆରମ୍ଭ ହୋଇଥିଲା । ତାହା ଏବେ ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ, କୋରାପୁଟ, କେନ୍ଦୁଝର ଓ ସମ୍ବଲପୁର ଜିଲ୍ଲାରେ ପ୍ରସାର ଲାଭ କରି ଶତାଧିକ ଉତ୍ପାଦନ କେନ୍ଦ୍ରରେ କାର୍ଯ୍ୟକାରୀ ହେଉଅଛି । ଏହା ବ୍ୟତୀତ କଟକ ଓ ପୁରୀ ଜିଲ୍ଲାରେ ପ୍ରାୟ ୨୦ ଗୋଟି ତାଳଗୁଡ଼ ସହଯୋଗ ସମିତି ଗଠନ ହୋଇଗଲାଣି ଏବଂ ଏହା କ୍ରମଶଃ ବୃଦ୍ଧି ପାଇବାର ଆଶା କରାଯାଉଅଛି । ଏହି ସହଯୋଗ ସମିତିର ପ୍ରତିନିଧି ଓ କେତେକ ସରକାରୀ ଓ ବେସରକାରୀ ବ୍ୟକ୍ତିମାନଙ୍କୁ ନେଇ ଏକ ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଗଠନ କରାଯିବାର ପ୍ରାଥମିକ ଆୟୋଜନ ହୋଇଗଲାଣି ଏବଂ ଏହା ଶୀଘ୍ର ଗଠନ ହୋଇଯିବାର ଆଶା କରାଯାଏ । ଉକ୍ତ ସଂଘ ରାଜ୍ୟର ତାଳଗୁଡ଼ ଯୋଜନାଟିକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନେବେ ।

୧୯୫୭-୫୮ ସୁଦ୍ଧା ଉତ୍କଳ ତାଳଗୁଡ଼ ସମିତି ଜରିଆରେ ତାଳଗୁଡ଼ ଯୋଜନାରେ ନିମ୍ନଲିଖିତ ପ୍ରକାରରେ କାର୍ଯ୍ୟ ହୋଇ ସାରିଛି :—

ତାଲିମପ୍ରାପ୍ତ ଉତ୍ପାଦନକାରୀ— ୨୧୦ ଜଣ

ତାଳଗୁଡ଼ ତିଆରି ହୋଇଥିବା ପରିମାଣ—

ମ° ୦୭୫।୧୩ + ମ୬୦୫।୩୩ = ମ° ୭୩।୧।୬

ତାଳଚିନି ତିଆରି ହୋଇଥିବା ପରିମାଣ—

ମ ୧। ୪ + ମ ୧୫।୩୬ = ମ ୧୬।୧୦

ନାଗ ବିକ୍ରିର ପରିମାଣ— ୩୨୦୮¾ ଗ୍ୟାଲନ

ନିରାପାନ୍ ବିକ୍ରିର ପରିମାଣ— ୧୦୮୪୫ ବୋତଲ

ଏହି ଯୋଜନାରେ ୧୯୫୭-୫୮ ଆର୍ଥିକ ବର୍ଷରେ ୨୩୯ ଜଣ ଆଂଶିକଭାବେ ଓ ୪୭ ଜଣ ପୂର୍ଣ୍ଣଭାବେ କାର୍ଯ୍ୟ ପାଇ ପାରିଛନ୍ତି ।

ଖଜୁରୀ ଓ ତାଳ ଗଛବହୁଳ ସ୍ଥାନର ଲୋକେ ଏ ବିଷୟରେ ଆଗ୍ରହୀ ହୋଇ ଗୁଡ଼ ପ୍ରସ୍ତୁତ କରିବା ବାଞ୍ଛନୀୟ । ଏଥି ନିମନ୍ତେ ଅର୍ଗାନାଇଜର, ତାଳଗୁଡ଼ ସମିତି, ବିହାରୀବାଗ୍, କଟକକୁ ଦରଖାସ୍ତ କଲେ ସେ ମହାଶୟ ଲୋକ ପଠାଇ ସମସ୍ତ ବନ୍ଦୋବସ୍ତ କରିଦେବେ ଓ ଯାହା ସାହାଯ୍ୟ ଦରକାର, ତାହା ମଧ୍ୟ ଦେବେ ।



# ଘଣା ତେଲ ଉଦ୍ୟୋଗର ପ୍ରସାର

ଶ୍ରୀ ଉପେନ୍ଦ୍ର ପ୍ରସାଦ ଦାସ

ଶରୀରରକ୍ଷା ତଥା ପୁଷ୍ଟିସାଧନ ପାଇଁ ଖାଣ୍ଟି ତେଲର ଯେ ଆବଶ୍ୟକତା ରହିଛି, ତାହା କହିବା ବାହୁଲ୍ୟ ମାତ୍ର । ଆବହମାନ କାଳରୁ ଲୋକେ ଗାଁର ଘଣାପେଡ଼ା ତେଲ ବ୍ୟବହାର କରି ଆସୁଛନ୍ତି । ଏହା ଫଳରେ ଲୋକେ କେବଳ ସୁବିଧାରେ ଯେ ଖାଣ୍ଟି ତେଲ ପାଉଛନ୍ତି ତା ନୁହେଁ; ଏହି ବ୍ୟବସାୟରେ ବହୁଲୋକ କାମ ପାଇ ଆସୁଛନ୍ତି । କଳ ସାହାଯ୍ୟରେ ତେଲ ଉତ୍ପାଦନ ହେବା ଫଳରେ ଗାଁର ତେଲ ବ୍ୟବସାୟୀମାନେ ବେକାର ହୋଇ ଯାଉଛନ୍ତି ଏବଂ ଲାଭଖୋର ବ୍ୟବସାୟୀମାନେ କଳତେଲରେ ବିଷାକ୍ତ ଜିନିଷ ମିଶାଇ ଜୀବନ ନେଇ ଖେଳ ଖେଳିବାକୁ ସୁବିଧା ପାଉଛନ୍ତି । ସେଇଥିପାଇଁ ଖାଣ୍ଟି ତେଲ ଯୋଗାଇଦେବା ତଥା ଗାଁଗହଳର ତେଲ ବ୍ୟବସାୟୀଙ୍କୁ ପୁଣି କେବଳ କାମ ଯୋଗାଇଦେବା ନୁହେଁ, ସେମାନଙ୍କୁ ଏକ ଲାଭଜନକ ବ୍ୟବସାୟ ଦେବାପାଇଁ ଘଣା ତେଲ ଶିଳ୍ପର ପ୍ରସାର ଯୋଜନା କରାଯାଇଛି ।

## ଘଣାତେଲର ପ୍ରସାର କାହିଁକି ଦରକାର ?

ବ୍ୟବସାୟ କ୍ଷେତ୍ରରେ ଘଣା କୌଣସି ସମୟରେ ତେଲକଳ ସହିତ ସମକକ୍ଷ ହୋଇ ପାରିବ ନାହିଁ । ସର୍ବସାଧାରଣ ଘଣାତେଲ ବ୍ୟବହାର ପାଇଁ ମନ ନ ବଳାଇଲେ ଘଣାଶିଳ୍ପ ତିଷ୍ଠିବା ଅସମ୍ଭବ । ଅନୁସନ୍ଧାନ ଦ୍ୱାରା ଜଣାଯାଇଛି ଯେ ଯନ୍ତ୍ର ପ୍ରକ୍ରିୟା ଦ୍ୱାରା ତୈଳବୀଜର ପୁଷ୍ଟିକାରୀ ଶକ୍ତି ନଷ୍ଟ ହୋଇଯାଏ; କିନ୍ତୁ ଘଣା ତେଲ ବ୍ୟବହାର କଲେ ଏପରି ହେବାର କୌଣସି ଆଶଙ୍କା ରହେ ନାହିଁ । ତେଣୁ ସ୍ୱାସ୍ଥ୍ୟହାନିର ଆଶଙ୍କା ନ ଥାଏ । ଘଣାଶିଳ୍ପ ଆମ ରାଜ୍ୟର କେବଳ ୮।୧୦ ଲକ୍ଷ ଲୋକଙ୍କୁ କାମ ଯୋଗାଇ ପାରିବ ଏପରି ନୁହେଁ, ବରଂ ଗ୍ରାମର ଆର୍ଥିକ ସ୍ତର ଓ ସମାନତାକୁ କ୍ରମବର୍ଦ୍ଧିଷ୍ଣୁ ଓ ଉନ୍ନତ କରି ପାରିବ । ତେଲ ନିଷ୍କାସନ କରିବା ଘଣା ଅଳ୍ପ ଖର୍ଚ୍ଚରେ ମିଳିପାରିବ । ତାହାପରେ ଗାଁଗହଳରେ କୃଷି ଆଦି କାର୍ଯ୍ୟରେ ବ୍ୟବହୃତ ହେଉଥିବା ବଳଦମାନେ କୃଷି ସମୟତକ ଛଡ଼ା ବର୍ଷର ଅଧିକାଂଶ ସମୟ ଅବସର ପାଉଥାନ୍ତି । ତେଣୁ ତାଙ୍କୁ ଘଣାରେ ବ୍ୟବହାର କରାଯିବା ଲାଭଜନକ ।

ଏହା ସ୍ୱତଃସିଦ୍ଧ ଯେ ଘଣାତେଲ ମିଲତେଲ ଅପେକ୍ଷା ବଳକାରକ ଭାବରେ ଉତ୍କୃଷ୍ଟତର । 'କ' ଖାଦ୍ୟସାରରେ ଯେଉଁ ଜୀବନଶକ୍ତିବର୍ଦ୍ଧକ ଉପାଦାନ ଥାଏ, ତାହା କେତେକାଂଶରେ ତୈଳବୀଜରେ ରହେ ଏବଂ ଘଣାପେଡ଼ା ତେଲରେ ମିଳିଥାଏ । ମିଲତେଲରେ ଗରମ ହୋଇଯିବା ହେତୁରୁ ସେ ଗୁଡ଼ିକ ନଷ୍ଟ ହୁଏ । ମିଲରେ ମଧ୍ୟ ତେଲ ପେଡ଼ିବାପ୍ରତି କୌଣସି ବ୍ୟକ୍ତିଗତ ଦୃଷ୍ଟି ଦିଆଯାଇ ନ ଥାଏ । ଆହୁରି ମଧ୍ୟ ପରିଷ୍କାର-ପରିଚ୍ଛନ୍ନ ଭାବରେ ତୈଳବୀଜ ଏପରିକି ତେଲପେଡ଼ା ଯନ୍ତ୍ର ଆଦି ରଖାଯାଇ ନ ଥାଏ । ବଡ଼ ଧରଣର ପେଡ଼ିବାରେ ଓ ବହୁଳ ପରିମାଣ ପେଡ଼ିବାରେ ଏପରି ସୁଦୃଷ୍ଟି ଦିଆଯିବା ସମ୍ଭବ ନୁହେଁ ।

ମିଲତେଲ ପେଡ଼ା ହୋଇ ମିଲମାଲିକଙ୍କଠାରୁ ଆରମ୍ଭ କରି କିଣିଖିଆ ଲୋକଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ବହୁ ବ୍ୟବସାୟୀଙ୍କ ଜରିଆରେ ଆସି ପହଞ୍ଚି ଥାଏ । ତଦ୍ଦ୍ୱାରା ତାହା ଖାଣ୍ଟି ଭାବରେ ଆସେ ନାହିଁ



ଏବଂ ଉଚିତ ସମୟ ମଧ୍ୟରେ ମଧ୍ୟ ଆସିପାରେ ନାହିଁ । ତାହା ବଡ଼ସହରରେ ଏଜେନ୍‌ସି, ମହାଜନଦୋକାନ, ମୋଟା ବେପାରୀ, ଖୁଚୁରା ବେପାରୀ ଇତ୍ୟାଦିଙ୍କ ଦ୍ୱାରା ଶେଷରେ କିଣିଥିବା ଲୋକଙ୍କ ନିକଟକୁ ଆସିଥାଏ । ଗାଉଁଲି ମହାଜନ କିଣିଥିବା ଲୋକଙ୍କୁ ତାହା ଯୋଗାଏ ।

ଅନେକେ ସ୍ୱତନ୍ତ୍ର, କଡ଼ାଦୁରସ୍ତ ବଜାଯାଇ ଆଇନଜାରି ତର ଖାଣ୍ଟିତେଲ ମିଳନ୍ତୁ ଆଣି ଲୋକଙ୍କୁ ଯୋଗାଇ ହେବ; କଳୁ ଘସି, ନଡ଼ିଆ, ସୋରିଷ ଆଦି ମୂଲ୍ୟବାନ ତେଲସବୁ କେବେ ହେଲେ ବିଶୁଦ୍ଧ ଭାବରେ ଆସି ପାରୁନାହିଁ । ଏପରି ସ୍ଥଳେ ତେଲରେ ଭଏ ଲୋକ

ଜଳସ ମିଶାଉଛନ୍ତି, ସେ ତେଲକୁ ଧରିବା ବଡ଼ ଦୁଃସାଧ୍ୟ । କେତେକ ପ୍ରଦେଶରେ ଘଣା ତେଲ ଉମିଟି ସରକାରଙ୍କଦ୍ୱାରା ଗଢ଼ାହୋଇ ମଧ୍ୟ ସେମାନେ ଏହି ମିଶ୍ରଣ ପ୍ରତି ଉଚିତ ବ୍ୟବସ୍ଥା କରିବା ଲାଗି ଚେଷ୍ଟା କରି କୃତକାର୍ଯ୍ୟ ହୋଇ ପାରି ନାହାନ୍ତି । ତେଣୁ ଘଣାତେଲ ପ୍ରତି ବିଶେଷ ଆଗ୍ରହ ଦେଖାଇଛନ୍ତି ।

## ଉନ୍ନତ ଧରଣର ତେଲପେଡ଼ା କଳ

ଭାରତ ସରକାରଙ୍କ ଦ୍ୱାରା ଗଠିତ ଭାରତୀୟ କେନ୍ଦ୍ର ତୈଳ ସମିତି ଗ୍ରାମ୍ୟ ତୈଳଶିଳ୍ପର ପ୍ରସାର ଏବଂ ବିସ୍ତାର ଲାଗି ଯଥାସମ୍ଭବ ଉତ୍ସାହ ଦେଉଛନ୍ତି । ସେମାନେ ବିଭିନ୍ନ ପ୍ରକାର ଉନ୍ନତ ଧରଣର ତେଲ ଘଣାଗୁଡ଼ିକ ମଧ୍ୟରେ ଗୋଟିଏ ପ୍ରତିଦ୍ୱନ୍ଦିତା କରାଇ-ଥିଲେ ଏବଂ ଏଥିପାଇଁ ଟ୫୦୦୦୯ ଦାନ କରିଥିଲେ । ଫଳରେ ନିଖିଳ ଭାରତ ସର୍ବସେବା ସଂଘ (ମଗନୱାଡ଼ି ଓ୍ୱାର୍ଦ୍ଧା) ଦ୍ୱାରା ପ୍ରସ୍ତୁତ ଓ ପ୍ରଚଳିତ ଉଚ୍ଚ ଦରର ତେଲଘଣାଗୁଡ଼ିକ କେପରି ଉନ୍ନତ, ତାହା ଜଣା ଯାଇଥିଲା । ଏହି ଘଣା ପ୍ରାୟ ୧ ଘଣ୍ଟା ସମୟ ମଧ୍ୟରେ ୨୦ ପାଉଣ୍ଡ ଜଓ୍ୟଲ ତୈଳବୀଜ ଭଲଭାବରେ ପେଡ଼ି ପାରେ ।

ଏହି ଉନ୍ନତ ଯନ୍ତ୍ରପାତିଗୁଡ଼ିକ ତେଲପେଡ଼ା କାର୍ଯ୍ୟକୁ ଅଧିକ ସୁଗମ ଓ କାର୍ଯ୍ୟକାରୀ କରୁଛି । କିନ୍ତୁ ଅଭିଜ୍ଞତାରୁ ଜଣାପଡ଼ୁଛି ଯେ ତେଲୀମାନେ ଉନ୍ନତ ଧରଣର ଘଣା ବ୍ୟବହାର କରିବାକୁ ସହଜରେ ରାଜି ହେଉ ନାହାନ୍ତି । ଏହାର ଅନେକ କାରଣ ରହିଅଛି । ସେମାନଙ୍କର ଦାରିଦ୍ର୍ୟ, ଉପଯୁକ୍ତ ମୂଳଧନର ନିୟୋଗ, ଘଣାତେଲ ବିକ୍ରି ହେବାର ଅନିଶ୍ଚିତତା ଏବଂ ବୈଜ୍ଞାନିକ ଯନ୍ତ୍ରପାତିର ପ୍ରସ୍ତୁତିକରଣ ଓ ଏହାକୁ ଚଳି ରଖିବା ହେଉଛି ଏ ସବୁର ପ୍ରଧାନ ଅନ୍ତରାୟ ।

ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ମାନ ଏ ସବୁ ଅସୁବିଧା ଭଲଭାବେ ବୁଝିବାକୁ ଚେଷ୍ଟା କରୁଛନ୍ତି ଏବଂ ତଦନୁସାରେ କାର୍ଯ୍ୟ କରି ଗ୍ରାମ୍ୟ ତୈଳଶିଳ୍ପର ଉନ୍ନତି କରିବାପାଇଁ ତାଲିକା ପ୍ରସ୍ତୁତ କରି ସାରିଲେଣି । କେବଳ ସେଥିପାଇଁ ଅର୍ଥ ସାହାଯ୍ୟ ଓ ଅନ୍ୟାନ୍ୟ ସାହାଯ୍ୟ, ସହାନୁଭୂତି ଦ୍ୱାରା ଆଦର୍ଶ ଉତ୍ପନ୍ନ ଓ ପରୀକ୍ଷାମୂଳକ କେନ୍ଦ୍ରଗୁଡ଼ିକରେ ଧୀରେ ଧୀରେ ପୁରୁଣା ଓ କାର୍ଯ୍ୟକାରୀ ନ ହେଉଥିବା ଘଣାଗୁଡ଼ିକ ଉଠାଇ ଦେଇ ଉନ୍ନତ ଧରଣର ଘଣା ବସିବା ଦରକାର ହେଉଛି ।

## ଓ୍ୱାର୍ଦ୍ଧା ଘଣି କିପରି ଲାଭଜନକ ?

ପ୍ରଚଳିତ ସମସ୍ତ ଆକାର ଓ୍ୱାର୍ଦ୍ଧା ଘଣିରେ ଦେଖିବାକୁ ମିଳେ । ଏହାର ଅଂଶମାନ ପ୍ରଧାନତଃ ଯେଉଁଥିରେ ମଞ୍ଜି ସବୁ ପେଡ଼ା ହୁଏ, ତାହା ଏପରି ଗଠିତ ହୋଇଛି ଯେ ମଞ୍ଜିଗୁଡ଼ିକ ଭଲଭାବରେ ପେଡ଼ି ହୋଇ ପାରିବ । ଏହା ଘଣାରେ ଲାଗିଥିବା ବଳଦର ପରିଶ୍ରମ କୋହଳ କରିବା ସଙ୍ଗେ ସଙ୍ଗେ ଜଗୁଆଳର କାର୍ଯ୍ୟ ମଧ୍ୟ ଲାଘବ କରେ ।

ଗାଁଗହଳର ବଢ଼େଇ କାରିଗର ଘଣାଟିକୁ ପ୍ରସ୍ତୁତ କରିଛନ୍ତି । ଘଣିଟି ସମ୍ପୂର୍ଣ୍ଣ କାଠରେ ପ୍ରସ୍ତୁତ । ପ୍ରଚଳିତ ଘଣୀ ଭିତରୁ ଯେଉଁ ଘଣିର ଆବଶ୍ୟକୀୟ ବୈଶିଷ୍ଟ୍ୟ ରହିଥିବ, ତାହା ଉନ୍ନତ ଧରଣର ଓ୍ୱାର୍ଦ୍ଧା ଆଦର୍ଶ ଘଣିରେ ପରିଣତ କରାଯାଇ ପାରିବ । କେତେକ ସ୍ଥାନରେ ଥରେ ତେଲ ପେଡ଼ିବାକୁ ହେଲେ ମୂଷଳକୁ ଥରେ ଦୁଇଥର ବାହାର କରି ସଫା କରିବାକୁ ହୁଏ କିମ୍ବା ବଦଳାଇବାକୁ ପଡ଼େ । ଏହା ଦ୍ୱାରା ସମୟ ନଷ୍ଟ ହେବା ସଙ୍ଗେ ସଙ୍ଗେ ପେଡ଼ିବାରେ ମଧ୍ୟ ବାଧା ଘଟେ; କିନ୍ତୁ ଉନ୍ନତ ଘଣିରେ ଏ ଅସୁବିଧା ଦୂର କରାଯାଇ-ଅଛି । ଘଣିରୁ ତେଲ ସମ୍ପୂର୍ଣ୍ଣରୂପେ ମନକୁ ମନ ପଦାକୁ ବାହାରି ଆସିବା ନିମନ୍ତେ ବାଟ ଅଛି ଓ ଆଦୌ ହାତ ନ ଲାଗି ତେଲ ପାଉସ୍ଥ ହୋଇପାରେ ।

ପେଡ଼ାହେବା ସମୟରେ ମଞ୍ଜିଗୁଡ଼ିକୁ ଉପର ତଳ କରି ଗୋଳାଇ ଦେବା ନିମନ୍ତେ ବନ୍ଦୋବସ୍ତ

ଥିବାରୁ ଜଣେ ଲୋକ ଏକକାଳୀନ ଦୁଇଟି ଘଣିର ତତ୍ତ୍ୱ ନେଇପାରେ । ଏହିପରି ସହଜସାଧ୍ୟ ହୋଇଥିବାରୁ ଓ୍ୱାର୍ଦ୍ଧା ଘଣି ଯେ କୌଣସି ଗ୍ରାମ୍ୟଲୋକ ଦ୍ୱାରା ପରିଚାଳିତ ହୋଇପାରେ ।

ଖାଦ୍ୟସାର କଥା ବାଦ ଦେଲେ ମଧ୍ୟ ଖାଦ୍ୟଯୋଗ୍ୟ ତେଲ ମିଲ ପ୍ରସ୍ତୁତ କରିବା ଦ୍ୱାରା ହଜାର ହଜାର ତେଲି ନିଜର କୌଳିକ ପନ୍ଥା ଛାଡ଼ି ବେକାର ହୋଇ ବସିଛନ୍ତି । ଯେତେ ତୈଳବୀଜ ମିଳେ, ତହିଁରୁ ପ୍ରାୟ ତିନି ଭାଗରୁ ଦୁଇ ଭାଗ ମିଲରେ ବ୍ୟବହୃତ ହୁଏ । ଏହା ଖୁବ ବେଶୀ ହେଲେ ପ୍ରାୟ ୪୫୦୦୦ ଲୋକଙ୍କୁ କାମ ଯୋଗାଇ ପାରୁଛି ।

## ଗୋଟିଏ ତେଲୀ ପରିବାର କେତେ ଉପାର୍ଜନ କରିପାରିବ ?

ଯାହା ହିସାବ କରି ଦେଖାଯାଇଛି, ସେଥିରୁ ଜଣାଯାଏ ଯେ ଗୋଟିଏ ତେଲି ପରିବାର ବର୍ଷକୁ ଟ ୧୦୦୦୲ରୁ ଅଧିକ କମା ମାସିକ ଟ ୮୦୲ରୁ ଟ ୮୫୲ ରୋଜଗାର କରି ପାରିବ । ବିଶେଷ ବଡ଼ କଥା ହେଉଛି ୨୦,୦୦୦,୦୦ ଲୋକଙ୍କୁ ମୁଣ୍ଡପିଛା ଟ ୨୦୦୲ ହିସାବରେ ଅଧିକ ଆୟ କରାଇବାର ପନ୍ଥା ସ୍ଥିର କରାଇଦେବା ଦ୍ୱାରା ମଫସଲରେ ୪୦ କୋଟି ଟଙ୍କା ଆୟ ବଢ଼ିଯିବ ।

ଉପରୋକ୍ତ ଲକ୍ଷ୍ୟକୁ ଆଗରେ ରଖି ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ନିମ୍ନଲିଖିତରୂପେ ସମବାୟ ସମିତିମାନଙ୍କୁ ଉନ୍ନତ ଧରଣର ଘଣିରେ କାମ କରିବା ପାଇଁ ଟଙ୍କା ସାହାଯ୍ୟ କରୁଅଛନ୍ତି ।

## ଓଡ଼ିଶାରେ ତୈଳଶିଳ୍ପ ଯୋଜନା କିପରି କାର୍ଯ୍ୟକାରୀ କରାଯାଉଛି ?

ଏହି ଯୋଜନା ଅନୁସାରେ ଆଦର୍ଶ ଘଣିକେନ୍ଦ୍ର ସ୍ଥାପନ, ପର୍ଯ୍ୟବେକ୍ଷକମାନଙ୍କୁ ଓ ମିସ୍ତ୍ରୀମାନଙ୍କୁ ତାଲିମ ଏବଂ ସାହାଯ୍ୟ ସୂତ୍ରରେ ଉନ୍ନତ ଧରଣର ଘଣି ଯୋଗାଇବାପାଇଁ ବନ୍ଦୋବସ୍ତ ଅଛି । ଘଣାତେଲ ନିମନ୍ତେ ଉତ୍ପାଦନ ସାହାଯ୍ୟ, ତୈଳବୀଜ ମହଜୁଦ ରଖିବା ନିମନ୍ତେ ଋଣ, ମୂଳଧନ ଓ ଘର କରିବା ନିମନ୍ତେ ଋଣ ଦେବା ପାଇଁ ବନ୍ଦୋବସ୍ତ ମଧ୍ୟ ଅଛି ।

## ଆଦର୍ଶ ଘଣିକେନ୍ଦ୍ର

ଏଥି ନିମନ୍ତେ ନିମ୍ନଲିଖିତମତେ ସାହାଯ୍ୟ ଦିଆଯାଏ :—

| | | |
|---|---|---|
| ୧ । ଗୃହ ନିର୍ମାଣ ପାଇଁ | ... | ଟ ୫୦୦୦୲ |
| ୨ । ସରଞ୍ଜାମ ଖରିଦି ପାଇଁ | ... | ଟ ୧୫୦୦୲ |
| ୩ । ମୂଳଧନ | ... | ଟ ୨୦୦୦୲ |
| ୪ । ସଂସ୍ଥାପନ | ... | ଟ ୪୦୦୦୲ |
| (Establishment Expenditure) | | ଟ ୧୨,୫୦୦ |

## ଉନ୍ନତ ଧରଣର ଘଣିଦ୍ୱାରା ତେଲ ପେଡ଼ିବା ପାଇଁ କି କି ପ୍ରକାର ଓ କେତେ ସାହାଯ୍ୟ ଦିଆଯାଉଛି ?

ପର୍ଯ୍ୟବେକ୍ଷକମାନଙ୍କୁ ନାସିକ କେନ୍ଦ୍ରକୁ ତାଲିମ ନିମନ୍ତେ ୬ ମାସ ପାଇଁ ପଠାଯାଏ ଓ ସେମାନଙ୍କୁ ମାସିକ ଟ ୫୦୲ ଲେଖାଏଁ ବୃତ୍ତି ମିଳେ । ମିସ୍ତ୍ରୀମାନଙ୍କର ଶିକ୍ଷାକାଳ ୩ ମାସ ଓ ଉକ୍ତ ସମୟରେ ସେମାନେ ଟ ୨୫୲ ଲେଖାଏଁ ବୃତ୍ତି ପାଆନ୍ତି । ଜଣେ ଲୋକକୁ ତେଲପେଡ଼ା ଶିକ୍ଷା ନିମନ୍ତେ ୧ ମାସ ପାଇଁ ଟ ୩୦୲ ବୃତ୍ତିରେ ଶିକ୍ଷା ଦିଆଯାଏ । ଆଦର୍ଶ ଘଣି (Modal Ghani) ର ମୂଲ୍ୟ ଟ ୩୦୦୲ । ଏହା ପ୍ରତ୍ୟେକ ତେଲିଙ୍କୁ ଅଧା ସାହାଯ୍ୟ ଓ ଅଧା ଋଣ ଆକାରରେ ଯୋଗାଇ ଦିଆଯାଏ । ଘଣାତେଲ କଳ-ତେଲ ସହିତ ପ୍ରତିଦ୍ୱନ୍ଦ୍ୱିତାରେ ସମକକ୍ଷ ହେବା ନିମନ୍ତେ ସେରପିଛା ଟ ୦/ କରି ଉତ୍ପାଦନ ସାହାଯ୍ୟ ଦିଆଯାଏ । ପ୍ରତ୍ୟେକ ଘଣି ପାଇଁ ଟ ୨୦୦୲ ମୂଳଧନ ଋଣ ଦିଆଯାଉଥିଲା, ମାତ୍ର ତାହା ନିଅଣ୍ଟ ହେବାରୁ ଆଉ ଟ ୧୦୦୲ ଅଧିକ ଋଣ ଦିଆଯାଉଛି । ବର୍ତ୍ତମାନ

ଏହାକୁ ମଧ୍ୟ ଟ ୫୦୦୦୲ ରେ ପରିଣତ କରିବା ପାଇଁ ପରିକଳ୍ପନା କରାଯାଇଅଛି । ୫ ବର୍ଷ ମଧ୍ୟରେ ଶୁଝିବା ପାଇଁ ସୁଧ ବିହୀନ ଋଣ ଦିଆଯାଇ ତୈଳକାରମାନଙ୍କୁ ସମବାୟ ସମିତିର ସଦସ୍ୟ ହେବାର ସୁଯୋଗ ଦିଆଯାଏ । ପ୍ରତ୍ୟେକ ୫ଟି ଘଣି ନିମନ୍ତେ ଗୋଟିଏ ଗୃହଳଆ କରିବା ପାଇଁ ଟ ୫୦୦୦୲ ଅଧା ଋଣ ଓ ଅଧା ସାହାଯ୍ୟରୂପେ ମିଳେ । ଟ ୪୭୫୦୲ ବ୍ୟୟରେ ଛଅଗୋଟି ଘଣି ପ୍ରସ୍ତୁତକାରୀ କେନ୍ଦ୍ର ରାଜ୍ୟରେ ଖୋଲା ଯାଇଅଛି । ଆଜି ସୁଦ୍ଧା ୧୦ଟି ଆଦର୍ଶ ଘଣିକେନ୍ଦ୍ର ଖୋଲାଯାଇ ୩୦୦ ଉନ୍ନତ ଧରଣର ଘଣି ୫୪ଟି ସମବାୟ ସମିତି ଜରିଆରେ ତୈଳକାରମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଅଛି । ଏ ପର୍ଯ୍ୟନ୍ତ ଟ ୩,୬୦,୫୫୦୲ ସାହାଯ୍ୟ ଓ ଟ ୩,୧୭,୩୦୦୲ ଋଣ ଆକାରରେ ଏହି ଶିଳ୍ପର ବିକାଶ ନିମନ୍ତେ ଲୋକମାନଙ୍କୁ ଦିଆଯାଉଅଛି ।

ଆଜି ସୁଦ୍ଧା ୧୦,୧୬୦ ମହଣ ଘଣି ତେଲ ଉତ୍ପାଦନ କରାଯାଇ ପାରୁଛି ଓ ୫୧୬ ଜଣ ବ୍ୟକ୍ତିଙ୍କୁ ପୂର୍ଣ୍ଣ, ୧,୦୪୪ ଜଣଙ୍କୁ ସାମୟିକ ଓ ୬୮୧ ଜଣଙ୍କୁ ଆଂଶିକ କାର୍ଯ୍ୟ ଯୋଗାଇ ଦିଆଯାଇ ପାରୁଛି ।

## ଗୋଟିଏ ଆଦର୍ଶ ତେଲ ସମବାୟ ସମିତି

ଆଜି ସୁଦ୍ଧା ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ତରଫରୁ ଯେତେ ଗୁଡ଼ିଏ ସହଯୋଗ ସମିତିକୁ ସାହାଯ୍ୟ ଦିଆଯାଇଛି, ତନ୍ମଧ୍ୟରୁ ଖାନନଗର ତେଲି ସମବାୟ ସମିତି ପ୍ରଧାନ ଅଟେ । ଏହି ସମିତିକୁ ସର୍ବମୋଟ ଟ ୫୪୩୭.୫୪ ନୂଆ ପଇସା ଋଣ ଆକାରରେ ସାହାଯ୍ୟ ଦିଆଯାଇଥିଲେ ସୁଦ୍ଧା ଏ ସମିତି ଉକ୍ତ ଟଙ୍କାରେ ନିଜର ବ୍ୟବସାୟ ଖୁବ୍ ଭଲ ଭାବରେ ପରିଚାଳନା କରି ପାରୁଛି । ଏହାର ସଭ୍ୟସଂଖ୍ୟା ୯୫ ଜଣ । ଗତବର୍ଷ ଏହି ସମିତି ମ ୬୦୩୭ ସେର ତେଲ ଉତ୍ପାଦନ କରି ବିକ୍ରି କରି ପାରିଛି । ଏତଦ୍‌ଭିନ୍ନ ୧୮୦୦ ମହଣ ପିଡ଼ିଆ ମଧ୍ୟ ଉତ୍ପାଦନ କରି ବିକ୍ରି କରିବା ଦ୍ୱାରା ସମିତି ଖୁବ ଭଲ ଭାବରେ ଲାଭବାନ ହୋଇ ପାରିଛି । ଏହି ସମିତିରେ ୪୦ ଜଣ ପୂର୍ଣ୍ଣଭାବରେ ଓ ୪୦ ଜଣ ଆଂଶିକ ଭାବରେ କାର୍ଯ୍ୟ କରନ୍ତି । ଏହି ସମିତିରେ ୯ ଟି ଘଣା ପୂର୍ଣ୍ଣ ମାତ୍ରାରେ ବର୍ଷସାରା ଚାଲିବା ଦ୍ୱାରା କୌଣସି ସମୟରେ ଘଣାତେଲର ଅଭାବ ହୁଏ ନାହିଁ । କିନ୍ତୁ ଆଜିକାଲି ଘଣା ତେଲ ପ୍ରତି ଲୋକମାନଙ୍କର ଆଗ୍ରହ ଏତେ ବଢ଼ି ଯାଇଛି ଯେ ଏହି ସମିତି ସମସ୍ତ ଆଗ୍ରହୀ ଗ୍ରାହକମାନଙ୍କୁ ପୂର୍ଣ୍ଣମାତ୍ରାରେ ତେଲ ଯୋଗାଇ ପାରୁନାହିଁ । ଏହି ସମିତିର ଆଦର୍ଶ ଅନ୍ୟମାନଙ୍କର ଗ୍ରହଣୀୟ ।

ଯେଉଁ ସ୍ଥାନରେ ତେଲଘାଇମାନେ ଅଧିକ ସଂଖ୍ୟାରେ ଅଛନ୍ତି, ସେମାନେ ଏହି ଯୋଜନାର ପୂର୍ଣ୍ଣ ସୁଯୋଗ ନେବା ଏକାନ୍ତ ଆବଶ୍ୟକ । ଏଥିପାଇଁ ସେମାନେ ପ୍ରଥମେ ଗୋଟିଏ ସହଯୋଗ ସମିତି ଗଢ଼ିବା ଦରକାର । ଏହା ଗଢ଼ାହେବା ପରେ ସେମାନେ ସମବାୟ ସମିତିର ସହକାରୀ ରେଜିଷ୍ଟ୍ରାର ମହୋଦୟଙ୍କ ଜରିଆରେ ଭୁବନେଶ୍ୱରଠାରେ ଅବସ୍ଥିତ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼କୁ ଦରଖାସ୍ତ କଲେ ସମସ୍ତ ପ୍ରକାର ସାହାଯ୍ୟ ମିଳିପାରିବେ ।

# ଗାଁ ଗହଳରେ ଚମଡ଼ା ଶିଳ୍ପର ପ୍ରସାର

## ଶ୍ରୀ କମଳାକାନ୍ତ ନନ୍ଦୀ

ପୃଥିବୀର ଏକଚତୁର୍ଥାଂଶ ଗୃହପାଳିତ ପଶୁ ଭାରତରେ ଅଛନ୍ତି । ଏଥିମଧ୍ୟରୁ ୧୮ କୋଟିରୁ ଊର୍ଦ୍ଧ୍ୱ ଗୋଜାତୀୟ । ପ୍ରତିବର୍ଷ ପ୍ରାୟ ୨ କୋଟିରୁ ଅଧିକ ଗୋଜାତୀୟ ପଶୁ ମରନ୍ତି । ଗୋବଧ ଧର୍ମ ଓ ସାମାଜିକ ପ୍ରଥାର ବିରୋଧାଚରଣ କରୁଥିବାରୁ ଓ ଶିଙ୍ଗ ଥିବା ପଶୁବଧ ବେଆଇନ ହେତୁ ମାଂସ ପାଇଁ ଖୁବ କମ ପଶୁ ବଧ କରାଯାଏ । ତେଣୁ ଦେଶରେ ଯେତେ ଚମଡ଼ା ମିଳେ, ତାହା ପ୍ରଧାନତଃ ପ୍ରାକୃତିକଭାବେ ମରିଥିବା ପଶୁଶବରୁ ସଂଗ୍ରହ କରାଯାଇଥାଏ । ଆହୁରି ମଧ୍ୟ ଧର୍ମ ଓ ସାମାଜିକ ପ୍ରଥା ଯୋଗୁ ପଶୁଶବର କେହି ଯତ୍ନ ନ ନେବାରୁ ଖଲ ପଚିଯାଏ । ବାହାର କରାଯାଉଥିବା ଖଲପାଇଁ ଉପଯୁକ୍ତ କର୍ମୀ ଓ ଉତ୍କୃଷ୍ଟ ଧରଣର ଯନ୍ତ୍ରପାତି ଅଭାବ ଯୋଗୁଁ ଚମଡ଼ାର ବହୁତ କ୍ଷତି ଦେଖାଯାଏ । ତେଣୁ ତାର ଉଚିତ ମୂଲ୍ୟ ମିଳେନାହିଁ । ମଡ଼ଦେହରୁ କେବଳ ଚମଡ଼ା ଅଦାୟ କରାଯାଏ । ବାକି ଅଂଶତକ ବିଲୁଆ କୁକୁରଙ୍କ ଆହାରପାଇଁ ଛାଡ଼ି ଦିଆଯାଏ । ଏହାଦ୍ୱାରା ଶବର ମାଂସ, ହାଡ଼, ଚର୍ବି ଶିଙ୍ଗ ଇତ୍ୟାଦି ମୂଲ୍ୟବାନ ପଦାର୍ଥମାନ ନଷ୍ଟ ହୁଏ । ଉକ୍ତ ପଦାର୍ଥମାନ ବହୁତ କାମରେ ଲଗାଯାଇ ପାରିବ । ମାଂସକୁ ସିଝାଇ କୁକୁଡ଼ାର ଖାଦ୍ୟରୂପେ କିମ୍ବା ଚାଷଜମିରେ ସାରରୂପେ ବ୍ୟବହାର କରାଯାଇପାରେ । ହାଡ଼କୁ ସିଝାଇ ଢେଙ୍କି ଦ୍ୱାରା ବା ଚୂନପେଡ଼ା ଚକି ଦ୍ୱାରା ଗୁଣ୍ଡ କରି ଖତ ସ୍ୱରୂପ ବ୍ୟବହାର କରାଯାଇ ପାରିବ । ଏହି ସିଝା ହାଡ଼ଗୁଣ୍ଡ ଅନ୍ୟାନ୍ୟ ଉପାୟରେ ତିଆରି ହାଡ଼ ଗୁଣ୍ଡଠାରୁ ଏପରିକି ସୁପର ଫସଫେଟ-ଠାରୁ ଉତ୍କୃଷ୍ଟ ଓ ତାହା ଜମିରେ ଶୀଘ୍ର ଖତ କାମ କରେ । ହାଡ଼ ସିଝାଇବା ଯନ୍ତ୍ରଟି ଚଳାଇବାପାଇଁ ବିଶେଷ କିଛି ଖର୍ଚ୍ଚ କରିବା ଦରକାର ହୁଏ ନାହିଁ । ଜାଳେଣି କାଠଦ୍ୱାରା ଏହି କଳ ସାହାଯ୍ୟରେ ହାଡ଼କୁ ସିଝାଯାଇ ପାରିବ । ଏହି କଳଟି କିଣିବା ପାଇଁ ସମବାୟ ସମିତି ଜରିଆରେ ଲୋକଙ୍କୁ ସାହାଯ୍ୟ ଦିଆଯାଉଛି । ତେଣୁ ଗାଁଗହଳରେ ସମବାୟ ସମିତିଟିଏ ସ୍ଥାପନ କରି ଉକ୍ତ ଯନ୍ତ୍ରଟିଏ ନେଇ ସେଠାରେ ମିଳୁଥିବା ହାଡ଼କୁ ଖତ କରି ଚାଷୀମାନଙ୍କୁ ସୁବିଧା ଦରରେ ଯୋଗାଇ ଦିଆଯାଇପାରିବ । ଚର୍ବିରୁ ତେଲ ଓ ସାବୁନ, ଶିଙ୍ଗରୁ ପାନିଆ ଓ ଖେଳନା, ଖୁରାରୁ ସିରିଷ ଅଠା, ଲାଞ୍ଜରୁ ବ୍ରସ ଓ ଅନ୍ତରୁ ତନ୍ତୁ ଇତ୍ୟାଦି ତିଆରି ହୋଇପାରିବ । ତାହାଛଡ଼ା ଗୋବର ଓ ଅନ୍ୟାନ୍ୟ ଜିନିଷକୁ ଖତରୂପେ ବ୍ୟବହାର କରାଯାଇ ପାରେ । ଏ ଗୁଡ଼ିକର ସଦ୍‌ବ୍ୟବହାର ହେଲେ ଓ ଚମଡ଼ା ଠିକଭାବେ ସଂରକ୍ଷଣ କରାଗଲେ ଦେଶର ଆର୍ଥିକ ଅବସ୍ଥା ଆଂଶିକ ସୁଧୁରିଯିବ ଓ ବେକାର ସମସ୍ୟା କେତେକ ପରିମାଣରେ ଦୂର ହୋଇପାରିବ ।

ଦେଶରେ ଯେତିକି କଷ ଚମଡ଼ା ତିଆରି ହୁଏ, ସେଥିରୁ ଶତକଡ଼ା ୮୦ ଭାଗ ହାତତିଆରି । ଯେତିକି ଜୋତା ଚପଲ ତିଆରି ହୁଏ, ସେଥିରୁ ମଧ୍ୟ ଶତକଡ଼ା ୯୦ ଭାଗ ହାତଦ୍ୱାରା ତିଆରି । ତିଆରି କରିବାର ତ୍ରୁଟି ରହୁଥିବା ଯୋଗୁଁ ଉତ୍ପାଦିତ ପଦାର୍ଥଗୁଡ଼ିକ ନିକୃଷ୍ଟ ଧରଣର ହୁଏ । ଏକ ଦିଗରେ ଗ୍ରାମ୍ୟ କାରିଗରଙ୍କ ଉପଯୁକ୍ତ ଶିକ୍ଷା ଓ ଯନ୍ତ୍ରପାତିର ଅଭାବ ଅନ୍ୟ ଦିଗରେ ସେମାନଙ୍କ ଦାରିଦ୍ର୍ୟ ଚମଡ଼ାଶିଳ୍ପର ଅବନତିର ମୂଳ କାରଣ । ବିକ୍ରିର ସୁବିଧା, ଟଙ୍କା ପଇସା, କଞ୍ଚାମାଲ, ନିୟମିତ ସରବରାହ ଓ ଉପଯୁକ୍ତ ସଂଗଠନର ଅଭାବ ଯୋଗୁଁ କାରିଗରମାନେ ନିଜ

ବ୍ୟବସାୟରୁ ଲାଭବାନ ହୋଇପାରୁ ନାହାନ୍ତି । ସେମାନେ ବାଧ୍ୟ ହୋଇ କଞ୍ଚା ଚମଡ଼ା ବିକୁଥିବାରୁ ବହୁତ କ୍ଷତିଗ୍ରସ୍ତ ହୁଅନ୍ତି । କଞ୍ଚା ଚମଡ଼ା ରପ୍ତାନି ଅପେକ୍ଷା କଷ ଚମଡ଼ା ରପ୍ତାନି କରିବା କାରିଗର ତଥା ଦେଶ-ପକ୍ଷରେ ଅଧିକ ଲାଭଜନକ । କଷ କରିବା (Bark Tanning) ପାଇଁ କୌଣସି ଯନ୍ତ୍ର ଆବଶ୍ୟକ ହୁଏ ନାହିଁ ଓ କଷ କରିବାର ଆନୁସଙ୍ଗିକ ଉପକରଣ ଗାଁଗହଳରେ ମିଳେ ।

ଆମ ଓଡ଼ିଶା ରାଜ୍ୟ ପାଇଁ ଯେଉଁ 'ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼' ଗଢ଼ାଯାଇଛି, ତାହାର ମାଧ୍ୟମରେ କମିଶନ ଓଡ଼ିଶାକୁ ଏହି ଶିଳ୍ପର ପ୍ରସାର ନିମନ୍ତେ ଆର୍ଥିକ ସାହାଯ୍ୟ ଦେଉଅଛନ୍ତି ଓ ବୋର୍ଡ଼ ଏଥିନିମନ୍ତେ ନିମ୍ନଲିଖିତ ବ୍ୟବସ୍ଥାମାନ କାର୍ଯ୍ୟକାରୀ କରନ୍ତି ।

## ଚର୍ମ ସଂରକ୍ଷଣ କେନ୍ଦ୍ର ( Flaying Centre )

ମଫସଲ ଗ୍ରାମମାନଙ୍କରେ ମୃତ ପଶୁମାନଙ୍କ ଶବରୁ ଶୀଘ୍ର ଚମଡ଼ା ସଂଗ୍ରହ କରିବା ଓ ମାଂସ ହାଡ଼ ଇତ୍ୟାଦିକୁ କାର୍ଯ୍ୟରେ ଲଗାଇବା ଏ କେନ୍ଦ୍ରର ଉଦ୍ଦେଶ୍ୟ । ମଫସଲ ଅଞ୍ଚଳରେ ୫।୭ ମାଇଲ ବ୍ୟାସାର୍ଦ୍ଧ ମଧ୍ୟରେ ଥିବା କେତେକ ଗ୍ରାମକୁ ନେଇ ଗୋଟିଏ ଗୋଟିଏ କେନ୍ଦ୍ର ଖୋଲାଯିବ; ଯେଉଁଠାରେ ନ ପଶୁମାନଙ୍କ ସଂଖ୍ୟା ଅନ୍ତତଃ ୩୦୦୦ ହୋଇଥିବ ଓ ଉକ୍ତ କେନ୍ଦ୍ରକୁ ବାର୍ଷିକ ୨୫୦ରୁ ୩୦୦ ପର୍ଯ୍ୟନ୍ତ ମଡ଼ା ମିଳିପାରୁଥିବ । ଉକ୍ତ କେନ୍ଦ୍ର ସ୍ଥାପନ ନିମନ୍ତେ ବୋର୍ଡ଼ ନିମ୍ନଲିଖିତମତେ ଟ୬୭୨୦୲ ଗୋଟିଏ ଗୋଟିଏ ସମବାୟ ସମିତିକୁ ସାହାଯ୍ୟ ଦେଉଅଛନ୍ତି ।

ପ୍ରତ୍ୟେକ କେନ୍ଦ୍ରର ଆନୁମାନିକ ଖର୍ଚ୍ଚ :—

| | | |
|---|---|---|
| ଯନ୍ତ୍ରପାତି | ... | ଟ ୪୦୦୲ |
| ବଳଦ ଓ ଗାଡ଼ି | ... | ଟ୧୦୦୦୲ |
| ଘର ଓ ଚୌତରା | ... | ଟ୨୦୦୦୲ |
| ହାଡ଼ସିଝା କଳ | ... | ଟ୧୦୦୦୲ |
| କୂପ | ... | ଟ୧୦୦୦୲ |
| ଅନ୍ୟାନ୍ୟ | ... | ଟ ୬୦୦୲ |
| | | ଟ୬୦୦୦୲ |

ଦୁଇଜଣ କର୍ମୀଙ୍କ ଦରମା ଟ୬୦୲ ହିସାବରେ ବର୍ଷକୁ ଟ୧୪୪୦୲ ।

ଉପରୋକ୍ତ ଯନ୍ତ୍ରପାତି ଇତ୍ୟାଦିର ଖର୍ଚ୍ଚ ଓ କର୍ମୀଙ୍କ ଦରମାର ଶତକଡ଼ା ୫୦ ଭାଗ ଅର୍ଥାତ୍ ଟ୩୭୨୦୲ ଋଣ ଏବଂ ଯନ୍ତ୍ରପାତି ଇତ୍ୟାଦିର ଖର୍ଚ୍ଚର ବାକି ୫୦ ଭାଗ ଅର୍ଥାତ୍ ଟ୩୦୦୦୲ ସାହାଯ୍ୟ ସୂତ୍ରେ ଦିଆଯାଏ ।

ବର୍ତ୍ତମାନ ଗାଁଗହଳର ହରିଜନମାନେ ମଡ଼ ଦେହରୁ କେବଳ ଚମଡ଼ା ସଂଗ୍ରହ କରୁଛନ୍ତି ଓ ବାକି ଅଂଶତକ ଫିଙ୍ଗି ଦେଉଅଛନ୍ତି । ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାଯୋଗୁ ସେମାନେ ଚମଡ଼ାଟିକୁ ଖୁବ କମ ଦରରେ ସ୍ଥାନୀୟ ମହାଜନକୁ ବିକି ଦିଅନ୍ତି । ମହାଜନ ଏହି ଚମଡ଼ାକୁ ଖୁବ ଉଚ୍ଚ ଦରରେ ଚମଡ଼ା କଷ କାରଖାନାକୁ ବିକି ଖୁବ ଲାଭବାନ ହୁଏ । ଯଦି ସେହି ହରିଜନମାନେ ସଙ୍ଘବଦ୍ଧ ହୋଇ ଗୋଟିଏ ସମବାୟ ସମିତି ଗଢ଼ି ଉପରୋକ୍ତ ଆର୍ଥିକ ସାହାଯ୍ୟ ନେଇ ଗୋଟିଏ କେନ୍ଦ୍ର ସ୍ଥାପନ କରନ୍ତି, ତାହାହେଲେ ସେମାନେ ଚମଡ଼ାକୁ ସଂଗ୍ରହ କରି କଷ କାରଖାନାକୁ ସିଧା ରପ୍ତାନି କରିବା ସଙ୍ଗେ ସଙ୍ଗେ ମଡ଼ର ଅନ୍ୟାନ୍ୟ ଅଂଶରୁ ମାଂସଗୁଣ୍ଡ, ହାଡ଼ଗୁଣ୍ଡ, ଚର୍ବି ଇତ୍ୟାଦି ପ୍ରସ୍ତୁତ କରି ଲାଭବାନ ହୁଅନ୍ତେ ।

## ହାଡ଼ଗୁଣ୍ଡ କେନ୍ଦ୍ର

ଗାଁଗହଳରେ ମିଳୁଥିବା ହାଡ଼କୁ ହାଡ଼ସିଝା କଳ ଦ୍ୱାରା ସିଝାଇ ଖତ ପ୍ରସ୍ତୁତ କରିବା ଏ କେନ୍ଦ୍ରର ଉଦ୍ଦେଶ୍ୟ । ଏହି କେନ୍ଦ୍ର ସ୍ଥାପନ ନିମନ୍ତେ ବୋର୍ଡ଼ ନିମ୍ନଲିଖିତମତେ ଟ୩୩୦୦୲ ଦେଉ ଅଛନ୍ତି :—

(କ) କେନ୍ଦ୍ରର ଏକକାଳୀନ ଖର୍ଚ୍ଚ :—

| | |
|---|---|
| (୧) ଘର | ଟ୧୦୦୦୲ |
| (୨) ହାଡ଼ପିଷା କଳ | ଟ୧୦୦୦୲ |
| (୩) ଅନ୍ୟାନ୍ୟ | ଟ ୩୦୦୲ |
| | ଟ୨୩୦୦୲ |
| (ଖ) ମୂଳଧନ | ଟ୧୦୦୦୲ |

ଘର ଓ ଯନ୍ତ୍ରପାତି ଖରିଦ ଦାମର ଶତକଡ଼ା ୫୦ ଭାଗ ଅର୍ଥାତ୍ ଟ୧୧୫୦୲ ସାହାଯ୍ୟରୂପେ ଓ ଉକ୍ତ ଟଙ୍କାର ବାକି ଅଧିକ ଓ ମୂଳଧନ ଟ୧୦୦୦୲ ଏରୂପେ ଟ୨୧୫୦୲ ଋଣସୂତ୍ରେ ଦିଆଯାଏ ।

ଗାଁଗହଳର ହରିଜନମାନେ ଗୋଟିଏ ସମବାୟ ସମିତି ଗଠନ କରି ବୋର୍ଡ଼ଠାରୁ ଉପରୋକ୍ତ ସାହାଯ୍ୟ ନେଇ କେନ୍ଦ୍ରଟିଏ ସ୍ଥାପନ କଲେ ସେଠାରେ ନଷ୍ଟ ହେଉଥିବା ହାଡ଼କୁ ସଂଗ୍ରହ କରି ହାଡ଼ଗୁଣ୍ଡ ପ୍ରସ୍ତୁତ କରି ପାରିବେ ଓ ନିଜ ଗ୍ରାମର ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିକି ଲାଭବାନ ହୋଇ ପାରିବେ ।

## ଆଦର୍ଶ ଗ୍ରାମ୍ୟ ଚମଡ଼ାକଷା କେନ୍ଦ୍ର

ଯେଉଁଠାରେ ବାର୍ଷିକ ୨୦୦୦ରୁ ୨୫୦୦ ଖଣ୍ଡ ଚମଡ଼ା ମିଳି ପାରିବ ଓ ଚମଡ଼ା କଷକାରମାନେ ସଂଘବଦ୍ଧ ହୋଇ ଅନୁନ୍ନତ ଧରଣର ଚମଡ଼ା କଷୁଥାଆନ୍ତି, ସେଠାରେ ଗୋଟିଏ କଷ କେନ୍ଦ୍ର ସ୍ଥାପନ କରାଯାଇ ପାରିବ । ଏହି କେନ୍ଦ୍ର ସ୍ଥାପନ ନିମନ୍ତେ ବୋର୍ଡ଼ ନିମ୍ନଲିଖିତମତେ ଟ୧୮୦୦୦୲ ଦେଉଅଛନ୍ତି ।

| | | |
|---|---|---|
| (୧) କଷ କେନ୍ଦ୍ର ପାଇଁ ଜମି ଖରିଦ ଓ ଘର, କୁଣ୍ଡ, ଇତ୍ୟାଦି ତିଆରି ଓ ଯନ୍ତ୍ରପାତି ପାଇଁ | | ଟ୧୧,୦୦୦୲ |
| (୨) ମୂଳଧନ | ... | ଟ ୭,୦୦୦୲ |
| | | ଟ୧୮,୦୦୦୲ |

ଜମି, ଘର, କୁଣ୍ଡ ଇତ୍ୟାଦି ଖର୍ଚ୍ଚର ଶତକଡ଼ା ୭୫ ଭାଗ; ଅର୍ଥାତ୍ ଟ୮୨୫୦୲ ସାହାଯ୍ୟରୂପେ ଓ ଉକ୍ତ ଟଙ୍କାର ବାକି ୨୫ ଭାଗ ଓ ମୂଳଧନ ଟ୭୦୦୦୲ ଏରୂପ ଟ୯୭୫୦୲ ଋଣସୂତ୍ରରେ ବୋର୍ଡ଼ ସମବାୟ ସମିତି ମାନଙ୍କୁ ଦେଉଅଛନ୍ତି ।

ଆମ ଦେଶର ଗାଁଗହଳରେ ମୋଚିମାନେ କଞ୍ଚା ଚମଡ଼ା ସଂଗ୍ରହ କରି ତାହାକୁ ନିଜର ବାହୁଅନ୍ତି କଷ କରି ତହିଁରୁ ଜୋତା, ଚପଲ ତିଆରି କରନ୍ତି । ଟଙ୍କା ପଇସାର ଅଭାବଯୋଗୁଁ କଷ କରିବାପାଇଁ ଦରକାର ହେଉଥିବା କୁଣ୍ଡ କରି ପାରନ୍ତି ନାହିଁ କିମ୍ବା ଚମଡ଼ା ଶୁଷ୍କ କଷା ହେବା ପର୍ଯ୍ୟନ୍ତ ଅପେକ୍ଷା କରି ପାରନ୍ତି ନାହିଁ । ତେଣୁ ସେମାନଙ୍କ ଉତ୍ପନ୍ନ ଜିନିଷ ଗୁଡ଼ିକ ନିକୃଷ୍ଟ ଧରଣର ହୁଏ ଓ ସେଥିର ଉଚିତ ମୂଲ୍ୟ ତାଙ୍କୁ ମିଳେ ନାହିଁ । ସେମାନେ ସଙ୍ଘବଦ୍ଧ ହୋଇ ଯଦି ସମବାୟ ସମିତିଟିଏ ସ୍ଥାପନ କରି ବୋର୍ଡ଼ଠାରୁ ଉପରୋକ୍ତ ସାହାଯ୍ୟ ନେଇ କଷ କେନ୍ଦ୍ରଟିଏ ସ୍ଥାପନ କରନ୍ତେ, ତାହାହେଲେ ସେମାନେ ନିଜର ଦରକାରୀ ଚମଡ଼ା ସେଠାରେ ଉତ୍ତମରୂପେ ପ୍ରସ୍ତୁତ କରି ସେଥିରୁ ଉତ୍ପାଦିତ ପଦାର୍ଥଗୁଡ଼ିକରୁ ବେଶି ପଇସା ରୋଜଗାର କରି ଲାଭବାନ ହୋଇପାରନ୍ତେ ।

## ଚମଡ଼ା ଓ ଚମଡ଼ା ତିଆରି ପଦାର୍ଥର ଖରିଦ ବିକ୍ରି କେନ୍ଦ୍ର

**(Purchase Sale Depot)**


ଉପରୋକ୍ତ କେନ୍ଦ୍ରମାନ ସ୍ଥାପନ କରିଥିବା ସମବାୟ ସମିତିମାନଙ୍କର ଉତ୍ପନ୍ନ ପଦାର୍ଥ ଖରିଦ କରି ବିକ୍ରି କରିବା ସକାଶେ ସମବାୟ ସମିତିକୁ ନିମ୍ନଲିଖିତମତେ ଆର୍ଥିକ ସାହାଯ୍ୟ ଦିଆଯାଏ । ବଡ଼ ଧରଣର ବିକ୍ରି କେନ୍ଦ୍ର ସ୍ଥାପନ ପାଇଁ କର୍ମୀଙ୍କ ଦରମା, ଘରଭଡ଼ା ଓ ଦୋକାନ ଗୋଦାମ ପାଇଁ ଆସବାବପତ୍ର ଖରିଦ ସକାଶେ ଟ୨୨୦୦୦୲ ସାହାଯ୍ୟ ଓ ମୂଳଧନ ସକାଶେ ଟ୨୫୦୦୦୲ ଋଣ ସ୍ୱରୂପ ଦିଆଯାଏ । ଛୋଟ ଧରଣର ବିକ୍ରି କେନ୍ଦ୍ର ସ୍ଥାପନ ପାଇଁ କର୍ମୀଙ୍କ ଦରମା, ଘରଭଡ଼ା ଓ ଦୋକାନର ଆସବାବପତ୍ର ଖରିଦ ପାଇଁ ଟ ୪୦୦୦୲ ସାହାଯ୍ୟ ଓ ମୂଳଧନ ବାବଦକୁ ଟ୧୫୦୦୦୲ ଋଣ ସ୍ୱରୂପ ମିଳିଯାଏ ।

୧୪.




ମୃତ ଦେହରୁ ଚମଡ଼ା ଛେଲା ହେଉଛି
ଏବଂ ମାଂସ ହାଡ଼ ସଂଗ୍ରହ କରାଯାଉଛି

୧.




ଜଳ ବାଷ୍ପାଂଶରେ
ମାଂସ ସିଝାଯାଉଛି

୨.



ଯନ୍ତ୍ରଦ୍ୱାରା ମାଂସ ଚିପୁଡ଼ା ଯାଉଛି



୩

ଚିପୁଡ଼ା ମାଂସ କଡ଼ାରେ ସନ୍ତୁଳା ହେଉଛି

(୪.)




ସିଝା ମାଂସକୁ ଖାଦ୍ୟରୂପେ
କୁକୁଡ଼ାଙ୍କୁ ଦିଆଯାଉଛି



ସିଝା ମାଂସ ଶୁଖାଇ କୁଟାଯାଉଛି

# ହାଡ଼ର ପ୍ରୟୋଗ

୧.



ବଡ଼ ବଡ଼ ହାଡ଼କୁ ଷ୍ଟିମ୍ କରାଯାଉଛି ଏବଂ
ବୋନ୍ ଡାଇଜେଷ୍ଟର ଯନ୍ତ୍ରରେ ଗୁଣ୍ଡ କରାଯାଉଛି



୨

ସିଝା ହାଡ଼କୁ ଢିଙ୍କିରେ କୁଟି
ଗୁଣ୍ଡ କରାଯାଉଛି




ଭୁଟା ମାଂସଗୁଣ୍ଡ ଜମିରେ ସାରରୂପେ
ବ୍ୟବହାର କରାଯାଉଛି

୨.କ



ଚମଡ଼ାରେ ଲୁଣ ଦିଆଯାଉଛି



୩.

ହାଡ଼ଗୁଣ୍ଡ ସାରରୂପେ ବ୍ୟବହାର କରାଯାଉଛି

## ଶିରିଷ ଅଠା ପ୍ରସ୍ତୁତ କେନ୍ଦ୍ର
## (Glue manufacturing Centre)

ଏହି କେନ୍ଦ୍ରରେ ମିଳୁଥିବା ମାଂସଖଣ୍ଡ (Fleshing)ରୁ ଶିରିଷ ଅଠା ପ୍ରସ୍ତୁତ କରିବା ନିମନ୍ତେ ବୋର୍ଡ଼ ନିମ୍ନଲିଖିତମତେ ଟ ୬୦୦୦/- ସମବାୟ ସମିତିକୁ ଦେଉଅଛନ୍ତି :—

| | |
|---|---|
| ୧ । କେନ୍ଦ୍ର ପାଇଁ ଜମି, ଘର, କୁଣ୍ଡ ତିଆରି ଓ ଯନ୍ତ୍ରପାତି ଖରିଦ ପାଇଁ | ଟ ୪୦୦୦/- |
| ୨ । ମୂଳଧନ | ଟ ୨୦୦୦/- |
| | ଟ ୬୦୦୦/- |

ଜମି, ଘର, କୁଣ୍ଡ ଓ ଯନ୍ତ୍ରପାତି ପାଇଁ ଖର୍ଚ୍ଚର ଶତକଡ଼ା ୭୫ ଭାଗ, ଅର୍ଥାତ ଟ ୩୦୦୦/- ସାହାଯ୍ୟ ଓ ବାକି ୨୫ ଭାଗ ଓ ମୂଳଧନ ଟ ୨୦୦୦/- ଏରୂପେ ଟ ୩୦୦୦/- ଋଣସୂତ୍ରରେ ଦିଆଯାଏ ।

## କଷକୁଣ୍ଡ ନିର୍ମାଣ ଓ ମରାମତି ପାଇଁ ସାହାଯ୍ୟ

ଗାଁଗହଳର ମୋଚିମାନେ ନିଜ ବାଡ଼ିରେ ମାଟି କୁଣ୍ଡମାନେ ସ୍ଥାପନ କରି ଚମଡ଼ା କଷ କରିଥାଆନ୍ତି । ତାଙ୍କର ଆର୍ଥିକ ଅବସ୍ଥା ଏତେ ଶୋଚନୀୟ ଯେ ସେମାନେ ଦରକାର ମୁତାବକ ଭଲ କୁଣ୍ଡ କରିପାରନ୍ତି ନାହିଁ ବା ଯେଉଁ କୁଣ୍ଡମାନ କରିଥାନ୍ତି, ତାକୁ ମରାମତି କରି ପାରନ୍ତି ନାହିଁ । ତେଣୁ ନୂଆ କୁଣ୍ଡ ତିଆରି ଓ ପୁରୁଣା କୁଣ୍ଡ ମରାମତି କରିବାକୁ ତାଙ୍କୁ ସମବାୟ ସମିତି ଜରିଆରେ ଆର୍ଥିକ ସାହାଯ୍ୟ ଦେଇ ଏ ଶିଳ୍ପର ଉନ୍ନତି କରିବା ଯୋଜନାର ଉଦ୍ଦେଶ୍ୟ । ତାଛଡ଼ା ସମବାୟ ସମିତିଦ୍ୱାରା ପରିଚାଳିତ ଚମଡ଼ା କଷ କାରଖାନାର ପୁରୁଣା କଷକୁଣ୍ଡ ମରାମତି ଓ ନୂଆ କଷ କୁଣ୍ଡ ତିଆରି ନିମନ୍ତେ ଆର୍ଥିକ ସାହାଯ୍ୟ ଦେବା ମଧ୍ୟ ଯୋଜନାର ଅନ୍ତର୍ଭୁକ୍ତ । ପ୍ରତ୍ୟେକ ନୂଆ କୁଣ୍ଡ ତିଆରି ନିମନ୍ତେ ଟ ୨୦୦/- ଓ ପ୍ରତ୍ୟେକ କୁଣ୍ଡ ମରାମତି ନିମନ୍ତେ କୁଣ୍ଡପ୍ରତି ଟ ୫୦/- ସାହାଯ୍ୟରୂପେ ଦିଆଯାଏ ।

ଉପରୋକ୍ତ ଯେକୌଣସି କେନ୍ଦ୍ର ସ୍ଥାପନ ପାଇଁ ଆର୍ଥିକ ସାହାଯ୍ୟ ପାଇବାକୁ ହେଲେ ହରିଜନ ଭାଇମାନଙ୍କୁ ଗୋଟିଏ ସମବାୟ ସମିତି ଗଢ଼ିବାକୁ ହେବ । ଖୁବ୍ କମରେ ୧୦ ଜଣ ହରିଜନ ମିଳି ଗୋଟିଏ ସମିତି ଗଢ଼ିପାରିବେ ଓ ସମିତି ଗଠନ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ ସ୍ଥାନୀୟ ସମବାୟ ସମିତି ସମୂହର ଆସିଷ୍ଟାଣ୍ଟ ରେଜେଷ୍ଟ୍ରାରଙ୍କୁ ଆବେଦନ କଲେ ତାଙ୍କଠାରୁ ସମସ୍ତ ସାହାଯ୍ୟ ପାଇପାରିବେ । ସମିତିଟିଏ ସ୍ଥାପନ ହୋଇଗଲା ପରେ ଉପରୋକ୍ତ କେନ୍ଦ୍ରଗୁଡ଼ିକ ମଧ୍ୟରୁ କୌଣସିଟି ସ୍ଥାପନ କରିବାକୁ ଇଚ୍ଛାକଲେ ସେଥି ବାବଦ ଋଣ ଓ ସାହାଯ୍ୟ ପାଇଁ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ଙ୍କୁ ସ୍ଥାନୀୟ ଆସିଷ୍ଟାଣ୍ଟ ରେଜେଷ୍ଟ୍ରାରଙ୍କ ଜରିଆରେ ଦରଖାସ୍ତ କଲେ ପାଇପାରିବେ ।

ଉପରୋକ୍ତମତେ ଜମି, ଘର ଓ ଯନ୍ତ୍ରପାତି ପାଇଁ ଦିଆଯାଉଥିବା ଋଣ ୫ ବର୍ଷ ମଧ୍ୟରେ ବିନା ସୁଧରେ ପରିଶୋଧ କରିବାକୁ ପଡ଼ିବ । କିନ୍ତୁ କର୍ମୀଙ୍କ ଦରମା ଓ ମୂଳଧନ ବାବଦକୁ ଦିଆଯାଉଥିବା ଋଣ ୩ ବର୍ଷ ମଧ୍ୟରେ ପରିଶୋଧ କରିବାକୁ ପଡ଼ିବ । ପ୍ରଥମ ବର୍ଷ ପାଇଁ ସୁଧ ପଡ଼ିବ ନାହିଁ ଏବଂ ୨ୟ ଓ ୩ୟ ବର୍ଷ ପାଇଁ ଶତକଡ଼ା ବାର୍ଷିକ ଟ ୩/- ହାରରେ ସୁଧ ପଡ଼େ ।

ସମବାୟ ସମିତିମାନଙ୍କୁ ଉପରୋକ୍ତ କେନ୍ଦ୍ରମାନ ସ୍ଥାପନ ପାଇଁ ସାହାଯ୍ୟ ଦେବା ଛଡ଼ା କେନ୍ଦ୍ରମାନ ଚଳାଇବା ପାଇଁ ସେମାନଙ୍କ ଲୋକଙ୍କୁ ଚମଡ଼ା ଉତାରିବା ଓ ଚମଡ଼ା କଷ କରିବା ବିଷୟରେ ତାଲିମ ଦିଆଯାଉଛି । ଚମଡ଼ା ଉତାରିବା ପାଇଁ ବରମ୍ଭର କୋଷ କେନ୍ଦ୍ରରେ ୪ ମାସ ଓ ଚମଡ଼ା କଷ କରିବା ବିଷୟରେ କର୍ମୀମାନଙ୍କ ସାହାଯ୍ୟରେ ସ୍ଥାପିତ ବିଭିନ୍ନ ତାଲିମ ଓ ଉତ୍ପାଦନ କେନ୍ଦ୍ରରେ ୧ ବର୍ଷ ତାଲିମ ଦିଆଯାଉଛି । ତାଲିମ ପାଇବା ଲୋକଙ୍କ ଆବଶ୍ୟକୀୟ ଖର୍ଚ୍ଚ କମିସନ ବହନ କରୁଛନ୍ତି ଓ ଶିକ୍ଷା ସମୟରେ ଶିକ୍ଷାର୍ଥୀଙ୍କୁ କମିସନ ଟ ୪୦/- ହାରରେ ଭତ୍ତା ଦେଉଛି

ଅଛନ୍ତି । ଏଥି ସକାଶେ ଶିକ୍ଷାର୍ଥୀଙ୍କୁ ଯିବାଆସିବା ଖର୍ଚ୍ଚ ମଧ୍ୟ ଦିଆଯାଏ । ହିନ୍ଦୀ ଲେଖିପଢ଼ି ଜାଣିଥିବା ଓ ୨୫ରୁ ୪୦ ବର୍ଷ ମଧ୍ୟରେ ବୟସ ହୋଇଥିବା ଯେ କୌଣସି ସୁସ୍ଥ ବ୍ୟକ୍ତି ଚମଡ଼ା ଉଠାଇବା ତାଲିମ ପାଇ ପାରିବେ ।

ଚମଡ଼ା କଷ କରିବା ତାଲିମ ପାଇଁ ମାଟ୍ରିକୁଲେସନ ପାଶ କରିଥିବା ବ୍ୟକ୍ତି ବା ପୁରୁଷାନୁକ୍ରମିକ ଚର୍ମ କଷ କାରମାନେ ଯଦି ଚଳନୀୟ ଇଂରେଜୀ ଓ ହିନ୍ଦୀ ଜାଣିଥିବେ, ତାହା ହେଲେ ଉକ୍ତ ଟ୍ରେନିଂ ନେଇ ପାରିବେ ।

ସୁଖର କଥା ଯେ, ସ୍ଥାନେ ସ୍ଥାନେ ହରିଜନମାନେ ସମବାୟ ସମିତିମାନ ଗଠନ କରି ଉପରୋକ୍ତମତେ ଆର୍ଥିକ ସାହାଯ୍ୟ ନେଇ କାମ ଆରମ୍ଭ କଲେଣି । କିନ୍ତୁ ପୂର୍ଣ୍ଣପ୍ରାଣରେ ସେଠାର ହରିଜନମାନେ ସମିତି ସହ ସହଯୋଗ ନ କରିବା ଯୋଗୁଁ ସମିତି ଭଲ ଭାବରେ ଚଳିପାରୁ ନାହିଁ । ଆଜିପର୍ଯ୍ୟନ୍ତ ସେମାନଙ୍କୁ ଯେଉଁମାନେ ଠକୁଥିଲେ, ସେହି ମହାଜନଙ୍କର ସାମୟିକ ଲୋଭ ଭୁଲିଯାଇ ସମିତିକୁ ସାହାଯ୍ୟ ନ କଲେ ସମିତିର ସଭ୍ୟମାନେ ଉଚିତ ଦର ପାଇବେ ନାହିଁ ଓ ସୁଦଖୋର ଠକାମିରେ ପଡ଼ିବେ । ସଭ୍ୟମାନେ ସମିତି ଜରିଆରେ କାରବାର କଲେ ସମିତି ଯାହା ଲାଭ କରିବ, ତାହା ସେମାନେ ପାଇବେ । ପଇସା ଅଭାବରୁ ଯେଉଁ ଜିନିଷକୁ ଖୁବ କମ ଦରରେ ବିକି ଦେଉଥିଲେ, ସମିତି ଜରିଆରେ କାରବାର କଲେ ସବୁବେଳେ ସେମାନେ ଉଚିତ ଦର ପାଇବେ । ଏହି ଦୃଷ୍ଟିରୁ ସେମାନେ ସଙ୍ଘବଦ୍ଧ ହୋଇ ସମିତି ଗଠନ କରି ଉପରୋକ୍ତ ସାହାଯ୍ୟ ନେଇ ଯଦି ପୂର୍ଣ୍ଣପ୍ରାଣରେ ସମିତିଟିକୁ ଚଳାନ୍ତି, ତାହାହେଲେ ସେମାନଙ୍କର ଅବସ୍ଥା ନିଶ୍ଚୟ ସୁଧୁରିଯିବ ।

## ଗୋଟିଏ ଆଦର୍ଶ

## ଚମଡ଼ା ସମବାୟ ସମିତିର ଦୃଷ୍ଟାନ୍ତ

ଗାଁ ଗହଳରେ ହୋଇଥିବା ସମବାୟ ସମିତିମାନଙ୍କ ମଧ୍ୟରୁ 'ପାମଲ ବହୁମୁଖୀ ସମବାୟ ସମିତି' ଗୋଟିଏ । ତାହା ସମ୍ବଲପୁର ଜିଲ୍ଲାର ପଦ୍ମପୁର ଗ୍ରାମଗୋଷ୍ଠୀ ଯୋଜନା ମଧ୍ୟରେ ଅବସ୍ଥିତ । ସେଠାକାର ୧୨୭ ଜଣ ହରିଜନ ଓ ସବର୍ଣ୍ଣ ମିଶି ସମିତି ଗଠନ କରି ଅଛନ୍ତି । ସେମାନେ ଚର୍ମଶିଳ୍ପର ଉନ୍ନତି ନିମନ୍ତେ ଗୋଟିଏ ଚର୍ମ ସଂରକ୍ଷଣ କେନ୍ଦ୍ର ଓ ଗୋଟିଏ ଫ୍ଲେଟ ଖରିଦ ବିକ୍ରି କେନ୍ଦ୍ର ବୋର୍ଡ଼ଙ୍କଠାରୁ ଆର୍ଥିକ ସାହାଯ୍ୟ ନେଇ ସ୍ଥାପନ କରି ଅଛନ୍ତି । ବୋର୍ଡ଼ ଚର୍ମ ସଂରକ୍ଷଣ କେନ୍ଦ୍ର ସ୍ଥାପନ ପାଇଁ ଟ ୭୭୨୦୯ ଓ ଫ୍ଲେଟ ଖରିଦ ବିକ୍ରି କେନ୍ଦ୍ର ସ୍ଥାପନ ପାଇଁ ଟ ୧୯୦୦୦୯ ସାହାଯ୍ୟ ଓ ଋଣ ସୂତ୍ରରେ ଦେଇ ଅଛନ୍ତି । ଚର୍ମ ସଂରକ୍ଷଣ କେନ୍ଦ୍ର ପାଇଁ ଦରକାର ହେଉଥିବା ହାଡ଼ପିଷା କଳଟିଏ ମଧ୍ୟ ଉକ୍ତ ଟଙ୍କାରୁ ଯୋଗାଇ ଦିଆଯାଇଛି । ସମିତି ଉକ୍ତ ଟଙ୍କାରେ ଆବଶ୍ୟକୀୟ ଘର ତିଆରି କରିଛି ଓ ବଳଦ ଗାଡ଼ି, ବଳଦ ଇତ୍ୟାଦି ଖରିଦ କରି କାମ କରୁଛି । ସମିତିର କାର୍ଯ୍ୟ ଚଳେଇବା ପାଇଁ ସ୍ଥାନୀୟ ଜଣେ ହରିଜନକୁ ଚର୍ମ ସଂରକ୍ଷଣ ବିଷୟରେ ବମ୍ବେରେ ତାଲିମ ଦିଆ ହୋଇଛି ଓ ସେହି ହରିଜନ ଯୁବକଟି ପାଖ ଆଖରେ ମରୁଥିବା ପଶୁକୁ ସମିତିର ଶଗଡ଼ ଗାଡ଼ିରେ କେନ୍ଦ୍ରକୁ ବୋହିଆଣି ତହିଁରୁ ଚମଡ଼ା ଛଡ଼ାଉଛି ଓ ତାହାର ହାଡ଼କୁ ହାଡ଼ପିଷା କଳରେ ପିଷାଇ ତହିଁରୁ ହାଡ଼ଗୁଣ୍ଡ ପ୍ରସ୍ତୁତ କରୁଛି । ଗାଁ ଗହଳରେ ପଶୁଟିଏ ମଲେ ସେହି ଗ୍ରାମର ଓ୍ୱାର୍ଡ଼ ମେମ୍ବର (ପ୍ରଧାନ ବ୍ୟକ୍ତି) ଜଣେ ବ୍ୟକ୍ତିଙ୍କ ହାତରେ ସମିତିକୁ ଖବର ପଠାନ୍ତି । ଯେଉଁ ଲୋକ ଖବର ଦିଏ, ସେ ସମିତିରୁ ଟ ୦.୩୭ ନୂଆ ପଇସା ବା ଛଅ ଅଣା ମଜୁରି ପାଏ । ଏଥି ଦ୍ୱାରା ତାର ମନ ଖୁସି ହୁଏ ଏବଂ ଭବିଷ୍ୟତରେ ପୁଣି ଖବର ଆଣିବା ପାଇଁ ଇଚ୍ଛା କରିଥାଏ । ସମିତି ମଧ୍ୟ ତଦ୍ୱାରା ଠିକ ସମୟରେ ଖବର ପାଇ ତାଲିମପ୍ରାପ୍ତ ଲୋକଟିକୁ ବଳଦ ଗାଡ଼ି ସହିତ ପଠାଇ ମଢ଼ଟିକୁ କେନ୍ଦ୍ରକୁ ନେଇ ଆସେ ଓ ସେଠାରେ ତାହାର ଛାଲ ଛଡ଼ାଇ ଲୁଣ ଦେଇ ବିକ୍ରି ପାଇଁ ସଂରକ୍ଷଣ କରି ରଖେ ।

ସମିତି ପ୍ରତ୍ୟେକ ଗ୍ରାମରୁ ଟ ୨୫ ଦରରେ ମଡ଼ ଖରିଦ କରେ । ପ୍ରତି ଗ୍ରାମର ଓ୍ୱାର୍ଡ ମେମ୍ବର ତଥା ଯୌଥ୍ରୁଆଙ୍କ ପାଖରେ ଏହି ଟଙ୍କା ଜମା ରହେ । ପରେ ଗାଁର ଉନ୍ନତିମୂଳକ କାର୍ଯ୍ୟରେ ଏହି ଅର୍ଥ ଖର୍ଚ୍ଚ କରାଯାଏ । ତେଣୁ ପଞ୍ଚାୟତର ସରପଞ୍ଚ ଓ ଓ୍ୱାର୍ଡ ମେମ୍ବରମାନେ ଏହି ସମିତିକୁ ଚମଡ଼ା ଓ ମଡ଼ ଖୋଗାଡ଼ରେ ବହୁତ ସାହାଯ୍ୟ କରୁଅଛନ୍ତି । ମଡ଼ ଦେହରୁ ଯେଉଁ ହାଡ଼ ମିଳେ, ତାହା ହାଡ଼ ସିଝାଇବା କଳପାଇଁ ଯଥେଷ୍ଟ ହେଉ ନ ଥିବାରୁ ସମିତି ମେମ୍ବରଙ୍କ ଠାରୁ ହାଡ଼ ମଧ୍ୟ ଖରିଦ କରେ । ସଭ୍ୟମାନେ ଗାଁ ଜଙ୍ଗଲରେ ପଡ଼ିଥିବା ହାଡ଼ ଗୋଟେଇ ଆଣି ସମିତିକୁ ବିକୁ ଅଛନ୍ତି ଓ ତଦ୍ଵାରା ଯେଉଁ ହାଡ଼ ଆଗରୁ ଗାଁ ଜଙ୍ଗଲରେ ନଷ୍ଟ ହେଉଥିଲା ତହିଁରୁ ସେମାନେ ପଇସା ରୋଜଗାର କରିପାରୁ ଅଛନ୍ତି । କର୍ମୀଙ୍କୁ ଦୈନିକ ମଜୁରି ଦେଇ ହାଡ଼ଗୁଣ୍ଡ ପ୍ରସ୍ତୁତ କରିବା ସମିତି ଓ କର୍ମୀଙ୍କ ପକ୍ଷେ ଲାଭଜନକ ନ ହେବାରୁ କର୍ମୀଙ୍କୁ ଠିକାରେ ମଜୁରି ଦେଇ ହାଡ଼ଗୁଣ୍ଡ ପ୍ରସ୍ତୁତ ହେଉଛି । ଥରେ ହାଡ଼ ସିଝାଇବାକୁ ଟ ୦.୬୮ ଓ ଟିଣେ ହାଡ଼ଗୁଣ୍ଡ କୁଟି ଦେବାକୁ ଟ ୦.୫ ହାରରେ ମଜୁରି ଦିଆଯାଉଛି । ୪ ଜଣ କର୍ମୀ ଦିନକୁ ୮ରୁ ୯ ଥର ହାଡ଼ ସିଝାଇ ଓ ୫ରୁ ୭ ଟିଣ ହାଡ଼ଗୁଣ୍ଡ କୁଟି ସେଠାକାର ଦୈନିକ ମଜୁରି ହାର ଟ ୦.୫ ସ୍ଥଳେ ଟ ୧.୨ରୁ ଊର୍ଦ୍ଧ୍ୱ ରୋଜଗାର କରୁଅଛନ୍ତି ।

କେନ୍ଦ୍ରରେ ଯେତିକି ଚମଡ଼ା ଛେଲାଯାଉଛି, ତାହା ସମିତିର ବ୍ୟବସାୟ ପକ୍ଷେ ଯଥେଷ୍ଟ ନ ହେବା ଯୋଗୁଁ ସମିତି ଦୂର ଗ୍ରାମମାନଙ୍କରୁ ମଧ୍ୟ ଚମଡ଼ା ଖରିଦ କରି ବିକ୍ରି କରୁଛି । ସମିତିର ଅଧିକାଂଶ ସଭ୍ୟ ଚମାର ଜାତିର ହୋଇଥିବାରୁ ସେମାନେ ସମିତିରୁ ଅଗ୍ରିମ ନେଇ ଦୂର ଗ୍ରାମମାନଙ୍କରୁ ଚମଡ଼ା କିଣି ଆଣି ସମିତିକୁ ଯୋଗାନ୍ତି ଓ ସମିତି ତାକୁ ଉଚ୍ଚ ଦରରେ ବାହାରର ମହାଜନଙ୍କୁ ବିକେ । ତଦ୍ଵାରା ସମିତିର ସଭ୍ୟମାନେ ଲାଭବାନ ହେବା ସଙ୍ଗେ ସଙ୍ଗେ ସମିତି ମଧ୍ୟ ଲାଭବାନ ହୁଏ ।

ସମିତିର ସଭାପତି ତଥା ସେଠାକାର ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ସମ୍ପ୍ରସାରଣ ଯୋଜନାର କର୍ମଚାରୀମାନେ ଏ ସମିତିର ଉନ୍ନତି ପାଇଁ ବହୁତ ପରିଶ୍ରମ କରୁ ଅଛନ୍ତି । ଗତ ବର୍ଷ ସମିତିର ଚର୍ମସଂରକ୍ଷଣ ବିଭାଗ ୯୦ ଗୋଟି ମଡ଼ କେନ୍ଦ୍ରକୁ ଆଣି ଚମଡ଼ା ଉତାରିଛି, ୨୦ ଖଣ୍ଡ ଚମଡ଼ା ଓ ୧୧୮ ମହଣ ହାଡ଼ ଖରିଦ କରିଛି ଓ ୧୮୦ ମହଣ ହାଡ଼ଗୁଣ୍ଡ ପ୍ରସ୍ତୁତ କରିଛି । ଖରିଦ ବିକ୍ରି କେନ୍ଦ୍ରଟିକୁ ସମିତି ଗତ ନଭେମ୍ବର ମାସଠାରୁ କାର୍ଯ୍ୟକାରୀ କରିଛି । ମାର୍ଚ୍ଚ ମାସ ମଧ୍ୟରେ ୮୯୯ ଖଣ୍ଡ ଚମଡ଼ା ଓ ୨ ମହଣ ୧୫ ସେର ଶିଙ୍ଗ ଖରିଦ କରିଛି । ସମିତି ଅଳ୍ପଦିନ ହେଲା କାର୍ଯ୍ୟାରମ୍ଭ କରିଥିବାରୁ ଓ ନିକଟରେ କଷ କାରଖାନା ନ ଥିବାଯୋଗୁଁ କଞ୍ଚା ଚମଡ଼ା ମହାଜନଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଥିବାରୁ ଉପଯୁକ୍ତ ଉତ୍ପାଦିତ ପଦାର୍ଥଗୁଡ଼ିକ ବିକି ବିଶେଷ ଲାଭବାନ ହୋଇ ପାରୁନାହିଁ । କିନ୍ତୁ ଉକ୍ତ କେନ୍ଦ୍ରମାନ ସ୍ଥାପନ ହେବା ଯୋଗୁଁ ସେଠାକାର ହରିଜନମାନେ ସେଠାରେ କାମ କରି ପ୍ରତିପୋଷଣ ହୋଇ ପାରୁଛନ୍ତି ଓ ଚମଡ଼ା ଓ ହାଡ଼ର ଉଚିତ ଦାମ ମଧ୍ୟ ପାଇ ପାରୁଛନ୍ତି । ସମିତି ଗତ ୮ ମାସ ମଧ୍ୟରେ ଟ ୫୯୭୭.୩୮ ନୂଆ ପଇସାର ଚମଡ଼ା ଓ ଶିଙ୍ଗ କିଣି ଏବଂ ଟ ୬୩୨୮.୧୯ ନୂଆ ପଇସା ବିକି ଟ ୩୫୧.୮୧ ନୂଆ ପଇସା ଲାଭ କରିଛି । ତେଣୁ ସମିତିର କାର୍ଯ୍ୟ କିଛି ଦିନ ଚାଲିଲେ ଓ ସେଠାକାର ହରିଜନ ମାନେ ପୂର୍ଣ୍ଣପ୍ରାଣରେ ସହଯୋଗ କଲେ ସମିତି ଯେ ଲାଭବାନ ହୋଇ ପାରିବ, ସେଥିରେ ସନ୍ଦେହ ନାହିଁ ।

ତା ଛଡ଼ା କଞ୍ଚା ଚମଡ଼ା ବିକିବା ସମିତିପକ୍ଷେ ବିଶେଷ ଲାଭଜନକ ହେଉ ନ ଥିବାରୁ ଓ କଷ କରିବା ପାଇଁ ଦରକାର ହେଉଥିବା ଚୂନା ସ୍ଥଳ, ହରଡ଼ା

ଇତ୍ୟାଦି ସେଠାରେ ମିଳୁଥିବାରୁ ସମିତିକୁ ଗୋଟିଏ ଆଦର୍ଶ ଚମଡ଼ା କଷା କେନ୍ଦ୍ର ଖୋଲିବା ପାଇଁ ବୋର୍ଡ଼ ଟଙ୍କା ସାହାଯ୍ୟ ଦେଇ ଅଛନ୍ତି । ଉକ୍ତ କଷ କେନ୍ଦ୍ରଟି ସ୍ଥାପନ ହେଲେ ସେଠାରେ ଉତ୍ପନ୍ନ ହେଉଥିବା ଚମଡ଼ାକୁ କଷ କରି ବନ୍ଦି କରାଯାଇ ପାରିବ । ତଦ୍ୱାରା ସମିତି ଲାଭବାନ ହେବା ସଙ୍ଗେ ସଙ୍ଗେ ସଭ୍ୟମାନେ ମଧ୍ୟ ଲାଭବାନ ହେବେ । ସେଠାକାର ମୋଚିମାନେ ମଧ୍ୟ ଭଲ ଚମଡ଼ା ଶସ୍ତାରେ ପାଇ ପାରିବେ ଓ ସେଥିରୁ ଜୋତା, ଚପଲ ତିଆରି କରି ବିକିଲେ ବେଶି ରୋଜଗାର କରି ପାରିବେ ।

ସମବାୟ ସମିତିଟିଏ ସ୍ଥାପନ କରି ବୋର୍ଡ଼ର ସାହାଯ୍ୟ ନେଇ ଉପଯୋଗୀ ଯେ କୌଣସି କେନ୍ଦ୍ରଟିଏ ସ୍ଥାପନ କଲେ ତାହାର ସୁପରିଚାଳନା ସମ୍ବନ୍ଧେ ପରାମର୍ଶ ଦେବାପାଇଁ କମିଶନ ଓଡ଼ିଶାରେ ଟେକ୍ନିକାଲ ଅଫିସର (ଲେଦର) ନାମକ ଜଣେ କର୍ମଚାରୀ ନିଯୁକ୍ତ କରି ଅଛନ୍ତି ଓ ଜଣେ ଇନ୍‌ସପେକ୍ଟର ଓ କେତେ ଜଣ ସୁପରଭାଇଜର ମଧ୍ୟ ନିଯୁକ୍ତ କରୁ ଅଛନ୍ତି । ତାଛଡ଼ା ସମବାୟ ବିଭାଗରେ ମଧ୍ୟ ଜଣେ ଚର୍ମବିଶାରଦ ଅଛନ୍ତି । ସେମାନେ ଆବଶ୍ୟକସ୍ଥଳେ ନିଜେ ସମିତିକୁ ଯାଇ ସମସ୍ତ ବିଷୟରେ ପରାମର୍ଶ ଦିଅନ୍ତି ।



ଓଡ଼ିଶାର ରାଜ୍ୟପାଳ ପୁରୀ ମହିଳା ଶିକ୍ଷାଶ୍ରମ ( ସମବାୟ ) ର
ବାର୍ଷିକ ଉତ୍ସବରେ ଯୋଗଦାନ କରୁଅଛନ୍ତି



ପୁରୀ ମହିଳା ସମବାୟ ସମିତିରେ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ



ଭାରତର ଉପରାଷ୍ଟ୍ରପତି ଡାଃ ରାଧାକୃଷ୍ଣନ୍ ଗତ ୧୩।୬।୫୮ ରେ ଓଡ଼ିଶା ପି: ଇ: ଏନ୍: ଅନୁଷ୍ଠାନର ଶାଖା
ଉଦ୍‌ଘାଟନ କରି ଏକ ବିରାଟ ସାଧାରଣ ସଭାରେ ଭାଷଣ ଦେଉଛନ୍ତି

# ଗୁଡ଼ ଓ ଖଣ୍ଡସାରି ଶିଳ୍ପ

ଶ୍ରୀ ସି. ଭି. ସୁବାରାଓ

ଏମ୍. ଏ. ବି. ଏସ୍. ସି. ( ଇଣ୍ଡ କେମିଷ୍ଟ୍ରି ) ଏ. ଆଇ. ଆଇ. ଏସ୍. ସି.

ସହକାରୀ ସମବାୟ ରେଜିଷ୍ଟ୍ରାର୍ ଓ ଗୁଡ଼ ଉନ୍ନୟନ ଅଫିସର

ଓଡ଼ିଶା ଏକ ପଲ୍ଲୀବହୁଳ କୃଷିପ୍ରଧାନ ରାଜ୍ୟ । ଏଠାରେ ପ୍ରାୟ ପ୍ରତି ବର୍ଷ ୬୦,୦୦୦ ଏକର ଜମିରେ ଆଖୁଚାଷ ହୁଏ । ତଥାପି ସାରା ରାଜ୍ୟରେ କେବଳ ଗୋଟିଏ ଚିନିକଳ ଅଛି । ଏଣୁ ମୋଟ ଆଖୁ ଉତ୍ପାଦନର ଶତକଡ଼ା ୮୩ ଭାଗ ଗୁଡ଼ ଉତ୍ପାଦନରେ ବିନିଯୋଗ ହୋଇଥାଏ । ଓଡ଼ିଶାରେ ପ୍ରାୟ ୧୦୦୦୬୨ ବଳଦଚାଳିତ ଆଖୁପେଡ଼ା କଳ ଅଛି ଏବଂ ଅଧିକାଂଶ ଉତ୍ପାଦିତ ଆଖୁ ଏଥିଦ୍ୱାରା ପେଡ଼ାଯାଇଥାଏ । ତଥାପି ଆଶ୍ଚର୍ଯ୍ୟର କଥା ଯେ ଏହି ଶିଳ୍ପର ଉନ୍ନତି ପାଇଁ ଏବେ ସୁଦ୍ଧା କୌଣସି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା । କେବଳ ୧୯୫୫ ମସିହାର ଶେଷ ଭାଗରେ ଏହି ଶିଳ୍ପର ଉନ୍ନତିକଳ୍ପେ ରାଜ୍ୟ ଗୁଡ଼ ଓ ଖଣ୍ଡସାରି ଯୋଜନା କାର୍ଯ୍ୟକାରୀ କରାଯାଇ ନିୟମିତ ବୈଜ୍ଞାନିକ ପ୍ରଣାଳୀରେ ଗୁଡ଼ ଓ ଖଣ୍ଡସାରି ଉତ୍ପାଦନର ଉନ୍ନତ ବ୍ୟବସ୍ଥାମାନ ଗ୍ରହଣ କରିବା ପାଇଁ ନିଖିଳ ଭାରତ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ସ୍ଥିର କରିଥିଲେ ।

## ଗୁଡ଼ ଓ ଖଣ୍ଡସାରି ଉତ୍ପାଦନ ଯୋଜନା କାହିଁକି କାର୍ଯ୍ୟକାରୀ କରାଯାଇଥିଲା

୧ । ଅନୁନ୍ନତ ଆଖୁପେଷା କଳ ବ୍ୟବହାର ବନ୍ଦ କରି ଶତକଡ଼ା ୬୫ଠାରୁ ୭୦ ଭାଗ ଯାଏ ରସ ନିଷ୍କାସନ କରୁଥିବା ଉନ୍ନତ ଧରଣର ଆଖୁପେଡ଼ା କଳ ପ୍ରଚଳନ କରିବା; ଯାହା ଫଳରେ ଆଉ ଅଧିକ ଜମିରେ ଆଖୁଚାଷ ନ କରି ମଧ୍ୟ ଅଧିକ ଗୁଡ଼ ଉତ୍ପାଦନ କରାଯାଇ ପାରିବ ।

୨ । ଉନ୍ନତ ଗୁଡ଼ରନ୍ଧା ଚୁଲିକୁ ଲୋକପ୍ରିୟ କରି ଅଯଥା ଜାଳ ନଷ୍ଟ ଓ ସମୟ ନଷ୍ଟ ଇତ୍ୟାଦି ଉତ୍ପାଦନ ଖର୍ଚ୍ଚ କମାଇବା ।

୩ । ଗୁଡ଼ ଉତ୍ପାଦନକାରୀଙ୍କ ମଧ୍ୟରେ ଗୁଣଯୁକ୍ତ, ସୁଲଭ ଓ ସୁବିଧାରେ ପ୍ରାପ୍ୟ ରସ ସଫା କରୁଥିବା ବିଭିନ୍ନ ପ୍ରକାରର ଦ୍ରବ୍ୟମାନଙ୍କର ପ୍ରଚଳନ କରାଇବା ।

୪ । ଆଖୁ ଚାଷୀଙ୍କୁ ଉନ୍ନତ ପ୍ରଣାଳୀରେ ଗୁଡ଼ ଓ ଖଣ୍ଡସାରି ଉତ୍ପାଦନ ପାଇଁ ଅଭ୍ୟସ୍ତ କରାଇବା ।

୫ । ଗୁଡ଼ର ଶ୍ରେଣୀ ବିଭାଗ ଜରିଆରେ ଉତ୍ପାଦନକାରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ।

୬ । ଉତ୍ପାଦନକାରୀଙ୍କୁ ସେମାନଙ୍କର ସମବାୟ ସମିତି ଜରିଆରେ ଗୁଡ଼ ଓ ଖଣ୍ଡସାରି ଉନ୍ନତ ପ୍ରଣାଳୀରେ ମହଜୁତ କରିବା ପାଇଁ ସୁଯୋଗ ଓ ସୁବିଧା ଦେବା ସଙ୍ଗେ ସଙ୍ଗେ ତାର ବିକ୍ରି ର ବ୍ୟବସ୍ଥା କରିବା ।

୭ । ଆଖୁ ଚାଷୀଙ୍କୁ ଉନ୍ନତ ଆଖୁପେଡ଼ା କଳ, କରେଇ, ଖଣ୍ଡସାରି ଯନ୍ତ୍ର ଏବଂ ଅନ୍ୟାନ୍ୟ କ୍ଷୁଦ୍ର କ୍ଷୁଦ୍ର କର୍ମସାଧକ ଯନ୍ତ୍ରମାନ ଋଣ ଓ କମ ମୂଲ୍ୟରେ ଯୋଗାଇଦେବା ।

୮ । ଦେଶର ଗୋ-ଶକ୍ତିକୁ ଶକ୍ତିଶାଳୀ କରିବା ଏବଂ ମଫସଲ ଅଞ୍ଚଳରେ ନୂତନ ବୃତ୍ତି ବା କର୍ମସଂସ୍ଥାନ ସୃଷ୍ଟି କରିବା ।

## ପ୍ରଥମେ କେଉଁଠି
## ଏହି ଯୋଜନା କାର୍ଯ୍ୟକାରୀ ହେଲା


୧୯୫୫ ମସିହାରେ ଗୁଡ଼ ଓ ଖଣ୍ଡସାରୀ ଯୋଜନାର କାର୍ଯ୍ୟାରମ୍ଭ ସଙ୍ଗେ ସଙ୍ଗେ ରାଜ୍ୟରେ ନିମ୍ନଲିଖିତ ପାଞ୍ଚଟି ସ୍ଥାନରେ ପାଞ୍ଚଟି ଗୁଡ଼ ଓ ଖଣ୍ଡସାରୀ ପ୍ରଦର୍ଶନୀ କେନ୍ଦ୍ର ଖୋଲାଯାଇ କାର୍ଯ୍ୟାରମ୍ଭ କରାଯାଇଥିଲା :—

୧ । ଗୋବରା ... ଗଞ୍ଜାମ
୨ । ହଂସପୁର ... ବାଲେଶ୍ୱର
୩ । ବାଙ୍କି ... କଟକ
୪ । ବଡ଼ମ୍ବା ... କଟକ
୫ । ବଡ଼ପଣ୍ଡୁପର ନମ୍ବ୍ରାଗଡ଼, ପୁରୀ

ପ୍ରତ୍ୟେକ କେନ୍ଦ୍ରରେ ଅନ୍ୟୂନ ୫୦୦ ଏକର ଯାଏ ଜମିରେ ଆଖୁଚାଷ ହୁଏ ଏବଂ ପ୍ରତି କେନ୍ଦ୍ରରେ କାର୍ଯ୍ୟ ନିର୍ବାହ କରିବା ନିମନ୍ତେ ଜଣେ ଜଣେ ଗୁଡ଼ ଇନସ୍ପେକ୍ଟର ଓ ଦୁଇ ଜଣ ଗୁଡ଼ ଗାଇଡ଼ ନିଯୁକ୍ତ କରାଯାଇଥିଲେ । ଉକ୍ତ କର୍ମଚାରୀମାନେ ଆଖୁଚାଷୀଙ୍କ କ୍ଷେତରେ ଉନ୍ନତ ପ୍ରଣାଳୀରେ ଗୁଡ଼ ରନ୍ଧନ ଇତ୍ୟାଦି ବୁଝାନ୍ତି ।

### ଉନ୍ନତ ଧରଣର ଆଖୁ ଓ ଖଣ୍ଡସାରୀ ଉତ୍ପାଦନ:— ଯନ୍ତ୍ରପାତି ବ୍ୟବହାର କଲେ ଲାଭ କଣ

ଆମ ରାଜ୍ୟରେ ଆଖୁଚାଷୀମାନେ ଗୁଡ଼ ଉତ୍ପାଦନ ନିମନ୍ତେ ଅନୁନ୍ନତ ଧରଣର ଯନ୍ତ୍ରପାତି ବ୍ୟବହାର କରନ୍ତି ଓ ଅନୁନ୍ନତ ଉତ୍ପାଦନ ପ୍ରଣାଳୀ ଅନୁସରଣ କରିଥାନ୍ତି । ସାଧାରଣତଃ ଉତ୍ପାଦନକାରୀମାନେ ଦାବଡ଼ା ଉଠାଇ ଆଖୁପେଡ଼ା କଳ ବ୍ୟବହାର କରନ୍ତି; ଯାହାର କି ରସ ନିଷ୍କାସନ ଶକ୍ତି କେବଳ ଶତକଡ଼ା ୫୫ ଭାଗରୁ ୬୦ ଭାଗ ଯାଏ । କିନ୍ତୁ ଉନ୍ନତ କଳ



(ସୁଲତାନ କଳ) ଦ୍ୱାରା ଶତକଡ଼ା ୬୫ ଭାଗରୁ ୭୦ ଭାଗ ଯାଏ ରସ ନିଷ୍କାସନ ହୋଇଥାଏ । ଯେଉଁ ଗୋଟିଏ ଅନୁନ୍ନତ କଳରେ ଦୈନିକ ତିରିଶ ମହଣ ଆଖୁ ପେଡ଼ାଯାଏ, ତେବେ ପ୍ରତିଦିନ ତିନ ମହଣ ଆଖୁରସ ଅର୍ଥାତ ନ'ଟଙ୍କା କ୍ଷତି ସହିବାକୁ ପଡ଼େ । ଅତଏବ ଏକଶତ ଦିନରେ ଅର୍ଥାତ ଗୋଟିଏ ଗୁଡ଼ ଉତ୍ପାଦନ ଋତୁରେ ଅନୁନ୍ନତ ଧରଣର ଆଖୁପେଡ଼ା କଳ ବ୍ୟବହାର କରି ଚାଷୀ ୫୬୦୦୯ କ୍ଷତି ସହେ । ଏହି ଟଙ୍କାରେ ଗୋଟିଏ ଉନ୍ନତ କଳ କିଣାଯାଇ ପାରିବ ।

ଆଖୁଚାଷୀ ସାଧାରଣତଃ ରସ ସଫା କରି ଗୁଡ଼ ଉତ୍ପାଦନ କରିବା ପ୍ରଣାଳୀ ଅନୁସରଣ କରେ ନାହିଁ । ଫଳରେ ମଇଳା ଓ ଅନୁନ୍ନତ ଗୁଡ଼ ଉତ୍ପାଦନ କରିଥାଏ । କିନ୍ତୁ ଏହି ଗୁଡ଼ ଖଣ୍ଡସାରୀ ଯୋଜନାରେ ଉଦ୍ଭିଦ ଜାତୀୟ ରସ ସଫାକାରୀ; ଯଥା:— ଭେଣ୍ଡି ଓ ସୁକ୍ଲାଇ, ବଣଭେଣ୍ଡି (ଭଉଲ), ଏବଂ ଅନ୍ୟାନ୍ୟ ମୂଳର ଓ ଗଣ୍ଡିଧାରେ ମିଳୁଥିବା ଦ୍ରବ୍ୟ- ଗୁଡ଼ିକର ପ୍ରଚଳନ କରିବା ବ୍ୟବସ୍ଥା ରଖାଯାଇଛି । ଏହାଛଡ଼ା ଏକ୍ଟିଭେଟେଡ଼୍ କାରବୋନ୍, ଖଡ଼ି ମାଟି

ପ୍ରସ୍ତୁତ ରସାୟନିକ ରସ ସଫାକାରୀ ଦ୍ରବ୍ୟମାନଙ୍କର ମଧ୍ୟ ପ୍ରଚଳନ କରାଯାଉଅଛି । ଉକ୍ତ ଉଦ୍ଭିଦ ଓ ରସାୟନିକ ରସ ସଫାକାରୀ ଦ୍ରବ୍ୟମାନଙ୍କର ଗୁଡ଼ ସଫା କରିବା ଶକ୍ତି ଓ ଉପକାରିତା ଇତ୍ୟାଦି ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଗାଁଗହଳର ଉତ୍ପାଦନକାରୀଙ୍କୁ ବୁଝାନ୍ତି ଓ ଉନ୍ନତ ପ୍ରଣାଳୀରେ ଗୁଡ଼ ଉତ୍ପାଦନ କରିବାରେ ଅଭ୍ୟସ୍ତ କରନ୍ତି । ଉତ୍ପାଦନକାରୀଙ୍କୁ ଏଥିରେ ଅଭ୍ୟସ୍ତ ହେବା ନିମନ୍ତେ ଉଦ୍ୟମ କରିବାକୁ ହେବ । କିସମର ପ୍ରଭେଦ ନେଇ ଉନ୍ନତ ଓ ଅନୁନ୍ନତ ଗୁଡ଼ ମଧ୍ୟରେ ମହଣ ପିଛା ଖାଣ୍ଟିଙ୍କା ଯାଏ ମୂଲ୍ୟରେ ଫରକ ଆସିଥାଏ । ଏକ୍ଟି-ଭେଟେଡ୍ କାରବୋନ ଦ୍ୱାରା ବିଶୋଧିତ ପ୍ରଣାଳୀରେ ଉତ୍ପାଦିତ ହିମ ରଙ୍ଗର ଗୁଡ଼ ଯେ ଉଚ୍ଚ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ମଧ୍ୟରେ ବିଶେଷ ଆଦୃତ ହେବ ଏବଂ ଜନ ସାଧାରଣରେ ଏହାର ବହୁଳ ବ୍ୟବହାର ହେବ, ଏଥିରେ ସନ୍ଦେହ ନାହିଁ ।

ବର୍ତ୍ତମାନ ଦେଶରେ ପ୍ରଚଳିତ ପ୍ରାୟ ଅଧିକାଂଶ ଆଖୁରସ ରନ୍ଧା ଚୁଲି ଗୋଟିଏ ଗୋଟିଏ ବଡ଼ ଖଣି ଛଡ଼ା ଆଉ କିଛି ନୁହେ । ଏପରି ଚୁଲିରେ ରସ ରନ୍ଧନ କରିବା ଫଳରେ ବହୁପରିମାଣ ଜାଳ ଓ ସମୟ ନଷ୍ଟ ହୁଏ । ଆଉ ମଧ୍ୟ ଅନିୟମିତ ଉତ୍ତାପ ଯୋଗୁଁ ଗୁଣ ନଷ୍ଟ ହୋଇଯାଏ ଏବଂ ଗୁଡ଼ ପୋଡ଼ି ଯାଇ ତାର ସ୍ୱାଦ ନଷ୍ଟ ହୋଇଯାଏ । ଏଣୁ ବିଭିନ୍ନ କିସମର ଉନ୍ନତ ଚୁଲି; ଯଥା :—କିସାନ, ଗଙ୍ଗା, ଯମୁନା ଇତ୍ୟାଦିର ବ୍ୟବସ୍ଥା କରାଯାଇ ଚାଷୀମାନଙ୍କୁ ଶିକ୍ଷା ଦିଆଯାଉଅଛି । ଏଥିରେ ଧୂଆଁ ନଳୀ, ବାୟୁ ଗମନାଗମନ ପଥ ଏବଂ ଜାଲି ଇତ୍ୟାଦିର ବ୍ୟବସ୍ଥା ରଖାଯାଇଛି । ଫଳରେ ଅଳ୍ପ ଜାଳ ଦରକାର ପଡ଼େ, ନିୟମିତ ଉତ୍ତାପଯୋଗୁଁ ଅପେକ୍ଷାକୃତ ଅଳ୍ପ ସମୟରେ ଗୁଡ଼ର ଗୁଣରେ କୌଣସି ତାରତମ୍ୟ ନ ଘଟି ଗୁଡ଼ ଉତ୍ପାଦନ ହୋଇଥାଏ ।

## ଖଣ୍ଡସାରି ଉତ୍ପାଦନ ଫଳରେ ଆଖୁଚାଷୀର କଣ ଲାଭ ହେବ

ପ୍ରତି କେନ୍ଦ୍ରରେ ଖଣ୍ଡସାରି ଉତ୍ପାଦନର ବ୍ୟବସ୍ଥା ମଧ୍ୟ ଏହି ଯୋଜନାରେ ରଖାଯାଇଅଛି । ଆଖୁରସକୁ 'ରବ' ଅର୍ଥାତ୍ ପତଳା ଗୁଡ଼ରେ ପରିଣତ କରି ଦାନା ବାନ୍ଧିବା ସକାଶେ ଅଳ୍ପ କେତେକ ଦିନ ଛାଡ଼ି ଦିଆଯାଏ । ଏହା ପରେ ଉକ୍ତ ରବରୁ ଖଣ୍ଡସାରି ଯନ୍ତ୍ର ସାହାଯ୍ୟରେ ଖଣ୍ଡସାରି ଉତ୍ପାଦନ କରାଯାଇଥାଏ । ଖଣ୍ଡସାରିର ମହଣ ପିଛା ମୂଲ୍ୟ ୨୮ ଠାରୁ ୩୬ ଟଙ୍କା ପର୍ଯ୍ୟନ୍ତ ହୁଏ । ଖଣ୍ଡସାରି ଶିଳ୍ପ ଗୁଡ଼ଶିଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ । କେବଳ ଗୋଟିଏ ଗୋଟିଏ ଖଣ୍ଡସାରି ଉତ୍ପାଦନ ଯନ୍ତ୍ର ଯଦି ଉତ୍ପାଦନକାରୀଙ୍କୁ ଯୋଗାଇ ଦିଆଯାଏ, ତେବେ ଆମେ ଆମର ଆବଶ୍ୟକୀୟ ଖଣ୍ଡସାରି ପାଇ ପାରିବା । ତା ଛଡ଼ା ଗୁଡ଼ ଶିଳ୍ପର ରକ୍ଷାକବଚ ରୂପେ ଖଣ୍ଡସାରି ଶିଳ୍ପ ଗୁଡ଼ ଓ ଚିନି ଉତ୍ପାଦନ ମଧ୍ୟରେ ସମତା ରକ୍ଷାକରେ । ଯେତେବେଳେ ଉତ୍ପାଦନକାରୀ ମନେ କରିବ ଯେ ଗୁଡ଼ ଅପେକ୍ଷା ଖଣ୍ଡସାରି ଉତ୍ପାଦନରେ ଅଧିକ ଆୟ ହେବ, ସେତେବେଳେ ସେ ରବ ପ୍ରସ୍ତୁତ କରି ଖଣ୍ଡସାରି ଉତ୍ପାଦନ କରି ପାରିବ । ଫଳରେ ଗୁଡ଼ ଓ ଚିନିର ମୂଲ୍ୟ ବଜାୟ ରହିବ ଏବଂ ଉତ୍ପାଦନ ସୀମାର ନିମ୍ନକୁ କିମ୍ବା ଊର୍ଦ୍ଧ୍ୱକୁ ଗତି କରିପାରିବ ନାହିଁ ।

ଏକଶତ ମହଣ ଆଖୁରେ ଚିନିକଳଦ୍ୱାରା ଖଣ୍ଡସାରି ପ୍ରସ୍ତୁତ ପ୍ରଣାଳୀ ଓ ଗୁଡ଼ ଶିଳ୍ପଦ୍ୱାରା ଉତ୍ପାଦନର ତୁଳନାତ୍ମକ ବିବରଣୀ ନିମ୍ନରେ ଦିଆଗଲା ।

| (ଚିନିକଳ ଦ୍ୱାରା) | (ଖଣ୍ଡସାରି ପ୍ରସ୍ତୁତ ପ୍ରଣାଳୀରେ) | (ଗୁଡ଼ ଶିଳ୍ପ ଦ୍ୱାରା) |
|---|---|---|
| ୧ । ଚିନି ୯.୯୫ ମହଣ | ଚିନି ୫.୨୫ ମହଣ | ଗୁଡ଼ ୧୧ ମହଣ |
| ୨ । ଶିରା ୩.୪୯ ମହଣ | ଗୁଡ଼ ୩.୬୩ ମହଣ | |
| | ଶିରା ୨.୩୦ ମହଣ | |
| | (ଖାଦ୍ୟ ଅନୁପଯୋଗୀ) | (ଖାଦ୍ୟ ଉପଯୋଗୀ) |
| ଖାଦ୍ୟ ଉପଯୋଗୀ | ୯.୯୫ ମହଣ | ୧୧.୩୮ ମହଣ — ୧୧ ମହଣ |
| | ଅଥଚ | |
| ପ୍ରଥମ ବିବରଣୀ ପ୍ରକାରେ | | ପ୍ରଥମ ବିବରଣୀ ପ୍ରକାରେ |
| | ପ୍ରଥମ ଚିନି ୪.୯୫ ମହଣ | |
| | ଦ୍ୱିତୀୟ ଚିନି ୧.୨୨ ,, | |
| | ଶିରା ୫.୨୬ ,, | |
| ୯.୨୫ ମହଣ | ୧୧.୩୮ ମହଣ | ୧୧ ମହଣ |


ଉପରୋକ୍ତ ବିବରଣୀରୁ ଜଣାଯାଏ ଯେ ଉତ୍ପାଦନ ଓ ଆଦାୟ ଦୃଷ୍ଟିରୁ ବିଚାର କଲେ ଗୁଡ଼ ଓ ଖଣ୍ଡସାରି ଶିଳ୍ପଦ୍ୱାରା ବୃହତ୍ତର ଚିନି ଶିଳ୍ପ ଅପେକ୍ଷା ଅଧିକ ଖାଦ୍ୟୋପଯୋଗୀ ପଦାର୍ଥ ଉତ୍ପାଦିତ ହୁଏ ।

## ଆମ ରାଜ୍ୟରେ ଏହି ଯୋଜନାର ପ୍ରସାର ଓ ତାଲିମ ପାଇଁ କଣ କରାଯାଇଛି


ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ୯ ଗୋଟି ଗୁଡ଼ ଡେମନଷ୍ଟ୍ରେସନ ବା ପ୍ରଦର୍ଶନ କେନ୍ଦ୍ର ଖୋଲାଯାଇଅଛି ଏବଂ ଆଉ ଗୋଟିଏ ନିକଟରେ ଖୋଲିବ । ତାଛଡ଼ା ଗୁଡ଼ ଉତ୍ପାଦନକାରୀଙ୍କୁ ବିଭିନ୍ନ ପ୍ରକାର ଉନ୍ନତ ଧରଣର ଯନ୍ତ୍ରପାତିର ବ୍ୟବହାରରେ ଅଭ୍ୟସ୍ତ କରାଇବା ନିମନ୍ତେ ପ୍ରତି ବର୍ଷ ଗୋଟିଏ ତାଲିମ କେନ୍ଦ୍ର ଖୋଲାଯାଉଛି । ସେହି ତାଲିମ କେନ୍ଦ୍ରରେ ଅବୈତନିକ କର୍ମୀବୃନ୍ଦ ହିସାବରେ ଆସିଥିବା ଉତ୍ପାଦନକାରୀଙ୍କୁ ଏକ ମାସ ତାଲିମ ଦିଆଯାଏ । ତାଲିମ ପରେ ଉକ୍ତ ସ୍ଥାନୀୟ ଅବୈତନିକ କର୍ମୀବୃନ୍ଦମାନେ ନିଜେ ନିଜେ ସମସ୍ତ ପ୍ରକାର ଉନ୍ନତ ଧରଣର ଯନ୍ତ୍ରପାତି, ଚୁଲି ଇତ୍ୟାଦି ବ୍ୟବହାର କରିବେ ଏବଂ ସେମାନଙ୍କର ପଡ଼ୋଶୀ ଉତ୍ପାଦନକାରୀଙ୍କୁ ତାର ଉପକାରିତା ବୁଝାଇ ଦେବେ । ଏତଦ୍ବ୍ୟତୀତ ପ୍ରତି ଅଞ୍ଚଳରେ ସ୍ଥାୟୀ ପ୍ରଦର୍ଶନର ବ୍ୟବସ୍ଥା ହେବ । ସ୍ଥାନୀୟ କର୍ମୀଙ୍କ ପ୍ରେରଣା ଫଳରେ ପଡ଼ୋଶୀ ଉତ୍ପାଦନକାରୀଙ୍କ ମନରେ ଆତ୍ମ-ବିଶ୍ୱାସ ଆସିବ ଏବଂ ସେ ଏହାର ଉପକାରିତା ଉପଲବ୍ଧି କରି ପାରିବେ । ବର୍ତ୍ତମାନ ଆମ ରାଜ୍ୟରେ ୨୩ ଜଣ ଉତ୍ପାଦନକାରୀ ଅବୈତନିକ କର୍ମୀବୃନ୍ଦ ଭାବରେ ତାଲିମ ପାଉଛନ୍ତି ।

## ସମବାୟ ସମିତି ଜରିଆରେ କାର୍ଯ୍ୟ କରୁଥିବା ଆଖୁଚାଷୀଙ୍କୁ କି ସାହାଯ୍ୟ ଦିଆଯାଉଛି


ବର୍ତ୍ତମାନ ସୁଦ୍ଧା ୨୧୧ ଗୋଟି ଦୁଇରୋଲ ଆଖୁ ପେଡ଼ା କଳ, ୨୧୧ଟି କରେଇ, ୭ ଗୋଟି ଉନ୍ନତ ଖଣ୍ଡସାରି ଯନ୍ତ୍ର ଓ ଅନ୍ୟାନ୍ୟ କ୍ଷୁଦ୍ର କ୍ଷୁଦ୍ର ଯନ୍ତ୍ରପାତି ଇତ୍ୟାଦି ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ସମବାୟ ସମିତିମାନଙ୍କୁ ଏବଂ ଡେମନଷ୍ଟ୍ରେଟରମାନଙ୍କୁ ପ୍ରଦର୍ଶନ ପାଇଁ ଋଣ ଓ ସାହାଯ୍ୟ ସୂତ୍ରରେ ଯୋଗାଇ ଦିଆଯାଇଅଛି । ସମବାୟ ଅନୁଷ୍ଠାନ ଜରିଆରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଥିବାରୁ ଆର୍ଥିକ ସାହାଯ୍ୟ, ଯନ୍ତ୍ରପାତି ଇତ୍ୟାଦି ସମସ୍ତ ଜିନିଷ ସମବାୟ ସମିତି ଜରିଆରେ ଉତ୍ପାଦନକାରୀ ସଭ୍ୟମାନଙ୍କୁ ଯୋଗାଇ ଦିଆଯାଉଅଛି ।



ଉନ୍ନତ ଧରଣର ଆଖୁପେଡ଼ା କଳ ଦ୍ୱାରା ଆଖୁ ପେଡ଼ା ହେଉଅଛି



ଉନ୍ନତ ଓ ଅନୁନ୍ନତ ଗୁଡ଼ ପ୍ରସ୍ତୁତ ପ୍ରଣାଳୀରେ ପ୍ରଭେଦ



ଗୁଡ଼ରୁ ହସ୍ତଚାଳିତ ସେଣ୍ଟ୍ରି ଫୁଗାଲ୍ ଯନ୍ତ୍ର ସାହାଯ୍ୟରେ ଖଣ୍ଡସାର ପ୍ରସ୍ତୁତ ପ୍ରଣାଳୀ ଓ
ହସ୍ତଚାଳିତ ଦାନା ପ୍ରସ୍ତୁତକାରୀ ଯନ୍ତ୍ର ସାହାଯ୍ୟରେ ଦାନା ପ୍ରସ୍ତୁତ କରାଯାଉଛି



ଗୁଡ଼ ଖଣ୍ଡସାର ତିଆରି ପ୍ରଣାଳୀ ଶିକ୍ଷା ଦାନ-ସାହାଯ୍ୟକାରୀ କେନ୍ଦ୍ର — ଡେଭଲପମେଣ୍ଟ ଦପ୍ତର ମନ୍ତ୍ରୀ ଶ୍ରୀଯୁକ୍ତ ରଥ ପରିଦର୍ଶନ କରୁଛନ୍ତି

ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ବର୍ତ୍ତମାନ ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ପ୍ରାୟ ସମସ୍ତ ଗୁଡ଼ ଓ ଖଣ୍ଡସାରି ସମବାୟ ସମିତି ନିଷ୍କ୍ରିୟ ଅବସ୍ଥାରେ ଥିଲେ । କିନ୍ତୁ ଏହି ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଉକ୍ତ ସମିତିଗୁଡ଼ିକୁ ଗୁଡ଼ ଓ ଖଣ୍ଡସାରି ଉତ୍ପାଦନର ଉପକାରିତା ଆଖୁଚାଷୀମାନେ କିପରି ଉପଲବ୍ଧି କରି ପାରିଛନ୍ତି, ତାହା ଗୋଟିଏ ସ୍ଥାନର ସମବାୟ ସମିତିର ଉଦାହରଣ ଦେଲେ ବୁଝାଯିବ ।

## ଗୋଟିଏ ଆଦର୍ଶ ଗୁଡ଼ ଓ ଖଣ୍ଡସାରି ଉତ୍ପାଦନ କେନ୍ଦ୍ରର ଦୃଷ୍ଟାନ୍ତ

୧୯୫୪ ମସିହାରେ ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ବଡ଼ପଣ୍ଡୁସର ସର୍ବାଙ୍ଗୀନ ସହଯୋଗ ସମିତିର ମୋଟ ସଭ୍ୟସଂଖ୍ୟା ଥିଲା ୨୭ ଏବଂ ଅଂଶଧନ ଥିଲା ମୋଟେ ଟ ୫୪୯ ମାତ୍ର । କିନ୍ତୁ ସେହି ସମିତି ଜରିଆରେ ଏହି ଯୋଜନା କାର୍ଯ୍ୟକାରୀ ହେବା ଫଳରେ ବର୍ତ୍ତମାନ ସମିତିର ମୋଟ ସଭ୍ୟସଂଖ୍ୟା ୨୪୭ ଏବଂ ଅଂଶଧନ ଟ ୨୭୪୨୯ ହୋଇପାରିଅଛି । ସମିତି ତାର ସଭ୍ୟଙ୍କୁ ମୋଟରେ ୩୧ ଗୋଟି ସୁଲତାନ କଲ, ୩୧ ଗୋଟି କଡ଼େଇ ଋଣ ଓ ସାହାଯ୍ୟ ସୂତ୍ରରେ ମଞ୍ଜୁର କରିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ କ୍ଷୁଦ୍ର କ୍ଷୁଦ୍ର ଯନ୍ତ୍ରପାତି ମଧ୍ୟ ସମିତି ଯୋଗାଇଛି ଏବଂ ଗୋଟିଏ ଖଣ୍ଡସାରି ଉତ୍ପାଦନ ଯନ୍ତ୍ର କ୍ରୟ କରି ଖଣ୍ଡସାରି ଉତ୍ପାଦନ କରୁଛି । ୧୯୫୭-୫୮ ମସିହାରେ ସମିତି ଟ ୧୯,୭୯୦୯ ଆଖୁଚାଷ ନିମନ୍ତେ ସଭ୍ୟମାନଙ୍କୁ ଋଣ ମଞ୍ଜୁର କରିଅଛି । ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ସମିତିର ଯାବତୀୟ ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରନ୍ତି । ଏତଦ୍‌ବ୍ୟତୀତ ସମିତି ତାର ସଭ୍ୟମାନଙ୍କଠାରୁ ଗୁଡ଼ କିଣି ନେଇ ଉକ୍ତ କାରବାରରେ ପ୍ରାୟ ଟ ୮୦୦୯ ଲାଭ କରିଛି । ଉନ୍ନତ ପ୍ରଣାଳୀରେ ଉତ୍ପାଦିତ ଗୁଡ଼ ମହଣ ପିଛା ଟ ୧୯୯ ବିକ୍ରୀ ହେବା ସ୍ଥଳେ ଅନୁନ୍ନତ ପ୍ରଣାଳୀରେ ଉତ୍ପାଦିତ ଗୁଡ଼ କେବଳ ଟ ୧୨୯ ଠାରୁ ଟ ୧୩୯ ପର୍ଯ୍ୟନ୍ତ ମହଣ ପିଛା ବିକ୍ରୀ ହେଉଛି ।

## ଗୁଡ଼ ଓ ଖଣ୍ଡସାରି ଉତ୍ପାଦନ ଯୋଜନା ଆମ ରାଜ୍ୟରେ କିପରି ପ୍ରସାର ଲାଭ କରୁଛି

ଆଜ ସୁଦ୍ଧା ୬୭୪୦.୨୯ ଏକର ଆଖୁ ଜମି ବିଶିଷ୍ଟ ୮୨୪ ଗୋଟି ଗ୍ରାମରେ ଏହି ଯୋଜନା ଅନୁସାରେ କାମ ହେଉଛି । ଏମାନଙ୍କ ମଧ୍ୟରୁ ୧୨୧ ଗୋଟି ଗ୍ରାମକୁ ଆଦର୍ଶ ଗ୍ରାମରୂପେ ସ୍ଥିର କରାଯାଇଛି । ୧୯୫୭-୫୮ ମସିହାରେ ୧୪୩ଟି ଡେମନଷ୍ଟ୍ରେସନ ବା ପ୍ରଦର୍ଶନ କେନ୍ଦ୍ର ଖୋଲାଯାଇଥିଲା, ୧୩୬ ଗୋଟି ଉନ୍ନତ ଚୂଲି ତିଆରି ହୋଇଥିଲା ଏବଂ ୧୦ଟି ଚୂଲି ମରାମତି ହୋଇଥିଲା । ୨୯୬ ଜଣ ଆଖୁଚାଷୀଙ୍କ ମଧ୍ୟରେ ୨୯୩ ସୁଡ଼ଆ ଡଉଲ ମଞ୍ଜି ଆଖୁକ୍ଷେତରେ ଲଗାଇବା ପାଇଁ ବଣ୍ଟନ କରାଯାଇଥିଲା । ୩ ମହଣ ୧୫ ସେର ସୁକ୍ଲାଇ, ୧୬ ମହଣ ୯୨ ଏକ୍ଟିଭେଟେଡ୍ କାରବନ ଉତ୍ପାଦନକାରୀଙ୍କ ମଧ୍ୟରେ ରସ ସଫା କରି ଗୁଡ଼ ଉତ୍ପାଦନ କରିବା ନିମନ୍ତେ ବିନାମୂଲ୍ୟରେ ବଣ୍ଟନ କରାଯାଇଥିଲା । ଏହି ବର୍ଷ ୨୨୧୨ ଜଣ ଚାଷୀ ଉନ୍ନତ ପ୍ରଣାଳୀରେ ଗୁଡ଼ ଉତ୍ପାଦନ କରିବାପାଇଁ ସ୍ଥାନୀୟ କର୍ମଚାରୀମାନଙ୍କ ଦ୍ୱାରା ଶିକ୍ଷା ପାଇଥିଲେ । ଏହା ଛଡ଼ା ବିଭିନ୍ନ କେନ୍ଦ୍ରରେ ଉତ୍ପାଦିତ ହୋଇଥିବା ଗୁଡ଼ ଖଣ୍ଡସାରିର ପରିମାଣ ନିମ୍ନରେ ଦିଆଗଲା :—

୧ । ନିମ୍ନ ରଙ୍ଗର ଗୁଡ଼ ... ମ ୩୫୩ । ୩ ସେର
୨ । ଖଣ୍ଡସାରି ... ମ ୬୩ । ୦
୩ । ସଫା ଗୁଡ଼ ଓ ରବ ... ମ ୯୧,୭୦୧।୨୭ ସେର
୪ । ଶିରା ... ମ ୧୨୬।୨୦ ସେର

ଏହି ଯୋଜନା ରାଜ୍ୟରେ ଆଖୁଚାଷୀଙ୍କ ମଧ୍ୟରେ ଦିନେଦିନେ ଲୋକପ୍ରିୟ ହେବାର ଦେଖାଯାଉଛି । ମଫସଲ ଅଞ୍ଚଳରେ କୋଠାଘରର ଅଭାବ ହେତୁ

ଏବଂ ସମିତିଗୁଡ଼ିକର ଗୋଦାମଘର ନ ଥିବା ଯୋଗୁଁ ମହଜୁଦ ଓ ବିକ୍ରି ବ୍ୟବସ୍ଥା ଉପଯୁକ୍ତଭାବେ କରିହୋଇ ପାରୁ ନାହିଁ; କିନ୍ତୁ ୧୯୫୭-୫୮ ମସିହାର ଶେଷ ଭାଗରେ ସମବାୟ ବିଭାଗ ଏହି ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ଗୋଟିଏ ସମିତିକୁ ଗୋଦାମଘର ନିର୍ମାଣ ନିମନ୍ତେ ଟ ୭୦୦୦୍ ଋଣ ଓ ଦାନ ସୂତ୍ରରେ ମଞ୍ଜୁର କରିଛନ୍ତି । ଏତଦ୍‌ବ୍ୟତୀତ ତିନୋଟି ସମିତି ପ୍ରତ୍ୟେକ ଟ ୧୦,୦୦୦୍ ହାରରେ କାର୍ଯ୍ୟକାରୀ ମୂଳଧନ ସକାଶେ ଖାଦି କମିଶନଙ୍କଠାରୁ ଋଣ ସ୍ୱରୂପ ମଞ୍ଜୁର ପାଇଛନ୍ତି ।

ଏହି ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେବା ଫଳରେ ଏବଂ ସେହି କୃଷିମାନେ ଉନ୍ନତ ପ୍ରଣାଳୀରେ ଓ ଉନ୍ନତ ଯନ୍ତ୍ରପାତି ବ୍ୟବହାର କରି ଗୁଡ଼ ଉତ୍ପାଦନ କରିଥିଲେ, ସେମାନଙ୍କର ଉକ୍ତ ସାଲରେ ମୋଟରେ ଟ ୧,୭୮,୭୫୫୍ ଆୟ ବୃଦ୍ଧି ହୋଇଥିଲା ।

## ଗୁଡ଼ ଓ ଖଣ୍ଡସାରି ଉତ୍ପାଦନ ପାଇଁ କିପରି ଓ କେଉଁଠୁ ସାହାଯ୍ୟ ମିଳିବ

ଓଡ଼ିଶାର ବହୁ ଅଞ୍ଚଳରେ ଲୋକେ ଆଖୁଚାଷ ପ୍ରତିବର୍ଷ କରିଥାନ୍ତି, ମାତ୍ର ଏଥିରୁ ଯେତେ ଲାଭ ପାଇବା କଥା, ତାହା ପାଆନ୍ତି ନାହିଁ । କାରଣ ସେମାନେ ଉନ୍ନତ ଧରଣର ଆଖୁପେଡ଼ା କଳ ଓ ଉତ୍ପାଦନ ପ୍ରଣାଳୀ ଅନୁସରଣ କରନ୍ତି ନାହିଁ । ଯେଉଁମାନେ ଆଖୁଚାଷ କରିଥାନ୍ତି, ସେମାନେ ଏକଜୁଟ ହୋଇ ସମବାୟ ସମିତି ଗଢ଼ିଲେ ଏହି ଯୋଜନାର ସମସ୍ତ ସୁବିଧା, ଯାହା କି ଉପରେ ବର୍ଣ୍ଣନା କରାଯାଇଛି ଓ ଯାହା କେତେକ ସ୍ଥାନରେ ଲୋକେ ପାଉଛନ୍ତି, ତାହା ସେମାନେ ପାଇ ପାରିବେ । କାରଣ କେବଳ ସମବାୟ ସମିତି ଜରିଆରେ ସରକାର ସମସ୍ତ ସାହାଯ୍ୟ ଦେଉଛନ୍ତି । ସମବାୟ ସମିତିର ସଭ୍ୟ ନ ହେଲେ କୌଣସି ଆଖୁଚାଷୀ ଏହି ସାହାଯ୍ୟ ପାଇ ପାରିବେ ନାହିଁ ।

ସମସ୍ତ କେନ୍ଦ୍ରଗୁଡ଼ିକ ସମବାୟ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଅଛି । ପ୍ରତି କେନ୍ଦ୍ରରେ ଅଗ୍ରଣୀ ସମବାୟ ସମିତି ଓ ବହୁମୁଖୀ ସମବାୟ ସମିତିମାନଙ୍କୁ ଟ ୫୦୦୦୍ ଲେଖାଏ ଆର୍ଥିକ ସାହାଯ୍ୟ (Subsidy) ଆକାରରେ ଭାରତ 'ଖଦି ଓ କୁଟୀରଶିଳ୍ପ ବୋର୍ଡ଼' ଦେଇଅଛନ୍ତି । ସରକାରଙ୍କ ପକ୍ଷରୁ ମଧ୍ୟ କାର୍ଯ୍ୟକାରୀ ମୂଳଧନ, ଗୁଡ଼ ଶ୍ରେଣୀ ବିଭାଗ, ଟ୍ରେନିଂ ଓ ଉନ୍ନତ ଧରଣର ମହଜୁଦ ସକାଶେ ଟିଣ ଡ୍ରମ (Drum) ଓ ଇତ୍ୟାଦି ପାଇଁ ପ୍ରାୟ ଟ ୧୮୦୦୍ ପ୍ରତି କେନ୍ଦ୍ର ସମିତିଗୁଡ଼ିକୁ ଆର୍ଥିକ ସାହାଯ୍ୟ (Subsidy) ଆକାରରେ ଦିଆଯାଇଅଛି । ଏହା ବ୍ୟତୀତ କେନ୍ଦ୍ରସ୍ଥ ଆଖୁଚାଷୀଙ୍କୁ ଉନ୍ନତ ଧରଣର ଆଖୁପେଡ଼ା କଳ (Sugarcane Crusher) ଓ ଗୋଲାକାର କରେଇ (Round juice boiling Pan) କ୍ରୟ କରିବା ନିମନ୍ତେ ବିନା ସୁଧରେ ପାଞ୍ଚ ହଜାର ଟଙ୍କା ଓ ପ୍ରତ୍ୟେକ ଆଗ୍ରହୀ ଆଖୁଚାଷୀଙ୍କୁ ଟ ୪୦୦୍ କ୍ରୟ ଋଣ ଦିଆଯାଇଅଛି । ଅବଶ୍ୟ ଏହା ଟଙ୍କା ଆକାରରେ ବ୍ୟକ୍ତିବିଶେଷଙ୍କୁ ଦିଆଯାଉ ନାହିଁ । କିନ୍ତୁ ଋଣ ଗ୍ରହୀତାଙ୍କୁ ଉକ୍ତ ଟଙ୍କାରେ ଗୋଟିଏ 'ସୁନିତା' ଆଖୁପେଡ଼ା କଳ ଓ ଗୋଟିଏ ଗୋଲାକାର ରସ ରନ୍ଧନ କରେଇ ଉକ୍ତ ସମ୍ପୃକ୍ତ ଆଖୁଚାଷୀ ସମବାୟ ସମିତି ତରଫରୁ ପ୍ରସ୍ତୁତକାରୀ କମ୍ପାନୀରୁ ଆଣି ଦେଇ ଯୋଗାଇ ଦେବାର ସୁବିଧା କରାଯାଇଅଛି । ଏହି ଋଣର ପରିଶୋଧ କରିବା ମିଆଦ ୫ ବର୍ଷ ଅଟେ । ଋଣ ଗ୍ରହଣ କରିବା ଦିନଠାରୁ ଏକ ବର୍ଷ ପରେ ମୋଟ ଋଣର ଏକ-ପଞ୍ଚମାଂଶ ପ୍ରତିବର୍ଷ ପରିଶୋଧ କରିବାକୁ ହେବ । ଏହିପରି ୫ ବର୍ଷରେ ମୋଟ ଋଣ ପରିଶୋଧ କରିବାକୁ ହେବ । ଯଦି କୌଣସି ଋଣ ଗ୍ରହୀତା ଠିକ୍ ସମୟରେ ଋଣ ପରିଶୋଧ ନ କରନ୍ତି ତେବେ ତାଙ୍କଠାରୁ ଜରିମାନା (penalty) ସୁଧ କଲେକ୍ଟର ସହ ମୂଳ ଆଦାୟ କରାଯିବ । ଏହି ଋଣ ସକାଶେ ଗୋଟିଏ ସ୍ୱତନ୍ତ୍ର ଋଣ ଆବେଦନ

କରାଯାଇଅଛି । ତାହା ସ୍ଥାନୀୟ ଗୁଡ଼ ଡେମନଷ୍ଟ୍ରେଟର କିମ୍ବା ସ୍ଥାନୀୟ ଆଖୁ ଚାଷ ସମବାୟ ସମିତିରେ ମିଳିବାର ବ୍ୟବସ୍ଥା କରାଯାଉଛି । ସେହି ଆବେଦନ ପତ୍ର ଯଥାଯଥଭାବେ ପୂରଣ କରି ସ୍ଥାନୀୟ ଗୁଡ଼ ଡେମନଷ୍ଟ୍ରେଟର କିମ୍ବା ଗୁଡ଼ ଉନ୍ନତି ଯୋଜନା ଇନ୍‌ସପେକ୍ଟରଙ୍କ ସୁପାରିସ ସହ ଏବଂ ସମ୍ପର୍କୀୟ ସମବାୟ ସମିତିର ଜଣେ ପଞ୍ଚାୟତଦାର ଓ ମେନେଜର କିମ୍ବା ବୈତନିକ ସମ୍ପାଦକଙ୍କ ସୁପାରିସ-କ୍ରମେ ଗୁଡ଼ ଉନ୍ନତି ଯୋଜନା ଅଫିସର, ଓଡ଼ିଶାଙ୍କ ଋଣର ନିମନ୍ତେ ପ୍ରେରଣ କରିବାକୁ ହେବ । ଉକ୍ତ ଋଣ ମୋଟ ଉପରେ ସ୍ଥାନୀୟ ସମବାୟ ସମିତିକୁ ଦିଆଯାଉଛି ଏବଂ ଋଣ ଆଗ୍ରହୀ ବ୍ୟକ୍ତି ସମିତିରୁ ସମିତିର ଉପବିଧି ଅନୁଯାୟୀ ଋଣ ପାଇବେ । ଏଣୁ ଉକ୍ତ ଋଣ ଆବେଦନ ପତ୍ର ପୂରଣ କରିବା ପୂର୍ବରୁ ସେ ସ୍ଥାନୀୟ ସମବାୟ ସମିତିର ସଭ୍ୟଶ୍ରେଣୀଭୁକ୍ତ ହୋଇଥିବା ଏକାନ୍ତ ବାଞ୍ଛନୀୟ । କାରଣ ସମିତିରେ ସଭ୍ୟ ନ ହେଲେ ଋଣ ପାଇ ପାରିବେ ନାହିଁ । ଉକ୍ତ ଋଣ ଆବେଦନ ପତ୍ରର ଏକ ନମୁନା ସର୍ବସାଧାରଣଙ୍କ ଗୋଚରାର୍ଥେ ଦିଆଗଲା ।

ଉନ୍ନତ ଧରଣର ଆଖୁପେଡ଼ା କଳ ଓ କରେଇ କ୍ରୟ ସକାଶେ :—

## ଋଣ ଆବେଦନ ପତ୍ର

୧ । ଆବେଦନକାରୀଙ୍କ ନାମ —

୨ । ପିତାଙ୍କ ନାମ—

୩ । ସ୍ଥାୟୀ ଠିକଣା—

୪ । ଯଦି ଅବିଭକ୍ତ ପରିବାରରେ ବାସ କରନ୍ତି, ତେବେ ପରିବାରର ବୟସ୍କମାନଙ୍କ ନାମ ଓ ସମ୍ପର୍କ ।

୫ । ଆଖୁ ଚାଷରେ ଥିବା ସମୁଦାୟ ଜମିର ପରିମାଣ—

(କ) ନିଜ ଜମିର ପରିମାଣ—

(ଖ) ଭାଗ ଚାଷ ଜମିର ପରିମାଣ—

୬ । ବାର୍ଷିକ ଗୁଡ଼ ଆୟର ମୂଲ୍ୟ—

୭ । ଋଣର ପରିମାଣ—

୮ । ଋଣର ମିଆଦ—

୯ । ଋଣର ଉଦ୍ଦେଶ୍ୟ—

୧୦ । ଆବେଦନକାରୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଆନୁମାନିକ ମୂଲ୍ୟ—

୧୧ । ଆବେଦନକାରୀ ସ୍ଥାନୀୟ ସମବାୟ ସମିତିର ସଭ୍ୟ କି ନା ?

୧୨ । ଦୁଇ ଜଣ ଜାମିନଦାରଙ୍କ ନାମ, ଠିକଣା ଓ ଦସ୍ତଖତ—

(୧)

(୨)

୧୩ । ସମ୍ପର୍କୀୟ ସମିତିର ଯେ କୌଣସି ଜଣେ ପଞ୍ଚାୟତଦାରଙ୍କ ସୁପାରିସ:—

୧୪ । ସମିତିର ବେତନଭୋଗୀ ସମ୍ପାଦକ କିମ୍ବା ପରିଚାଳକଙ୍କ ସୁପାରିସ—

୧୫ । ଇନସପେକ୍ଟର କିମ୍ବା ଡେମନଷ୍ଟ୍ରେଟରଙ୍କ ମନ୍ତବ୍ୟ—

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ଉପର ଲିଖିତ ପ୍ରଦତ୍ତ ବିବରଣୀ ସତ୍ୟ ଓ ମୁଁ କୌଣସି ସତ୍ୟତା ଲୁଚାଇ ନାହିଁ ।

ଆବେଦନକାରୀଙ୍କ ଦସ୍ତଖତ

ପ୍ରକାଶ ଥାଉକି:—କେବଳ ଗୁଡ଼ ଉତ୍ପାଦନକାରୀଙ୍କୁ ଟ୪୦୦୯ ହାରରେ ଗୋଟିଏ 'ଦୁଲଭାନ' ଆଖୁପେଡ଼ା କଳ ଓ ଗୋଟିଏ ଉନ୍ନତ ଧରଣର କରେଇ କ୍ରୟ କରିବା ସକାଶେ ଦିଆଯିବ । ସ୍ୱୀକୃତ ଋଣ କୌଣସି-ମତେ ଟଙ୍କା ଆକାରରେ ଋଣଗ୍ରହୀତାଙ୍କୁ ଦିଆଯିବ ନାହିଁ । ଏହି ଋଣ ପାଞ୍ଚଟି ସମପରିମାଣ କିସ୍ତିରେ ପାଞ୍ଚବର୍ଷରେ ଆଦାୟ କରାଯିବ । ପ୍ରଥମ କିସ୍ତି ଠିକ୍ ଋଣ ସ୍ୱୀକୃତ ହେବାର ଏକ ବର୍ଷଠାରେ ଆଦାୟ କରାଯିବ ।

## ଗାଁଗହଳର ଅର୍ଥନୀତିରେ ଏହି ଯୋଜନାର ସ୍ଥାନ

ଓଡ଼ିଶାର ମୋଟ ଆଖୁ ଉତ୍ପାଦନର ଶତକଡ଼ା ୮୩ ଭାଗ ଗୁଡ଼ ଉତ୍ପାଦନରେ ବିନିଯୋଗ ହୁଏ । ଏହାର କାରଣ ଯେ ଓଡ଼ିଶାରେ ଚିନିକଳର ଏକାନ୍ତ ଅଭାବ । ଅତଏବ ଗୁଡ଼ ଓ ଖଣ୍ଡସାରି ଶିଳ୍ପ ରାଜ୍ୟରେ ଗାଁଗହଳର ଲୋକଙ୍କ ଆର୍ଥିକ ଉନ୍ନତି ଘଟାଇବାରେ ବିଶେଷ ସାହାଯ୍ୟ କରୁଛି, ଏହା ସହଜେ ଅନୁମେୟ । ଏହି ଶିଳ୍ପ ବର୍ଷରେ ପ୍ରାୟ ପାଞ୍ଚ ମାସ ବଳଦଙ୍କୁ କାମ ଯୋଗାଇଥାଏ; ଯାହାକି ଅନ୍ୟ କୌଣସି ଫସଲ ଯୋଗାଇପାରେ ନାହିଁ । ଅତଏବ ଅନୁନ୍ନତ ଅଞ୍ଚଳମାନଙ୍କରେ ଏହି ଗୁଡ଼ ଓ ଖଣ୍ଡସାରି ଶିଳ୍ପ ଦେଶର ପ୍ରଧାନ ଶକ୍ତି ଗୋଶକ୍ତି, ଯାହାକି ଯୁଗ ଯୁଗ ଧରି ରହିବ, ତାକୁ ଶକ୍ତିଶାଳୀ କରିବାପାଇଁ ଅମୋଘ ଅସ୍ତ୍ରରୂପେ କାର୍ଯ୍ୟ କରୁଅଛି ଏବଂ ପଲ୍ଲୀ ଅର୍ଥ ସଂସ୍ଥାକୁ ସୁଦୃଢ଼ କରିବାରେ ସାହାଯ୍ୟ କରୁଅଛି । ଏହି ଶିଳ୍ପ ମଫସଲ ଅଞ୍ଚଳର ଅସଂଖ୍ୟ ଲୋକଙ୍କୁ ସେମାନଙ୍କର ପାରିବାରିକ ଜୀବନରେ କୌଣସି ପ୍ରକାର ବାଧା ସୃଷ୍ଟି ନ କରି ବୃତ୍ତି ଯୋଗାଇଥାଏ ।

### ହସ୍ତଶିଳ୍ପଜାତ ଦ୍ରବ୍ୟର ଉତ୍ପାଦନ ଓ ବିକ୍ରୟ

ନିଖିଳ ଭାରତ ହସ୍ତଶିଳ୍ପ ବୋର୍ଡ଼ର ସମବାୟ ଉପଦେଷ୍ଟା କମିଟିର ସବ୍-କମିଟିମାନ ବିଭିନ୍ନ ରାଜ୍ୟରେ ଗଠନ କରାଯିବ ବୋଲି ସ୍ଥିର ହୋଇଛି । ହସ୍ତଶିଳ୍ପ ଦ୍ରବ୍ୟ ଉତ୍ପାଦନ ଓ ବିକ୍ରୟର ବ୍ୟବସ୍ଥା କରିବା ପାଇଁ ଏହି ସବ୍-କମିଟିଗୁଡ଼ିକ ସମବାୟ ସମିତିମାନ ଗଠନ କରିବେ । ସମବାୟ ଉପଦେଷ୍ଟା କମିଟିର ବୈଠକରେ ଏହି ବିଷୟ ସ୍ଥିର ହୋଇଛି । ବିହାର ସରକାରଙ୍କ ମନ୍ତ୍ରୀ ଶ୍ରୀ ଦୀପନାରାୟଣ ସିଂହଙ୍କ ସଭାପତିତ୍ୱରେ ନୂଆ ଦିଲ୍ଲୀରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ସମବାୟ ଆନ୍ଦୋଳନର ବିକାଶ ପାଇଁ କି ବ୍ୟବସ୍ଥା ଗ୍ରହଣ କରାଯିବ, ନବଗଠିତ ସବ୍-କମିଟିଗୁଡ଼ିକ, ସେ ବିଷୟରେ ନିଖିଳ ଭାରତ ହସ୍ତଶିଳ୍ପ ବୋର୍ଡ଼କୁ ସୁପାରିଶ କରିବେ ।

ବିଭିନ୍ନ ହସ୍ତଶିଳ୍ପ ଦ୍ରବ୍ୟ ପାଇଁ ତାଲିମପ୍ରାପ୍ତ ଡିଜାଇନ ପ୍ରସ୍ତୁତକାରୀଙ୍କ ଅଭାବ ପରିଲକ୍ଷିତ ହେଉଛି । ତେଣୁ ଡିଜାଇନ ପ୍ରସ୍ତୁତକାରୀମାନଙ୍କୁ ତାଲିମ ଦେବା ପାଇଁ ଏକ ଯୋଜନା କାର୍ଯ୍ୟକାରୀ କରାଯାଉ ବୋଲି ଉପଦେଷ୍ଟା କମିଟୀ ହସ୍ତଶିଳ୍ପ ବୋର୍ଡ଼କୁ ସୁପାରିଶ କରିଛନ୍ତି ।

# ଓଡ଼ିଶାରେ ଏଣ୍ଡି ଶିଳ୍ପର ଅଗ୍ରଗତି

**ଶ୍ରୀ ଲଡ଼ୁକିଶୋର ମିଶ୍ର**

ସହକାରୀ ସୁପରଭାଇଜର (ଏଣ୍ଡି ବିଭାଗ)

## ଓଡ଼ିଶାରେ ଏଣ୍ଡି ଶିଳ୍ପର ପ୍ରବର୍ତ୍ତନ

ଏଣ୍ଡି ଶିଳ୍ପ ବିଷୟରେ ଓଡ଼ିଶାର ଜନସାଧାରଣଙ୍କୁ ଅଳ୍ପ ବହୁତେ ଜଣାଅଛି । ପୂର୍ବେ ଏହା ଆମ ପ୍ରଦେଶରେ ନ ଥିଲା । ୧୯୨୭ ମସିହାରେ ସର୍ବପ୍ରଥମେ ଡକ୍ଟର ରାୟବାହାଦୁର ବିକାଶଚରଣ ପଟ୍ଟନାୟକଙ୍କ ଦ୍ୱାରା ଏହା ଓଡ଼ିଶାକୁ ଆସିଲା । ତାଙ୍କର ଅକ୍ଳାନ୍ତ ପରିଶ୍ରମ ତଥା ଓଡ଼ିଶାବାସୀଙ୍କର ଅଦମ୍ୟ ଉତ୍ସାହ ଏକତ୍ରିତ ହୋଇ ଏହି ଶିଳ୍ପ ଓଡ଼ିଶାରେ ପ୍ରସାର ଲାଭକଲା । ଏହିପରି ଭାବରେ ଦର୍ଶ ୪ ବର୍ଷ ଗତ କରିବା ପରେ ଏହାର କ୍ରମଶଃ ପତନ ହେବାକୁ ଲାଗିଲା । ଉପଯୁକ୍ତ କୋଷା କିଣିବା ପାଇଁ ବା ସୂତାକଟା ଶିକ୍ଷା ଦେବାପାଇଁ କୌଣସି ବ୍ୟବସ୍ଥା ହୋଇ ନ ପାରିବାରୁ ଲୋକମାନେ ନିରୁତ୍ସାହୀ ହୋଇପଡ଼ିଲେ । ମାତ୍ର ବହୁବାଧାବିଘ୍ନ ସତ୍ତ୍ୱେ ଓଡ଼ିଶାରେ ଏହି ଶିଳ୍ପ ବଞ୍ଚି ରହିଥିଲା । ୧୯୪୨ ମସିହାଠାରୁ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଏହାର ଦାୟିତ୍ୱ ବହନ କଲେ । ୧୯୫୭ ମସିହାଠାରୁ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକ୍ରମେ ଏହି ଶିଳ୍ପକୁ ସମବାୟ ଢାଞ୍ଚାରେ ଅନ୍ତର୍ଭୁକ୍ତ କରି କାର୍ଯ୍ୟକାରୀ କରାଯାଉଅଛି ।

## ଓଡ଼ିଶାରେ କେଉଁ କେଉଁ ସ୍ଥାନରେ ଏଣ୍ଡି ଚାଷର କେନ୍ଦ୍ର ରହିଛି

ଅଳ୍ପ ପରିଶ୍ରମରେ ଘରେ ବସି ରୋଜଗାର କରିବାର ଏଣ୍ଡି ଚାଷ ଗୋଟିଏ ପ୍ରକୃଷ୍ଟ ପନ୍ଥା । ଯେ କୌଣସି ବ୍ୟବସାୟରେ ମୂଳଧନ ଦରକାର, ମାତ୍ର ଏଣ୍ଡି ଚାଷରେ ମୂଳଧନର ଆବଶ୍ୟକତା ନାହିଁ । ଯଦ୍ୟପି ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ଏହାର କେନ୍ଦ୍ର ଖୋଲାଯାଇ ପାରି ନାହିଁ, ତଥାପି ଏହାର ବହୁଳ ପ୍ରସାର ପାଇଁ ସରକାରଙ୍କ ତରଫରୁ ସୁବ୍ୟବସ୍ଥା କରାଯାଇଛି । କଟକ ଜିଲ୍ଲାର—କଟକ, ଜଗତସିଂହପୁର, ତମପଡ଼ା, ଆଠଗଡ଼, ଚମ୍ପେଶ୍ୱର, ଇନ୍ଦୁପୁର ଓ ମାଟିଆ ଶାସନ, ବଲାଙ୍ଗୀର ପାଟଣା ଜିଲ୍ଲାର—ଦେଓଗାଁ ଓ ଛତାମଖନା, କେନ୍ଦୁଝର ଜିଲ୍ଲାର—ପଲାଶପଙ୍ଗା, କୋରାପୁଟ ଜିଲ୍ଲାର—ପଟାଙ୍ଗୀ, ଗଞ୍ଜାମ ଜିଲ୍ଲାର—ଜଗନ୍ନାଥ ପ୍ରସାଦ ଓ ବୌଦ୍ଧ-ଫୁଲବାଣୀ ଜିଲ୍ଲାର—ଜି. ଉଦୟଗିରି, ଏହିପରି ଓଡ଼ିଶାରେ ୧୩ ଗୋଟି କେନ୍ଦ୍ର ଖୋଲାଯାଇ ଏଣ୍ଡି ପାଳକମାନଙ୍କୁ ବିନାମୂଲ୍ୟରେ ଏଣ୍ଡି ବିହନ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ପାଳକମାନେ ବିହନ ନେଇ ଏଣ୍ଡି କୋଷା ଉତ୍ପାଦନ କରି ପାରିବାପରେ ତହିଁରୁ ବହୁତ ବିହନ ଆମଦାନୀ କରି ପାରିବେ । ଯାହା ସେମାନଙ୍କର ପାଳିବା ସଂଖ୍ୟାରୁ ଯଥେଷ୍ଟ ବେଶୀ ହେବ । ତେଣୁ ସରକାରଙ୍କ ତରଫରୁ ସେଗୁଡ଼ିକ କିଣାଯାଇ ଲୋକମାନଙ୍କ ମଧ୍ୟରେ ବିନାମୂଲ୍ୟରେ ବିତରଣ କରିବାର ବ୍ୟବସ୍ଥା କରାଯାଇଅଛି । ଏହା ଫଳରେ ପାଳକମାନେ ବିହନ ବିକ୍ରୀ କରି କିଛି ପଇସା ରୋଜଗାର କରି ପାରିବେ । ପୁଣି କୋଷା ଆମଦାନୀ ପରେ କ୍ରୟ କରିବା ଓ ସୂତା କାଟିବା ପାଇଁ ଆଗ୍ରହୀ ଥିବା ଲୋକମାନଙ୍କୁ ସୂତାକଟା ଶିକ୍ଷା ଦେବା, ଉନ୍ନତ ଧରଣର ଚଦର ବୁଣା ଶିକ୍ଷା ଦେବା ଓ ତନ୍ତୀଙ୍କୁ ସୂତା ଦେଇ ତାଙ୍କଠାରୁ ଚଦର ବୁଣାଇ ଆଣିବା ପ୍ରଭୃତି କାମ ଏହି କେନ୍ଦ୍ରମାନଙ୍କଦ୍ୱାରା ହୁଏ । ତବ ବିହନ ଅଣାବନ୍ତୁ

ଗବ ଗଛ କରି ପାରୁ ନ ଥିବା ଏଣ୍ଡି ଚାଷୀମାନଙ୍କୁ ବିନା ମୂଲ୍ୟରେ ଗବ ପତ୍ର ଯୋଗାଇ ଦିଆଯାଏ ।

## ଏଣ୍ଡି ଚାଷ ପାଇଁ ଗବ ଗଛର ଆବଶ୍ୟକତା

ଆମ ପ୍ରଦେଶରେ ଏଣ୍ଡି ଚାଷ ପାଇଁ ପ୍ରଶସ୍ତ କ୍ଷେତ୍ର ଅଛି । ଅଧିକାଂଶ ଜିଲ୍ଲାରେ ଗବଚାଷ ବହୁଳ ବର୍ତ୍ତମାନରେ ହେଉଥିବାରୁ ଏହି ଶିଳ୍ପର ପ୍ରସାର ଆମ ପ୍ରଦେଶରେ ଅନାୟାସରେ ହୋଇ ପାରିବ । ପ୍ରତ୍ୟେକ ପରିବାର ନିଜ ନିଜ ବାଡ଼ିମାନଙ୍କରେ ଗବ ଗଛ କିଛି ଲଗାଇଲେ ଫଳରୁ ତେଲ ପାଇବା ସଙ୍ଗେ ସଙ୍ଗେ ପତ୍ରଗୁଡ଼ିକ ଏଣ୍ଡି ପୋକମାନଙ୍କର ଖାଦ୍ୟରୂପେ ବ୍ୟବହାର କରି ପାରିବେ । ପରିବାରର ସ୍ତ୍ରୀ ପିଲା-ମାନଙ୍କଦ୍ୱାରା ବର୍ଷରେ ପ୍ରାୟ ୯ ମାସ ଏହି ଚାଷ ସୁରକ୍ଷିତ-ରୂପେ କରାଯାଇ ପାରିବ ।

ପ୍ରଜାପତି ଅଣ୍ଡା ଦେବା ପରଠାରୁ ୭ ଦିନରେ ଅଣ୍ଡାଗୁଡ଼ିକ ଫୁଟି ଛୁଆ ହୋଇଯାଆନ୍ତି । ସେତେବେଳେ ସେମାନଙ୍କୁ କଅଁଳ ଗବପତ୍ର ଖାଇବାକୁ ଦିଆଯାଏ । ଗବପତ୍ର ସେମାନଙ୍କର ପ୍ରିୟ ଖାଦ୍ୟ । ତାʼଫଳରେ ସେମାନଙ୍କର କ୍ରମବିକାଶ ହୁଏ ଓ ପ୍ରାୟ ୧୮ ଦିନ ଦିବାରାତ୍ର ଅନବରତ ଆହାର କରି ସେମାନେ କୋଷା ତିଆରିପାଇଁ ପ୍ରସ୍ତୁତ ହୁଅନ୍ତି । ଏହି ୧୮ ଦିନ ମଧ୍ୟରୁ ସେମାନେ ୪ ଦିନ କୌଣସି ଖାଦ୍ୟ ନ ଖାଇ ଅନାହାରରେ ପଡ଼ି ରହନ୍ତି । ଏହି ସମୟ ହିଁ ସେମାନଙ୍କର ଖୋଳ ବା ଛାଲ ବଦଳାଇବା ସମୟ । କୋଷା ତିଆରିପାଇଁ ଉପଯୁକ୍ତ ହେବାବେଳେ ଗୋଟିଏ ଅନ୍ଧକାର-ପୂର୍ଣ୍ଣ କୋଠରୀରେ ସେମାନଙ୍କୁ ଛାଡ଼ି ଦିଆଯାଏ । ସେଠାରେ ସେମାନେ କୋଷା ନିର୍ମାଣରେ ଲାଗିଯାଆନ୍ତି । କୋଷା ମଧ୍ୟରେ ୧୮ ଦିନ ଅନାହାରରେ ରହିବା ପରେ କୋଷାର ଗୋଟିଏ ପାଖ ଭେଦି ବାହାରକୁ ବାହାରି ଆସନ୍ତି । ବାହାରକୁ ଆସିବାର ପ୍ରାୟ ୧୦ ମିନିଟ୍ ମଧ୍ୟରେ ସେମାନଙ୍କ ଦୁଇଟି ଡେଣା ବାହାରି ଗୋଟିଏ ସୁନ୍ଦର ପୂର୍ଣ୍ଣାଙ୍ଗ ପ୍ରଜାପତିର ରୂପ ଧାରଣ କରନ୍ତି । ପ୍ରଜାପତିଗୁଡ଼ିକୁ ଗୋଟିଏ ଟୋକେଇରେ ଛାଡ଼ି ଦିଆଯାଏ ଓ ତା ପରଦିନ ଯୋଡ଼ି ଲାଗିଥିବାର ଦେଖାଯାଏ । ୨୪ ଘଣ୍ଟା ଯୋଡ଼ି ପିନ୍ଧା-ପରେ ମାଈ ପ୍ରଜାପତିକୁ ରଖି ପୁରୁଷ ପ୍ରଜାପତିକୁ ଛାଡ଼ି ଦିଆଯାଏ । ମାଈ ପ୍ରଜାପତି ୪ ଦିନ ଅଣ୍ଡା ଦିଏ । ପ୍ରତ୍ୟହ ୨୦୦ରୁ ୩୦୦ ମଧ୍ୟରେ ଅଣ୍ଡା ଦିଏ । ସେଥିରୁ ପ୍ରଥମ ଦୁଇଦିନର ଅଣ୍ଡା ଉତ୍କୃଷ୍ଟ ବୀଜ ଭାବରେ ଗ୍ରହଣ କରାଯାଏ ।

କୋଷା ଆମଦାନୀ କରି ସାରିବାପରେ ସେଗୁଡ଼ିକୁ ପ୍ରତି ସେଂ ୮/ ଖାରସୋଡ଼ା ଦେଇ କୋଷାଗୁଡ଼ିକ ସିଝାଇ ଦେବାକୁ ପଡ଼େ । ସୂତା କାଟିବା ପାଇଁ ଉପଯୁକ୍ତ ହେଲେ ହାତ ତାକୁଡ଼ି, ଅର୍ଥାତ୍ ବା ଅଧିକ ଉନ୍ନତ ଧରଣର ଚରଖାଦ୍ୱାରା ସୂତା କାଟିବାକୁ ପଡ଼େ । ତାହାପରେ ଏହା ହାତତନ୍ତଦ୍ୱାରା ବୁଣାଯାଏ । ବୁଣା ସରିବା ପରେ ଏହା ଅତି କଦର୍ଯ୍ୟ ଦେଖାଯାଏ । ଧୋଲେଇ ହୋଇ ସାରିବା ପରଠାରୁ ଏହାର ରଙ୍ଗ କ୍ରମଶଃ ଫୁଟିଉଠେ । ପ୍ରାୟ ଦୁଇବର୍ଷ ବ୍ୟବହାର ପରେ ଏହା ଈଷତ୍ ହଳଦିଆ ହୋଇ ତମ୍ବାଫୁଲ ରଙ୍ଗ ଭଳି ଏକ ସୁନ୍ଦର ମନୋମୁଗ୍ଧକର ରଙ୍ଗରେ ପରିଣତ ହୁଏ । ଏହି କପଡ଼ାର ରୂପ ଯେପରି ସୁନ୍ଦର ଗୁଣ ମଧ୍ୟ ତଦ୍ରୂପ । ଏହା ଅଧିକ ଶକ୍ତ ଓ ନରମ । ଶୀତଦିନରେ ଏହା ଗରମ ଚଦରରୂପେ ଶୀତତାପରୁ ରକ୍ଷାକରେ । ଅଧୁନା ଫ୍ୟାସନ ନାନାପ୍ରକାର ପୋଷାକପରିଚ୍ଛଦ ଏଥିରୁ ପ୍ରସ୍ତୁତ କରାଯାଏ ।

## ବିହନ ପାଇବା ପାଇଁ ବ୍ୟବସ୍ଥା

ଓଡ଼ିଶାର ବହୁଅଞ୍ଚଳର ଲୋକ ଏଣ୍ଡି ଚାଷ ପାଇଁ ଆଗ୍ରହୀ ଥିଲେ ମଧ୍ୟ ଉପଯୁକ୍ତ ସମୟରେ ଉପଯୁକ୍ତ ବର୍ତ୍ତମାନରେ ବିହନ ପାଇପାରନ୍ତି ନାହିଁ । କେତେକ କୋଷା ପାଳକ ଦୂରସ୍ଥ ସ୍ଥାନରୁ ବିହନ ସଂଗ୍ରହ କରି କୋଷା ଉତ୍ପାଦନ କଲେ ମଧ୍ୟ ତାହା ଯଦି କିଣିବାର ସୁବିଧା

ନାହିଁ । କେଉଁଠି ପାଳକମାନେ କୋଷା ସିଝାଇବା ଓ ସୂତା କାଟିବା ଜାଣି ନ ଥିବାରୁ କୋଷାଗୁଡ଼ିକ ନଷ୍ଟ ହୋଇ ଯାଉଛି । କେଉଁଠି ବା ସୂତା ଅଛି, ମାତ୍ର ବୁଣିବା ଲୋକର ଅଭାବ । ଏହିପରି ଭାବରେ ନାନା କ୍ଷେତ୍ରରେ ନାନା ଅଭାବର ସମ୍ମୁଖୀନ ହୋଇ ଲୋକମାନେ ଦିନକୁ ଦିନ ଅନାଗ୍ରହୀ ହୋଇଯାଉଛନ୍ତି । ସେଥିପାଇଁ ସରକାରଙ୍କ ତରଫରୁ କେତେକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଅଛି । ଲୋକମାନଙ୍କର ଉଦ୍ୟମ ତଥା ଆଗ୍ରହରେ ଏହାର ଭବିଷ୍ୟତ ନିର୍ଭର କରେ ।

ଆମ ପ୍ରଦେଶରେ ଗ୍ରୀଷ୍ମଦିନେ ଅତ୍ୟଧିକ ଗରମ ହେତୁ ଏଣ୍ଡି ପୋକ ବଞ୍ଚି ପାରନ୍ତି ନାହିଁ । ତେଣୁ ଆମକୁ ବାହାର, ଆସାମ ପ୍ରଭୃତି ପ୍ରଦେଶମାନଙ୍କରୁ ଖରାଦିନ ପରେ ଅର୍ଥାତ୍ ଅଗଷ୍ଟ ମାସରେ ବିହନ ମଗାଇବାକୁ ପଡ଼େ । ପୁଣି ବିହନ ଆସିବା ପରେ ଯଦି ଅଧିକ ଗରମ ଅନୁଭୂତ ହୁଏ, ତେବେ ପୋକ ସମୂଳେ ନଷ୍ଟ ହୋଇଯାଆନ୍ତି । ତେଣୁ ଠିକ୍ ସମୟରେ ଆଶାନୁରୂପ ବିହନ ନ ପାଇବାରୁ ଓଡ଼ିଶାପକ୍ଷେ ଏଣ୍ଡି ଚାଷର ପ୍ରଶସ୍ତ ସମୟ ବର୍ଷାଦିନର ଅଧିକାଂଶ ସମୟ କଟିଯାଏ । ତାକୁ ପାଳିବା ପରେ ଯେଉଁ ବିହନ ଆମେ ଆଦାୟ କରୁ ସେଗୁଡ଼ିକ ରୋଗାକ୍ରାନ୍ତ କି ନା, ତାହା ପରୀକ୍ଷା କରାଯାଇ ପାରୁ ନ ଥିଲା । ରୋଗାକ୍ରାନ୍ତ ପୋକ ଥିଲେ ଅନ୍ୟ ରୋଗଶୂନ୍ୟ ପୋକଗୁଡ଼ିକ ମଧ୍ୟ ରୋଗାକ୍ରାନ୍ତ ହୋଇଯାଉଥିଲେ । ଅନେକ ପୋକ ମୃତ୍ୟୁମୁଖରେ ପଡ଼ୁଥିଲେ । କେତେବେଳେ ମଧ୍ୟ ପାକଳ ହେବା



ଏଣ୍ଡି କୋଷା 'କାଟୁଥିବାର' ଏକ ଦୃଶ୍ୟ

ସମସ୍ତଙ୍କୁ ପୋକଗୁଡ଼ିକ ସମୂଳେ ନଷ୍ଟ ହୋଇଯାଉଥିଲେ; ଅଥବା କେତେବେଳେ ଆଦୌ କୋଷା ବାନ୍ଧୁ ନ ଥିଲେ । ତେଣୁ ଚାଳକର ଅକ୍ଳାନ୍ତ ପରିଶ୍ରମ ପଣ୍ଡ ହୋଇଯାଉଥିଲା । ରୋଗର ନିରାକରଣ ତଥା ଠିକ୍ ସମୟରେ ଚାଳକମାନଙ୍କୁ ବିହନ ଯୋଗାଇ ଦେବା ଉଦ୍ଦେଶ୍ୟରେ ପୁରୀ ଜିଲ୍ଲାର ଖୋର୍ଦ୍ଧାଠାରେ 'କେନ୍ଦ୍ର ରେଶମ ବୋର୍ଡ଼'ଙ୍କ ଆନୁକୂଲ୍ୟରେ ଗୋଟିଏ ବିହନ କେନ୍ଦ୍ର (Seed Station) ଖୋଲିଯାଇଛି । ଆସନ୍ତା ବର୍ଷଠାରୁ ଆମେ ପ୍ରଚୁର ପରିମାଣରେ ରୋଗଶୂନ୍ୟ ଉନ୍ନତ ଧରଣର ବିହନ ପାଇ ପାରିବା । ଏଥିପାଇଁ ଆମ ଓଡ଼ିଶାରୁ ୩ ଜଣ ଶିକ୍ଷାର୍ଥୀ ତାଲିମପ୍ରାପ୍ତ ହୋଇ ଆସାମରୁ ଫେରିଅଛନ୍ତି । ଉକ୍ତ ଶିକ୍ଷାପାଇଁ ଅନ୍ୟ କେତେ ଜଣଙ୍କୁ ଓଡ଼ିଶା ବାହାରକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି ।

## ଓଡ଼ିଶାରେ କେଉଁଠି
## ଏଣ୍ଡି ସମବାୟ ସମିତି ସ୍ଥାପିତ ହୋଇଛି

ଗତବର୍ଷଠାରୁ କୋଟିଏ ସ୍ଥାନରେ ୧୦୦ ଜଣ ଏଣ୍ଡି ଚାଳକଙ୍କୁ ନେଇ ଗୋଟିଏ ଗୋଟିଏ ସମବାୟ ସମିତି ଗଢ଼ା ଯାଇ ଏଣ୍ଡି ଚାଷରେ ଉନ୍ନତି କରାଯିବାର ଯୋଜନା କରାଯାଇଛି । ଏଥିପାଇଁ କଟକ ଜିଲ୍ଲାର ତିହେଲ, ଡମଡ଼ମା, ଉଦୟପୁର ଓ ବଦଲଠାରେ ଚାରିଗୋଟି ସୋସାଇଟି ଗଢ଼ାଯାଇ କାର୍ଯ୍ୟକାରୀ କରାଯାଉଛି । ଗତ ବର୍ଷଠାରୁ 'ରେଶମ ଦିବସ' (Silk Day) ପାଳନ କରାଯାଇ ଚାଳକମାନଙ୍କୁ ଆଗ୍ରହୀ କରାଇବା ପାଇଁ ପ୍ରଦର୍ଶନରେ ବିଭିନ୍ନ ଶିକ୍ଷାର ଦିଗ ଦର୍ଶାଇ ଦିଆଯାଇଅଛି । ଚାଳକମାନେ ବିଭିନ୍ନ ପ୍ରଦେଶରେ ଭ୍ରମଣ କରି ଅଭିଜ୍ଞତା ଅର୍ଜନ କରିବା ପାଇଁ ଯୋଜନା ମଧ୍ୟ କରାଯାଇଅଛି ।

ପୂର୍ବରୁ ହାତ ସାହାଯ୍ୟରେ ଓ ତାକୁଡ଼ି ଦ୍ୱାରା ବହୁ ପରିଶ୍ରମରେ ଅଳ୍ପ ପରିମାଣରେ ଅସମାନ ସୂତା କଟାଯାଉଥିଲା । କିନ୍ତୁ ବର୍ତ୍ତମାନ ଉନ୍ନତ ଧରଣର ଚରଖା ବାହାରି ଅଳ୍ପ ସମୟରେ ଅଳ୍ପ ପରିଶ୍ରମରେ ବହୁ ପରିମାଣରେ ସୁନ୍ଦର ଓ ସମାନ ସୂତା କଟା ଯାଇପାରୁଛି । ସୂତା କାଟିବାରେ ଆଗ୍ରହୀ ଥିବା ଅଞ୍ଚଳକୁ ଏହି ଚରଖା ଯୋଗାଇ ଦିଆଯାଉଛି । ସୂତାକଟା ଶିକ୍ଷା ଦେବା ପାଇଁ ଲୋକ ନିଯୁକ୍ତ ହୋଇ ବିଭିନ୍ନ ଅଞ୍ଚଳରେ ନୂଆ ଉନ୍ନତ ଧରଣର ଚରଖା ସାହାଯ୍ୟରେ ସୂତାକଟା ଶିକ୍ଷା ଦେଉ ଅଛନ୍ତି ।

## ଏଣ୍ଡି ସୂତାରୁ ବିଭିନ୍ନ ଜିନିଷ
## ତିଆରି ଓ ବିକ୍ରି ବ୍ୟବସ୍ଥା

ଏଣ୍ଡି ସୂତାରୁ ବିଭିନ୍ନ ଧରଣର ଚଦର, ସାର୍ଟିଂ, ସୁଟିଂ, ଟେବୁଲକ୍ଲଥ, ମଫଲର୍ ପ୍ରଭୃତି ସୁନ୍ଦର ସୁନ୍ଦର ଜିନିଷମାନ ବୁଣାଯାଇ ବିକ୍ରି କରାଯିବାର ବ୍ୟବସ୍ଥା କରାଯାଉଛି । ମାତ୍ର ଦୁଃଖର ବିଷୟ, ଆମ ପ୍ରଦେଶରେ ଏହାର ଆବଶ୍ୟକତା ଯେତେ ପରିମାଣରେ ବୃଦ୍ଧି ପାଉଛି, ଉତ୍ପାଦନ ତାଠାରୁ ଯଥେଷ୍ଟ କମ୍ । ଆସାମ ପ୍ରଦେଶର ଏଣ୍ଡି ଚଦର ଆମ ଦେଶରେ ଖଣ୍ଡକୁ ଟ ୭୦୲ ରୁ ଟ ୮୦୲ ବିକ୍ରି ହେଉଥିବାବେଳେ ଆମ ପ୍ରଦେଶର ତିଆରି ଚଦରର ମୂଲ୍ୟ ଟ ୬୦୲ ରୁ ଟ ୬୫୲ ମାତ୍ର । ଓଡ଼ିଶା ବଜାରରେ ଓଡ଼ିଶା-ତିଆରି ଏଣ୍ଡି ଚଦର ଦେଖିବାକୁ ସ୍ୱଳ୍ପ । ଉନ୍ନତ ଧରଣର ଚଦର ଉତ୍ପାଦନ ନ ହେବାଯାଏ ଆମେ ଅନ୍ୟ ପ୍ରଦେଶ ସଙ୍ଗେ ସମକକ୍ଷ ହୋଇ ପାରୁନାହୁଁ । ଆମ ପ୍ରଦେଶର ଚଦରରେ ସାଧାରଣତଃ ସେ° ୪ ରୁ ସେର ୧ ର ପର୍ଯ୍ୟନ୍ତ ସୂତା ଲାଗିଥାଏ; ଯାହାର ମୂଲ୍ୟ ଟ ୧୯୲ ରୁ ଟ ୨୫୲ ମଧ୍ୟରେ ହୋଇଥାଏ, ମାତ୍ର ସେତିକି ଓଜନର ସୂତାରୁ ଆସାମରେ ଦୁଇଖଣ୍ଡ ଚଦର ଟ ୧୮୦୲ ପର୍ଯ୍ୟନ୍ତ ବିକ୍ରି ହୋଇଥାଏ । ଏଥିରୁ ଜଣାଯିବ, ଏହି ଶିଳ୍ପ ଓଡ଼ିଶାରେ କେତେ ଅବନତ ଅବସ୍ଥାରେ ଅଛି ।

ଚଦର ବିକ୍ରି ପାଇଁ ଓଡ଼ିଶାରେ ଗୋଟିଏ ମଧ୍ୟ କେନ୍ଦ୍ର ନାହିଁ ।

## ଏଣ୍ଡି ଚାଷରେ ଜଣେ ଚାଷୀ କେତେ ରୋଜଗାର କରିପାରିବ

ଏଣ୍ଡି ଚାଷରେ ନିଯୁକ୍ତ ହୋଇ ଜଣେ ଚାଷୀ ବାର୍ଷିକ କେତେ ରୋଜଗାର କରି ପାରିବ, ତାର ଗୋଟିଏ ହିସାବ ଦେଇ ଏହି ପ୍ରବନ୍ଧର ଉପସଂହାର କରିବା। ପ୍ରତିବର୍ଷ ଜୁଲାଇ ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏଣ୍ଡି ପାଳିବା, ସୂତା କାଟିବା ଓ ଲୁଗା ବୁଣିବା ପାଇଁ ଉତ୍କୃଷ୍ଟ ସମୟ। ଏହି ସମୟ ମଧ୍ୟରେ ଜଣେ ପାଳକ ୬ ଥର କୋଷା ଆମଦାନୀ କରି ପାରିବ। ଥରକେ ସେ ୧ ର୍ ହିସାବରେ କୋଷା ଆମଦାନୀ କଲେ ଏହି ୯ ମାସ ସମୟ ମଧ୍ୟରେ ୬ ସେର କୋଷା ମିଳିବ। ସୂତା କାଟିଲେ ସେରପ୍ରତି ସେ° ୪ ହିସାବରେ ସେ ୨୪ ସୂତା ଏଥିରୁ ବାହାରିବ। ସେଥିରୁ ଛଖଣ୍ଡ ଚଦର ହୋଇ ପାରିବ; ଯାହାର ମୂଲ୍ୟ ବର୍ତ୍ତମାନ ବଜାରରେ ଟ ୧୪୪୯। ଏଥିପାଇଁ ଖର୍ଚ୍ଚ କରିବାକୁ ପଡ଼ିବ ସୋଡ଼ା ସେ ୧୮ ଓ ଚଦର ବୁଣା ମଜୁରି ଟ ୨୨୪ ମାତ୍ର। ଏଣ୍ଡି ବହନ ବଢ଼ି କରି ଟ ୨୯ ରୁ ଟ ୩୯ ଯାଏ ପାଇବା ପରେ ଟ ୧୬୦୯ଙ୍କା ଲାଭ କରି ପାରିବ। ଘରର ଅନ୍ୟାନ୍ୟ କର୍ମ କରି ସାରିବା ପରେ ଏହି ଟଙ୍କା ଅନାୟାସରେ ଚାଷୀ ପାଇ ପାରିବ।

ଏଥିରୁ ଅନୁମିତ ହେବ ଯେ ଏଣ୍ଡି ଶିଳ୍ପ କେବଳ ଯେନତେନ ପ୍ରକାରେଣ ବେକାର ସମସ୍ୟାର ସମାଧାନ ପାଇଁ ଏକ ପନ୍ଥା ନୁହେଁ। ଏହା ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଆଣିବାପାଇଁ ଏକ ଉତ୍କୃଷ୍ଟ ଅବଲମ୍ବନ। ଏହାର ମର୍ମ ବୁଝି ଆମ ଦେଶବାସୀ ଏହାପ୍ରତି ଉତ୍ସାହୀ ହେଲେ ସରକାରଙ୍କ ସାହାଯ୍ୟରେ ନିଜ ଅବସ୍ଥାର ଉନ୍ନତି କରିପାରିବା ସଙ୍ଗେ ସଙ୍ଗେ ଦେଶର କଲ୍ୟାଣ ସାଧନରେ କିଛି ନା କିଛି ଭାଗ ନେଇ ପାରିବେ।

# ଓଡ଼ିଶାରେ
# ସମବାୟ ସୂତ୍ରରେ ହସ୍ତଶିଳ୍ପର ପ୍ରସାର

ଶ୍ରୀ ହରହର ପଣ୍ଡା

## ହସ୍ତଶିଳ୍ପ ପ୍ରସାର ପାଇଁ
### ଓଡ଼ିଶାକୁ ଭାରତ ସରକାରଙ୍କ ସାହାଯ୍ୟ

ଆମ ଓଡ଼ିଶାରେ ହସ୍ତଶିଳ୍ପ ଯୋଜନା କାର୍ଯ୍ୟକାରୀ କରିବା ଲାଗି ଭାରତ ସରକାର ରାଜ୍ୟ ସରକାରଙ୍କୁ ନିମ୍ନଲିଖିତ ଆର୍ଥିକ ସାହାଯ୍ୟ ଦେବାପାଇଁ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି :—

୧ । ଅଂଶଧନର ଶତକଡ଼ା ୭୫ ଭାଗ ଦୁଇ ଗୋଟି ମିଆଦରେ ପରିଶୋଧ କରିବା ସର୍ତ୍ତରେ ଋଣ ଦେବେ ।

୨ । କାର୍ଯ୍ୟକାରୀ ପାଣ୍ଠିର ଶତକଡ଼ା ୭୫ ଭାଗ ଦଶ କିସ୍ତି ମିଆଦରେ ପରିଶୋଧ କରିବା ସର୍ତ୍ତରେ ଋଣ ଦେବେ ।

୩ । ଶିଳ୍ପ ସମବାୟ ସମିତିଗୁଡ଼ିକର ପରିଚାଳନା ବାବଦ ଖର୍ଚ୍ଚ ତଦାରଖ ପାଇଁ ସାହାଯ୍ୟ ଆକାରରେ ଦେବେ ।

ରାଜ୍ୟ ସରକାର ଭାରତ ସରକାରଙ୍କଠାରୁ ଯେଉଁ ଋଣ ଆଣିବେ, ସେଥି ଉପରେ ସୁଧ ବାର୍ଷିକ ଶତକଡ଼ା ଚାରି ଟଙ୍କା ଦେବେ ଓ ରାଜ୍ୟ ସରକାର ତାହା ଶିଳ୍ପ ସମବାୟ ସମିତିରେ ଖଟାଇ ବାର୍ଷିକ ଶତକଡ଼ା ସାଢ଼େ ଦୁଇ ଟଙ୍କା ସୁଧ ଆଦାୟ କରିବେ । ଋଣ ଆଦାନପ୍ରଦାନର ପାର୍ଥକ୍ୟ ରାଜ୍ୟ ସରକାର ଭାରତ ସରକାରଙ୍କଠାରୁ ସାହାଯ୍ୟ ଆକାରରେ ପାଇବେ ।

## ଓଡ଼ିଶାରେ କେଉଁ କେଉଁ ହସ୍ତଶିଳ୍ପର
### ବିକାଶ ପାଇଁ ଯୋଜନା କରାଯାଉଛି

ଆମ ଓଡ଼ିଶାରେ ଯେଉଁ ହସ୍ତଶିଳ୍ପର ବିକାଶ ଓ ପୁନରୁଦ୍ଧାର ଲାଗି ଯୋଜନା କରାଯାଇଅଛି, ତାହା ତଳେ ଦିଆଗଲା :—

୧ । କଂସା ବାସନ ତିଆରି

୨ । ଶିଙ୍ଗ ଓ ହାତୀଦାନ୍ତ କାମ ।

୩ । ଶିଙ୍ଗ ଓ ତାରକସି କାମ ।

୪ । ପଥର ଶିଳ୍ପ କାମ ।

୫ । ତାରକସି କାମ ।

୬ । ପଲଙ୍ଗି ଘାସ ଦଉଡ଼ି ତିଆରି ।

୭ । ବେତ ଓ ବାଉଁଶ କାମ ।

୮ । ଅତର ଓ ସୁଗନ୍ଧ ଜଳ ତିଆରି ।

୯ । ସୂଚୀର ନକ୍ସା କାମ ।

୧୦ । ଦରି ଓ କାରପେଟ୍ ବୁଣା ।

୧୧ । ଢଳେଇ କାମ ।

୧୨ । ନକ୍ସା ମଶିଣା ତିଆରି ।

୧୩ । ଖେଳନା ତିଆରି ।

୧୪ । ଭଞ୍ଜନଗରର କାଠଖେଳନା କାମ ।

୧୫ । ସୁନାରୂପା ନକ୍ସା କାମ ।

୧୬ । ପିତ୍ତଳ-ମାଛ ତିଆରି କାମ ।

## କେଉଁ କେଉଁ ହସ୍ତଶିଳ୍ପ ପାଇଁ
### କେତେ ସାହାଯ୍ୟ ମିଳିବ

ଉପରୋକ୍ତ ହସ୍ତଶିଳ୍ପର ବିକାଶସାଧନ ନିମନ୍ତେ ଯେଉଁ ଆର୍ଥିକ ଓ ଅନ୍ୟାନ୍ୟ ସାହାଯ୍ୟ ଦିଆଯାଉଛି, ତାହା ତଳଲିଖିତ ବିବରଣୀରୁ ସହଜରେ ଅନୁମେୟ ।



ତାରକସି କାମ :
କଟକ ତାରକସି କାରଗର ସମିତି



କେନ୍ଦ୍ରାପଡ଼ା ତାରକସି ସମବାୟ
ସମିତିର ସଭ୍ୟମାନଙ୍କ କାମ



ପୁରୀର ପଥର କାମ



କଟକ ଶିଙ୍ଗ କାରଗର ସମିତିର
କେତେକ ସୁନ୍ଦର ଶିଙ୍ଗକାମ



ଓଡ଼ିଶାର ପ୍ରସିଦ୍ଧ ହସ୍ତଶିଳ୍ପର କେତେକ ନମୁନା



କେନ୍ଦ୍ରାପଡ଼ା କାଠ କାରିଗର ସମିତିର କେତେକ ସୁନ୍ଦର
କାଠକାମର ନମୁନା

## କଂସାବାସନ ତିଆରି

ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ ସରସ, ସୁନ୍ଦର ଓ ସୁଲଭ ମୂଲ୍ୟରେ କଂସା ପିତ୍ତଳ ଜିନିଷ ତିଆରି ଲାଗି ଆମ ରାଜ୍ୟରେ ୭ ଗୋଟି ସମବାୟ ସମିତି ଗଠନ କରାଯାଇଅଛି । ଏହି ଯୋଜନାରେ ଭାରତ ସରକାର ୧୯୫୫-୫୬ ମସିହାରେ ଏକଲକ୍ଷ ଟଙ୍କା କାର୍ଯ୍ୟକାରୀ ପାଣ୍ଠି ପାଇଁ ଋଣ ସୂତ୍ରରେ ଦେଇଅଛନ୍ତି । ଏହି ଟଙ୍କା ସମସ୍ତ ସମିତିକୁ ସମଭାବରେ ବଣ୍ଟନ କରାଯାଇଅଛି । ଏତଦ୍ ବ୍ୟତୀତ ଏହି ସମିତିଗୁଡ଼ିକୁ ସେହି ବର୍ଷ ଯନ୍ତ୍ରପାତି କିଣିବାପାଇଁ ଓ ଟ୍ରେନିଂପ୍ରାପ୍ତ ଦକ୍ଷ କର୍ମଚାରୀ ନିଯୁକ୍ତ କରିବାପାଇଁ ଟ୪୭,୬୭୦୯ ସାହାଯ୍ୟ ଦେଇଛନ୍ତି । ୧୯୫୮-୫୯ ମସିହାରେ ଉକ୍ତ କେନ୍ଦ୍ରର ଘରଭଡ଼ା ଦେବାପାଇଁ ଟ ୨୮୮୦୯ ସାହାଯ୍ୟ ଦେବା ପରିକଳ୍ପନା କରାଯାଇଅଛି । ଏହି ସମିତିଗୁଡ଼ିକ ୧୯୫୭-୫୮ ମସିହାରେ ଟ୩,୬୭,୦୧୩୯ର ଜିନିଷ ଉତ୍ପାଦନ କରି ଟ୩,୦୯,୭୬୩୯ ମୂଲ୍ୟର ଜିନିଷ ବିକ୍ରି କରିପାରିଛନ୍ତି । ଶିଳ୍ପୀମାନଙ୍କୁ ଆଧୁନିକ ଧରଣର ଜିନିଷ ତିଆରି କରିବାପାଇଁ ସରକାରଙ୍କ ପକ୍ଷରୁ ତାଲିମପ୍ରାପ୍ତ କର୍ମଚାରୀ ମଧ୍ୟ ନିଯୁକ୍ତ କରାଯାଇଛନ୍ତି ଓ ସେମାନେ ପ୍ରତ୍ୟେକ ସମିତି ପରିଦର୍ଶନ କରି ଶିକ୍ଷାଦାନ କରୁଛନ୍ତି ।

## ଶିଙ୍ଗ ଓ ହାତୀଦାନ୍ତ କାମ

ଏହି ଯୋଜନାରେ ଦୁଇଟି ସମବାୟ ସମିତି ଗଠନ କରାଯାଇଛି ଓ ଯନ୍ତ୍ରପାତି ଖରିଦ କରିବାପାଇଁ ଟ୫୦୦୦୯ ସାହାଯ୍ୟ ଓ କାର୍ଯ୍ୟକାରୀ ପାଣ୍ଠି ସକାଶେ ଋଣ ସୂତ୍ରରେ ଟ୬୦,୦୦୦୯ ୧୯୫୪-୫୫ ମସିହାରେ ଦିଆଯାଇଛି । ଋଣ ଓ ସାହାଯ୍ୟ ଭାବରେ ଉଭୟ ସମିତି ପାଇଛନ୍ତି । ୧୯୫୭-୫୮ ମସିହାରେ କର୍ମଚାରୀ ନିଯୁକ୍ତି ପାଇଁ ଟ ୧୯୮୯ ସାହାଯ୍ୟ ଦିଆଯାଇଅଛି । ୧୯୫୮-୫୯ ମସିହାରେ ଉକ୍ତ ସମିତିଗୁଡ଼ିକୁ କର୍ମଚାରୀ ନିଯୁକ୍ତି ବାବଦ ଖର୍ଚ୍ଚପାଇଁ ଟ୪୧୯୮୯ ଦେବାର ପରିକଳ୍ପନା ରହିଛି । ଏହି ସମିତିଗୁଡ଼ିକ ୧୯୫୭-୫୮ ମସିହାରେ ଟ୬୮,୩୦୧୯ ମୂଲ୍ୟର ଜିନିଷ ଉତ୍ପାଦନ କରି ଟ ୩୧,୦୮୧୯ ମୂଲ୍ୟର ଜିନିଷ ବିକ୍ରୟ କରିଛନ୍ତି । ଆଧୁନିକ ଧରଣର ସୁନ୍ଦର, ସରସ ଓ ସସ୍ତା ଶିଙ୍ଗ ଓ ହାତୀଦାନ୍ତର କାମ କରିବା ଓ ଶିକ୍ଷା ଦେବାପାଇଁ ସରକାରଙ୍କ ପକ୍ଷରୁ ତାଲିମପ୍ରାପ୍ତ କର୍ମଚାରୀ ନିଯୁକ୍ତ ହୋଇ ସମିତିମାନଙ୍କରେ କାମ କରୁଅଛନ୍ତି । ଓଡ଼ିଶାର ଶିଙ୍ଗକାମ ଦେଶବିଦେଶରେ ଉଚ୍ଚ ପ୍ରଶଂସିତ ହୋଇପାରିଛି ଓ ବିକ୍ରି କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ଦେଖାଯାଉଅଛି । ସମିତିଗୁଡ଼ିକ ଉତ୍କୃଷ୍ଟ ଧରଣର ଶିଙ୍ଗ ଓ ହାତୀଦାନ୍ତ ବହୁଳ ପରିମାଣରେ ଓ ସୁବିଧାରେ ପାଇଲେ ନୂତନ ଧରଣର ଉନ୍ନତ ଶିଙ୍ଗକାମ କରିପାରିବେ । ସେଥି ନିମନ୍ତେ ଜଙ୍ଗଲ ବିଭାଗର ସାହାଯ୍ୟ ମଗାଯାଇଛି ।

## ଶିଙ୍ଗ ଓ ତାରକସି କାମ

ଏହି ଯୋଜନାରେ କଟକସ୍ଥ ଶିଙ୍ଗ ଓ ତାରକସି କାମ ଶିଳ୍ପୀ ସମବାୟ ସମିତିକୁ କାର୍ଯ୍ୟକାରୀ ପାଣ୍ଠି ପାଇଁ ଟ ୧୮,୦୦୦୯ ଋଣ ଏବଂ ଯନ୍ତ୍ରପାତି ଖରିଦ ଓ ପରିଚାଳନା ଖର୍ଚ୍ଚ ପାଇଁ ଟ ୯୦୯୦୯ ସାହାଯ୍ୟ ୧୯୫୭-୫୮ରେ ଦିଆଯାଇଛି । ୧୯୫୮-୫୯ ମସିହାରେ ପରିଚାଳନା ଖର୍ଚ୍ଚ ପାଇଁ ଟ ୭୦୦୦୯ ସାହାଯ୍ୟ ଦେବା ପରିକଳ୍ପନା ରହିଛି । ତାରକସି କାମ ବ୍ୟୟସାପେକ୍ଷ ହେତୁ ଶିଙ୍ଗ ଓ ତାରକସି କାମ ସଂଯୁକ୍ତରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି ।

## ପଥର ଶିଳ୍ପ କାମ

ଓଡ଼ିଶାର ପଥର ବାସନ ଓ ପଥର ମୂର୍ତ୍ତି ତିଆରି ଭାରତରେ ତଥା ବିଦେଶରେ ଶୀର୍ଷସ୍ଥାନ ଅଧିକାର କରିଛି । ଏହି ଶିଳ୍ପର ଅଭ୍ୟୁଦୟ ଲାଗି ଦୁଇଟି ସମବାୟ ଅନୁଷ୍ଠାନ, ଗୋଟିଏ ବାଲେଶ୍ୱରର ବଜଲଗାଡ଼ିଆ ଓ ଅନ୍ୟଟି ପୁରୀରେ ବର୍ତ୍ତମାନ ଗଢ଼ାଯାଇଛି । ଏହାଛଡ଼ା ସରକାରଙ୍କ କର୍ତ୍ତୃତ୍ୱାଧୀନରେ ମୟୂରଭଞ୍ଜର

ଖିଚିଙ୍ଗଠାରେ ଗୋଟିଏ କେନ୍ଦ୍ର ଖୋଲାଯାଇଅଛି । ଓଡ଼ିଶାରେ ବିଭିନ୍ନ ଧରଣର, ଯଥା—ଧଳା, ଲାଲ ଓ ନାଲି ରଙ୍ଗର ପଥର ଦେଖିବାକୁ ମିଳେ । ଏହି ପଥର ସାହାଯ୍ୟରେ ମୂର୍ତ୍ତି ଓ ବାସନ ତିଆରି ହୁଏ । ଦନ୍ତୁଲଗାଡ଼ିଆ ସମିତିକୁ ୧୯୬୫-୬୬ ମସିହାରେ କାର୍ଯ୍ୟକାରୀ ପାଣ୍ଠି ପାଇଁ ଟ ୫୦,୦୦୦୍ ଋଣ ଓ ଯନ୍ତ୍ରପାତି ଖରିଦ, ପରିଚାଳନା ଖର୍ଚ୍ଚ ଓ କାର୍ଯ୍ୟ କରିବା ପାଇଁ, ଘର ତୋଳିବାକୁ ଟ ୩୬,୨୨୦୍ ସାହାଯ୍ୟ ଦିଆଯାଇଛି । ୧୯୬୭-୬୮ ମସିହାରେ ପୁରୀ ପଥର ଶିଳ୍ପ ସମିତିକୁ କାର୍ଯ୍ୟକାରୀ ପାଣ୍ଠି ଓ ଯନ୍ତ୍ରପାତି କିଣିବା ପାଇଁ ଟ ୨୦୦୦୍ ଋଣ ଦିଆଯାଇଅଛି । ତା ଛଡ଼ା ପରିଚାଳନା ଖର୍ଚ୍ଚ ଓ ଘର ତୋଳା ପାଇଁ ଟ ୨୨୮୦୍ ସାହାଯ୍ୟ ଦିଆଯାଇଛି । ୧୯୬୮-୬୯ ମସିହାରେ ମୟୂରଭଞ୍ଜ ଖିଚିଙ୍ଗ ପଥର ଶିଳ୍ପ ସମିତିକୁ ଟ ୮୧୮୦୍ ସାହାଯ୍ୟ ଦେବାର ପରିକଳ୍ପନା ରହିଛି । ୧୯୬୭-୬୮ ମସିହାରେ ଏହି ସମିତିଗୁଡ଼ିକ ଟ ୫୧୩୭୍ର ଜିନିଷ ଉତ୍ପାଦନ କରି ଟ ୧୩,୧୯୪୍ର ଜିନିଷ ବିକ୍ରୟ କରି ପାରିଥିଲେ । ପଥର ଜିନିଷଗୁଡ଼ିକ ଚିକ୍‌କଣ ଓ ଚକ୍ ଚକ୍ କରିବା ପାଇଁ ଯନ୍ତ୍ରପାତି ଅଭାବରୁ ସମିତିଗୁଡ଼ିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ସୁଦୂର କଲିକତାରେ ତାହା କରୁଥିବାରୁ ଖର୍ଚ୍ଚାନ୍ତ ହେବାକୁ ପଡ଼ୁଛି । ତଥାପି ପଥର ବାସନ ପ୍ରତି ଲୋକଙ୍କ ଆଗ୍ରହ କମ୍ ନୁହେଁ । ଏହି ପଥର ବାସନ ଓ ମୂର୍ତ୍ତିଗୁଡ଼ିକ ଯେପରି ସୁନ୍ଦର, ସରସ ଓ ଅଳ୍ପ ଓଜନର ହୋଇପାରିବ, ସେଥିଲାଗି ବ୍ୟବସ୍ଥା କରାଯାଉଛି ଏବଂ ସମିତିଗୁଡ଼ିକୁ ସ୍ୱାବଲମ୍ବୀ କରି ଶିଳ୍ପୀ ତଥା ଶିଳ୍ପର ବିକାଶ ଦିଗରେ ଧ୍ୟାନ ଦିଆଯାଉଛି ।

## ତାରକସି କାମ

ଓଡ଼ିଶାର ତାରକସି କାମ ଭାରତ ତଥା ବିଦେଶରେ ବହୁ ପ୍ରଶଂସିତ । ଏହି ଯୋଜନାରେ ଗୋଟିଏ ମାତ୍ର ସମିତି କଟକରେ ଅବସ୍ଥିତ । ଏହି ସମିତିକୁ ୧୯୬୨-୬୩ ମସିହାରେ କାର୍ଯ୍ୟକାରୀ ପାଣ୍ଠି ପାଇଁ ଟ ୫୦,୦୦୦୍ ଋଣ ଓ ତା ଛଡ଼ା ବିକ୍ରୟକେନ୍ଦ୍ର (Show Room) ଖୋଲିବା ପାଇଁ ଟ ୨୦୦୦୍ ସାହାଯ୍ୟ ଦିଆଯାଇଛି । ୧୯୬୬-୬୭ ମସିହାରେ ଏହି ସମିତିକୁ ତାରକସି ତାଲିମ କେନ୍ଦ୍ର ଖୋଲିବା ପାଇଁ ଟ ୧୦,୦୦୦୍ ସାହାଯ୍ୟ ଦିଆଯାଇଛି । ତାରକସି କାମର ଜିନିଷଗୁଡ଼ିକୁ ଅଧିକ ଲୋକପ୍ରିୟ କରି ବଜାର ସୃଷ୍ଟି କରିବା ପାଇଁ ଓ ରାଜ୍ୟ ବାହାରେ ବହୁଳ ବିକ୍ରୟର ପ୍ରସାର ଓ ପ୍ରଚାର ପାଇଁ ଏଜେଣ୍ଟ ନିଯୁକ୍ତ କରିବାକୁ ଏହି ସମିତିକୁ ୧୯୬୭-୬୮ ମସିହାରେ ଟ ୨,୪୦୦୍ ସାହାଯ୍ୟ ଦିଆଯାଇଅଛି । ହିସାବରୁ ଜଣାଯାଏ, ଏହି ସମିତି ୧୯୬୭-୬୮ ମସିହାରେ ଟ ୨୮,୫୨୯୍ର ଜିନିଷ ଖରିଦ କରି ଟ ୫୭,୨୭୪୍ ର ଜିନିଷ ବିକ୍ରି କରିଛି । ଶିଳ୍ପୀମାନଙ୍କ ସଂଗଠନ ଅଭାବରୁ କାର୍ଯ୍ୟର ପ୍ରଗତିରେ ବାଧା ପଡ଼ୁଥିବାର ଦେଖାଯାଏ । ସେମାନଙ୍କୁ ଆତ୍ମସହାୟକ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ଚେଷ୍ଟା କରାଯାଉଅଛି ।

## ପଲ୍ଲଶି ଘାସରୁ ଦଉଡ଼ି ତିଆରି

ଏହି ଯୋଜନାରେ ଗୋଟିଏ ସମିତି ମୟୂରଭଞ୍ଜରେ ଅନୁଷ୍ଠିତ ହୋଇଛି । କାରଣ ଏହି ଜିଲ୍ଲାରେ ମୟୂରଭଞ୍ଜ ରାଜାଙ୍କର ଆନୁକୂଲ୍ୟରେ ବହୁ ଆଗରୁ ପ୍ରାୟ ୫୦ ହଜାର ଏକର ଜମିରେ ପଲ୍ଲଶି ଘାସ ଉତ୍ପାଦନ କରିବା ଲାଗି ଯୋଜନା ତିଆରି ହୋଇଥିଲା । ଏହି ଘାସ ବିକ୍ରିରୁ ମହାରାଜା ହଜାର ହଜାର ଟଙ୍କା ଅର୍ଜନ କରୁଥିଲେ ଓ ପଲ୍ଲଶି ଘାସର ଦଉଡ଼ି ତିଆରି କରି ସେଠାର ଆଦିବାସୀମାନେ ଜୀବିକା ନିର୍ବାହ କରୁଥିଲେ । ଏହି ଘାସ ଓ ଘାସର ଦଉଡ଼ି କଲିକତାର ମହାଜନମାନେ କମ ଦରରେ କ୍ରୟ କରି ଆଦିବାସୀମାନଙ୍କୁ ଠକୁଥିଲେ । ବର୍ତ୍ତମାନ ସମିତି ହେବା ଫଳରେ ମହାଜନଙ୍କ ଶୋଷଣରୁ ଉତ୍ପାଦନକାରୀମାନେ ଟିକିଏ

ବୁଣା ଯାଉଛନ୍ତି । ୧୯୫୬-୫୭ ଓ ୫୭-୫୮ ମସିହାରେ ଏହି ସମିତିଗୁଡ଼ିକୁ ପରିଚାଳନା ବାବଦ ଖର୍ଚ୍ଚ, କଞ୍ଚାମାଲ କିଣିବା ଓ ଘରତୋଳା ପାଇଁ ଟ ୧୧,୦୮୦୍ ସାହାଯ୍ୟ ଦିଆଯାଇଅଛି । ପୁଣି ଅଂଶଧନ ଓ କାର୍ଯ୍ୟକାରୀ ପାଣ୍ଠି ପାଇଁ ଟ ୫୦୦୦୍ ଋଣ ଦିଆଯାଇଛି । ସେହି ବର୍ଷ ସମିତିଗୁଡ଼ିକ ଟ ୨୧୨୪୍ର ଦଉଡ଼ି ତିଆରି କରି ଟ ୧୮୦୮୍ର ବିକ୍ରି କରି ପାରିଛନ୍ତି ।

## ବେତ ଓ ବାଉଁଶ କାମ

ଏହି ଶିଳ୍ପର ଉନ୍ନତି ଲାଗି କଟକସ୍ଥ ଖାନନଗରରେ ଗୋଟିଏ ସମବାୟ ଅନୁଷ୍ଠାନ ଖୋଲାଯାଇଛି । ଏହି ସମିତିକୁ ୧୯୫୬-୫୭ ଓ ୧୯୫୭-୫୮ ମସିହାରେ କର୍ମଚାରୀ ନିଯୁକ୍ତି ଓ ଘର ତିଆରି ପାଇଁ ଟ ୯୦୪୦୍ ସାହାଯ୍ୟ ଆକାରରେ ଦିଆଯାଇଅଛି । ଏତଦ୍‌ବ୍ୟତୀତ ଏକ ହଜାର ଟଙ୍କା ଅଂଶଧନ ଓ ଟ ୫୦୦୦୍ କାର୍ଯ୍ୟକାରୀ ପାଣ୍ଠି ଋଣ ଦିଆଯାଇଛି । ୧୯୫୮-୫୯ ମସିହାରେ ପରିଚାଳନା ବାବଦ ଖର୍ଚ୍ଚ ପାଇଁ ଟ ୨୦୪୦୍ ସାହାଯ୍ୟ ଦେବାର ପରିକଳ୍ପନା ରହିଛି । ଏହି ସମିତି ୧୯୫୭-୫୮ ମସିହାରେ ଟ ୧୯୦୍ର ଜିନିଷ ଉତ୍ପାଦନ କରି ଟ ୭୪୪୍ର ଜିନିଷ ବିକ୍ରି କରିଛି । ତାଲିମପ୍ରାପ୍ତ କର୍ମୀ ଓ କର୍ମଚାରୀଙ୍କ ଅଭାବରୁ ସମିତିର ଅଗ୍ରଗତିରେ ବାଧା ଉପୁଜୁଛି । ତାଲିମପ୍ରାପ୍ତ କର୍ମଚାରୀ ନିଯୁକ୍ତ କରିବାର ବ୍ୟବସ୍ଥା କରାଯାଉଛି ।

## ଅତର ଓ ସୁଗନ୍ଧି ଜଳ ତିଆରି

ଏହି ଯୋଜନାରେ ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ଏକମାତ୍ର ସମିତି ଗଠନ କରାଯାଇଛି । ସମିତିର ସଭ୍ୟ-ବୃନ୍ଦ କିଆଫୁଲ ସଂଗ୍ରହ କରି ସେଥିରୁ ଅତର ଓ ସୁଗନ୍ଧି ଜଳ ତିଆରି କରୁଅଛନ୍ତି । ଏହି ସମିତିକୁ ପରିଚାଳନା ଖର୍ଚ୍ଚ ପାଇଁ ଓ ଆବଶ୍ୟକୀୟ ଯନ୍ତ୍ରପାତି ଓ ଉପକରଣ କିଣିବାପାଇଁ ୧୯୫୬-୫୭ ଓ ୧୯୫୭-୫୮ ମସିହାରେ ଟ ୫୯୦୍ ସାହାଯ୍ୟ ଓ କାର୍ଯ୍ୟକାରୀ ପାଣ୍ଠି ପାଇଁ ଟ ୮୦୦୦୍ ଋଣ ଦିଆଯାଇଅଛି । ୧୯୫୮-୫୯ ମସିହାରେ ପରିଚାଳନା ଖର୍ଚ୍ଚ ପାଇଁ ଟ ୨୭୦୦୍ ସାହାଯ୍ୟ ଦେବା ପରିକଳ୍ପନା ରହିଛି । ସମିତି ୧୯୫୭-୫୮ ମସିହାରେ ଟ ୬୮୦୦୍ର ଅତର ଓ ସୁଗନ୍ଧି ଜଳ ତିଆରି କରି ଟ ୨୧୪.୭୨ର ଜିନିଷ ବିକ୍ରି କରିଛି । ଯୋଜନାଟିକୁ ଲୋକପ୍ରିୟ କରିବା ପାଇଁ ଓ ଉତ୍ପାଦିତ ଦ୍ରବ୍ୟର ବହୁଳ ବିକ୍ରି ପାଇଁ ପ୍ରଚାରର ବ୍ୟବସ୍ଥା କରାଯାଉଛି ।

## ସୂଚୀ ଓ ନକ୍ସା କାମ

ଏହି ଯୋଜନାରେ ପାଞ୍ଚଟି ସମିତିକୁ ସାହାଯ୍ୟ କରାଯାଇଛି । ୧୯୫୭-୫୮ ମସିହାରେ ନକ୍ସା କାମ ଶିକ୍ଷାଦେବା, ତାଲିମପ୍ରାପ୍ତ କର୍ମଚାରୀ ନିଯୁକ୍ତ କରିବା ପାଇଁ ପ୍ରତ୍ୟେକ ସମିତିକୁ ଟ ୨୩୮୦୍ ହାରରେ ସରକାରୀ ସାହାଯ୍ୟ ଦିଆଯାଇଛି । ସାହାଯ୍ୟ ଡେରିରେ ପାଇବା ହେତୁ ସମିତିଗୁଡ଼ିକ ଉଲ୍ଲେଖଯୋଗ୍ୟ କାମ କରି ପାରି ନାହାନ୍ତି । ଯୋଜନାର ସଫଳତା ଲାଗି ଚେଷ୍ଟା କରାଯାଇଛି ।

## ଦରୀ ଓ କାରପେଟ୍ ବୁଣା

ଏହି ଯୋଜନାଟି କାର୍ଯ୍ୟକାରୀ କରାଯାଉଛି । ପୁରୀ ସମବାୟ ମହିଳା କୁଟୀର ଶିଳ୍ପ ଶିକ୍ଷାଶ୍ରମରେ ଅସହାୟ ଓ ବିଧବା ସ୍ତ୍ରୀମାନଙ୍କୁ କାମ ଯୋଗାଇ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରିବା ଏହି ଯୋଜନାର ଲକ୍ଷ୍ୟ । ସେହି ଲକ୍ଷ୍ୟ ସାଧନ ନିମନ୍ତେ ଏହି ସମିତିକୁ ୧୯୫୭-୫୮ ମସିହାରେ କାର୍ଯ୍ୟକାରୀ ପାଣ୍ଠି ପାଇଁ ଟ ୭୦୦୦୍ ଓ ପରିଚାଳନା ଖର୍ଚ୍ଚ ପାଇଁ ଟ ୨୪୫୍ ସାହାଯ୍ୟ ଦିଆଯାଇଛି । ଆର୍ଥିକ ବର୍ଷର ଶେଷଭାଗରୁ ଋଣ ଓ ସାହାଯ୍ୟ ଦିଆଯାଇଥିବାରୁ ସମିତି କୌଣସି ଉଲ୍ଲେଖଯୋଗ୍ୟ କାମ କରି ପାରି ନାହିଁ । ଅଦୂର-ଭବିଷ୍ୟତରେ ଯୋଜନାଟି ଫଳପ୍ରଦ ହୋଇ ପାରିବ ବୋଲି ଆଶା କରାଯାଉଛି ।

## ଢଳେଇ କାମ

ଏହି ଯୋଜନା କାର୍ଯ୍ୟକାରୀ କରିବାପାଇଁ ଦୁଇଟି ସମବାୟ ଅନୁଷ୍ଠାନ, ଗୋଟିଏ ସମ୍ବଲପୁରସ୍ଥ କଣ୍ଡାପଲ୍ଲୀ ଓ ଅନ୍ୟଟି ପୁରୀ ଜିଲ୍ଲା ଉରଲିଁଆଠାରେ ଗଢ଼ାଯାଇଛି । ଏହି ଯୋଜନାରେ ମଞ୍ଜୁର ହୋଇଥିବା ଟ୩୩,୦୦୦ ଋଣ ୧୯୫୭-୫୮ ମସିହାରେ ଉଭୟ ସମିତିକୁ ସମଭାବରେ ବଣ୍ଟନ କରାଯାଇଛି । ଯନ୍ତ୍ରପାତି ଖରିଦ ପାଇଁ ମଞ୍ଜୁର ହୋଇଥିବା ଟ୧୩,୧୯୦ ସମଭାବରେ ଦିଆଯାଇଅଛି । ୧୯୫୮-୫୯ ମସିହାରେ ଆଉ ଗୋଟିଏ ନୂତନ କେନ୍ଦ୍ର ଖୋଲିବାର ପରିକଳ୍ପନା ରହିଛି । ଆଧୁନିକ ଧରଣରେ ଢଳେଇ କାମ ଶିକ୍ଷା ଦେବାପାଇଁ ସରକାରଙ୍କ ତରଫରୁ ତାଲିମପ୍ରାପ୍ତ କର୍ମଚାରୀ ନିଯୁକ୍ତ ହୋଇଛନ୍ତି ଓ ସେମାନେ ପ୍ରତ୍ୟେକ ସମିତିକୁ ଯାଇ ଯନ୍ତ୍ରପାତି ଯୋଗାଉଛନ୍ତି ଓ ଯନ୍ତ୍ରଚାଳନା ଶିକ୍ଷା ଦେଉଛନ୍ତି ।

## ନକ୍ସା ମସିଣା ତିଆରି

ଉନ୍ନତ ଧରଣର ବିଶିଷ୍ଟ ନକ୍ସାପୂର୍ଣ୍ଣ ମସିଣା ତିଆରି କରିବାପାଇଁ ବାଲେଶ୍ୱରସ୍ଥ ସୋରରାଇ ଅଞ୍ଚଳରେ ସରକାରୀ କର୍ତ୍ତୃତ୍ୱାଧୀନରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ମସିଣା ବୁଣାଳୀଙ୍କୁ ଏହି ନୂତନ ଧରଣର ମସିଣା ତିଆରି ଶିକ୍ଷା ଦେବାପାଇଁ ସରକାରଙ୍କ ତରଫରୁ ତାଲିମପ୍ରାପ୍ତ କର୍ମଚାରୀ ରଖାଯାଇଛନ୍ତି । ୧୯୫୭-୫୮ରେ କାର୍ଯ୍ୟକାରୀ ପାଣ୍ଠି ପାଇଁ ଟ୫୦୦୦ ଋଣ ଦିଆଯାଇଅଛି । ଏତଦ୍ ବ୍ୟତୀତ ଉପକରଣ କିଣିବା ପାଇଁ ଟ୨୦୦୦ ସାହାଯ୍ୟ ଦିଆଯାଇଅଛି । ୧୯୫୮-୫୯ ମସିହାରେ ମଧ୍ୟ ଏହି ଯୋଜନା ଚାଲୁ କରାଯିବ । ସରକାରୀ କର୍ତ୍ତୃତ୍ୱାଧୀନରେ କିଛି ସମୟ କାର୍ଯ୍ୟକାରୀ ହୋଇ ସଫଳତା ହାସଲ କଲା ପରେ ବୁଣାଳୀମାନଙ୍କୁ ସଂଗଠନ କରି ସମିତି ଗଢ଼ାଯିବ ଓ ସମବାୟ ସୂତ୍ରରେ ଯୋଜନାର ଭବିଷ୍ୟତ କର୍ମପନ୍ଥା ସ୍ଥିର କରାଯିବ ।

## ଖେଳନା ତିଆରି

ଖେଳନା ତିଆରି କରିବାପାଇଁ ୩ ଗୋଟି ସମବାୟ ସମିତି—ଦୁଇଟି କଟକରେ ଓ ଅନ୍ୟଟି ବ୍ରହ୍ମପୁରରେ ଗଠନ କରାଯାଇଛି । ଏହି ସମିତିକୁ ୧୯୫୬-୫୭ ଓ ୧୯୫୭-୫୮ ମସିହାରେ କର୍ମଚାରୀ ନିଯୁକ୍ତି ପାଇଁ ସାହାଯ୍ୟ ଟ୭୯୨୦, ଅଂଶଧନ ଓ କାର୍ଯ୍ୟକାରୀ ପାଣ୍ଠି ପାଇଁ ଟ ୭୫୦୦ ଋଣ ପ୍ରତ୍ୟେକ ସମିତିକୁ ସମଭାବରେ ଦିଆଯାଇଛି । ୧୯୫୮-୫୯ ମସିହା ସୁଦ୍ଧା କର୍ମଚାରୀ ନିଯୁକ୍ତି ପାଇଁ ଟ୨୨୨୦ ସାହାଯ୍ୟ ଦେବାର ପରିକଳ୍ପନା ରହିଛି । ଏହି ସମିତି ଗୁଡ଼ିକ ୧୯୫୭-୫୮ ମସିହାରେ ଟ୨୭୮୭ର ଖେଳନା ତିଆରି କରି ଟ୧୨୭୦ର ଜିନିଷ ବିକ୍ରି କରିଅଛନ୍ତି । ବ୍ରହ୍ମପୁର ଆଜାଦ୍ ଖେଳନା ତିଆରି ସମିତିର ଖେଳନା ଗୁଡ଼ିକ ଲୋକପ୍ରିୟ ହୋଇ ପାରିଛି ଓ ଏଗୁଡ଼ିକର କାଟ୍ତି କ୍ରମାନ୍ୱୟରେ ବୃଦ୍ଧି ପାଉଛି ।

## କାଠ ଖେଳନା କାମ

ଭଞ୍ଜନଗର ଜାତୀୟ ସଂପ୍ରସାରଣ ଯୋଜନା ଅଞ୍ଚଳରେ କାଠଖେଳଣା ତିଆରି କରିବାପାଇଁ ଗୋଟିଏ ଯୋଜନା ଗଢ଼ାଯାଇଛି । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ୧୯୫୭-୫୮ ମସିହାରେ ଟ ୨୨୨୮ ସରକାରୀ ସାହାଯ୍ୟ ଦିଆଯାଇଅଛି । ଜଣେ ଅଭିଜ୍ଞ ଖେଳନା ପ୍ରସ୍ତୁତକାରୀଙ୍କର ତତ୍ତ୍ୱାବଧାନରେ ଗୋଟିଏ ତାଲିମ କେନ୍ଦ୍ର ଖୋଲାଯାଇଛି । ଏହି ଶିକ୍ଷା ପାଇବାକୁ ଆଗ୍ରହ ଥିବା ଲୋକଙ୍କୁ ନେଇ ପ୍ରଥମେ ଶିକ୍ଷା ଦିଆଯିବ ଓ ତାଲିମ ଶେଷରେ ସମବାୟ ସୂତ୍ରରେ ଖେଳନା ତିଆରି କରାଯିବ । ୧୯୫୮-୫୯ ମସିହାରେ ମଧ୍ୟ ଏହି ଯୋଜନା ଚାଲୁ ରହିବ । ସେଥିଲାଗି ଟ୩୬୨୦ ସାହାଯ୍ୟ ଦେବାର ବ୍ୟବସ୍ଥା ମଧ୍ୟ ରହିଛି ।

## ସୁନା ରୁପା ନକ୍ସା କାମ

ଏହି ଯୋଜନାଟି ଭଞ୍ଜନଗର ଜାତୀୟ ସଂପ୍ରସାରଣ ଯୋଜନା ଅଞ୍ଚଳରେ କାର୍ଯ୍ୟକାରୀ କରାଯିବ । ଉକ୍ତ

ଆର୍ଥିକ ବର୍ଷରେ ସେଥିପାଇଁ ଟ ୨୯,୦୦୦୯ କାର୍ଯ୍ୟକାରୀ ପାଣ୍ଠି ଋଣ ଓ ଟ୫୩୫୦୯ ପରିଚାଳନା ଖର୍ଚ୍ଚ ନିମନ୍ତେ ସାହାଯ୍ୟ ଦେବାର ବ୍ୟବସ୍ଥା କରାଯାଇଛି ।

## ପିତ୍ତଳମାଛ ତିଆରି

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବେଲଗୁଣ୍ଠାରେ କେବଳ ପିତ୍ତଳମାଛ ତିଆରି ହୁଏ । ଏଗୁଡ଼ିକ ଏତେ ସୁନ୍ଦରଭାବେ ତିଆରି ହୋଇଥାଏ ଯେ ଏହି ମାଛର ଲାଞ୍ଜଟି ଧରି ହଲାଇଲେ ଜୀବନ୍ତ ମାଛ ପହଁରିଲା ପରି ବୋଧହୁଏ । ଦେଶବିଦେଶରେ ଏହି ମାଛ କିଣିବାପାଇଁ ଲୋକେ ଖୁବ ଆଗ୍ରହାନ୍ୱିତ । ଏହି ଶିଳ୍ପର ପ୍ରସାରପାଇଁ ଓ ବହୁଳ ଉତ୍ପାଦନ ପାଇଁ ଗଞ୍ଜାମ ଜିଲ୍ଲାର ଶେରଗଡ଼ଠାରେ ଗୋଟିଏ ଉତ୍ପାଦନ କେନ୍ଦ୍ର ଖୋଲିବାର ପରିକଳ୍ପନା ଓ ବ୍ୟବସ୍ଥା କରାଯାଇଛି । ଏହି କେନ୍ଦ୍ର ଶେରଗଡ଼ ବହୁମୁଖୀ ସମବାୟ ସମିତି ଜରିଆରେ କାର୍ଯ୍ୟକାରୀ କରାଯିବ । କାର୍ଯ୍ୟକାରୀ ମୂଳଧନ ଟ୯୧୧୨୯ ଋଣ ସୂତ୍ରରେ, ଯନ୍ତ୍ରପାତି କିଣା ଓ କର୍ମଶିକ୍ଷକ ନିଯୁକ୍ତି ପାଇଁ ଟ୫୦୦୦୯ ସାହାଯ୍ୟ ସୂତ୍ରରେ ଚଳିତ ଆର୍ଥିକ ବର୍ଷରେ ଦେବାର ବ୍ୟବସ୍ଥା କରାଯାଉଛି । ରାଜ୍ୟ ସରକାରଙ୍କ ମଞ୍ଜୁରି ପାଇବା ପରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ ।

ଯେତେ ସବୁ ଯୋଜନା ଉପରେ କୁହାଗଲା, ତାହାର ସଫଳତା ବିକ୍ରି ବ୍ୟବସ୍ଥା ଓ ପ୍ରଚାର ଉପରେ ବିଶେଷତଃ ନିର୍ଭର କରେ । ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ବିକ୍ରିପାଇଁ ରାଜ୍ୟ ମଧ୍ୟରେ ତିନୋଟି ବିକ୍ରି କେନ୍ଦ୍ର ଖୋଲାଯାଇଛି । ଏଗୁଡ଼ିକ ପୁରୀ, କଟକ ଓ ରାଉରକେଲାରେ ଖୋଲାଯାଇଛି । ପୁରୀରେ ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡ଼ଙ୍କ କର୍ତ୍ତୃତ୍ୱାଧୀନରେ, କଟକରେ ରାଜ୍ୟ ବାଣିଜ୍ୟ ସମିତି ମାଧ୍ୟମରେ ଓ ରାଉରକେଲା ପଞ୍ଚାୟତ ସମବାୟ ଭଣ୍ଡାର ଜରିଆରେ ଏହି କେନ୍ଦ୍ର ଗୁଡ଼ିକ ଚାଲୁହୁଏ ।

୧୯୬୪-୬୫ ଓ ୧୯୬୭-୬୮ ମଧ୍ୟରେ ଏହି ବିକ୍ରି କେନ୍ଦ୍ରଗୁଡ଼ିକୁ ଏକ ଲକ୍ଷ ଟଙ୍କା କାର୍ଯ୍ୟକାରୀ ପାଣ୍ଠି ଓ ଟ୩,୩୭୪୯ ସରକାରୀ ସାହାଯ୍ୟ ଦିଆଯାଇଛି । ଏହି କେନ୍ଦ୍ରଗୁଡ଼ିକ ରାଜ୍ୟର ଉତ୍କୃଷ୍ଟ ହସ୍ତଶିଳ୍ପ ଜିନିଷ ସବୁ ନଗଦ ଟଙ୍କାରେ କିଣି ଦେଶବିଦେଶରେ ବିକ୍ରି କରିବାର ବ୍ୟବସ୍ଥା କରନ୍ତି ଓ ହସ୍ତଶିଳ୍ପ ଉତ୍ପାଦନରେ ସାହାଯ୍ୟ କରନ୍ତି ।

ଏହାଛଡ଼ା ନୂଆ ରାଜଧାନୀ ଭୁବନେଶ୍ୱରଠାରେ ଗୋଟିଏ ବିକ୍ରି କେନ୍ଦ୍ର ନିକଟରେ ଖୋଲାଯାଇଛି ଓ ତାହା ବିଭାଗୀୟ କର୍ତ୍ତୃତ୍ୱାଧୀନରେ କାର୍ଯ୍ୟକାରୀ କରାଯାଉଅଛି । ଏହି କେନ୍ଦ୍ରର କାର୍ଯ୍ୟକାରୀ ପାଣ୍ଠି ରୂପେ ଟ୬୦,୦୦୦୯ ସରକାରୀ ଋଣ ମିଳିଛି । ଏଥିରେ ସରକାରଙ୍କ ପକ୍ଷରୁ ଜଣେ ବିକ୍ରି କର୍ମକର୍ତ୍ତା ଓ ଦୁଇଜଣ ସୁପରଭାଇଜର ନିଯୁକ୍ତ ହୋଇ ଅଛନ୍ତି । ଏହି କେନ୍ଦ୍ରର ଉଦ୍ଦେଶ୍ୟ ହେଉଛି, ରାଜ୍ୟ ମଧ୍ୟରେ ଯେଉଁ ହସ୍ତଶିଳ୍ପ ଉତ୍ପାଦନ ହୁଏ, ତାହାକୁ ଲୋକପ୍ରିୟ କରିବା ପାଇଁ ଉଦ୍ୟମ କରିବା ଓ ଦେଶବିଦେଶରେ ବଜାର ସୃଷ୍ଟି କରି ହସ୍ତଶିଳ୍ପର ପ୍ରଚାର ଓ ପ୍ରସାର ଦିଗରେ ସାହାଯ୍ୟ କରିବା । ପୁଣି ଯେଉଁ ଜିନିଷର ଆଦର ବେଶୀ ଓ କାଟ୍ତି ବେଶି, ସେ ସମସ୍ତ ଦ୍ରବ୍ୟ ବହୁଳ ପରିମାଣରେ ଉତ୍ପାଦନ ହେବା ଦିଗରେ ସାହାଯ୍ୟ ଓ ଶିକ୍ଷା ଦେବା । ସମିତି ବ୍ୟତୀତ ବ୍ୟକ୍ତିଗତଭାବେ କୌଣସି ହସ୍ତଶିଳ୍ପ ତିଆରି ହେଉଥିଲେ ତାହାକୁ ଉତ୍ସାହିତ କରିବା । ଏହି କେନ୍ଦ୍ର ସମିତିଠାରୁ ଓ ବ୍ୟକ୍ତିଗତ ଶିଳ୍ପୀଙ୍କଠାରୁ ନଗଦ ମୂଲ୍ୟରେ ଜିନିଷ କିଣି ପାରିବେ ଓ ବିକ୍ରି କରି ପାରିବେ । ରାଜ୍ୟର ଉତ୍କୃଷ୍ଟ ହସ୍ତକଳା ଶିଳ୍ପର ନମୁନା ଦେଶବିଦେଶର ପର୍ଯ୍ୟଟକଙ୍କ ଦୃଷ୍ଟିଗୋଚରକୁ ଆଣିବା ପାଇଁ ଏହି କେନ୍ଦ୍ରରେ ମଧ୍ୟ ଗୋଟିଏ ଦର୍ଶନାଗାର ଖୋଲିବାର ସ୍ଥିର ହୋଇଛି ।

ଅନୁଭୂତିରୁ ଜଣାଯାଇଛି, ଆମ ରାଜ୍ୟର ହସ୍ତ-ଶିଳ୍ପୀମାନେ ଆଧୁନିକ ଯନ୍ତ୍ରପାତି, ପୁଞ୍ଜି ଓ ଶିକ୍ଷାର

ଅସ୍ତ୍ରବନ୍ଧୁ ଅନ୍ୟ ରାଜ୍ୟର ଶିଳ୍ପୀଙ୍କ ସହ ସମକକ୍ଷ ହୋଇ ପାରୁ ନାହାନ୍ତି ଓ ସେହି ପୁରାତନ ଢଙ୍ଗରେ ଜିନିଷ ତିଆରି କରୁଛନ୍ତି । ଫଳରେ ଜିନିଷର ସରସତା, ସୌନ୍ଦର୍ଯ୍ୟ ଓ ସୁଲଭତା ଅସ୍ତ୍ରବନ୍ଧୁ ବିକ୍ରୀର ଅଭିବୃଦ୍ଧିରେ ବାଧା ପଡୁଛି । ଆଧୁନିକ ଧରଣର ଯନ୍ତ୍ରପାତି ସାହାଯ୍ୟରେ ନୂଆ ନୂଆ ଧରଣର ସରସ, ସୁନ୍ଦର ଓ ସୁଲଭ ଦ୍ରବ୍ୟ କିପରି ତିଆରି ହେବ, ତାର ଶିକ୍ଷା ଦେବାପାଇଁ ଆମର କୌଣସି ଅନୁଷ୍ଠାନ ନାହିଁ । ତେଣୁ ଯୋଜନା କରାଯାଇଛି, ଏହି ସରକାରୀ ବିକ୍ରୀ କେନ୍ଦ୍ରରେ ୧୯୫୮-୫୯ ମସିହାରେ ଗୋଟିଏ ଉତ୍ପାଦନ ତଥା ବିକ୍ରୀ କେନ୍ଦ୍ର ରହିବ ଓ ପରେ ଉକ୍ତ ଉତ୍ପାଦନ ଓ ବିକ୍ରୀ କେନ୍ଦ୍ର ମୂଳ ବିକ୍ରୀ କେନ୍ଦ୍ର ସହ ସାମିଲ୍ ହେବ । ଉତ୍ପାଦନ ତଥା ବିକ୍ରୀ କେନ୍ଦ୍ରର କାର୍ଯ୍ୟକାରୀ ପାଣ୍ଠି ପାଇଁ ଟ୧,୫୦,୦୦୦୍ ଋଣ ଓ ଟ୬୭,୫୧୦୍ ସାହାଯ୍ୟ ଦିଆଯିବାର ପରିକଳ୍ପନା ଓ ବ୍ୟବସ୍ଥା ହେଉଛି ।

ଏହାଛଡ଼ା ହସ୍ତଶିଳ୍ପ ଜିନିଷରେ ବିକ୍ରୀ ଓ ପ୍ରଚାର ପାଇଁ ସମବାୟ ବିଭାଗ ପକ୍ଷରୁ ଗୋଟିଏ ଭ୍ରାମ୍ୟମାଣ ଗାଡ଼ି ପ୍ରତ୍ୟେକ ଶିଳ୍ପ ସମିତିରେ ତିଆରି ହେଉଥିବା ଦ୍ରବ୍ୟ କିଣି ନେଇ ରାଜ୍ୟର ପ୍ରତ୍ୟେକ ପ୍ରଧାନ ପ୍ରଧାନ ସ୍ଥାନକୁ ପଠାଯାଉଛି । ସମିତିଗୁଡ଼ିକର ଉତ୍ପାଦିତ ଦ୍ରବ୍ୟ କିଣିବାପାଇଁ ଏହି ଯୋଜନାରେ ସରକାର ଟ୧୦,୦୦୦୍ ଖଟାଇଛନ୍ତି ।

ଆମ ଓଡ଼ିଶାରେ ଆଉରି ଅନେକ ହସ୍ତଶିଳ୍ପ ଲୋକଚକ୍ଷୁକୁ ଆସି ନ ଥାଇପାରେ । କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ହସ୍ତଶିଳ୍ପ ଲୁକ୍କାୟିତଭାବରେ ରହିଯାଇଛି, ତାର ସର୍ଭେ କରିବା ପାଇଁ ସରକାରଙ୍କ ପକ୍ଷରୁ କର୍ମଚାରୀ ନିଯୁକ୍ତ ହୋଇଛନ୍ତି । ସେ ସମସ୍ତ ବିଷୟ ସଂଗ୍ରହ ହେବାପରେ ଯୋଜନା ପ୍ରସ୍ତୁତ କରାଯିବ ।

ଯେଉଁ ଯେଉଁ ହସ୍ତଶିଳ୍ପର ପ୍ରସାର ପାଇଁ ଯନ୍ତ୍ରପାତି ତଥା ଅନ୍ୟାନ୍ୟ ସାହାଯ୍ୟ ଏବଂ ସେଗୁଡ଼ିକର ବିକ୍ରୀ ପାଇଁ ସରକାର ସାହାଯ୍ୟ କରୁଥିବା ତଥା ଏହି ପ୍ରବନ୍ଧରେ ଉଲ୍ଲେଖ କରାଯାଇଛି, ସେହି ସମସ୍ତ ସାହାଯ୍ୟ ସମବାୟ ସମିତି ଜରିଆରେ ଦିଆଯାଉଛି । ଯେଉଁମାନେ ଏହି ସାହାଯ୍ୟ ପାଇବାକୁ ଚାହାନ୍ତି ସେମାନେ ସମବାୟ ସମିତି ଗଠନ କରି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମିଳିପାରିବ । କିପରି ସମବାୟ ସମିତି ଗଠନ କରାଯାଇ ପାରିବ ତାହା ଏକ ସ୍ୱତନ୍ତ୍ର ପ୍ରବନ୍ଧରେ ଦିଆଯାଇଛି ।

# ମହୁଚାଷ

## ମହୁମାଛି ପାଳନଦ୍ୱାରା ଚାଷୀର ଦୁଇଆଡ଼ ଲାଭ

ଆମ ଦେଶରେ କୃଷକମାନଙ୍କ ପାଇଁ ମହୁମାଛି ପାଳନ ଆର୍ଥିକଦୃଷ୍ଟିରୁ କେବଳ ଯେ ଲାଭଜନକ ତା ନୁହେଁ; କୃଷିଦୃଷ୍ଟିରୁ ମଧ୍ୟ ଏହା ଦରକାର । କାରଣ ମହୁମାଛି ଦଳକୁ ଯଦି ସୋରିଷ, ମୁଗ ଓ ଅନ୍ୟାନ୍ୟ ରବିଫସଲ ପ୍ରଭୃତି ଶସ୍ୟକ୍ଷେତ୍ରରେ କିମ୍ବା କଦଳୀ, ଲେମ୍ବୁ ପ୍ରଭୃତି ଫଳ ବଗିଚାମାନଙ୍କରେ ରଖାଯାଏ, ତାହାହେଲେ ଚାଷୀ ତାର ନିର୍ଦ୍ଦିଷ୍ଟ ଉତ୍ପାଦନ ଅପେକ୍ଷା ୨୫ ରୁ ୫୦ ଭାଗ ପର୍ଯ୍ୟନ୍ତ ଅଧିକ ଶସ୍ୟ ବା ଫଳ ଉତ୍ପାଦନ କରିପାରିବ, ସୁତରାଂ ଏହି ଶିଳ୍ପଦ୍ୱାରା ଚାଷୀମାନେ ଦୁଇ ଦିଗରୁ ଲାଭ ଉଠାଇ ପାରିବେ । କେବଳ ଏତିକି ନୁହେଁ; ଯେ କୌଣସି ଲୋକ ମଧ୍ୟ ନିଜର ଦୈନନ୍ଦିନ କାର୍ଯ୍ୟ କରି ମହୁଚାଷ ନିର୍ବିଘ୍ନରେ କରି ପାରିବେ । ସ୍କୁଲପିଲାମାନେ ବା ଘରର ସ୍ତ୍ରୀଲୋକମାନେ ମଧ୍ୟ ଅବକାଶରେ ମହୁମାଛି ବାକ୍ସର ଯତ୍ନ ନେଇ ପାରିବେ । ଏହି ଦୃଷ୍ଟିରୁ ଗାଁ ଗହଳରେ ଏହା ବିଶେଷ ଆବଶ୍ୟକ । ସାଧାରଣ ଲୋକଙ୍କର ଜୀବନଧାରଣର ମାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ମହୁଚାଷ କୁଟୀର ଶିଳ୍ପବ୍ୟବସାୟରେ ଗ୍ରହଣ କରାଯାଇଛି । ଅତି ପୁରାତନ କାଳରୁ ଆମ ଦେଶର ଲୋକମାନଙ୍କୁ ମହୁର ଉପାଦେୟତା ଓ ମହୁ ବ୍ୟବହାର କରିବା ପ୍ରଣାଳୀ ଅଳ୍ପ ବହୁତ ଜଣାଅଛି । କିନ୍ତୁ ତାହା ବିଜ୍ଞାନସମ୍ମତ ନୁହେଁ । ପ୍ରଚଳିତ ଉପାୟରେ ସଂଗୃହୀତ ହେଉଥିବା ମହୁର ପରିମାଣ ବୈଜ୍ଞାନିକ ଉପାୟରେ ସଂଗୃହୀତ ମହୁର ପରିମାଣ ଅପେକ୍ଷା ଖୁବ୍ କମ୍ । ଏହାଛଡ଼ା ପ୍ରଚଳିତ ପ୍ରଣାଳୀର ଆଉ ଏକ ଅସୁବିଧା ହେଉଛି ଯେ ଏହା ଦ୍ୱାରା ମହୁମାଛିମାନେ ଅକାଳ ମୃତ୍ୟୁ ବରଣ କରିଥାନ୍ତି । ଏହି ମହୁମାଛିମାନଙ୍କର ଅକାଳ ବିୟୋଗ ମାନବସମାଜ ପକ୍ଷରେ ଯଥେଷ୍ଟ କ୍ଷତିକାରକ, କାରଣ ସେମାନେ ବଞ୍ଚିଥିଲେ ପ୍ରକୃତିକୋଳରେ ଥିବା ଅସଂଖ୍ୟ ବୃକ୍ଷଲତାଦିର ପୁଷ୍ପମାନଙ୍କରୁ ପ୍ରଚୁର ମହୁ ସଂଗ୍ରହ କରି ମାନବ ସମାଜର ଅଶେଷ କଲ୍ୟାଣ କରିଥାନ୍ତେ ।

## ମହୁଚାଷ କରିବାର ଆଧୁନିକ ପ୍ରଣାଳୀ

ବର୍ତ୍ତମାନ ପ୍ରବର୍ତ୍ତିତ ମହୁଚାଷ ସମ୍ପୂର୍ଣ୍ଣ ବୈଜ୍ଞାନିକ ପ୍ରଣାଳୀରେ ପରିଚାଳିତ ହେଉଅଛି । ଏତଦ୍ୱାରା ବଣୁଆ ମହୁମାଛିମାନଙ୍କୁ ସେମାନଙ୍କର ପ୍ରକୃତ ବାସସ୍ଥାନରୁ ମହୁ-ବାକ୍ସ ଭିତରକୁ ଅଣାଇ ରଖାଯାଇ ପାରୁଛି । ମହୁମାଛିରକ୍ଷକ ଧୂମନଳ ଓ ମହୁ ବାହାର କରିବା ଯନ୍ତ୍ରର ସାହାଯ୍ୟରେ ମହୁମାଛିମାନଙ୍କୁ ପୋଷା କରି ଅତି ସୁଷ୍ଠୁ ଉପାୟରେ ମହୁ ବାହାର କରିପାରୁଅଛୁ । ବୈଜ୍ଞାନିକ ପ୍ରଣାଳୀରେ ସଂଗୃହୀତ ମହୁ ବାହାର କରାଯିବା ବେଳେ ପ୍ରଥମେ ମହୁଫେଣାରୁ ନିଷ୍କାସନ ଯନ୍ତ୍ରକୁ ଓ ନିଷ୍କାସନ ଯନ୍ତ୍ରରୁ ବିଶୋଧନ ପାତ୍ରକୁ ଯାଏ । ତାହା ପରେ ଉକ୍ତ ମହୁକୁ ବିଶୋଧିତ କରାଯାଇ ବୋତଲରେ ରଖାଯାଏ । ତେଣୁ ଏହି ଉପାୟରେ ସଂଗୃହୀତ ମହୁ ବୋତଲରେ ରହିବା ପର୍ଯ୍ୟନ୍ତ ରକ୍ଷକର ହସ୍ତ ସ୍ପର୍ଶ କରେ ନାହିଁ । ଆଉ ମଧ୍ୟ ଏହି ଉପାୟରେ ସଂଗୃହୀତ ମହୁରେ ମହୁମାଛି ଅଣ୍ଡା, ପୋକ ଓ ଫେଣା ଗୁଣ୍ଡ ପ୍ରଭୃତି କିଛି ମିଶିପାରେ ନାହିଁ, ତେଣୁ ମହୁମାଛି କିମ୍ବା ସେମାନଙ୍କର ଫେଣା ନଷ୍ଟ ହେବାର କୌଣସି ସମ୍ଭାବନା ନାହିଁ ।

## ଖାଣ୍ଟି ମହୁରେ କି କି ଖାଦ୍ୟ-ଗୁଣ ରହିଛି

ଏହିଠାରେ ଆଉ ଗୋଟିଏ ବିଷୟ ଉଲ୍ଲେଖ-ଯୋଗ୍ୟ । ଆଜିକାଲି ସବୁଠି ସୁଷମ ଖାଦ୍ୟର ଅଭାବ ପରିଲକ୍ଷିତ ହେଉଅଛି । ପ୍ରଚୁର ଦୁଧ, ଅଣ୍ଡା ପ୍ରଭୃତି ପୁଷ୍ଟିକର ଖାଦ୍ୟ ମିଳୁନାହିଁ । ଫଳତଃ ଲୋକମାନେ ଦୁର୍ବଳ, ଅଳ୍ପାୟୁ ହୋଇପଡ଼ୁଛନ୍ତି । ବୈଜ୍ଞାନିକମାନଙ୍କ ମତରେ ଏକ ପାଉଣ୍ଡ ମହୁ ୨୦ଟି କୁକୁଡ଼ା ଅଣ୍ଡା କିମ୍ବା

୨ ସେର ଦୁଧ ସହ ସମାନ । ଦୁଇ ହଜାର ବର୍ଷ ପୂର୍ବେ ଗ୍ରୀକ୍ ମଲ୍ଲମାନେ ଅଲେମ୍ପିକ୍ ଖେଳ ପୂର୍ବରୁ ସେମାନଙ୍କର ଶିକ୍ଷା ସମୟରେ ମହୁ ଖାଉଥିଲେ ।

ମହୁ ସହଜରେ ହଜମ ହୋଇପାରେ, ଶରୀରର ସ୍ନାୟୁତନ୍ତ୍ର ସବୁକୁ ସତେଜ ରଖେ, ଶରୀରରେ ସର୍ବାଧିକ ବଳଦାନ କରେ, କାଶ ପ୍ରଭୃତି ରୋଗର ଉପଶମ କରାଏ, କୋଷ୍ଠ ପରିଷ୍କାର କରାଏ ଓ ଶିଶୁମାନଙ୍କର ରୋଗରେ ବହୁ ପ୍ରକାର ସାହାଯ୍ୟ କରେ । କ୍ଷୟ-ରୋଗରେ ଏହା ଏକ ଅମୋଘ ଔଷଧ ପରି କାର୍ଯ୍ୟ କରେ । ନିୟମିତରୂପେ ମହୁ ଖାଉଥିବା ଲୋକମାନେ ଖୁବ କମ୍ କ୍ଲାନ୍ତ ହୁଅନ୍ତି । ତେଣୁ ମହୁମାଛି ପାଳନର ସମୂହ ଉନ୍ନତି ଦ୍ୱାରା ଆମମାନଙ୍କର ଖାଦ୍ୟ-ସଂସ୍ଥାନ ଓ ରୋଗ ନିବାରଣର ପ୍ରତିକାର କରାଯାଇ ପାରିବ ।

## ମହୁମକ୍ଷି ପାଳନ

### କିପରି ସହଜ ଓ ଲାଭଜନକ

ଏଣୁ ମହୁମାଛି ପାଳନ ଯେ ଏକ ଲାଭଜନକ କାର୍ଯ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ । ଏହାର ପାଳନ ମଧ୍ୟ ଅତ୍ୟନ୍ତ ସହଜସାଧ୍ୟ । ଅବସର ସମୟରେ କିଛିଏ ଯତ୍ନ ନେଲେ ଜଣେ ଲୋକ ଯେ ଅକ୍ଳେଶରେ ଅନେକ ଗୁଡ଼ିଏ ମହୁବାକ୍ସ ରଖି ମହୁଚାଷ କରି ପାରିବ; ଏଥିରେ କୌଣସି ସନ୍ଦେହ ନାହିଁ । ଗୋଟିଏ ବାକ୍ସରୁ ହାରାହାରି ୧୦।୧୫ ପାଉଣ୍ଡ ମହୁ ବାହାରିପାରେ । ହିସାବ କରି ଦେଖାଯାଇଛି ଯେ ସମୟେ ସମୟେ ଗୋଟିଏ ଗୋଟିଏ ବାକ୍ସରୁ ସର୍ବାଧିକ ୪୦ ପାଉଣ୍ଡ ମହୁ ଆଦାୟ କରାଯାଇଛି । ସ୍ଥାନର ଗୁଣରେ ଓ ମହୁ ଉତ୍ପାଦନକାରୀ ଫୁଲମାନଙ୍କର ସମାନୁପାତ ଉପସ୍ଥିତି ମହୁ ଉତ୍ପାଦନ ଉପରେ ଯଥେଷ୍ଟ ପ୍ରଭାବ ପକାଏ । ତେଣୁ ମହୁ ଉତ୍ପାଦନ ସବୁ ଜାଗାରେ ସମାନ ଭାବରେ ହୋଇପାରେ ନାହିଁ । ଜଣେ ଲୋକ ଅତି କମରେ ୫ଟି ମହୁପେଟି ରଖିବା ଦରକାର । ଏଥି ନିମନ୍ତେ ତାଙ୍କୁ ନିମ୍ନଲିଖିତରୂପେ ଖର୍ଚ୍ଚ କରିବାକୁ ପଡ଼ିବ ।


| | | |
|---|---|---|
| ୫ଟି ବାକ୍ସର ଦାମ୍ (ଅଧା ଦାମ୍‌ରେ) ଗୋଟିକୁ ଟ ୯୲ ହିସାବରେ | ... | ଟ ୪୫୲ |
| ୧ ଗୋଟି ସ୍ମୋକର (ଧୂମଦାନୀ) | ... | ଟ ୫୲ |
| ଛୁରୀ | ... | ଟ ୧୧ |
| | | ଟ ୬୧୲ |

## ବାକ୍ସ ଓ ମହୁମାଛି


### କେଉଁଠି ଓ କିପରି ମିଳିବ

ପ୍ରତ୍ୟେକ ମହୁ ବାକ୍ସର ଦାମ୍ ଟ୧୮୲; କିନ୍ତୁ ଲୋକମାନଙ୍କୁ ଏହା ସହଜରେ ଯୋଗାଇ ଦେବା ନିମନ୍ତେ ସରକାର ଏହାର ଅଧେ ଦାମ୍ ଅର୍ଥାତ୍ ପ୍ରତ୍ୟେକ ମହୁ ବାକ୍ସ ନିମନ୍ତେ ଟ୯୲ ଦଅନ୍ତି ଓ ବାକି ଅଧିକ ଲୋକେ ଦେବେ । ମହୁ ବାକ୍ସ ନେବା ଲୋକ ପ୍ରଥମେ ଏଥି ନିମନ୍ତେ ସେକ୍ରେଟେରୀ, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼, ଭୁବନେଶ୍ୱର, ପାଖକୁ ଦରଖାସ୍ତ କରିବା ଦରକାର । ସେ କେତୋଟି ମହୁବାକ୍ସ ନେବେ ଓ କେଉଁଠାରେ ରଖିବେ, ତାହା ଦର୍ଶାଇବା ଆବଶ୍ୟକ । ଏହି ଦରଖାସ୍ତ ପାଇବା ପରେ ବୋର୍ଡ ତରଫରୁ ଜଣେ ଅଭିଜ୍ଞ ଲୋକ ଯାଇ ଏ ବିଷୟରେ ତଦନ୍ତ କରନ୍ତି । ମହୁଚାଷ କରିବାର ସୁବିଧା ଥିବା ବିଷୟରେ ତାଙ୍କର ହୃଦ୍‌ବୋଧ ହେଲେ ସେ ଏହି ବିଷୟ ସେକ୍ରେଟେରୀଙ୍କୁ ଜଣାନ୍ତି ଓ ତାହାପରେ ସେକ୍ରେଟେରୀ ବୋର୍ଡରେ ମଞ୍ଜୁର କରାଇ କେତୋଟି ମହୁବାକ୍ସ ନେବାକୁ ହେବ, ତାହା ଜଣାଇ ଦିଅନ୍ତି । ବାକ୍ସ ନେବାବେଳେ ପ୍ରତ୍ୟେକ ବାକ୍ସ ନିମନ୍ତେ ଦୁଇ ଟଙ୍କା ଦେବାକୁ ହୁଏ; ଅବଶିଷ୍ଟ ଟଙ୍କା ଦେଢ଼ ବର୍ଷ ମଧ୍ୟରେ ଦଫାୱାରିରେ ପରିଶୋଧ କରିବାକୁ ହୁଏ । ବାକ୍ସ ନେବାବେଳେ ସେହି ଅନୁସାରେ ଗୋଟିଏ ଚୁକ୍ତି ହୁଏ । ଚୁକ୍ତିପତ୍ର ବୋର୍ଡ ଅଫିସରେ ମିଳେ ।

ଉପ-କେନ୍ଦ୍ର ନିକଟରୁ ୫ମାଇଲ ମଧ୍ୟରେ ଏହି ସ୍ଥାନ ହୋଇଥିଲେ ବୋର୍ଡ ତରଫରୁ ଲୋକ ଯାଇ ମହୁ ନିଷ୍କାସନ କରି ଦେଇ ଆସନ୍ତି, ନଚେତ୍ ମହୁଚାଷୀଙ୍କୁ ନିଷ୍କାସନ-ଯନ୍ତ୍ର ନିଜେ ଏ ଦାୟିତ୍ୱରେ ନେବାକୁ ହେବ ।




ମହୁମାଛି ସହିତ ପୋକ ଫେଣୀ ଉପର ଅଂଶରେ ମୁଦା ହୋଇଥିବା ମହୁ ଅଛି । ତଳଆଡ଼କୁ ମୁଦା ହୋଇଥିବା କର୍ମୀ ଖୋପ ଧଳା ଦେଖାଯାଉଛି



ମହୁ ନିଷ୍କାସନ ଯନ୍ତ୍ର



କେତେଗୁଡ଼ିଏ ରାଣୀ ଖୋପ



ମହୁମାଛି ବାକ୍ସ



ମହୁ କଢ଼ାଯାଉଛି

ନଗଦେ ଖର୍ଚ୍ଚ କରି ନେବାକୁ ହୁଏ । ଏହାର ଦାମ୍ ଟ୧୦୯ ମଧ୍ୟରେ ପଡ଼ିବ । ରାଣୀ ମହୁମାଛି ସହ ଗୋଟିଏ ଦଳ ମାଛି କେହି ଖର୍ଚ୍ଚ କରିବାକୁ ଚାହିଁଲେ ଟ୨୯ ମୂଲ୍ୟରେ ଏହା ଯୋଗାଇ ଦିଆଯାଇପାରେ କିମ୍ବା ମହୁମାଛି ଥିବା ସ୍ଥାନ ଦେଖାଇ ଦେଲେ, ବୋର୍ଡ଼ ତରଫରୁ ଲୋକ ଯାଇ ବିନା ମୂଲ୍ୟରେ ଧରି ଦେଇ ଆସିବେ ।

## ମହୁଚାଷରେ ଖର୍ଚ୍ଚ ଓ ଲାଭ

୫ଟି ବାକ୍ସରୁ ମୋଟ ଆଦାୟ ବାର୍ଷିକ ୫୦ ପାଉଣ୍ଡ ମହୁର ମୂଲ୍ୟ ୧ ପାଉଣ୍ଡକୁ ଟ୨୯ ଦରରେ ଟ୧୦୦୯; ଅତଏବ ଲାଭ ଟ୫୧୯ । ପ୍ରଥମ ବର୍ଷରେ ଖଟାଇ ଥିବା ମୂଳଧନ ବାଦ ଦିଆଯାଇଅଛି; କିନ୍ତୁ ଦ୍ୱିତୀୟ ବର୍ଷଠାରୁ ଆଉ କୌଣସି ଖର୍ଚ୍ଚ ନାହିଁ । ତେଣୁ ପ୍ରତିବର୍ଷ ଘରେ ବସି ଅଳ୍ପ ପରିଶ୍ରମ କରି ଜଣେ ଲୋକ ଟ୧୦୦୯ ଉପାର୍ଜନ କରିପାରିବ । ମହୁ ଆଦାୟ ସମୟରେ ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ତରଫରୁ ତାଲିମପ୍ରାପ୍ତ ଲୋକ ଯାଇ ମହୁ ନିଷ୍କାସନ ଯନ୍ତ୍ରଦ୍ୱାରା ଗ୍ରାମାଞ୍ଚଳରେ ମହୁ ବାକ୍ସ ରଖିଥିବା ଲୋକମାନଙ୍କର ବାକ୍ସରୁ ମହୁ ନିଷ୍କାସନ କରିବାର ବ୍ୟବସ୍ଥା କରାଯାଇଅଛି ।

## ଓଡ଼ିଶାରେ ମହୁଚାଷର ପ୍ରସାର

ଆମ ରାଜ୍ୟରେ ଏହି ଯୋଜନାଟି ନିମ୍ନଲିଖିତ-ରୂପେ କାର୍ଯ୍ୟକାରୀ କରାଯାଉଅଛି :—

(୧) ଆଦର୍ଶ ମହୁଚାଷ କେନ୍ଦ୍ର ସ୍ଥାପନ ।
(୨) ଉପ-କେନ୍ଦ୍ରମାନ ବ୍ୟବସ୍ଥା ।
(୩) ସ୍କୁଲମାନଙ୍କରେ ଶିକ୍ଷା ଦେଇ କେନ୍ଦ୍ର ସ୍ଥାପନ ।
(୪) ଅଧା ଦାମରେ ସାଧାରଣ ଲୋକଙ୍କୁ ମହୁ ବାକ୍ସ ଯୋଗାଣ ।

ଆଦର୍ଶ କେନ୍ଦ୍ରରେ ତତ୍ତ୍ୱାବଧାରକ ୪୦ଟି ମହୁବାକ୍ସ ରଖି ଅଧିକ ଉତ୍ପାଦନ ହେବାର ପ୍ରଣାଳୀ ପରୀକ୍ଷା କରେ । ପ୍ରତ୍ୟେକ ଉପ-କେନ୍ଦ୍ରରେ ୫ଟି ମହୁ ବାକ୍ସ ରଖାଯାଇଥାଏ ଓ ସେଠାରେ ନିକଟସ୍ଥ ଗ୍ରାମବାସୀମାନଙ୍କୁ ମହୁଚାଷ ବିଷୟରେ ଶିକ୍ଷା ଦିଆଯାଏ । ସେଥିପାଇଁ ସେମାନଙ୍କୁ କିଛି ଖର୍ଚ୍ଚ ଦେବାକୁ ପଡ଼େ ନାହିଁ । ଏମାନଙ୍କୁ ଯେଉଁ ବାକ୍ସ ଯୋଗାଇ ଦିଆଯାଏ, ତାହାର ଅଧାଦାମ୍ ଦେଢ଼ ବର୍ଷରେ ପରିଶୋଧ କରିବାକୁ ପଡ଼େ ।

ପ୍ରତ୍ୟେକ ସ୍କୁଲକୁ, ଛାତ୍ରମାନଙ୍କୁ ଶିକ୍ଷା ଦେବା ନିମନ୍ତେ ବାକ୍ସ ଓ ଅନ୍ୟାନ୍ୟ ଉପକରଣ କିଣିବା ପାଇଁ ଟ୩୬୮୯ ସାହାଯ୍ୟ ଆକାରରେ ଦିଆଯାଏ । ଉପ-କେନ୍ଦ୍ରର କର୍ମକର୍ତ୍ତା ତାଲିମ ପାଇବା ନିମନ୍ତେ ଜଣେ ଶିକ୍ଷାର୍ଥୀକୁ ୩ ମାସ ଶିକ୍ଷା ଦିଆଯାଏ ଓ ଏହି ସମୟ ମଧ୍ୟରେ ତାକୁ ମାସିକ ଟ୩୦୯ ବୃତ୍ତି ମିଳେ । ଏହା ବ୍ୟତୀତ ତାଙ୍କୁ ଯିବା ଆସିବା ଖର୍ଚ୍ଚ ମଧ୍ୟ ଦିଆଯାଇଥାଏ ।

ଆମ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨ଟି ଆଦର୍ଶ କେନ୍ଦ୍ର, ୨ଟି ଶିକ୍ଷାକେନ୍ଦ୍ର, ୩୧ଟି ଉପ-କେନ୍ଦ୍ର, ୫ଟି ସ୍କୁଲ-କେନ୍ଦ୍ର ସ୍ଥାପନ କରାଯାଇଅଛି । ଏ ଯୋଜନା ଅନୁସାରେ ରାଜ୍ୟ ଖଦି ବୋର୍ଡ଼ ଟ୨୦,୦୦୦୯ ଖର୍ଚ୍ଚ କଲେଣି । ୧୪୩୦ଟି ମହୁବାକ୍ସ ଲୋକମାନଙ୍କ ମଧ୍ୟରେ ଯୋଗାଇ ଦିଆଯାଇଛି । ଏ ପର୍ଯ୍ୟନ୍ତ ମହୁବାକ୍ସ-ମାନଙ୍କରୁ ୨୧୩୮୪ ପାଉଣ୍ଡ ମହୁ ନିଷ୍କାସନ କରାଯାଇଛି । ପ୍ରାକୃତିକ ଅସୁବିଧାଯୋଗୁ ଏ ବର୍ଷ ମହୁ ଆମଦାନି ଖୁବ୍ କମ ହୋଇଥିବା ଯୋଗୁ ଲୋକମାନଙ୍କର ଚାହିଦା ମେଣ୍ଟାଯାଇ ପାରି ନାହିଁ । ଏହି ଯୋଜନାରେ ୪୦ ଜଣ ପୂର୍ଣ୍ଣ, ୭୨୦ ଜଣ ସାମୟିକ ଓ ୨୦ ଜଣ ଲୋକଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଅଛି ।

ଆମେ ଯେତେ ଚେଷ୍ଟା କଲେ ସୁଦ୍ଧା ପ୍ରକୃତିରୁ ମହୁ ଆମଦାନି କରିବା ମହୁମାଛିଙ୍କ ବିନା ଅନ୍ୟ ପ୍ରକାରେ ହୋଇ ପାରିବ ନାହିଁ ।

"ମାଛି ବିନା ମହୁ ନ ମିଳେ କାହିଁ
କାମ ବିନା ଟଙ୍କା ପାଏ କି କେହି ?"

# ଢିଙ୍କିକୁଟା ଚାଉଳ ଶିଳ୍ପ

## କଳଚାଉଳ ଛାଡ଼ି ଢିଙ୍କିକୁଟା ଚାଉଳ କାହିଁକି ବ୍ୟବହାର କରିବ

ଗ୍ରାମ୍ୟଶିଳ୍ପମାନଙ୍କ ମଧ୍ୟରେ ଢିଙ୍କିକୁଟା ଚାଉଳ ଏକ ପ୍ରଧାନ ଶିଳ୍ପ । 'ଢିଙ୍କିକୁଟା ଚାଉଳ ଶିଳ୍ପ' ବୋଇଲେ ଢିଙ୍କି ବା ଚକି ଦ୍ୱାରା ଧାନ କୁଟି ଚାଉଳ ବାହାର କରିବା । ଏହି ଗ୍ରାମ୍ୟଶିଳ୍ପର ଗୁରୁତ୍ୱ ବିଷୟରେ ମହାତ୍ମା ଗାନ୍ଧୀ ପ୍ରଥମେ ବିଶେଷ ଧ୍ୟାନ ଦେଇ ଏହାକୁ ଅନ୍ୟାନ୍ୟ ଗ୍ରାମ୍ୟଶିଳ୍ପମାନଙ୍କ ମଧ୍ୟରେ ଏକ ଉଚ୍ଚ ସ୍ଥାନ ଦେଇଥିଲେ, କାରଣ :—

ଚାଉଳ ଭାରତୀୟଙ୍କର ପ୍ରଧାନ ଖାଦ୍ୟ । କଳ-କୁଟା ଚାଉଳ ଅପେକ୍ଷା ଢିଙ୍କିକୁଟା ଚାଉଳରେ ଖାଦ୍ୟ-ସାର (Vitamins) ଅଧିକ ପରିମାଣରେ ମିଳେ । ଚାଉଳ ଯେତେ ସଫେଇ ବା ଧୁଆଯାଏ, ତାର ଗୁଣ ସେତେ କମି ଯାଏ । ମିଲ୍ ବା କଳରେ କୁଟିଲେ ଚାଉଳ ଅଧିକ ସଫେଇ ଓ ସୁନ୍ଦର ହୁଏ; କିନ୍ତୁ ତାହା ଦ୍ୱାରା ଚାଉଳ ଉପରେ ଥିବା ନାଲି ବୋଳ, ଯେଉଁଥିରେ କି ପ୍ରଚୁରମାତ୍ରାରେ ଖାଦ୍ୟସାର ଥାଏ, ତାହା ନଷ୍ଟ ହୋଇଯାଏ । ମାତ୍ର ହାତକୁଟା ଚାଉଳରୁ ଉକ୍ତ ଖାଦ୍ୟସାର ପ୍ରଚୁରମାତ୍ରାରେ ମିଳେ ।

ଚାଉଳର ମହତ୍ତ୍ୱ କୃଷୀ, କୁଟାଳୀ, ବ୍ୟବସାୟୀ ଓ ଖାଉଟିମାନଙ୍କ ମଧ୍ୟରେ ସମାନ । କିନ୍ତୁ ଅଧିକାଂଶ ଲୋକ ଏହି ଅନ୍ନର ମହତ୍ତ୍ୱ ବିଷୟରେ ଖୁବ୍ କମ୍ ବୁଝନ୍ତି, କାରଣ ଏ ସମ୍ବନ୍ଧରେ କମ୍ ସାହିତ୍ୟ ପ୍ରକାଶିତ ହୋଇଛି । ମହାତ୍ମା ଗାନ୍ଧୀ ଯେତେବେଳେ ଏହି ଶିଳ୍ପକୁ ଅଖିଳ ଭାରତ ଗ୍ରାମୋଦ୍ୟୋଗ ସଙ୍ଘର ଯୋଜନାର ଅନ୍ତର୍ଭୁକ୍ତ କଲେ, ସେତେବେଳେ ତାଙ୍କର ଧ୍ୟାନ ରୋଜଗାର ବା ଧନ୍ଦା ଯୋଗାଣ ଅପେକ୍ଷା ଚାଉଳର ଖାଦ୍ୟସାର (Nutritive Value) ଉପରେ ଅଧିକ ଥିଲା ।

ଆମ ଗାଁଗହଳର ଲୋକେ ଢିଙ୍କି ଓ ଚକି ଦ୍ୱାରା ଚାଉଳ ପ୍ରସ୍ତୁତ କରି ଆସୁ ଅଛନ୍ତି, ମାତ୍ର କ୍ରମେ ଯନ୍ତ୍ର-ପାତିର ଉଦ୍ଭାବନ ହେତୁ ଚାଉଳ କଳ ବା ହଲର-ମାନ ଦେଶର ବିଭିନ୍ନ ଗାଁଗହଳମାନଙ୍କରେ ସ୍ଥାପନ କରାଯାଉଛି । ଏହାଦ୍ୱାରା ପ୍ରଧାନତଃ ଦୁଇଟି ବିଷୟରେ ବିଶେଷ କ୍ଷତି ହେଉଛି । ପ୍ରଥମତଃ ଅଳ୍ପ ପରିଶ୍ରମରେ ଓ ଅଳ୍ପ ଲୋକରେ ବେଶୀ ଚାଉଳ ପ୍ରସ୍ତୁତ ହେଉଥିବାରୁ ବହୁ ଲୋକ ଧନ୍ଦା ହରାଉଛନ୍ତି । ଦ୍ୱିତୀୟତଃ କଳଦ୍ୱାରା ଚାଉଳରେ ଥିବା ଖାଦ୍ୟସାର ନଷ୍ଟ ହୋଇ ଯାଉଛି । କଳଦ୍ୱାରା ମୋଟା ଓ ନାଲି ଚାଉଳକୁ ସରୁ ଓ ସଫା କରାଯାଇପାରେ । ତାହା ଦ୍ୱାରା ଚାଉଳ ଉପରେ ଥିବା ନାଲି ଆବରଣ, ଯେଉଁଟିକ ଖାଦ୍ୟସାର ଓ ଅନ୍ନସାର ଦ୍ୱାରା ପୁଷ୍ଟ, ତାହା ଏକାବେଳେ ନଷ୍ଟ ହୋଇ-ଯାଏ । ଏହି ଚାଉଳ ଖାଇ ଲୋକମାନେ ବେରିବେରି ଇତ୍ୟାଦି ନାନାପ୍ରକାର ରୋଗରେ ପଡ଼ନ୍ତି ।

## ଚାଉଳକଳ ଫଳରେ ଗାଁଗହଳର କ୍ଷତି

ଚାଉଳ କଳର ସ୍ଥାପନ ଓ ପ୍ରସାର ଯୋଗୁଁ ଗାଁ-ଗହଳର ଲୋକେ କାମ ନ ପାଇ ବସି ରହୁଛନ୍ତି । ସନ୍ ୧୯୧୧ ସାଲରେ ପ୍ରତି ୧୦,୦୦୦ ଲୋକଙ୍କ ମଧ୍ୟରୁ ୪୦ ଜଣ ଲୋକଙ୍କୁ ଏହି ଢେଙ୍କିକୁଟା ଚାଉଳ ଶିଳ୍ପ ଧନ୍ଦା ଯୋଗାଉଥିଲା । ବର୍ତ୍ତମାନ ପ୍ରତି ୧୦,୦୦୦ ଲୋକଙ୍କ

ମଧ୍ୟରୁ ୮ ଜଣଙ୍କୁ ଏହି ଶିଳ୍ପ ଧନ୍ଦା ଯୋଗାଇ ପାରୁଛି । ଚାଉଳ କଳ ପ୍ରତି ୧୦,୦୦୦ ଜଣ ଲୋକଙ୍କ ମଧ୍ୟରୁ ମାତ୍ର ୨ଜଣଙ୍କୁ ଧନ୍ଦା ଯୋଗାଉଛି ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାବେଳେ ଯୋଜନା କମିଶନ ଉକ୍ତଶିଳ୍ପ ଦୁଇଟି ବିଷୟରେ ବିଶେଷ ଧ୍ୟାନ ଦେଇ ବଡ଼ ଆକାରରେ ଚାଉଳ କଳ ବହୁସଂଖ୍ୟାରେ ନ ବସାଇବା ପାଇଁ ସୁପାରିଶ କରିଥିଲେ । ଢିଙ୍କି କୁଟା ଚାଉଳ ଶିଳ୍ପକୁ ସ୍ୱୀକାର କରିବାକୁ ଯାଇ ଭାରତ ସରକାର ଉକ୍ତ ଶିଳ୍ପ ଦ୍ୱାରା ପ୍ରକୃତରେ ଦେଶର ସୁବିଧାକୁ କେତେଦୂର ମେଣ୍ଟାଇ ହେବ, ତାହା ଅନୁସନ୍ଧାନ କରିବାକୁ ଏକ କମିଟି ନିଯୁକ୍ତ କଲେ । ସେହି କମିଟିର ସୁପାରିଶ ଅନୁସାରେ ଭାରତ ସରକାର ନୂତନ ଚାଉଳ କଳ ବସାଇବା ଉପରେ କଟକଣା କରି ଏକ ଆଇନ ପାଶ କରି ଅଛନ୍ତି ।


## ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ଢିଙ୍କିକୁଟା ଚାଉଳ ପାଇଁ କି ପ୍ରକାର ସାହାଯ୍ୟ ଦେଉଛନ୍ତି

ଏହି ଶିଳ୍ପର ଉନ୍ନତିସାଧନ ନିମନ୍ତେ 'ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼' ନିମ୍ନଲିଖିତରୂପେ ସାହାଯ୍ୟ ପ୍ରଦାନ କରୁଅଛନ୍ତି ।

ନିଜର ଢିଙ୍କି ଖରିଦ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଢିଙ୍କି ଲାଗି ଟ୨୦୲ କରି ସାହାଯ୍ୟ ଦିଆଯାଏ । କଳ ଚାଉଳ ସହିତ ପ୍ରତିଦ୍ୱନ୍ଦିତାରେ ସମକକ୍ଷ ହୋଇ ପାରିବା ପାଇଁ ପ୍ରତ୍ୟେକ ମହଣ ଉପରେ ଟ୦।୵ କରି ଉତ୍ପାଦନ ସାହାଯ୍ୟ ଦିଆଯାଏ । ପ୍ରଥମେ ପ୍ରତ୍ୟେକ ଢିଙ୍କି ପ୍ରତି ଧାନ ଖରିଦ କରି ମହଜୁଦ ରଖିବା ନିମନ୍ତେ ମୂଳଧନ ଋଣରୂପେ ଟ୫୦୲ ସାହାଯ୍ୟ ଦିଆଯାଉଥିଲା । ପରେ ଏହା ନିଅଣ୍ଟ ହେବାର ଜଣାପଡ଼ିବାରୁ ଏହି ଋଣ ସାହାଯ୍ୟକୁ ଟ୧୦୦୲ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ବର୍ତ୍ତମାନ ଏହି ସାହାଯ୍ୟକୁ ଟ୨୦୦୲ ସ୍ତରକୁ ଆଣିବାର ପ୍ରସ୍ତାବ ବିବେଚନାଧୀନ ଅଛି । ଅମଳ ସମୟରେ ଶସ୍ତା ଦରରେ ଧାନ ଖରିଦ କରି ସାରା ବର୍ଷ ପାଇଁ ମହଜୁଦ ରଖିବା ପାଇଁ ଗୋଲାଘର ପ୍ରସ୍ତୁତ କରିବା ନିମନ୍ତେ ଅର୍ଥ ସାହାଯ୍ୟ କରାଯାଉଅଛି । ମାସିକ ଟ୪୦୲ ବୃତ୍ତି ଦେଇ ଉନ୍ନତ ଧରଣର ଢିଙ୍କି ଦ୍ୱାରା ଅଳ୍ପ ସମୟରେ ବହୁତ ଚାଉଳ ବାହାର କରିବାର ପ୍ରଣାଳୀ ଶିକ୍ଷା କରିବା ପରେ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ସମିତିମାନ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ରାଜ୍ୟ ଖଦି ବୋର୍ଡ଼ ନିଯୁକ୍ତ କରି ଅଛନ୍ତି ।

## ଏହି ଶିଳ୍ପ ପ୍ରସାରରେ ଆମେ କେତେଦୂର ଆଗେଇଛୁ

ବର୍ତ୍ତମାନ ସୁଦ୍ଧା ୧୦୮ଟି ଢିଙ୍କିକୁଟାଳି ସମବାୟ ସମିତି ଓ ରେଜିଷ୍ଟ୍ରିକୃତ ଅନୁଷ୍ଠାନମାନଙ୍କୁ ଖଦି ବୋର୍ଡ଼ ଅର୍ଥ ସାହାଯ୍ୟ କରିଅଛି । ସର୍ବମୋଟ ଟ୧୯୭୪୮୧.୨୫ ନୂ:ପ: ଉତ୍ପାଦନ ସାହାଯ୍ୟ ଓ ଟ ୨,୧୨,୭୭୫୲ ମୂଳଧନ ବାବଦରେ ଖର୍ଚ୍ଚ ହୋଇ ଅଛି । ଗତବର୍ଷ ୭୩୮୭୦ ମହଣ ଚାଉଳ ଢିଙ୍କି ଦ୍ୱାରା ପ୍ରସ୍ତୁତ ହୋଇ ପାରିଛି ଏବଂ ଏହି ଶିଳ୍ପରେ ୨୩୩ ଜଣଙ୍କୁ ସ୍ଥାୟୀଭାବରେ ଓ ୭୦୫୩ ଜଣଙ୍କୁ ସାମୟିକ ଭାବରେ କାମ ଯୋଗାଇ ଦିଆଯାଇଛି । ମଫସଲ ପରିସ୍ଥିତି ପାଇଁ କମିଶନ ସ୍ୱତନ୍ତ୍ରରୂପେ ଏହି ଯୋଜନାରେ ଖର୍ଚ୍ଚ କରିବା ନିମନ୍ତେ ଟ୨,୦୦,୦୦୦୲ ଋଣ ଆକାରରେ ଦେଇଛନ୍ତି । ଅଧିକନ୍ତୁ ଟ୩୦,୦୦୦୲ ବ୍ୟୟରେ ୧୫ଟି ଗୋଲାଘର ତୋଳିବା ପରିକଳ୍ପନା ଏବେ ବିବେଚନାଧୀନ ଅଛି । ଦେଶର କୋଟି କୋଟି ଗରିବ ଚାଷୀ ଓ ଜନସାଧାରଣଙ୍କର ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଉନ୍ନତି ଦୃଷ୍ଟିରୁ ଏହି ଶିଳ୍ପର ପ୍ରସାର ଏକାନ୍ତ ଆବଶ୍ୟକ । ଏହାର ଉନ୍ନତିସାଧନ ଆମ ସମସ୍ତଙ୍କର କାମ୍ୟ ହେବା ବାଞ୍ଛନୀୟ ।



ଆଦର୍ଶ ଚକି

ଆଦର୍ଶ ଢିଙ୍କି



## ଗୋଟିଏ ଆଦର୍ଶ ଢିଙ୍କିକୁଟାଳି ସମବାୟ ସମିତି

ଯେତେ ଗୁଡ଼ିଏ ସମିତିକୁ ଢିଙ୍କି ଦ୍ୱାରା ଧାନ କୁଟିବା ନିମନ୍ତେ ଆର୍ଥିକ ସାହାଯ୍ୟ ଦିଆଯାଇଅଛି, ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲାର 'କୁମାର ଦେଉଳି ଢିଙ୍କି ସମବାୟ ସମିତି' ଅନ୍ୟତମ । ଏହି ସମିତିର ସଭ୍ୟସଂଖ୍ୟା ୯୨ । ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ତରଫରୁ ଆଜି ସୁଦ୍ଧା ଏହି ସମିତିକୁ ୬୧୫୪୧·୭୫ ନୂଆ ପଇସା ସାହାଯ୍ୟ ଓ ୬୪୩୭୫୯ ଋଣ ଆକାରରେ ଦିଆଯାଇଅଛି । ଏହି ସମିତିର ସଭ୍ୟମାନେ ଅତ୍ୟନ୍ତ କର୍ମଠ ଓ ସେମାନେ ବର୍ଷର ସବୁ ସମୟରେ କାର୍ଯ୍ୟ କରୁଅଛନ୍ତି । ମାର୍ଚ୍ଚ ମାସ ସୁଦ୍ଧା ସେମାନେ ମ ୩୮୪୫।୫ ସେର ଧାନ କୁଟି ପାରିଥିଲେ । ଏମାନେ ଏକ ନୂଆ ଉପାୟରେ ପ୍ରଥମ ଥର ପାଇଁ ଉତ୍ପାଦନ ସାହାଯ୍ୟକୁ ନିଜ ନିଜ ମଧ୍ୟରେ ବାଣ୍ଟି ନେଇ ଅଛନ୍ତି । ଉତ୍ପାଦନ 'ସାହାଯ୍ୟକୁ ଟଙ୍କା ଆକାରରେ ନ ଦେଇ ଖଦି ଲୁଗା ଆକାରରେ ଦେବା ନିମନ୍ତେ ସେମାନେ ବୋର୍ଡ଼ର ସଭାପତିଙ୍କୁ ଏକ ଆବେଦନ କରିଥିଲେ ଓ ସଭାପତି ନିଜ ଉପସ୍ଥିତିରେ ଖଦି ଲୁଗା କୁଟାଳିମାନଙ୍କୁ ବାଣ୍ଟି ଦେଇଥିଲେ । ଏଠାରେ ୬୬ ଜଣ ବର୍ଷସାରା ଆଂଶିକ କାର୍ଯ୍ୟ ପାଇ ପାରୁ ଅଛନ୍ତି ।

ଏହି ସମିତିର ଆଦର୍ଶ ଅନୁସରଣ କରି ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକେ ଢିଙ୍କି କୁଟା ଶିଳ୍ପ ଉତ୍ପାଦନ ନିମନ୍ତେ ସରକାରୀ ସାହାଯ୍ୟ ପାଇବାପାଇଁ ଉଦ୍ୟମ କରିବା ଉଚିତ । ଏଥିପାଇଁ ପ୍ରଥମେ ଗୋଟିଏ ସମବାୟ-ସମିତି ଗଢ଼ି ବିଭାଗୀୟ କର୍ମଚାରୀଙ୍କୁ ଜଣାଇଲେ ଅନୁସନ୍ଧାନ କରାଯାଇ ଏହି ସାହାଯ୍ୟ ମିଳିପାରିବ ।



# ଅଖାଦ୍ୟ ତୈଳବୀଜରୁ ସାବୁନ ତିଆରି

ଶ୍ରୀ ରାମକୃଷ୍ଣ ଦାସ

ଭାରତରେ ବହୁ ପ୍ରକାର ଅଖାଦ୍ୟ ତୈଳବୀଜ ରହିଛି । ସେଥିମଧ୍ୟରୁ ନିମ, କରଞ୍ଜ, ପୁନ୍ନାଗ ଓ ମାରେଙ୍କି ପ୍ରଭୃତି ପ୍ରଧାନ ଅଟେ । ଏହି ମଞ୍ଜିମାନଙ୍କରୁ ତୈଳ ପ୍ରସ୍ତୁତ କରି ନାନାବିଧ ଶିଳ୍ପ ବ୍ୟବହାର କରାଯାଇପାରେ; କିନ୍ତୁ ଏହି ଫଳମାନଙ୍କ ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇଯାଉଛି । ଦେଶର ବିଭିନ୍ନ ସ୍ଥାନରେ ପଡ଼ି ରହିଥିବା ଏହି ଫଳଗୁଡ଼ିକ ଗୋଟାଇ ଆଣି ମାନବ ସମାଜର ହିତରେ ଲଗାଇଲେ ଗୋଟିଏ କୁଟୀର ଶିଳ୍ପ ପୂର୍ଣ୍ଣମାତ୍ରାରେ ଗଢ଼ି ଉଠିବ । ଏହି ପରିକଳ୍ପନା କରି ଖଦି ଓ ଗ୍ରାମୋଦ୍ୟୋଗ କମିଶନ "ଅଖାଦ୍ୟ ତୈଳରୁ ସାବୁନ" ନାମରେ ଗୋଟିଏ ଯୋଜନା ପ୍ରସ୍ତୁତ କରି ଅଛନ୍ତି ।

## ଏହି ଯୋଜନାର ଦୁଇଟି ଲକ୍ଷ୍ୟ

ଏହି ଯୋଜନାରେ ଦୁଇଟି ମୁଖ୍ୟ ଲକ୍ଷ୍ୟ ଅଛି :—

୧ । ଅଖାଦ୍ୟ ତେଲରୁ ସାବୁନ ତିଆରି କରି ବ୍ୟବହାର କରିବା ।

୨ । ଲୋକମାନଙ୍କୁ କାର୍ଯ୍ୟ ଯୋଗାଇ ଦେବା ।

ଆମ ଦେଶରେ ଯେଉଁ ଅଖାଦ୍ୟ ତେଲଗଛମାନ ଜଙ୍ଗଲ ପ୍ରଭୃତି ଅଞ୍ଚଳମାନଙ୍କରେ ପଡ଼ି ନଷ୍ଟ ହୋଇ ଯାଉଛି, ସେ ଗୁଡ଼ିକୁ ସଂଗ୍ରହ କରିବାରେ ଅନ୍ତତଃ କେତେକ ଲୋକ ସାମୟିକ କାମ ପାଇ ପାରିବେ ଓ ସେ ଗୁଡ଼ିକ ଆଣି ଘଣାରେ ପେଷି, ତେଲ ଉତ୍ପାଦନ କରି ବିକ୍ରୀ କରିବାରେ ମଧ୍ୟ କେତେକ ଲୋକ ସାମୟିକ ଭାବେ କାମ ପାଇ ପାରିବେ ।

ଉକ୍ତ ତେଲକୁ ନେଇ ସାବୁନ ତିଆରି କାରଖାନାରେ ଜମା ରଖି ବର୍ଷସାରା ସାବୁନ ତିଆରି କରି ହେବ । ତଦ୍ୱାରା ମଧ୍ୟ କେତେକ ଲୋକ ବର୍ଷର ସବୁଦିନ କାମ ପାଇ ପାରିବେ ।

ଏହି ଲକ୍ଷ୍ୟ ସାଧନ ନିମନ୍ତେ ଖଦି ଓ ଗ୍ରାମୋଦ୍ୟୋଗ ଶିଳ୍ପ କମିଶନ ଆଗ୍ରହୀ ବ୍ୟକ୍ତିମାନଙ୍କୁ ସମବାୟ ସମିତି ଜରିଆରେ ଆବଶ୍ୟକୀୟ ସାହାଯ୍ୟ ଓ ଋଣ ଦେବାର ସୁବ୍ୟବସ୍ଥା କରି ଅଛନ୍ତି । ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ କମିଶନଠାରୁ ଆବଶ୍ୟକୀୟ ଟଙ୍କା ଆଣି ଉକ୍ତ ଯୋଜନା କାର୍ଯ୍ୟକାରୀ କରୁଅଛି ।

## ଏହି ଶିଳ୍ପରେ ତାଲିମ ପାଇଁ ବ୍ୟବସ୍ଥା

ଉକ୍ତ ଶିଳ୍ପରେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କୁ ଏହି ଶିଳ୍ପ ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ଅର୍ଜନ କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଶିକ୍ଷା କେନ୍ଦ୍ରମାନ ଖୋଲାଯାଇଅଛି । ଶିକ୍ଷାର ସମୟ ୩ ମାସ ମାତ୍ର । ଏହି ଶିକ୍ଷାର୍ଥୀମାନଙ୍କୁ ଟ ୪୦୵ରୁ ଟ ୬୦୵ ପର୍ଯ୍ୟନ୍ତ ( ଯୋଗ୍ୟତା ଅନୁସାରେ ) ଭତ୍ତା ଦିଆଯିବାର ବନ୍ଦୋବସ୍ତ ଅଛି ।

## କେଉଁ ପ୍ରକାର ସାବୁନ କାରଖାନା ପାଇଁ କେତେ ସାହାଯ୍ୟ ମିଳିବ

ରାଜ୍ୟ ମଧ୍ୟରେ ତିନି ପ୍ରକାର ସାବୁନ କାରଖାନା ଖୋଲିବାର ବନ୍ଦୋବସ୍ତ କରାଯାଇଛି । ଏହି ମଧ୍ୟରୁ "କ" ଶ୍ରେଣୀ ନିମନ୍ତେ ଟ ୧୮,୩୦୦୵ ସାହାଯ୍ୟ ଓ ଟ ୩୭,୫୦୦୵ ଋଣ; "ଖ" ଶ୍ରେଣୀ ନିମନ୍ତେ ଟ ୧୦,୪୦୦୵ ସାହାଯ୍ୟ ଓ ଟ ୧୯,୪୫୦ ଋଣ; "ଗ" ଶ୍ରେଣୀ ନିମନ୍ତେ ଟ ୭,୧୫୦୵ ସାହାଯ୍ୟ ଓ ଟ ୧,୨୫୦୵ ଋଣ ଦେବାର ବ୍ୟବସ୍ଥା ଅଛି । କ, ଖ ଓ ଗ ଶ୍ରେଣୀମାନଙ୍କରୁ ଯଥାକ୍ରମେ ବର୍ଷକୁ ୩୦ ଟନ୍, ୧୫ ଟନ୍ ଓ ୮ ଟନ୍ ସାବୁନ ପ୍ରସ୍ତୁତ ହେବା ପରିକଳ୍ପନା କରାଯାଇଅଛି । ଏହା ଭିନ୍ନ ସ୍କୁଲମାନଙ୍କୁ ଟ ୫୦୦୵ ସାହାଯ୍ୟ ଦେଇ ଛାତ୍ରମାନଙ୍କୁ ସାବୁନ ପ୍ରସ୍ତୁତ ପ୍ରଣାଳୀ ଶିକ୍ଷା ଦେବା ବ୍ୟବସ୍ଥା କରାଯାଇଅଛି । ଏହା "ଘ" ଶ୍ରେଣୀ ନାମରେ ପରିଚିତ ।

ଆଜି ପର୍ଯ୍ୟନ୍ତ ଆମ ରାଜ୍ୟରେ ୫ଟି 'କ' ଶ୍ରେଣୀ ଓ ୨ଟି 'ଖ' ଶ୍ରେଣୀ କାରଖାନା ସାବୁନ ପ୍ରସ୍ତୁତ କଲେଣି । ସର୍ବମୋଟ ୧,୦୮,୦୧୮ ପାଉଣ୍ଡ ସାବୁନ ପ୍ରସ୍ତୁତ ହୋଇଅଛି । ଏହି ଯୋଜନା ଅନୁସାରେ ୧୫୨ ଜଣ ପୂର୍ଣ୍ଣ ସମୟ ପାଇଁ, ୮୩୦ ଜଣ ସାମୟିକ ଓ ୧୮,୪୪୧ ଜଣଙ୍କୁ ଆଂଶିକ କାର୍ଯ୍ୟ ଯୋଗାଇ ଦିଆଯାଇ ପାରିଛି ।

ଏ ପର୍ଯ୍ୟନ୍ତ କୌଣସି ସ୍କୁଲରେ କାର୍ଯ୍ୟ ଆରମ୍ଭ ହୋଇନାହିଁ । ଅଖାଦ୍ୟ ତେଲରୁ ସାବୁନର ପ୍ରସ୍ତୁତ ପ୍ରଣାଳୀ ଓ ଏହାର ଆବଶ୍ୟକତା ସମ୍ବନ୍ଧରେ ପ୍ରତ୍ୟେକ ଛାତ୍ର ଶିକ୍ଷା କରିବା ଏକାନ୍ତ ଆବଶ୍ୟକ । ହିସାବରୁ ଜଣାଯାଇଛି ଯେ ପ୍ରତ୍ୟେକ ଲୋକ ଦୈନିକ ୨ ଆଉନ୍ସ କରି ଚର୍ବି ଖାଇବା ଏକାନ୍ତ ଆବଶ୍ୟକ । କିନ୍ତୁ ଜଣପିଛା ଭାରତରେ ୩ ଆଉନ୍ସ ତେଲଜାତୀୟ ଦ୍ରବ୍ୟ ବର୍ତ୍ତମାନ ଖାଇବାକୁ ମିଳୁଛି । ଏହି ଜାତୀୟ ତେଲକୁ ଯଦି ସାବୁନ ପ୍ରସ୍ତୁତରେ ବ୍ୟବହାର ନ କରାଯାଇ

ଲୋକସମାଜରେ ଖାଦ୍ୟରୂପେ ବ୍ୟବହାର କରାଯାଆନ୍ତା, ତେବେ ଲୋକମାନଙ୍କର ସ୍ୱାସ୍ଥ୍ୟର ପରିବର୍ତ୍ତନ ହେବାର ଆଶା କରାଯାଆନ୍ତା । ଏହି କାରଣରୁ ଅଖାଦ୍ୟ ତେଲରୁ ସାବୁନ ପ୍ରସ୍ତୁତ କରିବା ଭାରତରେ ଏକାନ୍ତ ଆବଶ୍ୟକ ।

## ଏହି ପ୍ରକାର ସାବୁନ କାରଖାନା ବସାଇବାକୁ ଚାହିଁଲେ କେଉଁଠୁ ସାହାଯ୍ୟ ମିଳିବ

ଖାଇବାକୁ ତେଲ ନ ପାଉଥିବାବେଳେ ଏହା ସାବୁନରେ ଖର୍ଚ୍ଚ କରିବା ଏକ ପାପକାର୍ଯ୍ୟ ହେବ । ତେଣୁ ଏହା ବନ୍ଦ କରିବା ସମସ୍ତଙ୍କର କର୍ତ୍ତବ୍ୟ । ତା ସଙ୍ଗେ ସଙ୍ଗେ ସାବୁନ ମଧ୍ୟ କିପରି ଦେଶରେ ଉତ୍ପାଦନ କରାଯାଇ ପାରିବ, ତାହା ଦେଖିବା ଦରକାର । ଏହି ସବୁ ବିଷୟ ବିଚାର କରି ଯେଉଁ ସ୍ଥାନରେ ଅଖାଦ୍ୟ ତେଲବୀଜମାନ ମିଳୁଥିବ, ସେ ସ୍ଥାନର ଲୋକେ ଆଗଭର ହୋଇ ସହଯୋଗ ସମିତି ଗଢ଼ି ଓଡ଼ିଶା ଖାଦ୍ୟ ଓ ଗ୍ରାମୋଦ୍ୟୋଗ ବୋର୍ଡ଼କୁ ଆବେଦନ କଲେ ସେହି ସେହି ସ୍ଥାନମାନଙ୍କରେ ଗୋଟିଏ ଲେଖାଏଁ ସାବୁନ କାରଖାନା ବସାଇବାର ବନ୍ଦୋବସ୍ତ କରାଯାଇ ପାରିବ ।

## ଗୋଟିଏ ଆଦର୍ଶ ସାବୁନ ତିଆରି କେନ୍ଦ୍ରର ବିବରଣ

୧୯୬୫-୬୬ ମସିହାର ଯୋଜନା ଅନୁସାରେ ଢେଙ୍କାନାଳସ୍ଥ ଶଙ୍କରାଶ୍ରମ ସମବାୟ ସମିତିକୁ ଗୋଟିଏ 'କ' ଶ୍ରେଣୀର ସାବୁନ ଉତ୍ପାଦନ କେନ୍ଦ୍ର ଖୋଲିବା ନିମନ୍ତେ ମଞ୍ଜୁର କରାଯାଇଛି । ଉକ୍ତ କେନ୍ଦ୍ରରେ ଯୋଜନା ଅନୁସାରେ ୮ ଗୋଟି ଘଣି କାର୍ଯ୍ୟକାରୀ ହେଉଅଛି । ଉକ୍ତ ଘଣିରେ ଆଠଜଣ ତେଲି ପୂର୍ଣ୍ଣ ସମୟ ପାଇଁ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ଓ ସାବୁନ ଉତ୍ପାଦନ ବିଭାଗରେ ୫ ଜଣ (ଦୁଇଜଣ ସାବୁନକାରିଗର ଓ ଅନ୍ୟ ଦୁଇଜଣ ସାବୁନ କାଟିବା ଓ ପେକିଂ କରିବା) ଲୋକ ମୂଳରୁ ହୋଇଛନ୍ତି । ଏହା ବ୍ୟତୀତ ସାବୁନ ବିକ୍ରୀପାଇଁ ଜଣେ ସେଲସ୍‌ମ୍ୟାନ (Sales man) ଓ କେନ୍ଦ୍ର ପରିଚାଳନା ପାଇଁ ଜଣେ ସେକ୍ରେଟେରୀ ନିଯୁକ୍ତ ହୋଇଛନ୍ତି । ଉକ୍ତ କେନ୍ଦ୍ରରେ ୮ ଗୋଟି ଘଣିରେ ତେଲ ଉତ୍ପାଦନ ଲାଗି ବାର୍ଷିକ ହାରାହାରି ୨୦ ଟନ ବା ୫୬୦ ମହଣ ସାବୁନ ପ୍ରସ୍ତୁତ ହୋଇଥାଏ । ଏହି ସାବୁନର ନାମ "କପିଳାସ" ସାବୁନ । ଏହି କେନ୍ଦ୍ରରେ ଏକ ଗ୍ରୋସ ସାବୁନ ପ୍ରସ୍ତୁତ କରିବାକୁ ହେଲେ ଖଣ୍ଡି ଟ ୦। ହାରରେ ଟ ୩୬୵ ଓ ପେକିଂ ଟ ୨୵ ହିସାବରେ ଟ ୩୮୵ ପଡ଼ିଥାଏ । ସମସ୍ତ ସାବୁନକୁ ସେଲସ୍‌ମ୍ୟାନ ଜରିଆରେ ବିକ୍ରୀର ବନ୍ଦୋବସ୍ତ କରାଯାଏ । ରିଟେଲ ରେଟ୍ ଅନୁସାରେ ସାବୁନ ଖଣ୍ଡି ଟ ୦।୵ ହାରରେ ଗ୍ରୋସକୁ ଟ ୪୫୵ ଓ ହୋଲ୍‌ସେଲ ରେଟ୍ ଅନୁଯାୟୀ ଖଣ୍ଡି ଟ ୦।୬ ହାରରେ ଗ୍ରୋସକୁ ଟ ୪୦। ଦରରେ ବିକ୍ରୟ ହୁଏ । ହୋଲସେଲ ଦରରେ ପ୍ରତି ଗ୍ରୋସ୍‌ରେ କେନ୍ଦ୍ର ଟ ୪୦।– ଟ୩୮୵ = ଟ ୨। ଲାଭ କରିଥାଏ । ଏହି କେନ୍ଦ୍ରରେ ମାସକୁ ସାବୁନ ହାରାହାରି ୧୦୦ ରୁ ୨୦୦ ଗ୍ରୋସ ପର୍ଯ୍ୟନ୍ତ ବିକ୍ରୀ ହୁଏ ଓ ମୋଟାମୋଟି ଟ ୩୦୦୵ରୁ ଟ ୪୦୦୵ ପର୍ଯ୍ୟନ୍ତ ଲାଭ ହୋଇଥାଏ ।

# ହାତତିଆରି କାଗଜ

କାଗଜ ଆଧୁନିକ ଯୁଗରେ ଗୋଟିଏ ନିହାତି ଦରକାରୀ ପଦାର୍ଥ । ବର୍ତ୍ତମାନ ଏହା ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ମାଧ୍ୟମରୂପେ କାର୍ଯ୍ୟ କରୁଅଛି । ହାତତିଆରି କାଗଜ ପ୍ରସ୍ତୁତ କରିବା ଦ୍ୱାରା ବର୍ତ୍ତମାନ ଜାପାନରେ ପ୍ରାୟ ୫୦,୦୦୦ ପରିବାର ଜୀବିକା ନିର୍ବାହ କରୁଛନ୍ତି ।

## ହାତତିଆରି କାଗଜ କାହିଁକି ଦରକାର

କଳତିଆରି କାଗଜ ଏ ପର୍ଯ୍ୟନ୍ତ କେତେକ ନିର୍ଦ୍ଦିଷ୍ଟ ବିଷୟ ନିମନ୍ତେ ପ୍ରସ୍ତୁତ ହାତତିଆରି କାଗଜର ସ୍ଥାନ ପୂରଣ କରି ପାରିନାହିଁ, ଯଥା:—

(୧) ମୁଦ୍ରା ଛପା ନିମନ୍ତେ ପ୍ରସ୍ତୁତ କାଗଜ ।
(୨) ଉଇଲ, ସନନ୍ଦ, କୋର୍ଟ ରେକର୍ଡ଼, ଷ୍ଟାମ୍ପ କାଗଜ ପ୍ରଭୃତି କେତେକ ଦରକାରୀ କାଗଜ ।
(୩) ବହୁବର୍ଷ ଧରି ରଖିବା ନିମନ୍ତେ କୌଣସି ଅତ୍ୟାବଶ୍ୟକୀୟ ବହି ଛପାଇବା ନିମନ୍ତେ କାଗଜ ।
(୪) କଳାବିତ୍‌ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଡ୍ରଇଂ କାଗଜ ।
(୫) ଛପା କାଗଜ ।
(୬) ଫଟୋ ଉଠାଇବା କାଗଜ ।
(୭) ଫଟୋ ଖୋଦେଇ କାଗଜ ଇତ୍ୟାଦି ।

୨୦ ବର୍ଷ ପରେ ଆଜି ପୁଣି ବିଦେଶରୁ ଆମଦାନୀ ହେଉଥିବା କାଗଜର ସମକକ୍ଷ କେତେ ପ୍ରକାର କାଗଜ ହାତରେ ପ୍ରସ୍ତୁତ ହେଉଛି । ଗ୍ରାମ୍ୟଶିଳ୍ପ ରୂପେ ଏହାର ଭବିଷ୍ୟତ ଉଜ୍ଜ୍ୱଳ ଓ ଏହାର ଉନ୍ନତି ନିମନ୍ତେ ପ୍ରଶସ୍ତ କ୍ଷେତ୍ର ରହିଛି । ଆଧୁନିକ ଧରଣର 'ଯନ୍ତ୍ରପାତି ଦ୍ୱାରା ଏହା ଅକ୍ଳେଶରେ ଯେ କୌଣସି ସ୍ଥାନରେ ପ୍ରସ୍ତୁତ ହୋଇ ପାରିବ

ବର୍ତ୍ତମାନ ଭାରତ ୩୦,୦୦୦ ଲୋକଙ୍କୁ କାର୍ଯ୍ୟରେ ଲଗାଇ କଳସାହାଯ୍ୟରେ ୧,୩୦,୦୦୦ ଟନ୍ କାଗଜ ପ୍ରସ୍ତୁତ କରୁଛି । ଏହାର ମୂଲ୍ୟ ୧୭ କୋଟି ଟଙ୍କା ହେବ । ଭାରତ ବର୍ତ୍ତମାନ ସୁଦ୍ଧା ୧୪ କୋଟି ଟଙ୍କା ମୂଲ୍ୟର ୧,୧୦,-୦୦ ଟନ୍ କାଗଜ, ପ୍ରଧାନତଃ ଖବର ଛପା-କାଗଜ ଓ ଅନ୍ୟାନ୍ୟ ବିଶେଷ ଧରଣର କାଗଜ ବିଦେଶରୁ ଖରିଦ କରୁଛି ।

ଭାରତର ଶିକ୍ଷିତସଂଖ୍ୟା ଶତକଡ଼ା ୧୮ ହେବେ ଏ କାଗଜ ଜଣପିଛା ବର୍ଷକୁ ପ୍ରାୟ ୧୨ ପାଉଣ୍ଡ ପଡ଼ୁଛି । ଆମେରିକା, କାନାଡ଼ା, ଗ୍ରେଟ୍ ବ୍ରିଟେନ୍ ଓ ଜାପାନ ପ୍ରଭୃତି ଦେଶମାନଙ୍କରେ ଜଣପିଛା ବାର୍ଷିକ କାଗଜ ଖର୍ଚ୍ଚ ଯଥାକ୍ରମେ ୨୮୫, ୧୬୮, ୧୫୩ ଓ ୨୫ ପାଉଣ୍ଡ ଅଟେ ।

## ଦେଶରେ କ୍ରମଶଃ ଜଣପିଛା କାଗଜ ଖର୍ଚ୍ଚ ବଢ଼ିଚାଲିଛି

ଶିକ୍ଷା, ବାଣିଜ୍ୟ, ମୁଦ୍ରଣ ଓ ସମ୍ବାଦ ପରିବେଷଣ ଶିଳ୍ପ ଭାରତରେ ଯେପରି ଦ୍ରୁତ ଅଗ୍ରଗତି କରୁଛି, ସେଥିରୁ ସ୍ପଷ୍ଟ ବୁଝାଯାଉଅଛି ଯେ କାଗଜ ଖର୍ଚ୍ଚ ନିଶ୍ଚୟ ବଢ଼ିଚାଲିବ । ହିସାବ କରି ଦେଖାଯାଇଛି ଯେ ଭାରତରେ ଜଣପିଛା ୧ ପାଉଣ୍ଡ କରି କାଗଜ ଖର୍ଚ୍ଚ ବଢ଼ିଲେ ବର୍ଷକୁ ୧,୫୦,୦୦୦ ଟନ୍ କାଗଜ ଦରକାର ପଡ଼ିବ । ଜଣପିଛା ବାର୍ଷିକ ୧୦ ପାଉଣ୍ଡ କାଗଜ ଖର୍ଚ୍ଚ ହେଲେ ଭାରତ ପ୍ରତିବର୍ଷ ୧୫,୦୦,୦୦୦ ଟନ୍ କାଗଜ ଦରକାର କରିବ । ଏଥି ନିମନ୍ତେ ଅନ୍ତତଃ ୪୦,୦୦,୦୦୦ ଟନ୍ କଞ୍ଚାମାଲ ଦରକାର । ଭାରତର ଗ୍ରାମାଞ୍ଚଳରେ କଞ୍ଚାମାଲ ଅପର୍ଯ୍ୟାପ୍ତ ଭାବରେ ପୂରି ରହିଛି । ଭାରତରେ କାଗଜ ପ୍ରସ୍ତୁତ କରିବା ନିମନ୍ତେ ପ୍ରଧାନତଃ ବାଉଁଶ ଓ ସବାଇ ଘାସ

ବ୍ୟବହାର କରାଯାଏ । କିନ୍ତୁ ଏହା ଆମର ଚାହିଦା ସବୁଦିନେ ମେଣ୍ଟାଇ ପାରିବ ନାହିଁ । ତେଣୁ ଗ୍ରାମାଞ୍ଚଳରେ ମିଳୁଥିବା ସୁତୁଳି ଅଖା, ମାଛଧରା ଜାଲ, ଛିଣ୍ଡାଲୁଗା, ନଷ୍ଟ ତୁଳା, କଉଡ଼ା, ବେଣ୍ଡ୍ରୀ, ତୁଳା ଗଛର ତନ୍ତୁ, ଘାସ, ଝୋଟ, ନଳ, କଦଳୀ ଗଛ ଓ ଛିଣ୍ଡା କାଗଜ ପ୍ରଭୃତି ନାନାବିଧ ତନ୍ତୁବିଶିଷ୍ଟ ପଦାର୍ଥ ବ୍ୟବହାର କରିବା ବାଞ୍ଛନୀୟ । ଏ ସବୁ ଦ୍ରବ୍ୟ ସଂଗ୍ରହ କରି ବୋହିନେବା ଅତ୍ୟନ୍ତ ବ୍ୟୟସାପେକ୍ଷ ବୋଲି କଳ ମାଲିକମାନେ ଏହାକୁ ନେଉ ନାହାନ୍ତି; କିନ୍ତୁ କୁଟୀର ଶିଳ୍ପରୂପେ ପ୍ରସ୍ତୁତ ହାତତିଆରି କାଗଜରେ ଏହା ସୁନ୍ଦରରୂପେ ବ୍ୟବହୃତ ହୋଇ ପାରିବ ।

## ହାତତିଆରି କାଗଜ
## କେତେ ଲୋକଙ୍କୁ କାମ ଯୋଗାଇ ପାରିବ ?

ସବୁ ସ୍ଥାନରେ କଞ୍ଚାମାଲ ମିଳିବାର ଯେଉଁ ଆଶା କରାଯାଇଛି, ଯଦି ତାହା ସତ୍ୟ ହୁଏ ତେବେ କୁଟୀର ଶିଳ୍ପ ହିସାବରେ ହାତତିଆରି କାଗଜ ପ୍ରଚଳନ କରିବା ଦ୍ୱାରା ୫,୦୦,୦୦୦ ଟନ୍ କାଗଜ ଉତ୍ପାଦନ ହେବା ସମ୍ଭବ ହୋଇ ପାରିବ । ଏହା ୫୦,୦୦୦୦ ପରିବାରକୁ ବର୍ଷସାରା କାମ ଯୋଗାଇ ଦେଇ ପାରିବ । ପକ୍ଷାନ୍ତରରେ କହିଲେ, କୁଟୀର ଶିଳ୍ପ ହିସାବରେ ହାତତିଆରି କାଗଜ ଭାରତର ସବୁଆଡ଼େ ପ୍ରଚଳନ କରିବା ଦ୍ୱାରା ୨୦,୦୦,୦୦୦ ଲୋକଙ୍କର ଜୀବିକା ନିର୍ବାହ ହୋଇ ପାରିବ ।

## ହାତତିଆରି କାଗଜ ଯୋଜନା ପାଇଁ
## କିପରି ଓ କେତେ ସାହାଯ୍ୟ ଦିଆଯାଇଛି

ଏହି ଯୋଜନାକୁ ୪ ପ୍ରକାରରେ କାର୍ଯ୍ୟକାରୀ କରାଯାଏ । ସେ ଗୁଡ଼ିକ ହେଉଛି—ବଡ଼, ମଧ୍ୟମ, କ୍ଷୁଦ୍ର ଓ ସ୍କୁଲ ଇଉନିଟ୍ । ମଧ୍ୟମ ପ୍ରକାର ଇଉନିଟ୍ ନିମନ୍ତେ ଯନ୍ତ୍ରପାତି ଓ ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥ ଖରିଦ କରିବା ପାଇଁ ଟ୧୫,୦୦୦୲ ସାହାଯ୍ୟ ଓ ଟ୧୫,୦୦୦୲ ଋଣ ଦିଆଯାଏ । ମୂଳଧନ ବାବଦକୁ ମଧ୍ୟ ଟ ୨୫୦୦୲ ଦେବାର ବନ୍ଦୋବସ୍ତ ଅଛି । ଏହା ଉକ୍ତ କାର୍ଯ୍ୟ ଆରମ୍ଭ ହେଲେ ଟ ୪,୦୦୦୲ ଉତ୍ପାଦନ ସାହାଯ୍ୟ ଦିଆଯାଏ ।

ସେହିପରି ଭାବରେ କ୍ଷୁଦ୍ର ପ୍ରକାର ଇଉନିଟ୍ ପାଇଁ ଟ ୨୫୦୦୲ ସାହାଯ୍ୟ ଓ ଟ ୨୫୦୦୲ ଋଣ ଏବଂ ମୂଳଧନ ପାଇଁ ଟ ୩୦୦୦୲ ଦିଆଯାଏ । ଉତ୍ପାଦନ ସାହାଯ୍ୟ ପାଇଁ ଟ ୧୦୦୦୲ ମିଳେ ।

ସ୍କୁଲ ଇଉନିଟ୍‌ର ଲକ୍ଷ୍ୟ ହେଉଛି ଛାତ୍ରମାନଙ୍କୁ କାଗଜ ତିଆରି ବିଷୟରେ ଶିକ୍ଷାଦେବା । ପ୍ରତ୍ୟେକ ସ୍କୁଲ ଇଉନିଟ୍‌ରେ ଟ୨୪୦୦୲ ଙ୍କା ଲାଗିବାର କଥା, ତାର ଶତକଡ଼ା ୭୫ ଭାଗ ଅର୍ଥାତ ଟ୧୮୦୦୲ ସରକାର ବୋର୍ଡ଼ ଜରିଆରେ ସାହାଯ୍ୟ ଆକାରରେ ଦିଅନ୍ତି ।

| | | |
|---|---|---|
| ୧ । ଜଣେ ଶିକ୍ଷକ ଶିକ୍ଷା ପାଇବା ପାଇଁ | | ଟ ୧୦୦୲ |
| ୨ । ଯନ୍ତ୍ରପାତି କିଣିବା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦ | ... | ଟ ୧୭୦୦୲ |
| ମୋଟ | ... | ଟ ୧୮୦୦୲ |

## ଏ ପର୍ଯ୍ୟନ୍ତ କେତେ ସାହାଯ୍ୟ ଦିଆଗଲାଣି

ଏ ପର୍ଯ୍ୟନ୍ତ ୧୭ଟି ସ୍କୁଲକୁ ସାହାଯ୍ୟ ଦିଆଯାଇଅଛି ଓ ଗୋଟିଏ ମଧ୍ୟମ ଧରଣର ଇଉନିଟ୍ କଟକରେ ଗଢ଼ିବା ନିମନ୍ତେ ମଞ୍ଜୁର କରାଯାଇଅଛି । ଭଞ୍ଜନଗର ଅଞ୍ଚଳରେ ଗୋଟିଏ କ୍ଷୁଦ୍ର ଇଉନିଟ୍ ଖୁବ ଶୀଘ୍ର ଖୋଲା ହେବାର ବ୍ୟବସ୍ଥା ହେଉଛି । ଏପର୍ଯ୍ୟନ୍ତ ଏହି ଶିଳ୍ପ ବାବଦରେ ଟ ୩୦,୩୭୨୲ ସାହାଯ୍ୟ ଓ ଟ ୨୭,୫୦୦୲ ଋଣ ଦିଆଯାଇଅଛି ।

## କେତେ କାଗଜ ପ୍ରସ୍ତୁତ ହେଲାଣି

୧୬ଟି ସ୍କୁଲ ଇଉନିଟ୍ ଏ ପର୍ଯ୍ୟନ୍ତ ୧୧୨୦ ପାଉଣ୍ଡ କାଗଜ ଓ ୫୮୨ ପାଉଣ୍ଡ ପଲ୍ପ ପ୍ରସ୍ତୁତ କରିଛନ୍ତି । ମଧ୍ୟମ ଧରଣର ଇଉନିଟ୍‌ର ଗୃହନିର୍ମାଣ କାର୍ଯ୍ୟ ଓ ଯନ୍ତ୍ରପାତି ଖରିଦ ପ୍ରାୟ ଶେଷ ହୋଇଗଲାଣି । ଖୁବ ଶୀଘ୍ର ଏଥିରୁ କାଗଜ ବାହାରିବାର ଆଶା କରାଯାଉଛି । ସର୍ବମୋଟ ୧୧୯ ଜଣଙ୍କୁ କାଗଜ ତିଆରି ବିଷୟରେ ତାଲିମ ଦିଆଗଲାଣି ।

# ଶ୍ରମଜୀବୀ ଶ୍ରେଣୀର ଜୀବିକା ନିର୍ବାହ ବ୍ୟୟମାନ

## କଟକ ଓ ବ୍ରହ୍ମପୁରରେ ଏକ ପଏଣ୍ଟ ଲେଖାଏଁ ହ୍ରାସ ପାଇଲା

ଭାରତ ସରକାରଙ୍କ ଶ୍ରମ ବ୍ୟୁରୋ ଦ୍ୱାରା ସଂଗୃହୀତ ହିସାବରୁ ପ୍ରକାଶ ଯେ ୧୯୫୮ ମସିହା ମେ ମାସରେ ଶ୍ରମିକ ଶ୍ରେଣୀର ଜୀବିକା ନିର୍ବାହ ବ୍ୟୟମାନ ଭାରତର ୧୫ଟି କେନ୍ଦ୍ରରେ ବୃଦ୍ଧି ପାଇଛି । ( ଅନ୍ୟ ସୂଚନା ନ ଥିଲେ ୧୯୪୯ ମସିହାକୁ ମୂଳ ବର୍ଷ=୧୦୦ ଧରାଯିବ )।

ଆଲୋଚ୍ୟ ମେ ମାସରେ କଟକ ଓ ବ୍ରହ୍ମପୁରରେ ଶ୍ରମଜୀବୀ ଶ୍ରେଣୀର ଜୀବିକା ନିର୍ବାହ ବ୍ୟୟମାନ ଏକ ପଏଣ୍ଟ ଲେଖାଏଁ ହ୍ରାସ ପାଇ ଯଥାକ୍ରମେ ୧୧୬ ଓ ୧୧୦ ହୋଇଛି । କଟକରେ ଖାଦ୍ୟ-ସାମଗ୍ରୀ, ଜାଳେଣି ଦ୍ରବ୍ୟ, ଆଲୋକ ଓ ପୋଷାକପତ୍ରର ସୂଚକ ସଂଖ୍ୟା କମିଥିବାରୁ ଏବଂ ବ୍ରହ୍ମପୁରରେ କେବଳ ଖାଦ୍ୟ ସାମଗ୍ରୀ ସୂଚକସଂଖ୍ୟା କମିଥିବାରୁ ଜୀବିକା ନିର୍ବାହ ବ୍ୟୟମାନରେ ଉକ୍ତ ହ୍ରାସ ପରିଲକ୍ଷିତ ହୋଇଛି ।

ଆଲୋଚ୍ୟ ମାସରେ ଶିଲଚରରେ ବ୍ୟୟମାନରେ ସର୍ବୋଚ୍ଚ ବୃଦ୍ଧି ପରିଲକ୍ଷିତ ହୋଇଛି । ଏଠାରେ ବ୍ୟୟମାନ ଛଅ ପଏଣ୍ଟ ବୃଦ୍ଧି ପାଇ ୧୦୭ ହୋଇଛି । ମୁଙ୍ଗେରରେ ଏହା ପାଞ୍ଚ ପଏଣ୍ଟ ବୃଦ୍ଧି ପାଇ ୧୦୨ ଏବଂ ଡେହରିଅନସୋନ ଓ ଭୋପାଳରେ ( ମୂଳବର୍ଷ ୧୯୫୧=୧୦୦ ) ଚାରି ପଏଣ୍ଟ ଲେଖାଏଁ ବୃଦ୍ଧି ପାଇ ଯଥାକ୍ରମେ ୧୦୧ ଓ ୧୦୬ ହୋଇଛି । ଏହି ମାସ ମଧ୍ୟରେ ଖଡ୍ଗପୁର ଓ ତିନସୁକିଆରେ ଦୁଇ ପଏଣ୍ଟ ଲେଖାଏଁ ବୃଦ୍ଧି ପାଇ ଯଥାକ୍ରମେ ୧୦୯ ଓ ୧୧୬ ହୋଇଛି ଏବଂ ଦିଲ୍ଲୀ, ଆଜମୀର, ଜାମସେଦପୁର, ଗୌହାଟୀ, ଲୁଧିଆନା, ଆକୋଲା ଓ ଜବଲପୁରରେ ଏକ ପଏଣ୍ଟ ଲେଖାଏଁ ବୃଦ୍ଧି ପାଇ ଯଥାକ୍ରମେ ୧୦୮,୯୭,୧୧୯,୧୦୧,୯୩,୯୬ ଓ ୧୦୭ ହୋଇଛି । କଟିହାର ଓ ସାତନାରେ ମଧ୍ୟ ଏକ ଏକ ପଏଣ୍ଟ ଲେଖାଏଁ ବୃଦ୍ଧି ପାଇ ଯଥାକ୍ରମେ ୯୮ ଓ ୯୭ ହୋଇଛି । ସାତନା ପାଇଁ ମୂଳବର୍ଷ ୧୯୫୩=୧୦୦ ଧରାଯିବ ଏବଂ କଟିହାର ପାଇଁ ୧୯୫୧ ଅଗଷ୍ଟରୁ ୧୯୫୨ ଜୁଲାଇ ପର୍ଯ୍ୟନ୍ତ ବର୍ଷକୁ ମୂଳ ବର୍ଷ=୧୦୦ ଧରାଯିବ । ଏହିସବୁ କେନ୍ଦ୍ରଗୁଡ଼ିକ ମଧ୍ୟରୁ ୧୮ଟିରେ ଖାଦ୍ୟ-ସାମଗ୍ରୀର ସୂଚକ ସଂଖ୍ୟା, ଦୁଇଟି କେନ୍ଦ୍ରରେ ଜାଳେଣି ଦ୍ରବ୍ୟ ଓ ଆଲୋକର ସୂଚକ ସଂଖ୍ୟା ଏବଂ ସତେରଟି କେନ୍ଦ୍ରରେ ପୋଷାକପତ୍ର ସୂଚକ ସଂଖ୍ୟା ଏବଂ ଛଅଟି କେନ୍ଦ୍ରରେ ବିବିଧ ଦ୍ରବ୍ୟର ସୂଚକ ସଂଖ୍ୟା ବୃଦ୍ଧି ପାଇଛି ।

ଝରିଆରେ ଜୀବିକା ନିର୍ବାହ ବ୍ୟୟମାନରେ ସାମାନ୍ୟ ପରିବର୍ତ୍ତନ ହୋଇଛି ଏବଂ ଏହା ୧୦୮ରେ ସ୍ଥିର ରହିଛି ।

୧୯୫୮ ମେ ମାସ ମଧ୍ୟରେ ସର୍ବଭାରତୀୟ ଭିତ୍ତିରେ ଶ୍ରମିକ ଜୀବିକାନିର୍ବାହ ବ୍ୟୟମାନର ଅସ୍ଥାୟୀ ସୂଚକ ସଂଖ୍ୟା ଏକ ପଏଣ୍ଟ ବୃଦ୍ଧି ପାଇ ୧୨ ହୋଇଛି । ପୂର୍ବବର୍ତ୍ତୀ ଏପ୍ରିଲ ମାସରେ ସର୍ବଭାରତୀୟ ଉକ୍ତ ସୂଚୀ ୧୧୧ ହୋଇଥିଲା ।

# ଭାରତରେ ମତ୍ସ୍ୟକ୍ଷେତ୍ର ଉନ୍ନୟନ

## ଦ୍ୱିତୀୟ ଯୋଜନାରେ ୧୦ କୋଟି ଟଙ୍କା ବ୍ୟୟ ହେବ

ଭାରତର ଅନ୍ତର୍ଦେଶୀୟ ଓ ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଫଳରେ ଜାତୀୟ ଆୟ ପ୍ରାୟ ୬୦ କୋଟି ଟଙ୍କା ବୃଦ୍ଧି ପାଇଥାଏ । ଦେଶର ସୁବିସ୍ତୃତ ଉପକୂଳ ଅଞ୍ଚଳରେ ପ୍ରାୟ ୭୩,୫୦୦ ମାଛଧରା ନୌକା ପ୍ରାୟ ଦଶ ଲକ୍ଷ ଧୀବରଙ୍କ ସାହାଯ୍ୟରେ ଦୈନନ୍ଦିନ କାମରେ ଲାଗିଛନ୍ତି । ଏ ଦେଶର ଧୀବରମାନେ ମାଛ ଧରିବା ପାଇଁ ଯେଉଁ ପାରମ୍ପରିକ ରୀତି ଅନୁସରଣ କରି ଆସୁଛନ୍ତି, ତାହା ଫଳରେ ଏଇ ସମ୍ପଦର ପୂର୍ଣ୍ଣ ସଦୁପଯୋଗ ହୋଇ ପାରୁନାହିଁ । ଅନ୍ୟାନ୍ୟ ଦେଶର ଧୀବରମାନଙ୍କ ସହିତ ଆମ ଦେଶର ଧୀବରମାନଙ୍କୁ ତୁଳନା କରାଯାଇ ପାରିବ ନାହିଁ । ଆମ ଦେଶର ଜଣେ ଧୀବର ବର୍ଷକୁ ୨,୫୦୦ ପାଉଣ୍ଡ ମାଛ ଧରୁଥିବାବେଳେ ବିଦେଶରେ ଜଣେ ଧୀବର ବର୍ଷକୁ ୮୦,୦୦୦ ଟନ୍ ମାଛ ଧରିଥାଏ ।

ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ଗୃହୀତ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ମାଛ ଧରିବା ପାଇଁ ଯନ୍ତ୍ରଚାଳିତ ନୌକା ବ୍ୟବହାର କରାଯାଉଛି । ଧୀବରମାନଙ୍କ ପାଇଁ ତାଲିମ କେନ୍ଦ୍ର, ଶୀତଳ ସଂରକ୍ଷଣାଗାର, ଗଭୀର ସମୁଦ୍ରରେ ମାଛଧରା କେନ୍ଦ୍ରମାନ ସ୍ଥାପନ କରାଯାଉଛି ଏବଂ କେନ୍ଦ୍ର ଅନ୍ତର୍ଦେଶୀୟ ମତ୍ସ୍ୟକ୍ଷେତ୍ର କେନ୍ଦ୍ରରେ ଗବେଷଣାଗାରର ବ୍ୟବସ୍ଥା ହୋଇଛି ।

ମତ୍ସ୍ୟକ୍ଷେତ୍ର ଗବେଷଣା ଓ ଉନ୍ନୟନ ସମ୍ପର୍କୀୟ ବିଭିନ୍ନ ସମସ୍ୟା ଏବଂ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ ବ୍ୟବସ୍ଥା ଅଧ୍ୟୟନ କରିବା ପାଇଁ ଭାରତ ସରକାର ଗୋଟିଏ କେନ୍ଦ୍ରୀୟ ମତ୍ସ୍ୟକ୍ଷେତ୍ର ବୋର୍ଡ଼ ଗଠନ କରିଛନ୍ତି । ୩୪ ଜଣଙ୍କୁ ଏହାର ସଭ୍ୟରୂପେ ନିଆଯାଇଛି ।

ମତ୍ସ୍ୟକ୍ଷେତ୍ରର ଉନ୍ନୟନ ପାଇଁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ୧୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଉଛି । ଯନ୍ତ୍ରଚାଳିତ ମାଛଧରା ନୌକା ବ୍ୟବହାର କରିବା ଦିଗରେ ଏଥିରୁ ୮୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ।

ଭାରତୀୟ ଉପକୂଳରେ ବର୍ତ୍ତମାନ ୮୦୦ ରୁ ଅଧିକ ଯନ୍ତ୍ରଚାଳିତ ନୌକା ମାଛଧରା କାମରେ ବ୍ୟବହାର କରାଯାଉଛି । ବମ୍ବେରେ ସ୍ଥାନୀୟ ନୌକାରେ ଯନ୍ତ୍ର ଖଞ୍ଜାଯାଉଛି । ମାଡ୍ରାଜ, କେରଳ ଓ ଆନ୍ଧ୍ର ରାଜ୍ୟରେ ନୌକାର ନୂଆ ନକ୍ସା ଉଦ୍ଭାବନ କରାଯାଉଛି ।

ଧୀବରମାନଙ୍କ ତାଲିମ ପାଇଁ ବର୍ତ୍ତମାନ ବମ୍ବେ ନିକଟସ୍ଥ ସତ୍‌ପତି, ସୌରାଷ୍ଟ୍ରର ବେରାବଲ୍, କେରଳର କୋଚିନ୍ ଏବଂ ମାଡ୍ରାସର ତୁତିକୋରିନ୍‌ଠାରେ କେନ୍ଦ୍ରମାନ ରହିଛି । ମହୀଶୂର ରାଜ୍ୟର ମାଙ୍ଗାଲୋର ଏବଂ ଆନ୍ଧ୍ର ପ୍ରଦେଶର କାକିନାଡ଼ାଠାରେ ନୂଆ ତାଲିମ କେନ୍ଦ୍ରମାନ ଖୋଲାଯାଉଛି । ଏଇ କେନ୍ଦ୍ରମାନଙ୍କରେ ଥରକରେ ୨୦ ଜଣଙ୍କୁ ଛଅମାସ ପର୍ଯ୍ୟନ୍ତ ତାଲିମ ଦିଆଯାଇଥାଏ । ବମ୍ବେଠାରେ ଅବସ୍ଥିତ କେନ୍ଦ୍ରୀୟ ଗଭୀର ସମୁଦ୍ର ମତ୍ସ୍ୟକ୍ଷେତ୍ର କେନ୍ଦ୍ରରେ ଆଧୁନିକ ମାଛଧରା ପଦ୍ଧତି ସମ୍ପର୍କରେ ତାଲିମ ଦିଆଯାଇଥାଏ । କଲିକତାଠାରେ ଅବସ୍ଥିତ ମତ୍ସ୍ୟକ୍ଷେତ୍ର ତାଲିମ କେନ୍ଦ୍ରରେ ଅନ୍ତର୍ଦେଶୀୟ ମତ୍ସ୍ୟକ୍ଷେତ୍ର ଉନ୍ନୟନ ସମ୍ପର୍କରେ ଶିକ୍ଷା ଦିଆଯାଇଥାଏ । ଉକ୍ତ ତାଲିମ ବ୍ୟବସ୍ଥା ବିଷୟ ବର୍ତ୍ତମାନ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଗୋଟିଏ ସ୍ୱତନ୍ତ୍ର କମିଟିର ବିଚାରାଧୀନ ଅଛି ।

ବର୍ତ୍ତମାନ ବମ୍ବେ, ମାଙ୍ଗାଲୋର, କାଲିକଟ୍, କୋଚିନ୍, କୁଇଲନ୍, ତ୍ରିଭେନ୍ଦ୍ରମ୍, ମାଡ୍ରାଜ ଓ କଲିକତାଠାରେ ଶୀତଳ ସଂରକ୍ଷଣାଗାରମାନ ରହିଛି । ଏହା ମଧ୍ୟରୁ କେତୋଟି ଦଳ ବୈଦେଶିକ ସହଯୋଗ ମିଶନ୍ ଏବଂ ନରୱେ ସାହାଯ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ମିଳିଛି ।

ଦେଶରେ ମତ୍ସ୍ୟକ୍ଷେତ୍ର ଶିଳ୍ପର ଉନ୍ନୟନ ପାଇଁ ୧୯୫୭ ମସିହାରେ ଖାଦ୍ୟ ଓ କୃଷି ଅନୁଷ୍ଠାନ ପକ୍ଷରୁ ଭାରତକୁ ପ୍ରାୟ ୧୫ ଜଣ ବିଦେଶୀ ମତ୍ସ୍ୟକ୍ଷେତ୍ର ବିଶେଷଜ୍ଞଙ୍କ ସାହାଯ୍ୟ ମିଳିବ ।

# ଗାଁଗହଳରେ ବିଦ୍ୟୁତ୍‌ଶକ୍ତି

୧୯୬୧ ଜନଗଣନା ହିସାବ ଅନୁଯାୟୀ ଭାରତର ମୋଟ ଲୋକସଂଖ୍ୟାର ଶତକଡ଼ା ୮୨.୭ ଭାଗ ଲୋକ ୫,୬୮,୦୮୯ଟି ଗ୍ରାମରେ ବାସ କରନ୍ତି ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାର ପ୍ରାରମ୍ଭରେ (୧-୪-୫୧) ଦଶ ହଜାରରୁ କମ ଲୋକସଂଖ୍ୟାବିଶିଷ୍ଟ ୩,୦୬୫ଟି ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଥିଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନା ଶେଷରେ (୧-୪-୫୬) ଏହି ସଂଖ୍ୟା ୬,୫୦୦କୁ ବୃଦ୍ଧି ପାଇଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ୧୬,୫୦୦ଟି ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବ ବୋଲି ହିସାବ କରାଯାଇଛି ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଶେଷ ଦୁଇ ବର୍ଷରେ ବିଦ୍ୟୁତ୍‌ଶକ୍ତି ଯୋଗାଣ ବ୍ୟବସ୍ଥାର ସମ୍ପ୍ରସାରଣ କରି ଅଧିକ କର୍ମ ଯୋଗାଣ ବ୍ୟବସ୍ଥା କରିବା ପାଇଁ ୬୦ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ବିଦ୍ୟୁତ୍ ଯୋଜନା ପାଇଁ ବରାଦ ହୋଇଥିବା ୪୨୭ କୋଟି ଟଙ୍କାରୁ ପ୍ରାୟ ୭୫ କୋଟି ଟଙ୍କା ଗାଁ-ଗହଳରେ ବିଦ୍ୟୁତ୍ ଯୋଗାଇବାରେ ଖର୍ଚ୍ଚ ହେବ ।

ଗ୍ରାମାଞ୍ଚଳରେ ବିଦ୍ୟୁତ୍‌ଶକ୍ତି ଯୋଗାଇବା ପାଇଁ କେତେକ ଅସୁବିଧା ରହିଛି । ଏହା ବ୍ୟତୀତ ପ୍ରାୟ ୩୦୦୦ କୋଟି ଟଙ୍କା ମୂଳଧନ ବ୍ୟୟ ଆବଶ୍ୟକ ହେଉଛି । ଏହି ହେତୁ ପର୍ଯ୍ୟାୟକ୍ରମେ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ସମାପ୍ତ କରିବା ପାଇଁ ଭାରତ ସରକାର ସ୍ଥିର କରିଛନ୍ତି ।

୧୯୫୪ ମସିହାରେ ଗଠନ କରାଯାଇଥିବା ଗ୍ରାମାଞ୍ଚଳ ବିଦ୍ୟୁତ୍ ଯୋଗାଣ ସବ୍‌କମିଟି ଗାଁଗହଳରେ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଗଲେ କୃଷି ଉତ୍ପାଦନ ବୃଦ୍ଧି ପାଇବ, କୁଟୀର ଓ କ୍ଷୁଦ୍ରଶିଳ୍ପର ସମ୍ପ୍ରସାରଣ ହେବ, ଉତ୍ପାଦିକା ଶକ୍ତି ବୃଦ୍ଧି ପାଇବ, ବର୍ଷର ସବୁ ସମୟରେ କାମ ଯୋଗାଇ ଦେବା ପାଇଁ ସୁଯୋଗ ମିଳିବ ବୋଲି ଦର୍ଶାଇଥିଲେ । ଏହା ବ୍ୟତୀତ ଗାଁଗହଳରେ ଶିଳ୍ପାନୁଷ୍ଠାନ ଗଢ଼ି ଉଠିବା ମଧ୍ୟ ସୁବିଧା-ଜନକ ହେବ ।

## ସ୍କୁଲ ଶିକ୍ଷା ସଂପର୍କରେ ନୂତନ ପ୍ରମାଣ ଚିତ୍ର

ଫିଲମ ଡିଭିଜନର ନୂତନ ପ୍ରମାଣ ଚିତ୍ରରେ ସ୍କୁଲ ଶିକ୍ଷାର ଆଧୁନିକ ପଦ୍ଧତି କଣ ହେବ, ସେ ସଂପର୍କରେ ବର୍ଣ୍ଣନା କରାଯାଇଛି । ଏହି ଚଳଚ୍ଚିତ୍ରଟି ଚଳିତ ଜୁନ ୨୦ ତାରିଖରେ ସମଗ୍ର ଭାରତରେ ମୁକ୍ତିଲାଭ କରୁଛି ।

ଅବଶ୍ୟ ଯେ କୌଣସି ଶିକ୍ଷା କ୍ଷେତ୍ରରେ ପୁସ୍ତକ ଶିକ୍ଷାର ସ୍ଥାନ ଅତି ଗୁରୁତ୍ୱପୂର୍ଣ୍ଣ; କିନ୍ତୁ ନିମ୍ନବର୍ଣ୍ଣିତ, ଶିଶୁର ସୃଜନାତ୍ମକ ଶକ୍ତିର ବିକାଶ ପାଇଁ ଏବଂ ତାକୁ ଆତ୍ମନିର୍ଭରଶୀଳତା ଓ ଶୃଙ୍ଖଳା ସଂପର୍କରେ ଶିକ୍ଷା ଦେବା ପାଇଁ ଏହି ନୂତନ ପଦ୍ଧତିରେ ଉଦ୍ୟମ କରାଯାଇଛି ।

# ଭାରତର କୃଷି ଗବେଷଣା

# ଅନୁଷ୍ଠାନ ଓ ସଂଗଠନ

ଲେଖକ- ଏମ୍. ଏସ୍. ରାଣ୍ଡୋୱା, ଡି. ଏସ୍. ସି. ଆଇ. ସି. ଏସ୍., ଉପସଭାପତି, ଭାରତୀୟ କୃଷି ଗବେଷଣା ପରିଷଦ, ନୂଆଦିଲ୍ଲୀ । ୪୫୦ ପୃଷ୍ଠା, ୭୯ଟି ୧୦"×୮½" ବିଶିଷ୍ଟ ଚିତ୍ରସମ୍ବଳିତ । ମୂଲ୍ୟ ଟ୨୦୯, ଡାକ ମାସୁଲ ଓ ପ୍ୟାକିଂ ଅତିରିକ୍ତ ଟ୫୯ ।

ଏହି ପୁସ୍ତକରେ ଏ ଦେଶରେ ଥିବା ସମସ୍ତ କୃଷି ଗବେଷଣା ଅନୁଷ୍ଠାନ ଓ ସଂଗଠନମାନଙ୍କ ସମ୍ପର୍କରେ ଗୋଟିଏ ସୁସଂବଦ୍ଧ ବିବରଣୀ ଦିଆଯାଇଛି । "ଭାରତରେ ପୁଷ୍ପିତ ବୃକ୍ଷ" ନାମକ ସୁବିଖ୍ୟାତ ପୁସ୍ତକ ଗ୍ରନ୍ଥକାରଙ୍କ ଦ୍ୱାରା ଏହା ଲିଖିତ । ଭାରତରେ ବିଭିନ୍ନ କୃଷି ଅନୁଷ୍ଠାନମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଗବେଷଣା ସମ୍ପର୍କୀୟ ଯୋଜନା ଗୁଡ଼ିକର ବିଶଦ ବିବରଣୀ ଏଥିରେ ସନ୍ନିବେଶିତ ହୋଇଛି । କୃଷି, ଗୋପାଳନ ଓ ଏ ସମ୍ପର୍କୀୟ ବିଷୟଗୁଡ଼ିକ ସହିତ ସଂପୃକ୍ତ ବିଭିନ୍ନ ଅନୁଷ୍ଠାନମାନଙ୍କ କାର୍ଯ୍ୟ ଓ ଗଠନତନ୍ତ୍ର ବିଷୟରେ ଏଥିରେ ବିସ୍ତୃତ ତଥ୍ୟାବଳି ପରିବେଷିତ ହୋଇଛି । ପୁସ୍ତକଟି ସୁରଚିତ । ଏଥିରେ ଅନେକ ଗୁଡ଼ିଏ ତଥ୍ୟସମ୍ବଳିତ ମାନଚିତ୍ର ଓ ଚାର୍ଟ ଏବଂ ଅନ୍ୟାନ୍ୟ ଚିତ୍ର ଅଛି । ଗବେଷକ, ଲାଇବ୍ରେରୀ, ବ୍ୟବସ୍ଥାପକ, ଶାସନ କାର୍ଯ୍ୟରେ ସଂପୃକ୍ତ ବ୍ୟକ୍ତି, ବାଣିଜ୍ୟ ସଂଗଠନ ଓ କୃଷି ଗବେଷଣା ଏବଂ ଉନ୍ନୟନ ସହିତ ସଂପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କ ପକ୍ଷରେ ଏହା ଉପାଦେୟ ହେବ ।

# ପ୍ରଚଳିତ ମୁଦ୍ରା ଓ ନୂଆ ଦଶମିକ ମୁଦ୍ରାର ଦେଣନେଣ ଫର୍ଦ୍ଦ

ପ୍ରଚଳିତ ୧ ପଇସା – ନୂଆ ୨ ପଇସା, ପ୍ରଚଳିତ ୨ ପଇସା – ନୂଆ ୩ ପଇସା, ପ୍ରଚଳିତ ୩ ପଇସା – ନୂଆ ୫ ନୂଆ ପଇସା। ଅଣାମାନ ଓ ଅଣାମାନଙ୍କ ଉପରକୁ ପଇସାମାନ ନୂଆ ପଇସା ହିସାବରେ କେତେ କେତେ, ତାହା ନିମ୍ନଲିଖିତ ଫର୍ଦ୍ଦରେ ପ୍ରଦତ୍ତ।

| ପ୍ରଚଳିତ ଅଣା | ନୂଆ ପଇସା | ଅଣା ଉପରେ ଏକ ପଇସା | ଅଣା ଉପରେ ଦୁଇ ପଇସା | ଅଣା ଉପରେ ତିନ ପଇସା |
|---|---|---|---|---|
| ୧ | ୬ | ୮ | ୯ | ୧୧ |
| ୨ | ୧୨ | ୧୪ | ୧୬ | ୧୭ |
| ୩ | ୧୯ | ୨୦ | ୨୨ | ୨୩ |
| ୪ | ୨୫ | ୨୭ | ୨୮ | ୩୦ |
| ୫ | ୩୧ | ୩୩ | ୩୪ | ୩୬ |
| ୬ | ୩୭ | ୩୯ | ୪୧ | ୪୨ |
| ୭ | ୪୪ | ୪୫ | ୪୭ | ୪୮ |
| ୮ | ୫୦ | ୫୨ | ୫୩ | ୫୫ |
| ୯ | ୫୬ | ୫୮ | ୫୯ | ୬୧ |
| ୧୦ | ୬୨ | ୬୪ | ୬୬ | ୬୭ |
| ୧୧ | ୬୯ | ୭୦ | ୭୨ | ୭୩ |
| ୧୨ | ୭୫ | ୭୭ | ୭୮ | ୮୦ |
| ୧୩ | ୮୧ | ୮୩ | ୮୪ | ୮୬ |
| ୧୪ | ୮୭ | ୮୯ | ୯୧ | ୯୨ |
| ୧୫ | ୯୪ | ୯୫ | ୯୭ | ୯୮ |
| ୧୬ | ୧୦୦ | ... | ... | ... |

# ସମବାୟ ବିଭାଗର ଅଫିସରମାନଙ୍କ ଠିକଣା ଓ ଟେଲିଫୋନ୍ ନମ୍ବର

| ଅଫିସର୍ | ଠିକଣା | ଫୋନ ନମ୍ବର |
|---|---|---|
| ରେଜିଷ୍ଟ୍ରାର | ଭୁବନେଶ୍ୱର | ୪୨ |
| ଜଏଣ୍ଟ ରେଜିଷ୍ଟ୍ରାର ( ଜେନେରାଲ ) | ଭୁବନେଶ୍ୱର | ୫୪ |
| ଜଏଣ୍ଟ ରେଜିଷ୍ଟ୍ରାର ( ହାଣ୍ଡଲୁମ୍ ) | ଭୁବନେଶ୍ୱର | ୧୩୯ |
| ଜଏଣ୍ଟ ରେଜିଷ୍ଟ୍ରାର ( ଖଦି ଓ ଗ୍ରାମୋଦ୍ୟୋଗ ) | ଭୁବନେଶ୍ୱର | ୧୦୨ |
| ଡେପୁଟି ରେଜିଷ୍ଟ୍ରାର ( ସଦର୍ଣ୍ଣ ଡିଭିଜନ ) | ଭୁବନେଶ୍ୱର | |
| ରେଜିଷ୍ଟ୍ରାରଙ୍କ ପର୍ସନାଲ ଆସିଷ୍ଟାଣ୍ଟ ( ୧ ) | ଭୁବନେଶ୍ୱର | ୬୫ |
| ରେଜିଷ୍ଟ୍ରାରଙ୍କ ପର୍ସନାଲ ଆସିଷ୍ଟାଣ୍ଟ ( ୨ ) | ଭୁବନେଶ୍ୱର | ୬୫୮ |
| ଏଡୁକେଶନ ଆଣ୍ଡ୍ ପ୍ରୋପାଗଣ୍ଡା ଅଫିସର କୋପ, ଡେପୁଟି | ଭୁବନେଶ୍ୱର | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ( ଲିଗାଲ ) | ଭୁବନେଶ୍ୱର | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ( ଷ୍ଟାଟିଷ୍ଟିକସ୍ ) | ଭୁବନେଶ୍ୱର | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ( ଗୁଡ଼୍ ଡେଭଲପମେଣ୍ଟ ) | ଭୁବନେଶ୍ୱର | |
| ଜଏଣ୍ଟ ରେଜିଷ୍ଟ୍ରାର ( ହାଣ୍ଡଲୁମ୍ ) ଙ୍କ ପର୍ସନାଲ ଆସିଷ୍ଟାଣ୍ଟ | ଭୁବନେଶ୍ୱର | |
| ଜଏଣ୍ଟ ରେଜିଷ୍ଟ୍ରାର ( ଖଦି ଓ ଗ୍ରାମୋଦ୍ୟୋଗ ) ଙ୍କ ପର୍ସନାଲ ଆସିଷ୍ଟାଣ୍ଟ | ଭୁବନେଶ୍ୱର | |
| ଅଡିଟ ଅଫିସର ( ସେଣ୍ଟ୍ରାଲ ) | ଭୁବନେଶ୍ୱର | |
| ଅଡିଟ ଅଫିସର ( ସଦର୍ଣ୍ଣ ) | ବ୍ରହ୍ମପୁର | |
| ଅଡିଟ ଅଫିସର ( ନଦର୍ଣ୍ଣ ) | ସମ୍ବଲପୁର | |
| ଡେପୁଟି ରେଜିଷ୍ଟ୍ରାର ( ନଦର୍ଣ୍ଣ ଡିଭିଜନ ) | ସମ୍ବଲପୁର | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କଟକ ସର୍କଲ, | ନିମଚଉଡ଼ି, କଟକ | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ପୁରୀ ସର୍କଲ, | ପଥୁରିଆ ପୁଷ୍କରିଣୀ କୋଏଷ୍ଟେଲ, ପୁରୀ | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଗଞ୍ଜାମ ସର୍କଲ | ବ୍ରହ୍ମପୁର | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଆସିକା ସର୍କଲ, | ଆସିକା, ଗଞ୍ଜାମ | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋରାପୁଟ ସର୍କଲ | ଜୟପୁର | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଫୁଲବାଣୀ ସର୍କଲ | ଫୁଲବାଣୀ | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ସମ୍ବଲପୁର ସର୍କଲ, | ରେଲ୍ୱେ ଫାଟକ, ସମ୍ବଲପୁର | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କଳାହାଣ୍ଡି ସର୍କଲ | ଭବାନୀପାଟଣା | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ବଲାଙ୍ଗିର ସର୍କଲ | ବଲାଙ୍ଗିର | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ସୁନ୍ଦରଗଡ଼ ସର୍କଲ | ସୁନ୍ଦରଗଡ଼ | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କେନ୍ଦୁଝର ସର୍କଲ | କେନ୍ଦୁଝର | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଢେଙ୍କାନାଳ ସର୍କଲ | ଅନୁଗୁଳ | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ମୟୂରଭଞ୍ଜ ସର୍କଲ | ବାରିପଦା | |
| ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ବାଲେଶ୍ୱର ସର୍କଲ | ବାଲେଶ୍ୱର | |

Vol. XIIII No. 11 Regd. No.
License No. C. R. N. P. 5, Licensed to post without prepayment.




Published by the Home ( Public Relations ) Department,
Government of Orissa

COVER
Engraved and Printed by
BENGAL PHOTOTYPE CO. (Private)
Amherst Street, Calcutta